# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୪/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, February 24/2023 | Page 18 | ₹ 7.00

୪୯ଶ ଭାଗ ୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 92 | ମୂଲ୍ୟ ₹୭/-



86 YEARS TRUST IS TIMELESS

# JAI JAGANNATH
# PURI !

## OPENING TODAY
@
VIP ROAD, OPP. POLICE LINE
11:30 AM ONWARDS




Odisha's most Trusted Jewellery Brand since 1936, now comes to PURI with its promise of

**Trust, Purity & Transparency.**

Come, experience the dazzling array of Puri's largest collection of gold, diamond, and silver; all under one roof.

Stores also at :

**BHUBANESWAR** 621, Saheed Nagar, Janpath
**BHUBANESWAR** 309 District Centre, Chandrasekharpur
**BERHAMPUR** Venkatraju Arcade, Sano Bazar
**CUTTACK** 558/834, Cantonment Road
**JHARSUGUDA** Sarbhal Road, Marwadi Para
**ROURKELA** Kesar Bhawan, Main Road

NOWHERE ELSE

KHIMJI®
*Jewellers since 1936*

**Toll Free** : 1800 3131 777 | **Follow Us** :

ଧରିତ୍ରୀ
DHARITRI
ସ୍ୱତନ୍ତ୍ର
ଭୁବନେଶ୍ୱର, ଶୁକ୍ରବାର, ୨୪ ଫେବୃୟାରୀ, ୨୦୨୩



# ୩୬୫ ଦିନରେ ଯୁଦ୍ଧ

ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ମସ୍କୋ ବିପୁଳ ଅର୍ଥ ଖର୍ଚ୍ଚ କରୁଛି। ସୀମାକୁ ପର୍ଯ୍ୟାପ୍ତ ସୈନ୍ୟ ଓ ସାମରିକ ଉପକରଣ ପଠାଉଛି। ଅନ୍ତର୍ଜାତୀୟ ସମୁଦାୟର କଟକଣା ଯୋଗୁ ରୁଷିଆର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାବେଳେ ତୈଳ ଓ ଗ୍ୟାସ୍ ରପ୍ତାନି ଭଳି ରାଜସ୍ୱର ପ୍ରାଥମିକ ଉତ୍ସକୁ ମଧ ପାଶ୍ଚାତ୍ୟ ଟାର୍ଗେଟ କରିଛି। ଫଳରେ ରୁଷିଆର ଆର୍ଥିକ ଅଭିବୃଦ୍ଧି ହୋଇପାରୁ ନାହିଁ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତଥାପି ଯୁଦ୍ଧକୁ ଆଗକୁ ବଢ଼ାଇବା ପାଇଁ ନିଷ୍ପତ୍ତି ନେଇଥିବାରୁ ଦେଶ ଭିତରେ ମଧ ଲୋକଙ୍କ ସମାଲୋଚନାର ପାତ୍ର ହୋଇଛନ୍ତି।


ଭୋଲୋଡିମିର ଜେଲେନ୍‌ସ୍କି



❝ ଚଳିତ ବର୍ଷ ୟୁକ୍ରେନ୍ ଯୁଦ୍ଧରେ ସରମତ୍ ଆନ୍ତଃମହାଦେଶୀୟ ଦୂରଗାମୀ କ୍ଷେପଣାସ୍ତ୍ର ଏସ୍‌ଆର୍-୨୮ ମୁତୟନ କରାଯିବ। ଆମ ଆଧୁନିକ ତଥା ସମର୍ଥ ସେନା ହେଉଛି ରୁଷିଆର ନିରାପତ୍ତା, ସାର୍ବଭୌମତ୍ୱ, ସ୍ଥିରତା ଓ ବିକାଶ ପାଇଁ ସବୁଠୁ ବଡ଼ ଗ୍ୟାରେଣ୍ଟି।

-ଭ୍ଲାଡିମିର ପୁଟିନ୍, ରୁଷିଆ ରାଷ୍ଟ୍ରପତି

ଠିକ୍ ବର୍ଷକ ତଳେ ଅର୍ଥାତ୍ ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସେନାକୁ ୟୁକ୍ରେନ୍‌ରେ 'ସ୍ୱତନ୍ତ୍ର ସାମରିକ ଅପରେଶନ୍' ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ପୁଟିନ୍ ଭାବିଥିଲେ ଦିନ କେଇଟା ଭିତରେ ସମଗ୍ର ୟୁକ୍ରେନ୍‌କୁ ଦଖଲ କରିନେବେ। କିନ୍ତୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପରାକ୍ରମ, ଅସୀମ ଧୈର୍ଯ୍ୟ ଓ ସାହସ ଆଗରେ ରୁଷୀୟ ସୈନ୍ୟ ଏକପ୍ରକାର ହାର୍ ମାନିଛନ୍ତି। ପୁଟିନ୍‌ଙ୍କ ସାମରିକ ବାହିନୀ ୟୁକ୍ରେନ୍‌ର ଯେଉଁ ଅଞ୍ଚଳକୁ ଦଖଲ କରୁଛନ୍ତି, ଜେଲେନ୍‌ସ୍କିଙ୍କ ସୈନ୍ୟ ସେମାନଙ୍କୁ ସେଠାରୁ ଘଉଡ଼ାଇ ପୁନଃ ନିଜ ଅକ୍ତିଆରକୁ ଆଣୁଛନ୍ତି। ଆକାଶ ମାର୍ଗରୁ ରୁଷିଆର ଘନ ଘନ ମିଶାଇଲ ଓ ରକେଟ୍ ମାଡ଼ ୟୁକ୍ରେନ୍‌କୁ ବସ୍ତୁତଃ ଏକ ଧ୍ୱଂସସ୍ତୂପରେ ପରିଣତ କରିଦେଇଥିବାବେଳେ ଜେଲେନ୍‌ସ୍କିଙ୍କ ରଣନୀତି ମସ୍କୋକୁ ଭିତରୁ ଦୁର୍ବଳ କରିଦେଇଛି। ରୁଷିଆର ଆକ୍ରମଣ ଓ ୟୁକ୍ରେନ୍ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ଉଭୟ ପକ୍ଷର ପ୍ରାୟ ୧,୫୦,୦୦୦ ସୈନ୍ୟ ନିହତ ହେଲେଣି। ପୁଟିନ୍‌ଙ୍କ ଯୁଦ୍ଧଖୋର ମନୋବୃତ୍ତି ଓ ନରସଂହାରକୁ ନେଇ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଗୋଟିଏ ପରେ ଗୋଟିଏ କଠୋର ଆର୍ଥିକ କଟକଣା ଲଗାଇ ଚାଲିଛନ୍ତି। ୱାଶିଂଟନ ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟ୍ ଅର୍ଗାନାଇଜେଶନ (ନାଟୋ) ପକ୍ଷରୁ ୟୁକ୍ରେନ୍‌କୁ ପର୍ଯ୍ୟାପ୍ତ ସାମରିକ ସହାୟତା ମଧ ଯୋଗାଇ ଦିଆଯାଉଛି। ଯୁଦ୍ଧ ଘନଘଟାରେ ରୁଷିଆ-ୟୁକ୍ରେନ୍ ସମେତ ସାରା ବିଶ୍ୱ ଛନ୍ଦିହୋଇଯାଇଛି। ଜାତିସଂଘ ଓ ମାନବାଧିକାର ସୁରକ୍ଷା ଦିଗରେ କାର୍ଯ୍ୟରତ ଅନ୍ତର୍ଜାତୀୟ ସଙ୍ଗଠନଗୁଡ଼ିକ ଅସ୍ତ୍ରବିରତି ଆହ୍ୱାନ ଦେଇଥିବାବେଳେ ଭାରତ କୂଟନୈତିକ ସ୍ତରରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛି। ଏଭଳି ସମୟରେ ଚାଇନା ବିସ୍ତାରବାଦୀ ଏଜେଣ୍ଡାକୁ ସାକାର କରିବା ପାଇଁ ତାଇୱାନ୍ ଆକାଶରେ ଯୁଦ୍ଧବିମାନ ଉଡ଼ାଇ ରୁଷିଆର ସମର୍ଥନକୁ ଅନେଇ ବସିଛି।


କିଭ୍ ରାସ୍ତାରେ ରୁଷିଆ ସେନାର ଧ୍ୱସ୍ତବିଧ୍ୱସ୍ତ ସାମରିକ ଯାନ।

## ରୁଷିଆକୁ ନିନ୍ଦାକଲେ ଗୁଟେରସ୍

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ନିନ୍ଦା କରିଛନ୍ତି। ବହୁପାକ୍ଷିକ ବ୍ୟବସ୍ଥା ଜାତିସଂଘ ଯେଉଁ ସିଦ୍ଧାନ୍ତଗୁଡ଼ିକର ଆଧାରଶିଳରେ ଦଣ୍ଡାୟମାନ ତାକୁ ରୁଷିଆ ଉଲ୍ଲଂଘନ କରିଥିବା ଗୁଟେରସ୍ କହିଛନ୍ତି। ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘ ସାଧାରଣ ସଭାରେ ୟୁକ୍ରେନ୍ ଉପରେ ଏମର୍ଜେନ୍ସି ସ୍ପେଶାଲ ସେସନ୍ ଚାଲିଥିବାବେଳେ ନିଜ ସମ୍ବୋଧନରେ ଗୁଟେରସ୍ କହିଛନ୍ତି, ବର୍ଷକ ତଳେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ କ୍ଷେତ୍ରୀୟ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବା ସହ ବୈଶ୍ୱିକ ଉତ୍ତେଜନା ଓ ବିଭାଜନକୁ ଉସୁକାଉଛି। ଯୁଦ୍ଧର ବର୍ଷପୂର୍ତ୍ତି ୟୁକ୍ରେନୀୟ ଓ ଅନ୍ତର୍ଜାତୀୟ ସମୁଦାୟକୁ ମର୍ମାହତ କରିଛି। ରୁଷିଆର ମାନବାଧିକାର ଉଲ୍ଲଂଘନର ଦୁଷ୍ପରିଣାମ ୟୁକ୍ରେନ୍ ବାହାରେ ମଧ ଅତି ନାଟକୀୟ ଭାବେ ଅନୁଭୂତ ହେଲାଣି। ପ୍ରକାଶ ଯେ, ଗତବର୍ଷ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ ପରଠାରୁ ଜାତିସଂଘରେ ରୁଷିଆ ବିରୋଧରେ ଅନେକ ସଂକଳ୍ପନାମା ଅଣାଯାଇଛି। ୟୁକ୍ରେନ୍‌ର କ୍ଷେତ୍ରୀୟ ଅଖଣ୍ଡତା, ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ନିମନ୍ତେ ଜାତିସଂଘ ସବୁ ପ୍ରକାର ଉଦ୍ୟମ କରୁଛି। ଭାରତ ଏହି ପ୍ରସ୍ତାବଗୁଡ଼ିକରେ ମତଦାନରୁ ବିରତ ରହିବା ସହ ଆଲୋଚନା ଜରିଆରେ ସମାଧାନର ବାଟ ଖୋଜିବାକୁ ପରାମର୍ଶ ଦେଇଆସିଛି।


ଆଣ୍ଟୋନିଓ ଗୁଟେରସ୍

## କୂଟନୀତି

▶▶ ପୋଲାଣ୍ଡ ରାଜଧାନୀ ୱାର୍‌ସ'ରେ ବୁଧବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରତିଶ୍ରୁତି ଦେଇଥିଲେ, ନାଟୋର ପ୍ରତି ଇଞ୍ଚ ଭୂମିକୁ ୱାଶିଂଟନ ସୁରକ୍ଷା ଦେବ।

▶▶ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ରୁଷିଆ ଗସ୍ତ କରିବେ। ଦୁଇ ଦେଶର ସମ୍ପର୍କ ଏକ ନୂଆ ସୋପାନରେ ପହଞ୍ଚିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଚାଲିଥିବା ସବୁଠୁ ବଡ଼ ଯୁଦ୍ଧରେ ରୁଷିଆକୁ ଚାଇନା ସହାୟତା ଯୋଗାଉଥିବାରୁ ଆମେରିକା ଓ ଅନ୍ୟ ପାଶ୍ଚାତ୍ୟ ସହଯୋଗୀମାନେ ଚିନ୍ତା ବ୍ୟକ୍ତ କରିଛନ୍ତି।

▶▶ ରାଷ୍ଟ୍ର ଉଦ୍ଦେଶ୍ୟରେ ସମ୍ବୋଧିତ କରି ପୁଟିନ୍ ଆହୁରି କହିଛନ୍ତି, ଜଳ, ସ୍ଥଳ ଓ ଆକାଶ ମାର୍ଗରେ ରୁଷିଆ ନିଜ ଆଣବିକ କ୍ଷମତା ଉପରେ ଅଧିକ ଫୋକସ୍ କରିବ।

▶▶ ମୋଲ୍‌ଡୋଭାରୁ ବିଚ୍ଛିନ୍ନ ହୋଇଥିବା ଟ୍ରାନ୍ସନିଷ୍ଟ୍ରିଆ ରିଜିଅନ୍‌କୁ ଏକ ମିଛ ଫ୍ଲାଗ୍ ଅପରେଶନ୍‌ରେ ଆକ୍ରମଣ କରିବାକୁ ୟୁକ୍ରେନ୍ ଯୋଜନା ଚଳାଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଭିଯୋଗ ଆଣିଛି।

▶▶ ଲିଥୁଅନିଆ ରାଷ୍ଟ୍ରପତି ଗିଟାନାସ୍ ନଉସେଡା ନାଟୋ ସୈନ୍ୟ ମୁତୟନ ଓ ଅତିରିକ୍ତ ସାମରିକ ସହାୟତା ପାଇଁ ବାଇଡେନ୍‌ଙ୍କୁ ଅନୁରୋଧ କରିଛନ୍ତି।

▶▶ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ରୁଷିଆର ଆକ୍ରମଣକୁ ୟୁଏନ୍ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ନିନ୍ଦା କରିଛନ୍ତି। ୟୁକ୍ରେନ୍ ବିରୋଧରେ ମସ୍କୋ ପକ୍ଷରୁ ଆଣବିକ ଅସ୍ତ୍ର ପ୍ରୟୋଗର ଭୟ ଏବେ ସର୍ବାଧିକ ରହିଥିବା ଗୁଟେରସ୍ କହିଛନ୍ତି। ତାଙ୍କ ମତରେ ବର୍ତ୍ତମାନ ହେଉଛି ପଛଘୁଞ୍ଚା ଦେବାର ପ୍ରକୃଷ୍ଟ ସମୟ।


ୟୁକ୍ରେନ୍‌ର ଫାର୍ଷ୍ଟ ଲେଡି ଓଲେନା ଜେଲେନ୍‌ସ୍କା ରୁଷିଆର ଯୁଦ୍ଧ ଅପରାଧ ଉପରେ ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ପ୍ରତିଷ୍ଠା କରିବାକୁ ଜାତିସଂଘକୁ ଅନୁରୋଧ କରିଛନ୍ତି। ଏହା କେବଳ ଆମ ପାଇଁ ନୁହେଁ, ବରଂ ସବୁ ରାଷ୍ଟ୍ରକୁ ଏପରି ଟ୍ରିବ୍ୟୁନାଲର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

▶▶ ଜାତିସଂଘ ସାଧାରଣ ସଭାରେ ଗୁରୁବାର 'ୟୁକ୍ରେନ୍‌ରେ ଶାନ୍ତି ପ୍ରତିଷ୍ଠା' ସମ୍ପର୍କିତ ଏକ ସଂକଳ୍ପନାମା ଉପରେ ମତଦାନ କରାଯାଇଛି। ଏହି ସଂଘର୍ଷ ଉପରେ ରାଷ୍ଟ୍ରଗୁଡ଼ିକ ପାଇଁ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଏହା ହେଉଛି ସଦ୍ୟ ସୁଯୋଗ।

▶▶ ରୁଷିଆ ବିରୋଧରେ ନୂଆ କଟକଣା ଜାରି ନେଇ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବୁଧବାର ସହମତି ପ୍ରକାଶ ପାଇପାରି ନାହିଁ। ତେବେ ଯୁଦ୍ଧର ବର୍ଷପୂର୍ତ୍ତି ଉପଲକ୍ଷେ ୟୁକ୍ରେନ୍‌କୁ ଅଧିକ ସହାୟତା ପ୍ରଦାନ ନେଇ ଇୟୁ ସଦସ୍ୟଗୁଡ଼ିକ ରାଜି ହୋଇଛନ୍ତି।

## ଲଢ଼େଇ



▶▶ ରୁଷିଆର ମୋର୍ଟାର ମାଡ଼ରେ ଦକ୍ଷିଣ ୟୁକ୍ରେନ୍‌ର ଖେରସନ ଅଞ୍ଚଳରେ ୨ ଜଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଖାର୍‌କିଭ୍‌ରେ ମିଶାଇଲ୍ ମାଡ଼ରେ ୨ ଜଣ ଆହତ ହୋଇଛନ୍ତି।

▶▶ ଯୁଦ୍ଧରେ ରୁଷିଆର ବର୍ବରତା ସମ୍ପର୍କରେ ମିଥ୍ୟା ତଥ୍ୟ ପ୍ରକାଶ କରିବା ନେଇ ନିର୍ବାସନରେ ଥିବା ସାଇନ୍ସ ଫିକ୍ସନ ଲେଖକ ଡିମିଟ୍ରି ଗ୍ଲୁଖୋଭ୍‌ସ୍କିଙ୍କ ବିରୋଧରେ ଅଭିଯୋଗ ଆସିଛି। ତାଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ମସ୍କୋ ଧମକ ଦେଇଛି।

▶▶ ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପୂର୍ବ ଓ ପୂର୍ବାଞ୍ଚଳରେ ରୁଷିଆର ୯୦ଟି ଆକ୍ରମଣକୁ ୟୁକ୍ରେନୀୟ ସୈନ୍ୟ ପ୍ରତିହତ କରିଥିବା ସେନା ପକ୍ଷରୁ ଦାବି କରାଯାଇଛି।



❝ ୟୁକ୍ରେନ୍ ଯୁଦ୍ଧରେ ରୁଷିଆକୁ ଚାଇନା ସମର୍ଥନ କରିପାରେ। ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନରୁ ବେଜିଂ କ୍ଷାନ୍ତ ରହିବା ଉଚିତ। ନାଟୋ ଏହି ଯୁଦ୍ଧରେ ଏକ ପକ୍ଷ ନୁହେଁ, ବରଂ ସହଯୋଗୀ।

-ଜେନ୍ସ ଷ୍ଟୋଲଟେନ୍‌ବର୍ଗ, ନାଟୋ ସେକ୍ରେଟାରି ଜେନେରାଲ

# ୟୁକ୍ରେନ୍‌କୁ ଅସ୍ତ୍ର ଚିନ୍ତା

ରୁଷିଆକୁ ଇରାନ ସମେତ କେତେକ ପାଶ୍ଚାତ୍ୟ ବିରୋଧୀ ଦେଶ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଓ ଘାତକ ଡ୍ରୋନ୍ ଯୋଗାଇଆସୁଥିବାବେଳେ ଏହାର ମୁକାବିଲା ପାଇଁ ୟୁକ୍ରେନ୍ ମଧ ଅନ୍ତର୍ଜାତୀୟ ସମୁଦାୟର ସହଯୋଗ ଲୋଡ଼ିଛି। ସେପଟେ ଚାଇନା ମଧ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଇପାରେ ବୋଲି ଆଶଙ୍କା କରାଯାଉଛି। ତେଣୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌କୁ ଅଚାନକ ଗସ୍ତ ବେଳେ ଅତିରିକ୍ତ ସାମରିକ ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦ୍ୱିତୀୟ ବର୍ଷରେ ପହଞ୍ଚିଥିବା ଯୁଦ୍ଧର ଅନ୍ତ ଆଶା ଦିଶୁ ନ ଥିବାରୁ ୟୁକ୍ରେନ୍‌କୁ ଆଉ ସାମରିକ ସହଯୋଗ ନ କରିବା ପାଇଁ ଆମେରିକୀୟମାନେ ଚାପ ପକାଇବା ଆରମ୍ଭ କଲେଣି। ୟୁକ୍ରେନ୍‌କୁ ସାମରିକ ସହାୟତା ଦେବା ସପକ୍ଷରେ ଜନମତ ଏବେ ୫୮%କୁ ଖସିଯାଇଛି। ଫେବୃୟାରୀ ୬ରୁ ୧୩ ମଧ୍ୟରେ ୪,୦୦୦ ଆମେରିକୀୟଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି। ୨୦୨୨ ଏପ୍ରିଲରେ ଅସ୍ତ୍ର ପ୍ରେରଣ ସପକ୍ଷରେ ୭୩% ଆମେରିକୀୟ ମତ ଦେଇଥିଲେ। ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଆଗ୍ରହୀ ଫ୍ଲୋରିଡା ଗଭର୍ନର ରୋନ୍ ଡେ'ସାଣ୍ଟିସ୍‌ଙ୍କ ମତରେ ୟୁକ୍ରେନ୍‌କୁ ନେଇ ବାଇଡେନ୍‌ଙ୍କ 'ବ୍ଲାଙ୍କ ଚେକ୍' ପଲିସି ଆମେରିକା ପାଇଁ କ୍ଷତିକାରକ। ଆମେରିକା ସମେତ ବ୍ରିଟେନ୍, ତୁର୍କୀ, କାନାଡା, ଜର୍ମାନୀ, ସ୍ପେନ୍, ଫ୍ରାନ୍ସ, ବେଲ୍‌ଜିୟମ୍, ନେଦରଲାଣ୍ଡ୍ସ, ଇଟାଲୀ, ନରୱେ ମଧ ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଓ ଅନ୍ୟ ଉପକରଣ ପଠାଇସାରିଛନ୍ତି। ଆମେରିକା ନେତୃତ୍ୱାଧୀନ ନାଟୋ ହେଉଛି ୟୁକ୍ରେନ୍‌ର ବଡ଼ ଶକ୍ତି। କିନ୍ତୁ ଚାଇନା ରୁଷିଆକୁ ଅସ୍ତ୍ର ଯୋଗାଇଲେ ୟୁକ୍ରେନ୍‌ର ଚିନ୍ତା ଆହୁରି ବଢ଼ିଯିବ ବୋଲି କୁହାଯାଉଛି।


୨୦୨୩ ଫେବୃୟାରୀ ୨୦ରେ ଆମେରିକା ରାଷ୍ଟ୍ରପତି ଜୋ' ବାଇଡେନ୍ କିଭ୍ ଗସ୍ତ ବେଳେ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଏକ ଚର୍ଚ୍ଚକୁ ଯାଇଥିଲେ।


୨୦୨୨ ଅକ୍ଟୋବର ୮ରେ ତୈଳ ଟ୍ୟାଙ୍କର୍ ଧକ୍କାରେ ବିସ୍ଫୋରଣ ଘଟି କ୍ରିମିଆ ବ୍ରିଜ୍ ଜଳି ଉଠିଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୪/୨୦୨୩ | Bhubaneswar, Friday, February 24/2023 | ପୃଷ୍ଠା-୧


# ଦ୍ରୁତ ଅଭିବୃଦ୍ଧିରେ ଓଡ଼ିଶା

## ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୨୨-୨୩

- ୨୦୨୩-୨୪ରେ ଅଭିବୃଦ୍ଧି ହାର ରହିବ ୮.୫%
- କୃଷି, ଶିଳ୍ପ, ମୁଣ୍ଡ ପିଛା ଆୟ, ମହିଳା ନିଯୁକ୍ତି, ସେବା କ୍ଷେତ୍ରରେ ଆଗୁଆ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

କୋଭିଡ୍ ମହାମାରୀ ପରେ ରାଜ୍ୟର ଅଭିବୃଦ୍ଧି ହାର ବଢ଼ୁଛି। ଓଡ଼ିଶା ଏବେ ଦେଶର ସବୁଠୁ ଦ୍ରୁତ ଗତିରେ ଅଭିବୃଦ୍ଧି କରୁଥିବା ରାଜ୍ୟରେ ପରିଣତ ହୋଇଛି। ରାଜ୍ୟର ଆର୍ଥିକ ଶୃଙ୍ଖଳା ଓଡ଼ିଶାର ଅର୍ଥନୀତିକୁ ଦୃଢ଼ ସ୍ଥିତିରେ ରଖିଛି। ଜାତୀୟ ହାର ତୁଳନାରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର କ୍ରମାଗତ ଅଧିକ ରହିଛି। ୧୫ ବର୍ଷ ଧରି ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ ହୋଇ ରହିଛି। କୃଷି, ଶିଳ୍ପ, ସେବା କ୍ଷେତ୍ର, ମହିଳା ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଆଗୁଆ ରହିଛି। ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ(ଜିଡିପି) ଓ ଋଣ ବୋଝ ଅନୁପାତ କ୍ରମାଗତ ହ୍ରାସ ପାଇ ୧୪.୭%ରେ ପହଞ୍ଚିବ। ୨୦୨୨-୨୩ରେ ରାଜ୍ୟର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୮ରୁ ୮.୫ ପ୍ରତିଶତ ରହିବ। ଗୁରୁବାର ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୨-୨୩ରେ ଏହି ଆକଳନ କରିଛନ୍ତି।

୨୦୨୧-୨୨ରେ ରାଜ୍ୟର ସାମଗ୍ରିକ ଘରୋଇ ଅଭିବୃଦ୍ଧି ୧୧.୫ ପ୍ରତିଶତ ଥିଲା। କୋଭିଡ୍ ସତ୍ତ୍ୱେ ୨୦୧୩-୧୪ରୁ ୨୦୨୧-୨୨ ମଧ୍ୟରେ ରାଜ୍ୟର ଅଭିବୃଦ୍ଧି ୭.୯ ପ୍ରତିଶତ ରହିଛି। ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ରାଜ୍ୟ ରାଜସ୍ୱ ସଂଗ୍ରହରେ ରେକର୍ଡ ସୃଷ୍ଟି କରିଥିବା ବେଳେ ମୁଣ୍ଡ ପିଛା ଆୟ ବଢ଼ିଛି। ରାଜ୍ୟରେ ମୁଣ୍ଡ ପିଛା ଆୟ ୧ ଲକ୍ଷ ୫୦ହଜାର ୬୭୬ ରହିଥିବା ବେଳେ ଜାତୀୟ ସ୍ତରରେ ଏହା ୧ ଲକ୍ଷ ୭୦ ହଜାର ୬୨୦ ଟଙ୍କା ରହିଛି। ରାଜ୍ୟରେ ଏହି ମୁଣ୍ଡ ପିଛା ଆୟ ୨୦୧୫-୧୬ରେ ୯୪,୭୯୭ ଟଙ୍କା ରହିଥିଲା। ଗତ ୭ ବର୍ଷରେ ଓଡ଼ିଶା ଏବଂ ଜାତୀୟ ହାର ମଧ୍ୟରେ ମୁଣ୍ଡ ପିଛା ଆୟର ଦୂରତାକୁ ହ୍ରାସ କରିବାରେ ରାଜ୍ୟ ସଫଳ ହୋଇଛି। ଜାତୀୟ ସ୍ତରରେ ୨୦୧୫-୧୬ରେ ମୁଣ୍ଡ ପିଛା ଆୟ ୩୧.୬ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ଏହାର ଦୂରତା ୧୨ ପ୍ରତିଶକୁ ଖସି ଆସିଛି। ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ମୁଣ୍ଡ ପିଛା ଆୟ ୧୦.୯ ପ୍ରତିଶତ ବଢ଼ିଛି। ଏହି ସମୟରେ ଜାତୀୟ ସ୍ତର ଅଭିବୃଦ୍ଧି ୯.୪ ପ୍ରତିଶତ ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱସ୍ତରରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ଶକ୍ତି ଓ ଅନ୍ୟାନ୍ୟ

☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

## ବନ୍ଧୁତ୍ୱବାଦର ବିପଦ

### ଆଜିର ମନ୍ତବ୍ୟ

“କୌଣସି ପ୍ରସଙ୍ଗ ଉପରେ ପାର୍ଲାମେଣ୍ଟରେ ବିରୋଧୀ ଦଳ ପ୍ରଶ୍ନ କଲେ ତାଙ୍କୁ ନୋଟିସ ପଠାଯାଉଛି। ନଚେତ୍ ସେମାନଙ୍କ ଘରେ ଇଡି ଚଢ଼ାଉ କରୁଛି। ମୋଦି ସରକାର ଭାରତୀୟ ଗଣତନ୍ତ୍ରକୁ ‘ହିଟ୍ଲରଶାହି’ରେ ପରିଣତ କରିଦେଇଛନ୍ତି।

– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ସଭାପତି

# ଆଜି ବଜେଟ



ଭୁବନେଶ୍ୱର,୨୩।୨(ବ୍ୟୁରୋ)

ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛନ୍ତି। ଶୁକ୍ରବାର ଅପରାହ୍ଣରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହର ଅନୁମୋଦନ ପାଇଁ ଉକ୍ତ ବଜେଟକୁ ବିଧାନସଭାରେ ଉପସ୍ଥାପନ କରିବେ। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ସରକାର ବଜେଟକୁ ଗ୍ରାମାଞ୍ଚଳ ଭିତ୍ତିଭୂମି, ପାନୀୟ ଜଳ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ ଉପରେ ଅଧିକ ଫୋକସ ଦେବେ। ଆସନ୍ତା ବଜେଟର ଆକାର ଗତ ବଜେଟଠାରୁ ୧୫ ପ୍ରତିଶତ ବୃଦ୍ଧି ପାଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାରୁ ରାଜ୍ୟ ସରକାର ନିଜ ଉତ୍ସରୁ ପ୍ରାୟ ୧ ଲକ୍ଷ କୋଟି ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ।







# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ମନ ଭାବୁଥାଇ ଯାହା,**
**କାଳେ ପ୍ରାପତ ହୁଏ ତାହା ।**

ବ୍ୟକ୍ତି ଭିତରେ ଉଚ୍ଚଭାବନା ଓ କଳ୍ପନା ରହିଲେ ତାହା ବାସ୍ତବତାର ରୂପ ନେଇଥାଏ। ଭଲ ତଥା ସୁସ୍ଥ କଳ୍ପନା ହିଁ ସମସ୍ତ କ୍ଷେତ୍ରର ଆଧାର ଅଟେ। କଳ୍ପନାର ଶକ୍ତି ଅଦ୍ଭୁତ। ମନ ମଧ୍ୟରେ ଯିଏ ଯାହା ଚିନ୍ତା କରିଥାଏ ତାହା ଦିନେ ନା ଦିନେ ଫଳବତୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏସା କରେଙ୍ଗା, ତେସା କରେଙ୍ଗା,**
**ସିପେଇ ଦେଖିଲେ ଶୋଇ ପଡେଙ୍ଗା ।**

କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି। କିନ୍ତୁ ଅସଲ ଟାଣୁଆ ଲୋକ ହାବୁଡ଼ରେ ପଡିଗଲେ ମୁହଁ ଫିଟାଇବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଉପରେ ଉପରେ ବାହାଦୁରି ଦେଖାଉଥିବା ଭୀରୁ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଛଉନୃତ୍ୟ ଗୁରୁ ତ୍ରିଲୋଚନଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତଙ୍କୁ ସମ୍ମାନିତ କରୁଛନ୍ତି।

**ବାରିପଦା ଅଫିସ,୨୩।୨**

ଦେଶ ବିଦେଶରେ ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଛଉନୃତ୍ୟକୁ ପ୍ରଚାରପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତଙ୍କୁ ମିଳିଛି ସମ୍ମାନଜନକ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର। ଗୁରୁବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି। ଏନେଇ ଜିଲାବାସୀ ଖୁସି ବ୍ୟକ୍ତ କରିଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଦାନ୍ତିଆମୁହାଁ ବଡ଼ଜାମବଣୀ ଗ୍ରାମରେ ୧୯୭୧ ଜୁଲାଇ ୧ରେ ଜନ୍ମଗ୍ରହଣ କରିଥିବା ତ୍ରିଲୋଚନ ଅନେକ ବିଦେଶୀ କଳାକାରଙ୍କୁ ନୃତ୍ୟ ଶିକ୍ଷା ମଧ୍ୟ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଦୀର୍ଘ ଦିନ ଧରି ସେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟ କରିଛନ୍ତି। ସେ ମୟୂରଭଞ୍ଜ ଛଉର ପ୍ରାୟ ସମସ୍ତ ଗ୍ରାମୀଣ ସଙ୍ଗଠନକୁ ତାଲିମ ଦେଇଛନ୍ତି।

# ୧୧ ଦିନ ପାଇଁ ୫୭ ଟ୍ରେନ୍ ବାତିଲ

## ୨୫ରୁ ୪ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ

**ଭଦ୍ରକ ଅଫିସ,୨୩।୨**

ଦକ୍ଷିଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନ ଅଧୀନ ଭଦ୍ରକ ରାଣୀତାଲ ରେଳଷ୍ଟେଶନ ନିକଟରେ ଭଦ୍ରକ-ନାରାୟଣଗଡ଼ ତୃତୀୟ ଲାଇନ ରେଳପଥ ନିର୍ମାଣ ଲାଗି ଆସନ୍ତା ୨୫ ତାରିଖଠାରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ୧୧ ଦିନ ପାଇଁ ୫୭ଟି ଟ୍ରେନ୍ ବାତିଲ କରାଯାଇଛି। ଏଥିସହ ୪ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଖଡଗପୁର ଏବଂ ଖୋର୍ଦ୍ଧା ମଧ୍ୟରେ ଚଳାଚଳ କରୁଥିବା ଏକ୍ସପ୍ରେସ୍, ସୁପରଫାଷ୍ଟ ଏବଂ ପାସେଞ୍ଜର ଟ୍ରେନ୍‌ଗୁଡ଼ିକ ରହିଛି। ଭୁବନେଶ୍ୱର-ନୂଆଦିଲ୍ଲୀ ଏବଂ ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ, ବେଙ୍ଗାଲୁରୁ-ହାଓଡା ଦୁରନ୍ତୋ ଏକ୍ସପ୍ରେସ୍ ଆଦି ୪ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ସେହିଭଳି ଖଡଗପୁର-ଭଦ୍ରକ ଏବଂ ଖଡଗପୁର ମେମୁ ସ୍ପେଶାଲ ଟ୍ରେନ୍‌କୁ ମଧ୍ୟ ଅସ୍ଥାୟୀ ଭାବେ ବାତିଲ କରାଯାଇଥିବା ନେଇ ଦକ୍ଷିଣ-ପୂର୍ବ ରେଳପଥ ସିନିୟର ଡିଭିଜନାଲ ଅପରେଶନାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଥିବା ଭଦ୍ରକ ଷ୍ଟେଶନ ମ୍ୟାନେଜର ସୁବାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ଦ୍ରୁତ ଅଭିବୃଦ୍ଧିରେ...

ପ୍ରଥମ ପୃଷ୍ଠାରୁ...

ସାମଗ୍ରୀର ଦାମ ବୃଦ୍ଧି ପାଇଛି। ୨୦୨୨-୨୩ରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇଛି। ରାଜ୍ୟରେ ୨୦୨୧-୨୨ରେ ମୁଦ୍ରାସ୍ଫୀତି ୩.୭ ପ୍ରତିଶତ ଥିବାବେଳେ ୨୦୨୨ ଡିସେମ୍ବର ସୁଦ୍ଧା ଏହା ୬.୬୫ ପ୍ରତିଶତ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଜାତୀୟ ସ୍ତରରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୩.୫ ପ୍ରତିଶତ ଆକଳନ କରାଯାଇଥିବା ବେଳେ ଓଡ଼ିଶାରେ ଅଭିବୃଦ୍ଧି ହାର ୬ ପ୍ରତିଶତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଶିଳ୍ପ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୦୫ ପ୍ରତିଶତ ହୋଇଥିବା ବେଳେ ସେବା କ୍ଷେତ୍ରରେ ୮.୭୯ ପ୍ରତିଶତ ହେବ ବୋଲି ରିପୋର୍ଟରେ କୁହାଯାଇଛି। ରୋଜଗାର ବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ମହିଳାମାନଙ୍କୁ ଆତ୍ମନିଯୁକ୍ତିରେ ଜାତୀୟ ହାରଠୁ ଓଡ଼ିଶା ଅଧିକ ସଫଳତା ପାଇଛି। ମହିଳାଙ୍କ ନିଯୁକ୍ତି ହାର ଜାତୀୟ ସ୍ତରରେ ୩୨.୫ ପ୍ରତିଶତ ଥିବାବେଳେ ଓଡ଼ିଶାରେ ନିଯୁକ୍ତି ହାର ୩୩.୨ ପ୍ରତିଶତ ରହିଛି। ବିତ୍ତୀୟ ପରିଚାଳନାରେ ଓଡ଼ିଶା ଭଲ ପ୍ରଦର୍ଶନ କରିଆସିଛି। ଗତ ୧୭ ବର୍ଷରେ ନିରନ୍ତର ଭାବେ ବଳକା ରାଜସ୍ୱ ଭାବେ ଓଡ଼ିଶା ମାନ୍ୟତା ପାଇଛି। ୨୦୧୯-୨୦ରେ ରାଜ୍ୟ ଘରୋଇ ଉତ୍ପାଦରେ ଅନ୍ୟ ରାଜ୍ୟକୁ ପଛରେ ପକାଇଛି। ହରିୟାଣା, ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁକୁ ଓଡ଼ିଶା ପଛରେ ପକାଇଛି।

ତେବେ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଆଦି କ୍ଷେତ୍ରରେ ପଡ଼ୋଶୀ ରାଜ୍ୟଗୁଡ଼ିକ ତୁଳନାରେ ଓଡ଼ିଶା ମୁଣ୍ଡ ପିଛା ବ୍ୟୟରେ ବହୁ ପଛରେ ରହିଛି। ଯଦିଓ ଅନ୍ତର୍ଜାତୀୟ ଯୁଦ୍ଧ ପରିସ୍ଥିତି, ଜିଏସ୍‌ଟି କ୍ଷତିପୂରଣ ବନ୍ଦ, ଅସ୍ଥିର ଖଣି ରାଜସ୍ୱ, କେନ୍ଦ୍ରୀୟ ଟିକସ ଭାଗୀଦାରି ହ୍ରାସ, ପିପିପି ମୋଡ୍‌ରେ ଭିତ୍ତିଭୂମି ବ୍ୟୟ, ଶକ୍ତି କ୍ଷେତ୍ର ପାଇଁ ଗ୍ୟାରେଣ୍ଟର ଏବଂ ବାରମ୍ବାର ବିପର୍ଯ୍ୟୟ ପରିଚାଳନା ଆଦିର ମୁକାବିଲା ପାଇଁ ସରକାର ଏକାଧିକ ଆର୍ଥିକ ପଦକ୍ଷେପ ନେଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦାବି କରାଯାଇଛି। ୨୦୨୧-୨୨ରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଓ ପ୍ରଦର୍ଶନ ସନ୍ତୋଷଜନକ ରହିଥିବା ବେଳେ ୨୦୨୨-୨୩ରେ ଏହି ଟ୍ରେଣ୍ଡ ଜାରି ରହିବ ବୋଲି ସରକାର ଆଶା ରଖିଛନ୍ତି।

**ବକେୟା ବିଦ୍ୟୁତ୍ ଦେୟ ଅସୁଲ ପ୍ରସଙ୍ଗ**

# ଚିଠିକୁ ନେଇ ଚାଷୀ ଅସନ୍ତୋଷ

**ବରଗଡ଼ ଅଫିସ୍,୨୩।୨**

ଚାଷୀଙ୍କୁ ବକେୟା ବିଦ୍ୟୁତ୍ ଦେୟ ଛାଡ଼ ଦାବି ନେଇ ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଚାଷୀମାନେ ଦାବି କରିଆସୁଛନ୍ତି। ଏ ନେଇ ବିଭିନ୍ନ ଚାଷୀ ସଙ୍ଗଠନ ବିକ୍ଷୋଭ ପ୍ରଦର୍ଶନ, ସ୍ମାରକପତ୍ର ପ୍ରଦାନ ମାଧ୍ୟମରେ ଜିଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପଟେ ପରିଚୟପତ୍ର ପଞ୍ଜୀକରଣ ସମୟରେ ଚାଷୀଙ୍କଠାରୁ ବକେୟା ବିଦ୍ୟୁତ୍ ଦେୟ ପଇଠ ସମ୍ପର୍କିତ ରସିଦ ରଖିବା ଏବଂ ବକେୟା ବିଦ୍ୟୁତ୍ ଦେୟ ପଇଠ କରି ନ ଥିବା ସମ୍ପୃକ୍ତ ଚାଷୀଙ୍କ ପରିଚୟପତ୍ର ପଞ୍ଜୀକରଣ ନ କରିବାକୁ ବିଦ୍ୟୁତ୍‌ବିଭାଗ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଭିଜନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ) ବରଗଡ଼ର ନିର୍ବାହୀ ଯନ୍ତ୍ରୀ ସମବାୟ ଉପନିବନ୍ଧକ (ଡିଆର୍‌ସିଏସ୍) ଏବଂ ଅନ୍ୟ ପଦାଧିକାରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଟିପିଡବ୍ଲ୍ୟୁଓଡିଏଲ ବରଗଡ଼ର ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରସଂଖ୍ୟା-୧୩୦(୨୪), ତା:୧୩।୨।୨୩ରେ ଉଲ୍ଲେଖ ରହିଛି, ବରଗଡ଼ ଜିଲାର ଉଠାଜଳସେଚନ ମାଧ୍ୟମରେ ଚାଷ କରୁଥିବା ଚାଷୀଙ୍କ ଉପରେ ବହୁ ପରିମାଣର ବିଦ୍ୟୁତ୍ ଦେୟ ବକେୟା ପଡ଼ିଛି। ଚାଷୀ ପରିଚୟପତ୍ର ପଞ୍ଜୀକରଣ ସମୟରେ ସମସ୍ତ ବକେୟା ବିଦ୍ୟୁତ୍ ଦେୟ ପଇଠ ରସିଦ ଯାଞ୍ଚ କରିବା ଏବଂ ବକେୟା ବିଦ୍ୟୁତ୍ ଦେୟ ପଇଠ ହୋଇଥିଲେ ଚାଷୀ ପରିଚୟପତ୍ର ପ୍ରସ୍ତୁତ କରିବାକୁ ବିଭାଗ ପକ୍ଷରୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଏହି ଚିଠି ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ଚାଷୀ ତଥା ସଚେତନ ନାଗରିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।


TPWODL
TP WESTERN ODISHA DISTRIBUTION LIMITED

ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ ଚିଠିର ନକଲ।

ଚାଷୀନେତା କିଶୋର ଦେବତା କହିଛନ୍ତି, ଅନ୍ୟବର୍ଷ ଚାଷୀମାନେ ବିଦ୍ୟୁତ୍ ଦେୟ ବାବଦ କିଛି ଟଙ୍କା ପଇଠ କରି ସେହି ରସିଦ୍ ପରିଚୟପତ୍ର ପ୍ରସ୍ତୁତି ବେଳେ ଦେଖାଉଥିଲେ। ମାତ୍ର ଏଥର ଚିଠିରେ ସମ୍ପୂର୍ଣ୍ଣ ବକେୟା ବିଦ୍ୟୁତ୍ ବିଲ୍ ଅସୁଲ କରିବାକୁ ସମବାୟ ଉପନିବନ୍ଧକଙ୍କୁ ଟିପିଡବ୍ଲ୍ୟୁଓଡିଏଲ ଅନୁରୋଧ କରିବା ଚାଷୀଙ୍କୁ ବ୍ୟଥିତ କରିଛି। ଅନ୍ୟ ଜଣେ ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, ବକେୟା ବିଦ୍ୟୁତ୍ ବିଲ୍ ଅସୁଲ ପାଇଁ ଏକ ଘରୋଇ କମ୍ପାନୀ ଜିଲା ପ୍ରଶାସନକୁ ଚିଠି ଲେଖିବା ବିଡ଼ମ୍ବନାର ବିଷୟ। ଏହାକୁ ଆମେ ବିରୋଧ କରୁଛୁ। ଯଦି ଏହି ନିଷ୍ପତ୍ତିରୁ ଟିପିଡବ୍ଲ୍ୟୁଓଡିଏଲ ନ ଓହରିବ କିମ୍ବା ବିଦ୍ୟୁତ୍ ଦେୟ ପାଇଁ ପ୍ରଶାସନ ଚାଷୀଙ୍କୁ ବାଧ୍ୟ କରିବ ତେବେ ଚାଷୀମାନେ ତାର ଉପଯୁକ୍ତ ଜବାବ ଦେବେ ବୋଲି ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ ବରଗଡ଼ର ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ପଚାରିବାରୁ ସେହି ଚିଠି ନୂଆ ନୁହେଁ, ଅନ୍ୟବର୍ଷ ମଧ୍ୟ ବିଦ୍ୟୁତ୍ ଦେୟ ଅସୁଲ ପାଇଁ ସେଭଳି ଚିଠି ହୋଇଆସୁଥିଲା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀ ପଣ୍ଡା ଗୁରୁବାର ବରଗଡ଼ ସମବାୟ ଉପନିବନ୍ଧକଙ୍କୁ ଆଉ ଏକ ଚିଠି କରି ପୂର୍ବ ଚିଠିକୁ ପ୍ରତ୍ୟାହାର କରିନେଇଥିବା ଜଣାପଡିଛି।

# କୋଟିଆ ବିଷୟରେ ତଥ୍ୟ ନାହିଁ: ପ୍ରମିଳା

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

କୋରାପୁଟ ଜିଲା କୋଟିଆରେ ଆନ୍ଧ୍ର ସରକାର ଭତ୍ତା ଓ ରାଶନକାର୍ଡ ବାଣ୍ଟିବା ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜାରି ରହିଛି। ଏଭଳିସ୍ଥଳେ ଏହାକୁ ନେଇ ବିରୋଧୀ ମଧ୍ୟ ବିଧାନସଭାରେ ହୋହଲ୍ଲା କରୁଛନ୍ତି। ତେବେ ଏ ନେଇ ରାଜସ୍ୱ ମନ୍ତ୍ରୀ କିମ୍ବା ଜିଲା ପ୍ରଶାସନ ନିକଟରେ କୌଣସି ସୂଚନା ନାହିଁ। ଗୁରୁବାର ବିଧାନସଭାରେ ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ଆନ୍ଧ୍ରପ୍ରଦେଶ ସରକାରଙ୍କ ଅଧିକାରୀମାନେ ୨୦୨୧ରେ କୋଟିଆ ପଞ୍ଚାୟତରେ ଅନୁପ୍ରବେଶ କରିବା ସହିତ ସେଠାରେ ରାଶନ କିମ୍ବା ଭତ୍ତା ବାଣ୍ଟିଥିବା କଥା ଜିଲା ପ୍ରଶାସନ ନିକଟରେ ଖବର ନାହିଁ। କୋଟିଆରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ତରଫରୁ ରାସ୍ତା ନିର୍ମାଣ ମଧ୍ୟ ହୋଇନାହିଁ। ସେଭଳି କାର୍ଯ୍ୟକଳାପ କିଛି ଦୃଷ୍ଟିଗୋଚର ହେଲେ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମଲ୍ଲିକ କହିଛନ୍ତି।

# ରାସ୍ତାରୁ ହଟିବ ୨୦.୩୯ ଲକ୍ଷ ଗାଡ଼ି

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ରାଜ୍ୟର ୨୦ ଲକ୍ଷ ୩୯ ହଜାର ୫୦୦ ଗାଡ଼ି ରାସ୍ତାରୁ ହଟିବ। ଯେଉଁ ଗାଡ଼ିଗୁଡ଼ିକ ୧୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ଓ ଯେଉଁ ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ନ ଥିବ, ସେଗୁଡ଼ିକୁ ସ୍କ୍ରାପ୍ କରାଯିବ। ସ୍କ୍ରାପ୍ ହେବାକୁ ଥିବା ଗାଡ଼ିଗୁଡ଼ିକ ମଧ୍ୟରେ ସର୍ବାଧିକ ୧୨ ଲକ୍ଷ ୯୯ ହଜାର ୩୫୧ଟି ମୋଟରସାଇକେଲ,ସ୍କୁଟର ରହିଛି। ଗୁରୁବାର ବିଧାନସଭାରେ ଭାଜପା ସଦସ୍ୟ କୁସୁମ ଟେଟେଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟରେ ୮୦ ଲକ୍ଷ ୨୦ ହଜାର ୫୦୦ ଗାଡ଼ିର ଫିଟ୍‌ନେସ୍ ରହିଛି। ଫିଟ୍‌ନେସ୍ ନ ଥିବା ଗାଡ଼ିଗୁଡ଼ିକୁ ସ୍କ୍ରାପିଂ ପାଇଁ ରାଜ୍ୟ ସରକାର ସ୍କ୍ରାପ୍ ପଲିସି-୨୦୨୨ ପ୍ରଣୟନ କରିଛନ୍ତି।

# ଗୋପିକା ବର୍ମା ପାଇବେ 'ମାହାରୀ ସମ୍ମାନ'

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**



ଗୁରୁ ପଙ୍କଜ ଚରଣ ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନ, ରାଜ୍ୟ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ମାର୍ଚ୍ଚ ୧୭ରୁ ରବୀନ୍ଦ୍ର ମଣ୍ଡପଠାରେ 'ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ପ୍ରଦାନ ଉତ୍ସବ' ଆୟୋଜିତ ହେବ। ତିନିଦିନ ଧରି ଚାଲିଥିବା ଥିବା ଏହି ଉତ୍ସବରେ ଚେନ୍ନାଇର ମୋହିନୀ ଆଟମ୍ ନୃତ୍ୟଶିଳ୍ପୀ ଗୋପିକା ବର୍ମାଙ୍କୁ 'ମାହାରୀ ସମ୍ମାନ' ପ୍ରଦାନ କରାଯିବ। ସମ୍ମାନ ବାବଦକୁ ୫୦ହଜାର ଟଙ୍କା, ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ପ୍ରଥମ ସନ୍ଧ୍ୟାରେ ୪ଜଣ ଶିଳ୍ପୀ ବେହେଲା ବାଦକ ଗୁରୁ ରମେଶ ଚନ୍ଦ୍ର ଦାସଙ୍କୁ 'ବୀଣାକାର', ମର୍ଦ୍ଦଳ ବାଦକ ଗୁରୁ ଶରତ ଚନ୍ଦ୍ର ରଥଙ୍କୁ 'ମାଦେଳୀ', ନୃତ୍ୟ ଶିଳ୍ପୀ ସିକା ଦାସଙ୍କୁ 'ନାରୁଣୀ ସମ୍ପ୍ରଦା' ଓ ଗାୟକ ନିମକାନ୍ତ ରାଉତରାଏଙ୍କୁ 'ଗାଉଣୀ ସମ୍ପ୍ରଦା' ଉପାଧି ପ୍ରଦାନ କରାଯିବ।

# ଜାତୀୟ ଖୋ ଖୋ ଖେଳାଳିଙ୍କ ଆତ୍ମହତ୍ୟା

**ଝୁମ୍ପୁରା,୨୩।୨ (ଡି.ଏନ୍.ଏ.)**



ମନିକା ନାଏକ। (ଫାଇଲ ଫଟୋ)

କେନ୍ଦୁଝର ଜିଲା ବାରିଆ ଥାନା ନୟାଧର୍ମୁଜୟପୁର ଗ୍ରାମର ଜାତୀୟ ଖୋ ଖୋ ଖେଳାଳି ମନିକା ନାଏକ(୧୭) ଗୁରୁବାର ଆତ୍ମହତ୍ୟା କରିଛନ୍ତି। ମନିକା ନିଜ ଘରେ ଫ୍ୟାନରେ ବେଡ୍‌ରେ ରଶି ଲଗାଇ ଝୁଲି ପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘରୋଇ କଳହରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ୍ୟ କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ମାମଲା (ନଂ.୬/୨୩) ରୁଜୁ କରିଛି। ମନିକା ଉଖୁଣ୍ଡା କଲେଜରେ +୨ରେ ଅଧ୍ୟୟନ କରୁଥିଲେ। ଜାତୀୟ ଜୁନିୟର ମହିଳା ଖୋ ଖୋ ଦଳରେ ଓଡ଼ିଶା ପକ୍ଷରୁ ସାମିଲ ହୋଇ ଦଳଗତ ଓ ବ୍ୟକ୍ତିଗତ ଭାବେ ବହୁ ପୁରସ୍କାରର ଅଧିକାରିଣୀ ହୋଇପାରିଥିଲେ। ନିକଟରେ ଝାଡ଼ଖଣ୍ଡରେ ଅନୁଷ୍ଠିତ ଖୋ ଖୋ ପ୍ରତିଯୋଗିତାରେ ଓଡ଼ିଶାକୁ ବିଜୟୀ କରାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

**ଚକ୍ରଧରପୁର ଫାଣ୍ଡିରେ ଯୁବକଙ୍କୁ ଗୁଳିକରି ହତ୍ୟା ମାମଲା**

# ୫୦ ଲକ୍ଷ କ୍ଷତିପୂରଣ ଦେବେ ରାଜ୍ୟ ସରକାର

**କଟକ ଅଫିସ,୨୩।୨**

ଜଗତସିଂହପୁର ଜିଲା ଚକ୍ରଧରପୁର ଫାଣ୍ଡିରେ ୨୦୦୫ରେ ଘଟିଥିବା ଗୁଳିକାଣ୍ଡରେ ମୃତ ଯୁବକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟ ରାୟ ପ୍ରଦାନ କରିଛନ୍ତି। ବିଚାରପତି ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ଏହି ମାମଲାର ରାୟ ପ୍ରଦାନ କରି ୭ ଦିନ ମଧ୍ୟରେ ଉକ୍ତ ରାଶି ମୃତକ ସୟଦ ମମତାଜ ଅଲିଙ୍କ ମାଆଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ସରକାର ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଥିବାରୁ ଅବଶିଷ୍ଟ ୪୯ ଲକ୍ଷ ଟଙ୍କା ଡ୍ରାଫ୍ଟ ଆକାରରେ ମୃତକଙ୍କ ମାଆ ନିଗର ବେଗମଙ୍କୁ ପ୍ରଦାନ କରିବା ପାଇଁ ସ୍ପଷ୍ଟ କରିଛନ୍ତି।

ଆବେଦନକାରିଣୀ ନିଗର ବେଗମଙ୍କ ବଡ଼ପୁଅ ସୟଦ ମମତାଜ ଅଲି ଜଣେ ସୁପରଭାଇଜର ଭାବେ ଚଣ୍ଡିଖୋଲ-ପାରାଦୀପ ପୋର୍ଟ ଟ୍ରଷ୍ଟ ରୋଡ୍ ପ୍ରୋଜେକ୍ଟରେ କାମ କରୁଥିଲେ। ସେ ଜଣେ ଡିପ୍ଲୋମା ମେକାନିକାଲ ଇଞ୍ଜିନିୟର ଡିଗ୍ରୀଧାରୀ ହୋଇଥିବାବେଳେ ମାତ୍ର ୫୦୯୫ ଟଙ୍କା ମାସିକ ଦରମାରେ ୨୦୦୪ରୁ କାମ କରିଆସୁଥିଲେ। ହିନ୍ଦୁସ୍ତାନ କନ୍‌ଷ୍ଟ୍ରକଶନ୍ କମ୍ପାନୀରେ କାମ କରୁଥିବା ଜୟନ୍ତ ଦାସଙ୍କୁ କୌଣସି କାରଣରୁ ୨୦୦୫ ନଭେମ୍ବର ୨୮ ତାରିଖ ରାତିରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ମୁରଲୀଧର ସାହୁ ଉଠାଇ ଆଣିଥିଲେ। ସେ ଚକ୍ରଧରପୁର ଫାଣ୍ଡିର ଇନ୍‌ଚାର୍ଜ ଥିଲେ। ଏ ବାବଦରେ ଜାଣିବା ପରେ ମୃତକଙ୍କ ସମେତ ଅନ୍ୟମାନେ ଫାଣ୍ଡିରେ ପହଞ୍ଚି ଜୟନ୍ତଙ୍କୁ ଉଠାଇ ଆଣିବାର କାରଣ ଜାଣିବାକୁ ଚାହିଁଥିଲେ। ସାମାନ୍ୟ ବଚସାରୁ ଉତ୍ତ୍ୟକ୍ତ ହୋଇ ଏଏସ୍‌ଆଇ ମୁରଲୀଧର ନିଜ ରିଭଲଭର ଉଠାଇ ଗୁଳି କରିଥିଲେ। ସୟଦ ମମତାଜଙ୍କ ଛାତିରେ ଗୁଳି ବାଜିବାରୁ ସେ ଘଟଣାସ୍ଥଳରେ ଟଳିପଡ଼ିଥିଲେ। ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ପୋଲିସ ଏଏସ୍‌ଆଇଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହି ଘଟଣାର ଆରଡିସି ସ୍ତରୀୟ ତଦନ୍ତ କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରର ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସ୍ଥଗିତ ରହିଥିବା କାମଗୁଡ଼ିକ ସହଯୋଗଭିତ୍ତିରେ ଆଗକୁ ଆଗକୁ ବଢ଼ିଚାଲିବ। ବ୍ୟବସାୟରେ ଟେନ୍‌ସନ ଲାଗି ରହିବ, କିନ୍ତୁ କ୍ଷତିର ପ୍ରଶ୍ନ ନାହିଁ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** - ଆଜି କୌଣସି ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। ପରିବାରର ଅପବ୍ୟୟ ଦୁଶ୍ଚିନ୍ତାର କାରଣ ହୋଇପାରେ। ନିକଟ ସମ୍ପର୍କୀୟଙ୍କ ପାରିବାରିକ କଥାରେ କୌତୂହଳ ହୋଇ କଳହକୁ ଆମନ୍ତ୍ରଣ କରିପାରନ୍ତି। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ।

**ମିଥୁନ** - ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ରାଜନୈତିକ ସ୍ତରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ।

**କର୍କଟ** - ଗତକାଲିଠାରୁ ସମସ୍ୟା ବିଜଡ଼ିତ କର୍ମକ୍ଷେତ୍ରର ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ପରୋକ୍ଷ ଶତ୍ରୁତା କାରଣରୁ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ଅଜଣା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନୂତନ କର୍ମସଂସ୍ଥାନ ଲାଗି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ** - ବନ୍ଧୁ ଗହଣରେ ମନୋରଞ୍ଜନରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ପାରିବାରିକ ଅସ୍ଥିରତା ଲାଗିରହିଲେ ମଧ୍ୟ କାମ ଅଟକିବ ନାହିଁ। ଆକସ୍ମିକ ଆବଶ୍ୟକତା କାରଣରୁ ଅର୍ଥାଭାବ ସାମୟିକ ବିଚଳିତ ଭାବ ସୃଷ୍ଟି କରିବ। ଆଣ୍ଠୁଗଣ୍ଠି ରୋଗ ପୀଡ଼ାରେ ଯନ୍ତ୍ରଣା ଅନୁଭବ କରିବେ।

**କନ୍ୟା** - କଠିନ ଶ୍ରମ ଓ ସମୟ ବିନିଯୋଗ କରି ମଧ୍ୟ ମନମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହେବେ। ଆଜିର କର୍ମକ୍ଷେତ୍ରରେ ସହଜରେ କାମ ହାସଲ ହେବା କଷ୍ଟକର ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତ୍ତର ହେବ।

**ତୁଳା** - ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ। କ୍ରୀଡ଼ା, ସାହିତ୍ୟ, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ଆନୁଷ୍ଠାନିକ କାମରେ ସତର୍କରେ ନ ଚଳିଲେ ବିବାଦଘେରରେ ପଡ଼ିବେ।

**ବିଛା** - ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ। କର୍ମକ୍ଷେତ୍ରରୁ ଅବହେଳା ଅଭିଯୋଗ ପ୍ରତି ସତର୍କ ରୁହନ୍ତୁ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ପଡ଼ୋଶୀଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ଧନୁ** - କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟ କଲେ ସଫଳତା ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି ଅବଶ୍ୟ ବିଶେଷ ଗୁରୁତର ହେବନାହିଁ। ଆତ୍ମୀୟମାନଙ୍କ ନିକଟରୁ ସ୍ନେହ, ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଶତ୍ରୁ ଆପଣଙ୍କ ପଛରେ ଛାଇଭଳି ଲାଗିରହିବେ କିନ୍ତୁ କିଛି କ୍ଷତି କରିପାରିବେ ନାହିଁ।

**ମକର** - ବନ୍ଧୁଙ୍କ ସହ ଅଯଥା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆଜି ପ୍ରତ୍ୟେକ କ୍ଷେତ୍ରରେ ଆଖିଦୃଷ୍ଟିଆ ସଫଳତା ହାସଲ କରିପାରିବେ ନାହିଁ। ଦୀର୍ଘଦିନର ଚିକିତ୍ସା ପରେ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଖୁସୀ ହେବେ। ପଢ଼ାରେ ଅବହେଳା ଓ ଅମନଯୋଗୀ କାରଣରୁ ସନ୍ତାନଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ରହିପାରନ୍ତି।

**କୁମ୍ଭ** - ଆଜି ଯେଉଁ କାମରେ ହାତ ଦେବେ ତାହା ସହଜ ଓ ସୁବିଧାରେ ହାସଲ କରିବେ। ବ୍ୟବସାୟିକ କ୍ଷେତ୍ରରେ ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ୍ ହେବେ। କଠୋର ପରିଶ୍ରମ କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବେ। ହଠାତ୍ କାହା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ।

**ମୀନ** - ଆକସ୍ମିକ ତର୍କ ଓ ବିବାଦ ବୃଦ୍ଧି ପାଇବା କାରଣରୁ ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ବିବାଦୀୟ ଘଟଣାରେ ବିଜୟୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ଶୁକ୍ରବାର, ଫେବୃୟାରୀ ୨୪ ତାରିଖ, ଜାତୀୟ ଉତ୍ପାଦନ ଶୁଳ୍କ ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ଓ ବ୍ରତୋପନୟନ ପାଇଁ ଶୁଭଦିନ। ଦିବା ଘ.୦୬।୧୩ମି. ଗତେ ଘ.୦୭।୦୦ମି. ମଧ୍ୟେ, ଘ.୦୭।୪୬ମି. ଗତେ ଘ.୦୯।୦୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୬ମି. ଗତେ ଘ.୧୧।୫୯ମି. ମଧ୍ୟେ, ଦିବା ଘ.୧୦।୩୩ମି. ଗତେ ଘ.୧୨।୦୦ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଫେବୃୟାରୀ, ୨୦୨୩



# ଗୁଣାତ୍ମକ ସାମଗ୍ରୀ, ଲୋକ ସମ୍ପର୍କକୁ ଗୁରୁତ୍ୱ

**ବର୍ତ୍ତମାନ ସମୟରେ ସୁନ୍ଦର ଘରଟିଏ କରିବା ପାଇଁ ସମସ୍ତଙ୍କ ମନରେ ଅନେକ ଆଶା ଓ ସ୍ୱପ୍ନ ରହିଥାଏ। ହେଲେ ବାସସ୍ଥଳୀକୁ ସୁନ୍ଦର ଓ ମନଲାଖି କରିବା ଲାଗି ପ୍ରାୟତଃ ସମସ୍ତେ ଚାହାନ୍ତି। ଏପରିକି ଗୃହୋପକରଣ ଓ ଆସବାବପତ୍ର ଆଦିରେ ଏବେ ପ୍ଲାଏଉଡ୍ ଏକ ଅବିଚ୍ଛେଦ୍ୟ ସାମଗ୍ରୀ ଭାବେ ସ୍ଥାନ ପାଇଛି। ବିଶେଷକରି ଗ୍ରାହକଙ୍କୁ ଗୁଣାତ୍ମକ ସାମଗ୍ରୀ ଯୋଗାଇବା ସହ ଲୋକ ସମ୍ପର୍କକୁ ମୂଳମନ୍ତ୍ର ଭାବେ ଗ୍ରହଣକରି ଅନେକ ସଫଳତା ହାସଲ କରିଥିବା 'ଭାରତ ପ୍ଲାଏଉଡ୍ସ'ର ପରିଚାଳନା ନିର୍ଦ୍ଦେଶକ ବ୍ରଜେନ୍ଦ୍ର କୁମାର ରାଏଙ୍କ ସହ ଧରିତ୍ରୀର ବିଶେଷ ଆଳାପ...**





ବ୍ରଜେନ୍ଦ୍ର କୁମାର ରାଏ

**ପ୍ର– ଆପଣଙ୍କ ବାଲ୍ୟ ଜୀବନ କିପରି ଥିଲା?**
ଉ– କଟକ ଜିଲା ଆଠଗଡ଼ର ରାଧାଦର୍ଶନପୁର ଆମ ଗାଁ। ଏଇଠୁ ମୋର ବାଲ୍ୟ ଜୀବନ ଆରମ୍ଭ ହୋଇଥିଲା। ଏପରି କି ସ୍ଥାନୀୟ ଖୁଣ୍ଟକଟା ହାଇସ୍କୁଲରୁ ଶିକ୍ଷା ସମାପ୍ତ ପରେ ଖୋର୍ଦ୍ଧା କଲେଜରୁ ବାଣିଜ୍ୟ ସ୍ନାତକରେ ଉଚ୍ଚଶିକ୍ଷା ହାସଲ କରିଥିଲି। ବିଶେଷକରି ଗ୍ରାମ୍ୟ ପରିବେଶର ଆନନ୍ଦମୟ ଜୀବନ ବେଶ୍ ସୁରୁଖୁରୁରେ କଟିଥିଲା।

**ପ୍ର– ବ୍ୟବସାୟ ବୃତ୍ତିକୁ ଆପଣାଇଲେ କାହିଁକି?**
ଉ– ଆଠଗଡ଼ର ବିଶିଷ୍ଟ ବ୍ୟବସାୟୀ ମହାବୀର ରାଏ ମୋ ବାପା। ଆମର କିରୋସିନ ହୋଲ୍‌ସେଲ୍ ଓ ଗ୍ରୋସେରି ବ୍ୟବସାୟ ଥିଲା। ଏପରିକି ପିଲାଟି ଦିନରୁ ବ୍ୟବସାୟର କଳା ବାପାଙ୍କଠାରୁ ଶିଖିଛି। ବିଶେଷକରି କିଣାବିକାର ଜୀବନ ଅତି ନିକଟରୁ ପରଖିଛି। ସେଥିପାଇଁ ବ୍ୟବସାୟ ପ୍ରତି ଆଗ୍ରହ ସ୍ୱତଃ ମନରେ ଆସିଯାଇଥିଲା।

**ପ୍ର– ପାରିବାରିକ ବ୍ୟବସାୟକୁ ଛାଡ଼ି ପ୍ଲାଏଉଡ୍ ବ୍ୟବସାୟରେ ପ୍ରବେଶ କଲେ କାହିଁକି?**
ଉ– ୧୯୭୮ରେ ବ୍ୟବସାୟ କରିବାକୁ ମନ ବଳିଲା। ଏପରିକି କୃଷି ଓ ଆଗ୍ରୋବେସ୍ ବ୍ୟବସାୟ କରିବାର ଇଚ୍ଛା ଥିଲା। ହେଲେ ସେତେବେଳେ କଟକ ସହରରେ ପ୍ଲାଏଉଡ୍ ଷ୍ଟୋର ସୀମିତ ଥାଏ। ବିଶେଷକରି ଘର ତିଆରି ପାଇଁ କାଠର ଏକ ବିକଳ୍ପ ଭାବେ ପ୍ଲାଏଉଡ୍‌କୁ ମୁଁ ଭାବିଲି। ସେହିଭଳି ସହଜଲଭ୍ୟ ଆଗ୍ରୋବେସ୍ କାଠକୁ ପରିବର୍ତ୍ତିତ ଢଙ୍ଗରେ ପ୍ଲାଏଉଡ୍ ପ୍ରସ୍ତୁତ କରାଯାଇଥାଏ, ଯାହା କି ପରିବେଶ ଉପଯୋଗୀ। ପୁନଶ୍ଚ ସବୁ ବର୍ଗର ଆର୍ଥିକ କ୍ଷମତାକୁ ସୁହାଇଲା ଭଳି ଗୃହନିର୍ମାଣଠାରୁ ସାଜସଜ୍ଜା ପର୍ଯ୍ୟନ୍ତ ପ୍ଲାଏଉଡ୍ ବହୁଳ ଭାବେ ଉପଯୋଗୀ ହୋଇଥାଏ। ଏହି ଭାବନାରେ ପ୍ଲାଏଉଡ୍ ବ୍ୟବସାୟ ଆରମ୍ଭ କରିଥିଲି।

**ପ୍ର– ବର୍ତ୍ତମାନ ଏହାର ଚାହିଦା କିଭଳି ରହିଛି?**
ଉ– ବର୍ତ୍ତମାନ ସମୟରେ ଗୃହନିର୍ମାଣ ଓ ଆନ୍ତଃ ସାଜସଜ୍ଜା (ଇଣ୍ଟେରିୟର) ପାଇଁ ପ୍ଲାଏଉଡ୍ ଅନିବାର୍ଯ୍ୟ ହୋଇପଡ଼ିଛି। ଏହାଛଡ଼ା ଘରର ଝରକା, କବାଟ, ଫଲ୍ସ ସିଲିଂ ସଦୃଶ ବ୍ୟବସାୟିକ ଶୋ'ରୁମ୍, କ୍ୟାବିନ, ପାର୍ଟିସନ୍, କାର୍ଯ୍ୟାଳୟର ଆସବାବପତ୍ର ସବୁଥିରେ ପ୍ଲାଏଉଡ୍‌ର ଉପଯୋଗ ରହିଛି। ଏକଥା ବି କୁହାଯାଇପାରେ ପାରମ୍ପରିକ ମୂଲ୍ୟବାନ୍ କାଠର ସ୍ଥାନ ପ୍ଲାଏଉଡ୍ ହୋଇପାରିଛି। ଏହାଛଡ଼ା ଆଲୁମିନିୟମ, କାଚ, ୟୁପିଭିସି, ଡବ୍ଲ୍ୟୁପିଭିସି ଆଦିର ଚାହିଦା ରହିଥିବାରୁ ଏହାକୁ ମଧ୍ୟ ଆମେ ବ୍ୟବସାୟରେ ସାମିଲ କରିଛୁ।

**ପ୍ର– ଆପଣଙ୍କ ଆଗାମୀ ଲକ୍ଷ୍ୟ କ'ଣ ରହିଛି?**
ଉ– ଆମେ ବ୍ୟବସାୟ କରୁଥିବା ଜିନିଷଗୁଡ଼ିକ ପ୍ରାୟତଃ ଅନ୍ୟ ରାଜ୍ୟ ଯଥା ହରିୟାଣା, ଗୁଜରାଟ, ପଶ୍ଚିମବଙ୍ଗ, ତେଲଙ୍ଗାନା, କର୍ଣ୍ଣାଟକ ଆଦିରୁ ଆମଦାନୀ କରିଥାଉ। ହେଲେ ଓଡ଼ିଶାରେ ଏହାର ଉତ୍ପାଦନ ନାହିଁ। ଏପରିକି ଆଗାମୀ ଦିନରେ ଆବଶ୍ୟକ ସାମଗ୍ରୀଗୁଡ଼ିକ ଓଡ଼ିଶାରେ ଉପଲବ୍ଧି କରାଇବା ସହ ମ୍ୟାନୁଫାକ୍ଚରିଂ ୟୁନିଟ୍ ବସାଇବାର ଲକ୍ଷ୍ୟ ରହିଛି। ଫଳରେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ।

**ପ୍ର– ଆପଣ ଅବସର ସମୟ କିପରି କାଟନ୍ତି?**
ଉ– ବ୍ୟବସାୟ ସାଙ୍ଗକୁ ସମାଜସେବା କ୍ଷେତ୍ରରେ ମଧ୍ୟ ମୁଁ ନିୟୋଜିତ ଥାଏ। ଯେମିତି କି ବହୁ ଶିକ୍ଷାନୁଷ୍ଠାନ,ସାର୍ବଜନୀନ ପୂଜା କମିଟି, ସମାଜ ସଂସ୍କାର ସହ ମୁଁ ଯୋଡ଼ିହୋଇ ରହିଛି। ଏପରିକି କୃଷି, ପର୍ଯ୍ୟାବରଣ ଓ ଉଦ୍ୟାନ କୃଷିରେ ମୁଁ ମନୋନିବେଶ କରିଥାଏ। ସର୍ବୋପରି ସମାଜର ଅବହେଳିତ ଲୋକଙ୍କ ହିତରେ ଅବସର ସମୟକୁ ଅତିବାହିତ କରିଥାଏ।

**ପ୍ର– ବ୍ୟବସାୟ ପାଇଁ ଆସୁଥିବା ଯୁବବର୍ଗଙ୍କ ପାଇଁ କି ବାର୍ତ୍ତା ଦେବେ?**
ଉ– ଗ୍ରାହକ ସନ୍ତୁଷ୍ଟି ମନ୍ତ୍ର ସେବା ଓ ବିଶ୍ୱାସଭାଜନ ହେବା ପାଇଁ ବ୍ୟବସାୟୀଟିଏ ସର୍ବତ୍ର ଚେଷ୍ଟିତ ହେବା ଆବଶ୍ୟକ। ଧୈର୍ଯ୍ୟର ସହ ନିଜର ବ୍ୟବସାୟକୁ ଇମାନଦାରି ଓ ସତ୍ୟତା ଉପରେ ପର୍ଯ୍ୟବସିତ କରାନ୍ତୁ। ନିଜକୁ ସମ୍ପୂର୍ଣ୍ଣ ଭାବେ ବ୍ୟବସାୟରେ ନିୟୋଜିତ କରିବା ଉଚିତ। ତେବେ ଯାଇ 'ବାଣିଜ୍ୟେ ବସତେ ଲକ୍ଷ୍ମୀ' ଉକ୍ତି ପୂରଣ ହୋଇପାରିବ।

# 'ଗୋପବନ୍ଧୁ ଓଡ଼ିଶାବାସୀଙ୍କ ପାଇଁ ପ୍ରେରଣାଦାୟୀ'

**ସାକ୍ଷୀଗୋପାଳ,୨୩।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ମାନବ ସମାଜର ମଣି ଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ। ତାଙ୍କ ତ୍ୟାଗ, ଦେଶଭକ୍ତି, ସେବା ଓ ଜାତିପ୍ରୀତିର ତୁଳନା ନାହିଁ। ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଓଡ଼ିଶାର ଶିକ୍ଷା, ସାହିତ୍ୟ, ସଂସ୍କୃତି, ରାଜନୀତି, ସେବା ଓ ମାନବିକତାର ନୂଆ କୀର୍ତ୍ତି ସ୍ଥାପନ କରିଯାଇଛନ୍ତି। ଓଡ଼ିଶାରେ ଜାତୀୟବାଦୀ ଚେତନାର ବିକାଶରେ ଗୋପବନ୍ଧୁ କର୍ଣ୍ଣଧାର ଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଜିଲା ସତ୍ୟବାଦୀ ବ୍ଲକ ଗୋପବନ୍ଧୁଙ୍କ ରୂପାନ୍ତରିତ ଜନ୍ମପୀଠ ସୁଆଣ୍ଡୋ ଗ୍ରାମକୁ ଲୋକାର୍ପିତ ଅବସରରେ ଆୟୋଜିତ ଏକ ଜନସଭାରେ ଯୋଗଦେଇ ସେ କହିଛନ୍ତି। ଭୋଗ ନୁହେଁ, ତ୍ୟାଗ ହିଁ ମହାନ, ସେବା ହିଁ ଶ୍ରେଷ୍ଠ– ଏହା ହିଁ ହେଉଛି ଗୋପବନ୍ଧୁଙ୍କ ଜୀବନର ବାର୍ତ୍ତା। ସେ ସବୁବେଳେ ଆମ ପାଇଁ ପ୍ରେରଣା ହୋଇ ରହିଛନ୍ତି ଓ ରହିଥିବେ। ଗୋପବନ୍ଧୁଙ୍କ 'ଭାର୍ଗବୀ ସଂକଳ୍ପ'କୁ ଜୀବନର ବ୍ରତ କରି ଏକ ନୂଆ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ହେଲିକପ୍ଟର ଯୋଗେ ସୁଆଣ୍ଡୋ ଗ୍ରାମରେ ପହଞ୍ଚିଥିଲେ। ସେଠାରୁ ଏକ ବ୍ୟାଟେରିଚାଳିତ ଗାଡ଼ିରେ ଯାଇଥିଲେ। ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରୂପାନ୍ତରିତ ଐତିହ୍ୟ ପୀଠ ଷଠିଘର, ଲୋକେଶ୍ୱର ମହାଦେବ ମନ୍ଦିର, ଗୋପବନ୍ଧୁଙ୍କ ସଂଗ୍ରହାଳୟକୁ ଲୋକାର୍ପିତ କରିଥିଲେ। ଗୋପବନ୍ଧୁଙ୍କ ପୁରାତନ ଷଠିଘରକୁ ସଂରକ୍ଷଣ ରଖି ନୂତନ ଭାବେ ନିର୍ମାଣ କରାଯାଇଥିବା ଗୋପବନ୍ଧୁଙ୍କ ପ୍ରତ୍ୟେକ ସ୍ମୃତିକୁ ୫–ଟି ସଚିବ ଭି.କେ. ପାଣ୍ଡିଆନ ଓ ଗୋପବନ୍ଧୁଙ୍କ ନାତି ଧୀରେନ୍ଦ୍ର ନାଥ ଦାସଙ୍କ ସହ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ପରେ ଗୋପବନ୍ଧୁଙ୍କ ୧୫ ଫୁଟ ଉଚ୍ଚ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ମଧ୍ୟ ଉନ୍ମୋଚନ କରିବା ସହିତ ବିକଶିତ ଶିବ ମନ୍ଦିର, ପୋଖରୀ, ମ୍ୟୁଜିୟମ, ପୈତୃକ ବାସଗୃହ, ଶିଶୁ ଉଦ୍ୟାନର ଉଦ୍‌ଘାଟନ କରିଛନ୍ତି। ଏହାସହିତ


ସୁଆଣ୍ଡୋ ଗ୍ରାମ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋପବନ୍ଧୁଙ୍କ ସଂଗ୍ରହାଳୟକୁ ବୁଲି ଦେଖୁଛନ୍ତି।

- **ଐତିହ୍ୟ ଜନ୍ମପୀଠକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**
- **ଓଡ଼ିଶାର ସବୁ ବରପୁତ୍ରଙ୍କ ଜନ୍ମସ୍ଥାନ ବିକଶିତ ହେବ**

ଜନ୍ମପୀଠକୁ ରାସ୍ତା, ପରିକ୍ରମା ରାସ୍ତା ଓ ପଟ୍ଟନାୟକିଆରେ ଏକ ସୂଚନାକେନ୍ଦ୍ରର ମଧ୍ୟ ଲୋକାର୍ପଣ କରାଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଜୟ ଜଗନ୍ନାଥରୁ ଉଦ୍‌ବୋଧନ ଆରମ୍ଭ କରି କହିଥିଲେ, ଗୋପବନ୍ଧୁ ଥିଲେ ଜଣେ ଯୁଗପୁରୁଷ। ଓଡ଼ିଆ ଜାତି ତାଙ୍କ ନିକଟରେ ସବୁବେଳେ ଋଣୀ। ତାଙ୍କ ସ୍ମୃତି ରକ୍ଷା ପାଇଁ ଯେତେ ଯାହା କଲେ ବି କମ୍ ହେବ। ଏବେ ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋର ହୋଇଛି କାୟାକଳ୍ପ। ଆଗକୁ ୫–ଟି ଉପକ୍ରମରେ ଓଡ଼ିଶାର ସବୁ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଗୋପବନ୍ଧୁଙ୍କ ଜନ୍ମ ମାଟିର ବିକାଶରେ ଉତ୍କଳମଣିଙ୍କ ପରିବାର ଓ ସୁଆଣ୍ଡୋ ଜନସାଧାରଣଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗୋପବନ୍ଧୁଙ୍କ ଦାୟାଦ ୭ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅପରପକ୍ଷେ କାର୍ଯ୍ୟକ୍ରମରେ ଗୋପବନ୍ଧୁଙ୍କ ନାତି ଧୀରେନ୍ଦ୍ର କୁମାର ଦାସ ଯୋଗଦେଇ ଉତ୍କଳମଣିଙ୍କ ଜନ୍ମପୀଠର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏମ୍‌ପି ପିନାକୀ ମିଶ୍ର, ବିଧାୟକ ଉମାକାନ୍ତ ସାମନ୍ତରାୟ, ଲୋକସେବକ ମଣ୍ଡଳ ଉପାଧ୍ୟକ୍ଷ ନିରଞ୍ଜନ ରଥ ପ୍ରମୁଖ ଯୋଗଦେଇଥିଲେ। ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜଗତ୍‌ସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ସ୍ୱପ୍ନାରାଣୀ ଦାସ, ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ନେତା ପ୍ରମୋଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଉତ୍କଳମଣିଙ୍କ ଜୀବନ ଦର୍ଶନ ସମ୍ପର୍କରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଏଥିସହ ଓଡ଼ିଶାର ସାରସ୍ୱତ ସାଧକ ସତ୍ୟନାରାୟଣ ମିଶ୍ରଙ୍କ ରଚିତ ପୁସ୍ତକ 'ଉତ୍କଳମଣି'କୁ ଉପସ୍ଥିତ ମଞ୍ଚରେ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଜିଲାପାଳ ସମର୍ଥ ବର୍ମା ଧନ୍ୟବାଦ ଦେଇଥିଲେ।

## ନାତୁଣୀ ବୋହୂ, ଅଣନାତୁଣୀଙ୍କୁ ସଭାସ୍ଥଳକୁ ଛାଡ଼ିଲେନି

**ସାକ୍ଷୀଗୋପାଳ,୨୩।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ଗୋପବନ୍ଧୁଙ୍କ ଜନ୍ମପୀଠର ବିଭିନ୍ନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ଲୋକାର୍ପଣ କାର୍ଯ୍ୟକ୍ରମ ଚାଲିଥିଲା। ଏହି ଅବସରରେ ୯୦ବର୍ଷୀୟା ଲୀଳାବତୀ ନାମକ ମହିଳା ନିଜକୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ନାତୁଣୀବୋହୂ ବୋଲି ପରିଚୟ ଦେଇ ତାଙ୍କ ଅଣନାତୁଣୀଙ୍କ ସହ ସୁଆଣ୍ଡୋ ଗ୍ରାମକୁ ଆସିଥିଲେ। ହେଲେ ସଭାସ୍ଥଳର ବ୍ୟାରିକେଡ୍ ନିକଟରେ ମୁତୟନ ଥିବା ପୋଲିସ ଅଧିକାରୀମାନେ ସେମାନଙ୍କୁ ଅଟକାଇ ଥିଲେ। ସେମାନେ ଗୋପବନ୍ଧୁଙ୍କ ଦାୟାଦ ବୋଲି ପରିଚୟ ଦେଇଥିଲେ ମଧ୍ୟ ଭିତରକୁ ଯିବା ପାଇଁ ପୋଲିସ ଅନୁମତି ଦେଇ ନ ଥିଲା। ଫଳରେ ନାତୁଣୀ ବୋହୂ ଓ ଅଣନାତୁଣୀ ସେଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ଶେଷରେ ଫେରିଆସିଥିଲେ। ଏ ସମ୍ପର୍କରେ ଜଣେ ପୋଲିସ ଅଧିକାରୀଙ୍କୁ ପଚାରିବାରୁ ଗୋପବନ୍ଧୁଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ପୂର୍ବରୁ ପ୍ରଶାସନ ଦ୍ୱାରା କରାଯାଇଥିବା ପାସ୍ ପ୍ରଦାନ କରାଯାଇଥିଲା। ହେଲେ ଉକ୍ତ ବୃଦ୍ଧାଙ୍କ ପାଖରେ ପାସ୍ ନ ଥିଲା, ତେଣୁ ତାଙ୍କୁ ଛାଡିବା ସମ୍ଭବ ହେଲା ନାହିଁ ବୋଲି ସେ କହିଛନ୍ତି।

## ବାଉଁଶୁଣୀ ମଣ୍ଡି ପରିସରରେ ଚାଷୀଙ୍କ ମୃତ୍ୟୁ

**ଧାନ ବିକି ନ ପାରି ମାନସିକ ଚାପରେ ଥିଲେ**

**ବାଉଁଶୁଣୀ,୨୩।୨(ଡି.ଏନ୍.ଏ.)**

ବୌଦ୍ଧ ଜିଲାର ବାଉଁଶୁଣୀ ମଣ୍ଡି ପରିସରରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସିଥିବା ବେଳେ ଜଣେ ଚାଷୀଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଧରଣୀ ମେହେର (୫୦)। ଧାନ ବିକି ନ ପାରି ସେ ଦୀର୍ଘଦିନ ହେଲା ମାନସିକ ଚାପରେ ଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ବ୍ଲକ୍ ଜମାଘାଟି ଗ୍ରାମର ଧରଣୀ ଗତ ଜାନୁୟାରୀ ୨୫ ରେ ୫୬ କୁଇଣ୍ଟାଲ ୭୨ କେଜି ଧାନ ବିକିବାକୁ ଟୋକନ ପାଇଥିଲେ। କିନ୍ତୁ ମାସେ ପୂରିବାକୁ ବସିଥିବା ବେଳେ ମଣ୍ଡିରେ ଧାନ ବିକ୍ରୟ କରିପାରି ନ ଥିଲେ। ସେ ଧାର କରଜ କରି ଧାନଚାଷ କରିଥିଲେ। ବିକ୍ରି ପାଇଁ ଦିନ ଗଡୁଥିବା ବେଳେ ଟୋକନ ଲାପ୍ସ ହୋଇଯିବା ଆଶଙ୍କା ଥିବାରୁ ଚିନ୍ତାରେ ଥିଲେ। ଗୁରୁବାର ସକାଳେ ସେ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ଆସିଥିଲେ। ଧାନ ବିକ୍ରିରେ ବିଳମ୍ବ ହେବାରୁ କାଳେ ନିରାଶ ହୋଇ ଘରକୁ ଫେରିବାକୁ ପଡିବ ଭାବି ମଣ୍ଡି ପରିସରରେ ଥିବା ଏକ ଗଛମୂଳକୁ ଯାଇ ବସିଥିଲେ। ସେଠାରେ ବସିଥିବା ସମୟରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେ ଟଳି ପଡିଥିଲେ। ଆଖପାଖରେ ଥିବା ଲୋକେ ଏହା ଦେଖି ତାଙ୍କୁ ସଙ୍ଗେ ସଙ୍ଗେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଧରଣୀଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଷୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ବୌଦ୍ଧ ଜିଲାର ବିଭିନ୍ନ ମଣ୍ଡିରେ ନାନା ଅବ୍ୟବସ୍ଥା ଲାଗି ରହିଛି। କେତେବେଳେ ଟୋକନ ସମସ୍ୟା ତ ଆଉ କେତେବେଳେ ଟୋକନ ଲାପ୍ସ ହେବା ଯୋଗୁ ଚାଷୀ ହନ୍ତସନ୍ତ ହେଉଛି। ଫଳସ୍ୱରୂପ ଏଭଳି ଦୁଃଖଦ ଘଟଣା ସାମ୍ନାକୁ ଆସିଛି ।

## ମୁକ୍ତା ଯୋଜନାକୁ ଅଧିକ ଗତିଶୀଳ ପାଇଁ ପ୍ରୟାସ

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ରାଜ୍ୟରେ ମୁକ୍ତା ଯୋଜନାକୁ ଅଧିକ ଗତିଶୀଳ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏଥିନିମନ୍ତେ ନଗର ଉନ୍ନୟନ ବିଭାଗ ଓ ସହରାଞ୍ଚଳ ପରିଚାଳନା ସଂସ୍ଥା ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ନଗରଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥି ଭାଥନନ୍ ଏବଂ ସହରାଞ୍ଚଳ ପରିଚାଳନା ସଂସ୍ଥାର ନିର୍ଦ୍ଦେଶିକା ମାନଭିତା ବରାଡି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ମୁକ୍ତା ଯୋଜନାରେ ଯୋଡ଼ି ହେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଓ ବସ୍ତି ଉନ୍ନୟନ କମିଟିଗୁଡ଼ିକର ଦକ୍ଷତା ବିକାଶ କରି ସେମାନଙ୍କ ଦ୍ୱାରା ଅଧିକରୁ ଅଧିକ କାମ କରାଇବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରାଥମିକତା ଦେଇଛି। ଏହି ଯୋଜନାରେ ଏସ୍‌ଏଚ୍‌ଜିଙ୍କ ଯୋଗଦାନ ଓ କାର୍ଯ୍ୟ ବୃଦ୍ଧି ହୋଇଥିବାରୁ କଣ୍ଟ୍ରାକ୍ଟର ମୁକ୍ତ ହେବା ସହ ଗୋଷ୍ଠୀ କଣ୍ଟ୍ରାକ୍ଟର ବ୍ୟବସ୍ଥାର ଉନ୍ନତି ଅଣିବା ନିମନ୍ତେ ବିଭାଗ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ରାଜ୍ୟର ୧୧୫ ପୌରାଞ୍ଚଳରେ ୨୦ ହଜାରରୁ ଅଧିକ ଏସ୍‌ଏଚ୍‌ଜି ଓ ୧ ହଜାରରୁ ଅଧିକ ବସ୍ତି ଉନ୍ନୟନ କମିଟି ମୁକ୍ତା ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାମ କରୁଛନ୍ତି। ସହରାଞ୍ଚଳ ପରିଚାଳନା ସଂସ୍ଥା ଏସଏଚ୍‌ଜି ଓ ବସ୍ତି ଉନ୍ନୟନ ସଂସ୍ଥାଗୁଡ଼ିକୁ ତାଲିମ ଦେବ। ଏସ୍‌ଏଚ୍‌ଜି କଣ୍ଟ୍ରାକ୍ଟରଙ୍କୁ ଯେପରି କେହି ଠକି ନ ପାରିବେ ଓ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯିବ। ଏଥିପାଇଁ ୯ଟି କ୍ଲଷ୍ଟରରେ ୧୧୫ଟି ପୌରାଞ୍ଚଳରେ ନିୟମିତ ଭାବେ ଏହି ତାଲିମ ପ୍ରଦାନ କରାଯିବ। ତାଲିମ ପରେ ମଧ୍ୟ ଆସେସମେଣ୍ଟ କରାଯାଇ ଗୋଷ୍ଠୀଗୁଡ଼ିକ ଦକ୍ଷତା ବୃଦ୍ଧ କରାଯିବ। ଏହି ସହରୀ କର୍ମ ନିଯୁକ୍ତି ଯୋଜନାରେ ଏବେସୁଦ୍ଧା ୭ଲକ୍ଷ ସହରୀ ଗରିବ ଓ ପ୍ରବାସୀ ଶ୍ରମିକ ୨୦୮ କୋଟି ଟଙ୍କା ମୂଲ୍ୟର ୨୨ ହଜାର ୫୦୦ ଗୋଷ୍ଠୀସ୍ତରୀୟ ବିକାଶ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ନଗରଉନ୍ନୟନ ବିଭାଗ ଯୁଗ୍ମ ସଚିବ ସୁତା ନିର୍ଦ୍ଦେଶକ ତଥା ମୁକ୍ତା ଯୋଜନା ରାଜ୍ୟ ନୋଡାଲ ଅଧିକାରୀ ଶାରଦା ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

**ଏସ୍‌ଏଚ୍‌ଜି ଓ ବସ୍ତି ଉନ୍ନୟନ କମିଟିର ଦକ୍ଷତା ବିକାଶ ତାଲିମ ପାଇଁ ଏମ୍‌ଓୟୁ**







ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ । –ଶ୍ରୀଅରବିନ୍ଦ



# ବନ୍ଧୁତ୍ୱବାଦର ବିପଦ



ଜୟତି ଘୋଷ

ଦୀର୍ଘ ଦୁଇ ଦଶନ୍ଧି ଧରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୁଜରାଟୀ ବ୍ୟବସାୟୀ ତଥା ଅତି ଧନୀ ବ୍ୟକ୍ତି ବିଶେଷ ଗୌତମ ଆଦାନୀଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଆସିଛି। ଏହା ଆଦାନୀଙ୍କୁ ଏସିଆରେ ସବୁଠୁ ଧନୀ ହେବାରେ ସାହାଯ୍ୟ କରିଛି। କିନ୍ତୁ ନିକଟରେ ତାଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଓ ଶେୟାର ବଜାର ହେରଫେର ଅଭିଯୋଗ ତାଙ୍କ ବ୍ୟବସାୟ ସାମ୍ରାଜ୍ୟକୁ ନଷ୍ଟ କରିଦେଇଛି। ଏଭଳି ନ ହେବା ପୂର୍ବରୁ ତାଙ୍କ ବ୍ୟବସାୟିକ ଉତ୍ଥାନ ତାଙ୍କୁ ଭାରତର ଅଭିବୃଦ୍ଧି କାହାଣୀର ପୋଷ୍ଟର ବୟ ଭାବେ ଗଢ଼ିତୋଳିଥିଲା। ତେବେ ଏଭଳି ହଠାତ୍ ଉତ୍ଥାନ ତାଙ୍କ ରାଜନୈତିକ ଗୁରୁଙ୍କ ତେଜକୁ ବି ଫିକା କରିଦେଇଛି। ତାଙ୍କ ବିରୋଧରେ ଅଭିଯୋଗ ଆସିବାର କିଛି ଦିନ ମଧ୍ୟରେ ଶେୟାର ବଜାରରେ ୧୧୦ ବିଲିୟନ ଡଲାର କ୍ଷତି ଘଟିଛି । ତେବେ ମୋଦିଙ୍କ ଭାରତରେ ଆଦାନୀଙ୍କ ଘଟଣା କ୍ଷମତା ସହ ବନ୍ଧୁତାର ବିପଦ ଭାବେ ଉଭାହୋଇଛି। ଆଦାନୀ ମଧ୍ୟ ଏକ ଚେତାବନୀର କାହାଣୀ ପାଲଟିଯାଇଛନ୍ତି। ଆଦାନୀ ଓ ମୋଦିଙ୍କ ସମ୍ପର୍କର ଖିଅ ରହିଛି ୨୦୦୦ ମସିହାରୁ। ସେତେବେଳେ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ। ସେ ସମୟରେ ରାଜ୍ୟରେ ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରିଥିବା ମୁସଲମାନ ବିରୋଧୀ ଉତ୍ତେଜିତ ଜନସମୂହକୁ ରୋକିବାରେ ମୋଦି ବିଫଳ ହୋଇ ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ଏହି ଗଣହତ୍ୟା ପରେ ମୋଦିଙ୍କୁ ଆମେରିକା ପ୍ରବେଶ ମନା କରାଯାଇଥିଲା ଏବଂ ବିଶେଷକରି ଭାରତୀୟ ବ୍ୟବସାୟୀମାନେ ତାଙ୍କଠାରୁ ଦୂରେଇଯାଇଥିଲେ। କିନ୍ତୁ ଆଦାନୀ ସେତେବେଳେ ମୋଦି ଓ ଭାରତୀୟ ଜନତା ପାର୍ଟି(ଭାଜପା)କୁ ତାଙ୍କ ସମର୍ଥନ ଜାରି ରଖିଥିଲେ। ତାଙ୍କର ଏଭଳି ଆନୁଗତ୍ୟ ପାଇଁ ସେ ଅତ୍ୟଧିକ ଲାଭ ବି ପାଇଥିଲେ। ତା' ପର ଦଶନ୍ଧିରେ ଆଦାନୀ ଗ୍ରୁପ୍ ଦ୍ରୁତ ଗତିରେ ବଢ଼ିବା ସହ ବହୁରାଷ୍ଟ୍ରୀୟ ସରକାରୀ କଣ୍ଟ୍ରାକ୍ଟ ହାସଲ କରି ଖାଦ୍ୟ ଆମଦାନୀ ଓ ରପ୍ତାନି, କୋଇଲା ଟ୍ରେଡିଂ ଓ ମାଇନିଂ, ଶକ୍ତି, ତୈଳ ଓ ଗ୍ୟାସ୍ ଉତ୍ତୋଳନ ଏବଂ ଭିତ୍ତିଭୂମି କ୍ଷେତ୍ରରେ ତାଙ୍କ ବିଜ୍‌ନେସ ସାମ୍ରାଜ୍ୟ ବିସ୍ତାର କରିବାକୁ ଲାଗିଲା।

ଅନେକ ବର୍ଷ ଧରି ମୋଦି ଓ ଆଦାନୀଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ବ୍ୟବସାୟ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରିଆସିଛି। ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସେ ଆଦାନୀଙ୍କ ପ୍ରାଇଭେଟ ଜେଟ୍‌ରେ ଦିଲ୍ଲୀ ଆସିଥିଲେ। ମୋଦିଙ୍କ ନିକଟତର ହେବା ଯୋଗୁ ଆଦାନୀଙ୍କ କମ୍ପାନୀଗୁଡ଼ିକ ଆକର୍ଷଣୀୟ ସରକାରୀ କଣ୍ଟ୍ରାକ୍ଟ ପାଇବାକୁ ସକ୍ଷମ ହେଲେ। ଏହାବ୍ୟତୀତ ଦେଶ ଓ ବିଦେଶରେ ଥିବା କମ୍ପାନୀଗୁଡ଼ିକ ସାର୍ବଜନୀନ ଓ ପ୍ରାଇଭେଟ ସେକ୍ଟରରୁ ଋଣ ପାଇଲେ ; ଯାହା ମଧ୍ୟରେ ଅନେକ ଥିଲା ବିବାଦୀୟ। ବାରମ୍ବାର ସରକାର ନିୟମ କୋହଳ କରି କିମ୍ବା ଆଇନରେ ଏଭଳି ସଂଶୋଧନ ଆଣି ଆଦାନୀଙ୍କ ବ୍ୟବସାୟକୁ ଲାଭ ଦେଇଥିଲେ। ଉଦାହରଣ ସ୍ୱରୂପ, ୨୦୧୭ରେ ଗୋଡ୍ଡାରେ ଥିବା ଆଦାନୀଙ୍କ ପାୱାର ପ୍ଲାଣ୍ଟକୁ ଏକ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ଆଦାନୀ ଗ୍ରୁପ୍‌କୁ ୫ ବିଲିୟନ ଟଙ୍କା(୬୦ମିଲିୟନ ଡଲାର) ଲାଭ ଦେବା ଲାଗି ତଥାକଥିତ ଢଙ୍ଗରେ ସରକାର ଆଇନ ବଦଳାଇଥିଲେ। ୨୦୧୯ରେ ମୋଦି ସରକାର ନୂତନ ଭାବେ ଘରୋଇକରଣ ହୋଇଥିବା ୬ଟି ବିମାନବନ୍ଦର ପରିଚାଳନା ଦାୟିତ୍ୱ ଆଦାନୀଙ୍କ ହାତକୁ ଟେକି ଦେଇଥିଲେ।



ଦ୍ରୁତ ଅଭିବୃଦ୍ଧି ସହିତ ଏକ ଋଣ ପ୍ରେରିତ ମହତ୍ତ୍ୱାକାଂକ୍ଷୀ ନିବେଶ ଯୋଜନା ଯୋଗୁ ଆଖିଦୃଶିଆ ଶେୟାର ପ୍ରାଇସ ବୃଦ୍ଧି କରିବାରେ ଆଦାନୀ ଗ୍ରୁପ୍ ସକ୍ଷମ ହେଲା । ତାହା ସରକାରଙ୍କ ପୁଞ୍ଜି ନିବେଶ ବୃଦ୍ଧି, ଡେଟା ଇଣ୍ଡଷ୍ଟ୍ରି ସମ୍ପ୍ରସାରଣ ଓ ଶୂନ ସବୁଜଗୃହ ବାଷ୍ପ ନିର୍ଗମନଭିତ୍ତିକ ବ୍ୟବସାୟିକ କାର୍ଯ୍ୟକଳାପର ଧ୍ୱଜାଧାରୀ ପାଲଟିଗଲା। ମାତ୍ର ଗୋଟିଏ ଦଶନ୍ଧିରୁ କମ୍ ସମୟ ମଧ୍ୟରେ ଆଦାନୀଙ୍କ ଭାଗ୍ୟରେ ବିରାଟ ପରିବର୍ତ୍ତନ ଆସି ତାଙ୍କ ସମ୍ପତ୍ତି ୫ ବିଲିୟନ ଡଲାରରୁ ଯାଇ ୧୨୦ ବିଲିୟନ ଡଲାରରେ ପହଞ୍ଚିଗଲା। ଫଳରେ ସେ ବିଶ୍ୱର ତୃତୀୟ ଧନୀ ବ୍ୟକ୍ତି ହୋଇଗଲେ(ଏହି ମାନ୍ୟତା ଜାନୁୟାରୀ ଶେଷ ଭାଗରେ ତାଙ୍କ ଶେୟାର ମାର୍କେଟ ଭୁଶୁଡ଼ି ମୋଟ ସମ୍ପତ୍ତି କମି ଅଧାରେ ପହଞ୍ଚିବା ପର୍ଯ୍ୟନ୍ତ ରହିଥିଲା)। ଆଦାନୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇବା ଯୋଗୁ ସେ ତାଙ୍କ ବିଜ୍‌ନେସ ଏବଂ ମୋଦିଙ୍କ ସମାଲୋଚନାକୁ ଦବାଇଦେବା ଲାଗି ଆକ୍ରମଣାତ୍ମକ ପଦକ୍ଷେପ ନେଲେ। ଏଥିପାଇଁ ସେ ସାମ୍ବାଦିକ ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ବିରୋଧରେ ଅନେକ ମାମଲା ଦାଏର କଲେ। ଗତବର୍ଷ ଶେଷାର୍ଦ୍ଧରେ ମୋଦିଙ୍କ ସମାଲୋଚକ ଭାବେ ଜଣାଶୁଣା ଏନ୍‌ଡିଟିଭିକୁ ଆଦାନୀ ବି କିଣିନେଲେ। ଆଦାନୀଙ୍କ ଋଣଗ୍ରସ୍ତ ଆର୍ଥିକ ଅଭିବୃଦ୍ଧିର ସାମ୍ରାଜ୍ୟ ଏବଂ ଅବାସ୍ତବ ଶେୟାର ମାର୍କେଟକୁ ନେଇ ସମସ୍ୟା ଥିବା ସତ୍ତ୍ୱେ ତାଙ୍କ ଆର୍ଥିକ, ରାଜନୈତିକ ଓ ମିଡିଆ କ୍ଷମତା ଏବଂ ଆଦାନୀ ଗ୍ରୁପ୍‌ର ସଫଳତା ଭାରତର ଆର୍ଥିକ ଅଭିବୃଦ୍ଧି ନିଅଁ ବୋଲି ବ୍ୟାପକ ଅବଧାରଣ ସୃଷ୍ଟି ହେଲା । ଏହା ତାଙ୍କୁ ଅଜେୟ କରିଦେଲା। ହେଲେ ଜାନୁୟାରୀ ୨୪ରେ ଆମେରିକୀୟ ଇନ୍‌ଭେଷ୍ଟମେଣ୍ଟ ଫାର୍ମ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଏକ ବିଧ୍ୱଂସକ ରିପୋର୍ଟରେ ଆଦାନୀ ଗ୍ରୁପ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିବା ପରେ ଏଭଳି ଭ୍ରାନ୍ତି ଦୂରହେଲା । ଦୁଇ ବର୍ଷର ଅନୁଧ୍ୟାନ ପରେ ହିଣ୍ଡେନ୍‌ବର୍ଗ ଆଦାନୀ ଗ୍ରୁପର ଶେୟାର ମାର୍କେଟ ଦୁର୍ନୀତିକୁ ନେଇ ରିପୋର୍ଟ ପ୍ରକାଶ କରିଥିଲା। ଏହାପରେ ଫେବୃୟାରୀ ପ୍ରାରମ୍ଭରେ ମୋଡିର ର୍‍ୟାଙ୍କିଙ୍ଗ୍‌ରେ ଆଦାନୀଗ୍ରୁପର ଅନେକ କମ୍ପାନୀର ର୍‍ୟାଙ୍କ ଖସିଥିଲା। ଏହା ଯୋଗୁ ଆଦାନୀ ଗ୍ରୁପ୍ ଉପରେ ସାମଗ୍ରିକ ଭାବେ ସମସ୍ୟା ଆସିଥିଲା। ଏପରିକି ଆଦାନୀ ଗ୍ରୁପ୍ ଅନେକ ବିଶ୍ୱାସ ସୃଷ୍ଟିକାରୀ ପଦକ୍ଷେପ ଘୋଷଣା କରିଥିଲେ ମଧ୍ୟ ଏହା ଘଟିଚାଲିଲା।

ଏସବୁ ଘଟଣା ଘଟିବା ପରେ ବିରୋଧୀଦଳଗୁଡ଼ିକ ମୋଦିଙ୍କୁ ବନ୍ଧୁତ୍ୱବାଦର ସମର୍ଥକ କହି ଅଭିଯୋଗ ଆଣିବା ପରେ ବି ସେ ନୀରବ ରହିଛନ୍ତି। ସରକାର ଦାବି କରିଛନ୍ତି ଯେ, ଭାରତର ମଜଭୁତ ନିୟାମକ ସଂସ୍ଥା ଏହି ଦୁର୍ନୀତିର ଯାଞ୍ଚ କରିବ, ଯଦିଓ ସେମାନଙ୍କ ପ୍ରଦର୍ଶନ ଏଯାବତ ନୈରାଶ୍ୟଜନକ ରହିଆସିଛି। ସିକ୍ୟୁରିଟି ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ଏସ୍‌ଇବିଆଇ)କୁ ଅନେକ ସାଂସଦ ଏକ 'ନୀରବ ସଞ୍ଚାଳକ' ବୋଲି ଅଭିଯୋଗ କରିଛନ୍ତି। କିନ୍ତୁ ଏହା ଅଭିଯୋଗର ଯାଞ୍ଚ କରିବାର ପ୍ରତିଶ୍ରୁତି ଦେଇ ଏକ ପ୍ରେସ୍ ରିଲିଜ ଜାରି କରିଛି ଏବଂ ଆଦାନୀ ଗ୍ରୁପ୍‌କୁ ଏହି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିବା ଲାଗି ୬ ମାସ ସମୟ ଦେଇଛି।

ଆଦାନୀ ଗ୍ରୁପ୍‌ର ସୁଧାର ଆସୁ କି ନ ଆସୁ, ଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି କେତେଜଣ ଭାରତୀୟ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଉପରେ ଅତ୍ୟଧିକ ନିର୍ଭର କରିବା ଯୋଗୁ ଏବକାର ସମସ୍ୟାଗୁଡ଼ିକ ଉପୁଜିଛି ବୋଲି ଗ୍ରହଣ କରିବାକୁ ହେବ। ଏହି ରଣନୀତି ଏକ ବ୍ୟାପକ ତଥା ସମାବେଶୀ ବିକାଶ ଆଣିବାରେ ବିଫଳ ହୋଇଛି। ଭାରତକୁ ନୈରାଶ୍ୟଜନକ ନିଯୁକ୍ତି ଅଭିବୃଦ୍ଧି ସ୍ଥିତିରେ ପହଞ୍ଚାଇଦେଇଛି। ବ୍ୟୟ ହ୍ରାସ କରିଛି, ନିବେଶ ହାର କମିଛି ଓ ପରିବେଶଗତ କ୍ଷତି ମଧ୍ୟ ଘଟିଛି। ରିଲାଏନ୍ସ, ଟାଟା ଏବଂ ଆଦିତ୍ୟ ବିର୍ଲା ଭଳି ଇଣ୍ଡଷ୍ଟ୍ରି ସମୂହ ଉପରେ ଭରସା ନ କରି ସରକାର ଏହି କ୍ଷଣରେ ଏହି ଘଟଣାକୁ ଏକ ସୁଯୋଗ ଭାବେ ଗ୍ରହଣ କରି ନିଜ ବାଟ ବଦଳାଇବା ଉଚିତ। ବୃହତ୍ ଶିଳ୍ପ ପରିବର୍ତ୍ତେ କ୍ଷୁଦ୍ର ଓ ମଧ୍ୟମ କମ୍ପାନୀଗୁଡ଼ିକୁ ଉତ୍ସାହିତ କରି ସେମାନଙ୍କ ସାମାଜିକ ସେବା ପରିସରକୁ ବୃଦ୍ଧି କରିପାରିଲେ ଅଧିକ ନିଯୁକ୍ତି ସୃଷ୍ଟି ହେବା ସହ ଆର୍ଥିକ ସ୍ଥାୟିତ୍ୱ ବୃଦ୍ଧି ଘଟିବ।

**ପ୍ରାଧ୍ୟାପକ, ଅର୍ଥନୀତି, ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟସ ଆମର୍ହଷ୍ଟ**

## ଏଇ ଭାରତରେ

ବହୁ ସମୟରେ ଚାଷୀମାନେ ମାର୍କେଟ ତଥା ଶୀତଳଭଣ୍ଡାର ଅଭାବରୁ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ କୃଷିଜାତ ଉତ୍ପାଦ ନଷ୍ଟ କରିଦିଅନ୍ତି। ଏଭଳି ସ୍ଥିତିରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉତ୍ତରାଖଣ୍ଡର ନିଧି ପନ୍ଥଙ୍କ ପରିବେଶ ଉପଯୋଗୀ ଫୁଡ୍ ପ୍ରୋସେସିଂ ପଦ୍ଧତି ଅନେକାଂଶରେ ଉପଯୋଗୀ ହୋଇପାରିଛି। ନିଧି ଓ ତାଙ୍କର ୬ ଜଣ କଲେଜ ସାଙ୍ଗ ମିଶି ଏକ କୃଷିଭିତ୍ତିକ ଷ୍ଟାଟଅପ୍ 'ସାଇନ୍ସ ଫର୍ ସୋସାଇଟି' ଗଠନ କରିଛନ୍ତି। ନଷ୍ଟ କରିଦିଆଯାଉଥିବା ପନିପରିବା ଚାଷୀଙ୍କଠାରୁ ଆଣି ତାହାକୁ ପ୍ରୋସେସିଂ କରି ବିକ୍ରି କରୁଛନ୍ତି। ଗରିବ ମହିଳା ଏବଂ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ସମୁଦାୟର ମହିଳାମାନଙ୍କୁ ଏହାର ବିକ୍ରି କାର୍ଯ୍ୟରେ ନିୟୋଜିତ କରିଛନ୍ତ ନିଧି। ଏହା ବ୍ୟତୀତ ଏହି ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦେଇ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାରେ ୨୦୦୦ ମହିଳାଙ୍କୁ ଉଦ୍ୟୋଗୀ ଭାବେ ସଶକ୍ତ କରାଇଛନ୍ତି। ପରୋକ୍ଷରେ ୬୦୦୦ କ୍ଷୁଦ୍ରଚାଷୀ ମଧ୍ୟ ଉପକୃତ ହେଉଛନ୍ତି। ବଡ଼କଥା ହେଉଛି, ନିଧି କୌଣସି କେମିକାଲ ବ୍ୟବହାର ନ କରି ଏ ସବୁର ପ୍ରୋସେସିଂ କରୁଛନ୍ତି। ଏଥିଲାଗି କେବଳ ସୌର ବିଦ୍ୟୁତ୍ ବ୍ୟବହାର କରୁଛନ୍ତି। ସେ ଟମାଟୋ ପାଉଡର, ପିଆଜ ଫ୍ଲେକ୍ ଏବଂ ଅଦା ଦାନା ପ୍ରସ୍ତୁତ କରୁଛନ୍ତି। ଏହାକୁ ଫୁଡ୍ ଏବଂ ପାନୀୟ ଇଣ୍ଡଷ୍ଟ୍ରିକୁ ଯୋଗାଉଛନ୍ତି। ନିଧି ଏହି କାର୍ଯ୍ୟ ଲାଗି ଏସିଆ ଓ ଭାରତର ୩୦ ବର୍ଷରୁ କମ୍ ଉଦ୍ୟୋଗୀଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଫେବୃୟାରୀ ୧୯୯୮

- ଉତ୍ତର ପ୍ରଦେଶର ମୋରାଦାବାଦ ନିକଟରେ ଦ୍ରୁତଗାମୀ ଦିଲ୍ଲୀ–ବରେଲୀ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କାରେ ୧୧ ତୀର୍ଥଯାତ୍ରୀ ମୃତ।
- ଭାରତର ଖ୍ୟାତନାମା କ୍ରିକେଟ ଖେଳାଳି ରମଣ ଲାମ୍ବାଙ୍କ ୩୮ ବର୍ଷ ବୟସରେ ପରଲୋକ।
- ଆହ୍ଲାହାବାଦ ହାଇକୋର୍ଟଙ୍କ ଐତିହାସିକ ରାୟ ଉପରେ ଉତ୍ତରପ୍ରଦେଶରେ ବହିଷ୍କୃତ କଲ୍ୟାଣ ସିଂ ସରକାର ପୁନଃ କ୍ଷମତାସୀନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 6 | | | | | |
| 4 | | | | | 9 | | | |
| | | 2 | | | | | | 4 |
| 6 | 1 | | | | | | | 7 |
| | | | | 4 | | | | 5 |
| | | | 3 | | | 6 | | |
| | 5 | | 2 | | | | 4 | 3 |
| | 7 | | | 8 | 1 | 9 | | |
| | | | | 6 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 2 | 3 | 4 | 7 | 6 | 9 | 5 |
| 6 | 4 | 5 | 1 | 8 | 9 | 7 | 2 | 3 |
| 7 | 3 | 9 | 5 | 2 | 6 | 1 | 8 | 4 |
| 8 | 6 | 1 | 9 | 5 | 3 | 2 | 4 | 7 |
| 5 | 9 | 4 | 2 | 7 | 1 | 3 | 6 | 8 |
| 3 | 2 | 7 | 4 | 6 | 8 | 5 | 1 | 9 |
| 9 | 5 | 3 | 8 | 1 | 2 | 4 | 7 | 6 |
| 2 | 7 | 8 | 6 | 3 | 4 | 9 | 5 | 1 |
| 4 | 1 | 6 | 7 | 9 | 5 | 8 | 3 | 2 |

ଗତକାଲିର ଉତ୍ତର

# ପରୀକ୍ଷା ପୂର୍ବରୁ ଆତ୍ମବିଶ୍ୱାସ



ଡ. ନରେନ୍ଦ୍ର ସେଠୀ

ବୋଷ୍ଟନ ୟୁନିଭରସିଟିର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି କଲେଜ ଛାତ୍ରଙ୍କ ମଧ୍ୟରେ ଉଦାସୀନତା, ଦୁଶ୍ଚିନ୍ତା ଓ ନକାରାତ୍ମକ ଚିନ୍ତାଧାରା ବୃଦ୍ଧି ପାଇ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ୩୩ ହଜାର କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ହୋଇଥିବା ଏହି ଅଧ୍ୟୟନରେ ଯେଉଁସବୁ କାରଣ ଯୁବପିଢ଼ିକୁ ଭାରାକ୍ରାନ୍ତ ଓ ଚିନ୍ତିତ କରୁଛି ତାହା ହେଲା ପରୀକ୍ଷା ଚିନ୍ତା, କୋଭିଡ୍–୧୯ ମହାମାରୀ, ରାଜନୈତିକ ଅସ୍ଥିରତା, ବ୍ୟବସ୍ଥିତ ଜାତିଭେଦ ଏବଂ ଅସମାନତା ବୃଦ୍ଧି ପାଇବାରେ ଲାଗିଛି ବୋଲି ଜଣାପଡ଼ିଛି। ଛୋଟ ଛୋଟ ସମସ୍ୟାକୁ ସାମ୍ନା କରିପାରିବାର ଅକ୍ଷମତା ଏବଂ ସେଥିରୁ ମୁକ୍ତି ପାଇଁ ନିଶା ଓ ଦରକାର ପଡ଼ିଲେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାରେ ଆଜିର ଯୁବପିଢ଼ି ଭ୍ରୂକ୍ଷେପ କରୁନି। ଗୋଟିଏ ଭୁଲ୍ କିମ୍ବା ଗୋଟିଏ ଅସଫଳତାରେ ଜୀବନର ସବୁକିଛି ସରି ଯାଏନି, ଯେତେବେଳେ ଓ ଯୋଉଠୁ ଛିଡା ହେଇ ନିଷ୍ପତ୍ତି କଲେ ସେଇଠୁ ନୂଆ ଜୀବନ ଆରମ୍ଭ ହୁଏ । ଉଲ୍ଲେଖଯୋଗ୍ୟ ଯେ, ଯୋଉ ପିଲାଟି ନିଜର ଅସଫଳତା ପାଇଁ ବ୍ୟଗ୍ର ହୋଇପଡ଼େ ଓ ନିଜକୁ କୌଣସି କାମ ପାଇଁ ଯୋଗ୍ୟ ନୁହେଁ ବୋଲି ଭାବିନିଏ ସେ ବୁଝିପାରେନି ନକାରାତ୍ମକ ଚିନ୍ତା କରିବା ତାକୁ ଜୀବନର କେତେ ବଡ଼ ଭୁଲ୍ କରିବାକୁ ଆଗେଇ ନିଏ । ଖବରକାଗଜ ପୃଷ୍ଠାରେ ଛାତ୍ର ଆତ୍ମହତ୍ୟା ବିଷୟରେ ଶୁଣିଲେ ଆମେ ତାକୁ ପରୀକ୍ଷାରେ ବିଫଳ ହେବାର କାରଣ ବୋଲି ଅନୁମାନ କରୁ। ଏକଥା ସତ ଯେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରମାନେ ପ୍ରାୟତଃ ଚାପ ଅନୁଭବ କରନ୍ତି। ଯଦିଓ ଏକ ନିର୍ଦ୍ଦିଷ୍ଟ ପରିମାଣର ଚାପ ଲାଭଦାୟକ ହୋଇପାରେ, ଅତ୍ୟଧିକ ପରୀକ୍ଷା ଚାପ ଛାତ୍ରକୁ ପରୀକ୍ଷାରେ ଖରାପ ପ୍ରଦର୍ଶନ କରିପାରେ।

ପରୀକ୍ଷା ଚାପର କାରଣ ଜାଣିଲେ ଛାତ୍ରମାନଙ୍କୁ ସେମାନଙ୍କର ଭାବନାକୁ ବୁଝିବାରେ ଏବଂ ସେମାନଙ୍କର ଚିନ୍ତା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ନ୍ୟାଶନାଲ କ୍ରାଇମ ରେକର୍ଡସ ବ୍ୟୁରୋ ଅନୁଯାୟୀ ୨୦୧୫ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ମଧ୍ୟରେ ଆମ ଦେଶରେ ୩୯,୭୭୫ ଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି। ୨୦୧୨ର ଲାନସେଟ ରିପୋର୍ଟ ଅନୁଯାୟୀ, ଭାରତରେ ୧୫ ରୁ ୨୯ ବର୍ଷ ବୟସର ଯୁବକମାନଙ୍କ ଆତ୍ମହତ୍ୟା ହାର ବିଶ୍ୱରେ ସର୍ବାଧିକ, ଯାହା ଅତ୍ୟନ୍ତ ଚିନ୍ତାଜନକ। ସବୁ ମାତାପିତା ସେମାନଙ୍କ ପିଲାମାନଙ୍କଠାରୁ ବହୁତ ଆଶା କରନ୍ତି ଏବଂ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାକୁ ସେମାନଙ୍କ ଉପରେ ଚାପ ପ୍ରୟୋଗ କରନ୍ତି। ଫଳରେ ପିଲା ପରୀକ୍ଷାରେ କୃତକାର୍ଯ୍ୟ ନ ହେଲେ ଭବିଷ୍ୟତ ଅନ୍ଧକାରମୟ ବୋଲି ଧରିନିଏ। ଏ ବିଷୟରେ ଏକ ରୋଚକ ତଥ୍ୟ ଉପସ୍ଥାପନ କରାଯାଇପାରେ । ଏଇ କଥାଟି ଗପ ନୁହେଁ କି କାହାଣୀ ନୁହଁ। କଥାଟି ଊନବିଂଶ ଶତାବ୍ଦୀର। ଜଣେ ପିଲାକୁ ସ୍କୁଲ ଛୁଟିବେଳେ ପ୍ରଧାନଶିକ୍ଷକ ଏକ ବନ୍ଦ ଲଫାପାରେ ଚିଠିଟିଏ ଧରେଇ ଦେଇ କହିଲେ ମା'କୁ ଦେବୁ। ପିଲାଟିର ବାପା ନ ଥା'ନ୍ତି। ସାର୍‌ଙ୍କ କହିବା ଅନୁଯାୟୀ ପିଲାଟି ଆସୁ ଆସୁ ଚିଠିଟି ମା'ହାତକୁ ବଢ଼େଇ ଦେଲା। ଛିଠିରେ ଉଲ୍ଲେଖ ଥିଲା... ''ମାନନୀୟା ଅଭିଭାବିକା,
ଆପଣଙ୍କ ପୁଅ ଗୋଟେ ଗଜ ମୂର୍ଖ। ତା'ପାଖରେ ଏକ ସାଧାରଣ ପିଲାର ଜ୍ଞାନ ନାହିଁ। ସେ ପାଠ ପଢ଼ିବା ପାଇଁ ଅଯୋଗ୍ୟ। ମୁଁ ଦୁଃଖର ସହିତ କହିବାକୁ ଚାହୁଁଛି ଯେ ତୁମ ପୁଅକୁ ଆମ ସ୍କୁଲରେ ଆଉ ରଖି ହେବ ନାହିଁ। ତାକୁ ଅନ୍ୟତ୍ର କୋଉ ଏକ ସ୍କୁଲକୁ ସ୍ଥାନାନ୍ତର କରିଦିଅନ୍ତୁ, ଯୋଉଠି ଏଭଳି ପିଲାଙ୍କ ପ୍ରତି ଅତିରିକ୍ତ ଧ୍ୟାନ ରଖାଯାଏ। ଏହା ତା'ଭବିଷ୍ୟତ ପାଇଁ ଭଲ।'' ଚିଠି ପଢ଼ିସାରି ପିଲାଟିର ମା'ମନ ଦୁଃଖ କଲେ। ପିଲାଟି ପ୍ରଶ୍ନ କଲା, ମା' ଚିଠିରେ କ'ଣ ଲେଖା ଅଛି? ଆଖିର ଲୁହକୁ ତରବର କରି ପୋଛି ଦେଇ ମା' ପୁଅକୁ ଆଦରରେ ଜାବୁଡ଼ି ଧରିଲେ। ତା' ମୁଣ୍ଡକୁ ଆଉଁସି କହିଲେ, ''ତୁ ସମସ୍ତଙ୍କଠୁ ଅଲଗା। ତୋଠି କିଛି ବିଶେଷ ଗୁଣ ଅଛି, ଯାହା ବିଷୟରେ ପ୍ରଧାନଶିକ୍ଷକ ମୋତେ ଲେଖିଛନ୍ତି। ମୁଁ ଏହା ଜାଣି ବହୁତ ଖୁସି। ତୋର କୌଣସି ସାଙ୍ଗ ତୋ ଭଳି ମେଧାବୀ ଓ ଚାଲାକ ନୁହନ୍ତି। ତେଣୁ ତୁମ ସ୍କୁଲ ପ୍ରଶାସନ ତୋତେ ସବୁ ପିଲାଙ୍କ ସହ ଏକାଠି ପଢ଼େଇ ପାରୁନି। ପ୍ରଧାନଶିକ୍ଷକ ଚାହୁଁଛନ୍ତି ତୋର ଆଡ୍‌ମିଶନ ଆଉ ଏକ ଭଲ ସ୍କୁଲରେ କରିବାକୁ। ଯୋଉଠି ତୋ ଭଳି ଅତି ଗୁଣୀ ଓ ମେଧାବୀ ପିଲା ପଢୁଛନ୍ତି।'' ପିଲାଟି ଆଶ୍ୱସ୍ତ ଅନୁଭବ କଲା। ସେଇଦିନୁ କୌଣସି ସ୍କୁଲକୁ ନ ଯାଇ ନିଜ ମାତାଙ୍କ ପାଖରେ ପଢ଼ିଲା । ସେଇ ପିଲାଟି ବଡ଼ ହୋଇ ବିଖ୍ୟାତ ବୈଜ୍ଞାନିକ ଥୋମାସ ଆଲଭା ଏଡିସନ ଭାବରେ ସୁଖ୍ୟାତି ଅର୍ଜନ କଲେ। ବିଶ୍ୱର ସବୁଠୁ ବିଦ୍ୱାନ ଓ ବୁଦ୍ଧିମାନ ବୈଜ୍ଞାନିକ ଭାବରେ ପରିଚିତ ହେଲେ। ଗ୍ରାମଫୋନ, ବିଦ୍ୟୁତ୍ ବଲ୍‌ବ ଇତ୍ୟାଦି ଅନେକ ଜିନିଷ ଉଦ୍ଭାବନ କଲେ। କଥା ଏତିକିରେ ସରିନି। ଆଉ ଗୋଟେ ରୋଚକ କଥା ହେଲା ଦିନେ ଥୋମାସ ଏଡିସନ ତାଙ୍କ ମାଆଙ୍କର ପୁରୁଣା ଟ୍ରଙ୍କ ବାକ୍ସକୁ ଖୋଲିଲା ବେଳକୁ ଏକ ଚିଠି ପାଇଲେ। ସେଇ ଚିଠି ଯାହାକୁ ପିଲାଦିନେ ପ୍ରଧାନଶିକ୍ଷକ ତାଙ୍କ ମାଆକୁ ଦେଇଥିଲେ। ଚିଠି ପଢ଼ିଲା ବେଳକୁ ତାଙ୍କ ଆଖିରୁ ଲୁହ ବୋହି ଗଲା। ସେ ନିଜେ ନିଜକୁ ବିଶ୍ୱାସ କରିପାରିଲେନି। ସେ ତାଙ୍କ ମାଆଙ୍କ ସାହସ ଓ ଧୈର୍ଯ୍ୟ ଆଗରେ ନତମସ୍ତକ ହେଲେ। କାନ୍ଥରେ ଟଙ୍ଗା ଯାଇଥିବା ମାଆଙ୍କ ଫଟୋକୁ ଅନେଇଲେ। ମାଆ ତାଙ୍କ ଜୀବନକୁ କେମିତି ପରିବର୍ତ୍ତନ କରିଦେଲେ ସେ ଆଜି ଅନୁଭବ କରିପାରୁଥିଲେ। ସ୍କୁଲର ସବୁଠୁ ଗଧ ପିଲାକୁ ସେ ବିଶ୍ୱର ସବୁଠୁ ବୁଦ୍ଧିମାନ ଖ୍ୟାତି ସମ୍ପନ୍ନ ବୈଜ୍ଞାନିକ କରିଦେଲେ। ତେଣୁ ଭଲ ନମ୍ବର ନ ରହିବା ବା ଅନ୍ୟମାନଙ୍କ ଭଳି ଭଲ କରି ନ ପାରିଲେ ମଧ୍ୟ ଜଣେ ଭଲ ମଣିଷଟିଏ ହୋଇପାରିବ।



ପରୀକ୍ଷାରେ ଭଲ ନମ୍ବର ଆଣିପାରିଲେ ବହୁତ ଭଲ। ମାତ୍ର ଯଦି ଚେଷ୍ଟା କରିବା ସତ୍ତ୍ୱେ କମ୍ ନମ୍ବର ଆସିଲା ଦୁଃଖୀ ହେବା ଅନୁଚିତ। ଉଲ୍ଲେଖଯୋଗ୍ୟ, ଇତିହାସର ଅନେକ ମହାପୁରୁଷ ପିଲାଦିନେ ମେଧାବୀ ଛାତ୍ର ନ ଥିଲେ। ଉଦାହରଣ ସ୍ୱରୂପ ଆଇନ୍‌ଷ୍ଟାଇନ, ବେଞ୍ଜାମିନ ଫ୍ରାଙ୍କ୍‌ଲିନ, ଷ୍ଟିଭ୍ ଜବ, ବିଲ୍ ଗେଟ୍‌ସ, ବାଲଟ୍ ଡିଜନି, ମାର୍କ ଜୁକରବର୍ଗ ଓ ସଚିନ୍ ତେନ୍ଦୁଲକର ପ୍ରମୁଖ ମହାନ୍ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ କେହିଜଣେ ଭଲ ଛାତ୍ର ନ ଥିଲେ। ତେଣୁ ଆତ୍ମବିଶ୍ୱାସ ହରେଇ ନିଜର ଦୁର୍ବଳତା କୋଉଠି ଖୋଜି କରି ତା'ର ନିରାକରଣ କରିବା ଆବଶ୍ୟକ। ତେଣୁ ପରୀକ୍ଷା ପୂର୍ବରୁ ପିଲାର ଆତ୍ମବିଶ୍ୱାସ ବୃଦ୍ଧି କରେଇବା ଉଭୟ ମାତାପିତା ଓ ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ।

**ପୂର୍ବ ସିଂହଭୂମି, ଯାଦୁଗୁଡା, ଝାରଖଣ୍ଡ,**
**ମୋ: ୭୦୦୪୦୬୮୧୧୦**

# ନକଲି ମୁଖା ତଳର ମନ



ଜଚ୍ଚିଦାନନ୍ଦ ଦାଶ

ଫାଲ୍‌ଗୁନ ମାସର ଦୋଳପୂର୍ଣ୍ଣିମା ହୋଇଥାଏ। ମୁଁ ଡ୍ରଇଂ ରୁମ୍‌ରେ ଗୀତ ଶୁଣୁଥିଲି। ଠିକ୍ ସେତିକିବେଳେ ମୋ ସାଙ୍ଗ ଅରୁଣ ଫୋନ୍ କଲା। କହିଲା, ଆଜି ଦୋଳପୁନେଇଁରେ କ'ଣ କରୁଛୁ? ଚାଲ୍ ଯିବା, ଠାକୁରଙ୍କ ମେଳନ ଦେଖିବାକୁ। ସଙ୍ଗେସଙ୍ଗେ ମୋ ଘରକୁ ଆସିଲା। ତା'ପରେ ଆମେ ବାହାରିପଡ଼ିଲୁ ମେଳନ ଦେଖିବା ପାଇଁ। ମେଳନ ପଡ଼ିଆରେ ଝାଞ୍ଜ ଓ ମୃଦଙ୍ଗର ତାଳେ ତାଳେ ଅଣାଯାଉଥିଲା ଠାକୁରଙ୍କୁ । ଏଇ ସମୟରେ ମୁଖାଦିଆ ତାଡ଼କା ଓ ବାଘନାଚ ଉପରେ ମୋ ନଜର ପଡ଼ିଲା। ଲୋକମାନେ ତାଡ଼କା ମୁଖା ପିନ୍ଧି ଖୁବ୍ ଆନନ୍ଦରେ ମନଖୋଲି ନାଚୁଥାନ୍ତି। ଏସବୁ ଦେଖି ମୁଁ ପଡ଼ିଆର ଗୋଟିଏ ଜାଗାରେ ବସି ମୁଖାର ମାହାତ୍ମ୍ୟ ବିଷୟରେ ଭାବିଲି। ନାଚୁଥିବା ଲୋକମାନେ ତାଡ଼କା, ବାଘ ପ୍ରଭୃତିର ମୁଖା ସିନା ମୁହଁରେ ଦେଇଛନ୍ତି, ମାତ୍ର ତାଙ୍କ ମୁଖା ତଳର ମନ ଖୁବ୍ ପବିତ୍ର ଏବଂ ଅସଲି। ନିଜର ମନପ୍ରାଣ ଦେଇ ଠାକୁରଙ୍କୁ ଆନନ୍ଦିତ କରିବା ପାଇଁ ସେମାନେ ନାଚି ଚାଲୁଥାନ୍ତି। ସେମାନଙ୍କ ମନ ହେଲା ଅସଲି ମୁଖା ତଳର ମନ। ତାଙ୍କ ମନରେ ଆବିଳତା ନ ଥିଲା। ନିଜକୁ ସମର୍ପିଥା'ନ୍ତି ଠାକୁରଙ୍କ ଶରଣରେ। ମୁଖା ଯେତେ ରୁଦ୍ଧ ହେଲେ ମଧ୍ୟ ସେମାନେ ନାଚିବାରେ ଅବହେଳା କରୁ ନ ଥାନ୍ତି। ଏଠି ପଚାରିପାରନ୍ତି ସେମାନଙ୍କର ମନ ଯଦି ଅସଲି ମୁଖା ତଳର ମନ, ତା'ହେଲେ ନକଲି ମୁଖା ତଳର ମନ କାହାର? ଠିକ୍ କଥା, ନକଲି ମୁଖା ତଳର ମନ ଥିବା ମଣିଷ ଆଜିର ସମାଜରେ ଘୂରିବୁଲୁଛନ୍ତି ଏବଂ ସମାଜରେ ସେମାନଙ୍କର ଅଭାବ ନାହିଁ। ଏମାନଙ୍କର ମନ କହେ ନକଲି କଥା। ଯଥା ମଧୁର କଥା, କିନ୍ତୁ ପଛରେ ମନ କୁଟିଳ ଏବଂ ଖରାପ କାମରେ ବ୍ୟସ୍ତ ରୁହନ୍ତି। ଏମାନେ ଗୋଟିଏ ମୁଖାରେ କହନ୍ତି ଏବଂ ଅନ୍ୟଟିରେ ବିପରୀତ କାମ କରନ୍ତି। ଆଜିର ଦୁନିଆର ହାଲ୍‌ଚାଲ୍‌କୁ ବୁଝିଲେ ଜଣାପଡ଼େ ଯେ, କିଏ ନକଲି ମୁଖାର ମନ ନେଇ ଭାଇକୁ ମାରିଲାଣି ତ ଆଉ କିଏ ସ୍ତ୍ରୀକୁ ମାରି ଟାଙ୍ଗିଦେଲାଣି। କେରଳରେ ଘଟିଥିବା ଏକ ସଦ୍ୟ ଘଟଣା, ଯାହା ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ଅର୍ଥ ଓ ଯୌବନର ଲାଳସାରେ ଦୁଇ ନିରୀହ ମଣିଷକୁ ବଳିପକାଇ ତାଙ୍କ ମାଂସ ରାନ୍ଧି ଖାଇବା ଭଳି ଜଘନ୍ୟ କାର୍ଯ୍ୟ ଏକ ନକଲି ମୁଖା ତଳର ମନର ନିଦର୍ଶନ। ଦୈନନ୍ଦିନ ଗଣମାଧ୍ୟମରେ ପ୍ରକାଶ ପାଉଥିବା ହତ୍ୟା, ଲୁଣ୍ଠନ ଓ ବଳାତ୍କାରକୁ ନେଇ ମଧୁର ବାର୍ତ୍ତାରୂପକ ମୁଖା ପିନ୍ଧି ସମାଜରେ ଘୂରିବୁଲନ୍ତି। ବକ୍ତବ୍ୟ ଦିଅନ୍ତି ଗୋଟିଏ, କିନ୍ତୁ କରନ୍ତି ବିପରୀତ। ସାଧାରଣତଃ ନିରୀହ ଓ ସରଳ ଲୋକ ଏମାନଙ୍କର ଶିକାର ହୋଇଥାନ୍ତି। ସମାଜରେ ଏଇ ନକଲି ମୁଖାପିନ୍ଧା ମନ ଥିବା ଲୋକଙ୍କୁ ବିଭିନ୍ନ ପ୍ରକାରର ବିଭକ୍ତୀକରଣ କରାଯାଇପାରେ। କିଛି ଲୋକ ଅତ୍ୟନ୍ତ ନକାରାତ୍ମକ ପ୍ରବୃତ୍ତିର, ପ୍ରାୟତଃ ଏମାନେ ନକାରାତ୍ମକ ଶ୍ରେଣୀର। ଯେଉଁମାନେ ଟିକେ ଟିକେ କଥାରେ ହତ୍ୟା, ହିଂସାର ଆଶ୍ରୟ ନେବାକୁ ପଛାନ୍ତିନାହିଁ। ଆଉ କିଛି ଲୋକ ଥାଆନ୍ତି କୁଟିଳ ଏବଂ ଜଟିଳ ପ୍ରବୃତ୍ତିର, ଯେଉଁମାନଙ୍କର ମୁଖାପିନ୍ଧା ପ୍ରବୃତ୍ତି ଟିକେ ବେଶି ଥାଏ । ସେମାନେ କୌଣସି କାର୍ଯ୍ୟ କରିବାରେ ଲୋକଙ୍କ ସାଙ୍ଗରେ ଲୁଚକାଳି ଖେଳନ୍ତି ଏବଂ ପରିଶେଷରେ ଲୋକର କ୍ଷତି କରିଥାନ୍ତି। ତୃତୀୟ ଶ୍ରେଣୀର ଲୋକ ହେଲେ, ଯେଉଁମାନେ ଜଟିଳ ଏବଂ କୁଟିଳ। କଥା କମ୍ କହନ୍ତି, ନକଲି ମୁଖାପିନ୍ଧା ପ୍ରବୃତ୍ତି ମନ ଭିତରେ ଅଧିକ ଥାଏ। ଲୋକଙ୍କ କାର୍ଯ୍ୟକୁ ଅଯଥା ବିଳମ୍ବ କରାନ୍ତି। ଲୋକଙ୍କୁ ବାରମ୍ବାର ଦୌଡ଼ାନ୍ତି। ଶେଷରେ କ୍ଷତି ଘଟାନ୍ତି।

ଛାଡ଼ନ୍ତୁ, ଏସବୁ ଭାବନାରେ ମଜ୍ଜି ଯାଇଥିବା ସମୟରେ ମୋ ସାଙ୍ଗ ଅରୁଣ କଥା ମନେପଡ଼ିଗଲା। ସେତେବେଳକୁ ରାତି ପାହାନ୍ତା ହୋଇଯାଇଥିଲା। ସବୁ ଭାବନା ଓ ସ୍ମୃତିକୁ ନେଇ ଅରୁଣ ସହିତ ଘରକୁ ଫେରିଲି। ଶେଷରେ ଜାଣିବା ଜୀବନର ସତ୍ୟ କ'ଣ? ଜୀବନର ସତ୍ୟ ଠିକ୍ ସେଇ ତାଡ଼କା, ବାଘ ଓ ଭାଲୁର ଅସଲି ମୁଖାପିନ୍ଧା ଲୋକର ମନ ଭଳି, ଯେଉଁଥିରେ କି ମନପ୍ରାଣ ଦେଇ ଏକ ନିଷ୍ଠାର ସହିତ କାର୍ଯ୍ୟ କରିବା ଓ ଆନନ୍ଦ ପାଇବାର ଆଦର୍ଶ ଭରିରହିଛି। ତେଣୁ ନକଲି ମୁଖା ତଳର ମନକୁ ଅପସରି ଅସଲି ମୁଖା ତଳର ମନକୁ ଆପଣେଇବା। ଫଳରେ ସମାଜ ସୁସ୍ଥ ହୋଇ ଉଠିବ ଏବଂ ଆମ ମନରେ ସକାରାତ୍ମକ ମାନସିକତା ଜାଗ୍ରତ ହେବ ।

**ସିଡିଏ, ସେକ୍ଟର–୭, କଟକ**
**ମୋ: ୯୯୩୮୧୮୧୩୨୦**

## ପାଠକ ଶ୍ରେଷ୍ଠ ବିଚାରକ

### ମୂଲ୍ୟବାନ୍ ସମୟ ନଷ୍ଟ କରାନଯାଉ

ମହାଶୟ,

ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ସରକାରଙ୍କର ଅନ୍ତିମ ପୂର୍ଣ୍ଣାଙ୍ଗ ବଜେଟ ଉପରେ ଗୃହରେ ଲୋକପ୍ରତିନିଧିମାନେ ଆଲୋଚନା କରିପାରିଲେ ନାହିଁ। ଏହାର କାରଣ ଶିଳ୍ପପତି ଗୌତମ ଆଦାନୀ ଗ୍ରୁପ୍‌ର ଆର୍ଥିକ ହେରଫେରକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ବାରମ୍ବାର ମୁଲତବୀ ରଖାଯାଇଥିଲା। ହଟ୍ଟଗୋଳ ଯୋଗୁ ଅଧିବେଶନର ବହୁମୂଲ୍ୟ ସମୟ ନଷ୍ଟହେବା ସହ ରାଜକୋଷରୁ କୋଟି କୋଟି ଟଙ୍କା ପାଣିରେ ପଡୁଛି। ପାର୍ଲାମେଣ୍ଟର ଅଧିବେଶନ କାଳରେ ପ୍ରତି ମିନିଟ୍ ପିଛା ୨୫ଲକ୍ଷ ଟଙ୍କା ବ୍ୟୟ ହୋଇଥାଏ। ଏହା ନିଶ୍ଚିତ ଯେ ବଜେଟ ଅଧିବେଶନ ସରକାରୀ ଦଳ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ବିରୋଧୀ ଓ ଜନତାଙ୍କ ପାଇଁ ସେତିକି ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କର ଗୋଟିଏ ବର୍ଷର କାର୍ଯ୍ୟକ୍ରମ ଓ ବିକଳ୍ପ ଆଭିମୁଖ୍ୟ ବୁଝିବା ପାଇଁ ବଜେଟ ଅଧିବେଶନ ଜନସାଧାରଣଙ୍କୁ ସୁଯୋଗ ଦେଇଥାଏ। ତେବେ ଦୁଇଥାକିଆ ବଜେଟ ଅଧିବେଶନରେ ଦ୍ୱିତୀୟପାଳି ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇ ଏପ୍ରିଲ ପ୍ରଥମ ସପ୍ତାହରେ ଶେଷ ହେବ। ମୂଲ୍ୟବାନ୍ ସମୟ ନଷ୍ଟ ନ କରି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନବେଳେ ଲୋକପ୍ରତିନିଧିମାନେ ସରକାରଙ୍କ ବଜେଟ ପ୍ରସ୍ତାବଗୁଡ଼ିକୁ ଆକଳନ କରିବା ଜରୁରୀ।

**–ସୌଭାଗ୍ୟ ରଞ୍ଜନ ମହାନ୍ତି, ଗାଙ୍ଗୋତ୍ରୀନଗର,ଶିଶୁପାଳଗଡ଼,ଭୁବନେଶ୍ୱର**

## ଚିରନ୍ତନୀ

କାହିଁରେ ମନ ହଜାଇ ଦେଇ
ଯୁବତୀ ସଖୀ ଦୁଇ
ଜୀବିତ କରି କୋମଳ ପଦେ
କନିଦାଘ ବନ ଭୂଇଁ।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହତ୍ୟା ଦିନ ନବୀନ ନିବାସରେ କେଉଁମାନେ ଥିଲେ ଯାଞ୍ଚ ହେଉ: ଜୟନାରାୟଣ

**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**

**ନବ ଦାସଙ୍କ ହତ୍ୟାକାଣ୍ଡ ଘଟଣାରେ ମୋଶନ ଆଲୋଚନା**

- **ଗୋପାଳଙ୍କୁ ପାଗଳ ପ୍ରମାଣିତ କରିବାକୁ ବ୍ୟସ୍ତ: ନରସିଂହ**
- **ଓଡ଼ିଶାରେ କାମ ଦେବନି ଗୋବେଲ୍ସ ଥିଓରି: ବିଜେଡି**
- **ଦୁଃଖଦ ଘଟଣାକୁ ରାଜନୀତୀକରଣ କରା ନ ଯାଉ: ମନ୍ତ୍ରୀ**

ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ସ୍ୱଷ୍ଟ ଦିବାଲୋକରେ ଜଣେ ପୋଲିସ କର୍ମଚାରୀ ଗୁଳିକରି ହତ୍ୟା କଲେ। ଗୋଇନ୍ଦା ବିଭାଗର ଏହା ଚରମ ବିଫଳତା। କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ଦିଆଯିବା ପରେ କାହାଣୀ ପରେ କାହାଣୀ ରଚନା କରାଯାଉଛି। ଅନୁସନ୍ଧାନ କେବଳ ଅଭିଯୁକ୍ତ ଗୋପାଳ ଦାସଙ୍କୁ ନେଇ କରାଯାଉଛି। ହତ୍ୟା ପଛର ଷଡ଼ଯନ୍ତ୍ର ଦିଗକୁ ତଦନ୍ତ କରାଯାଉନାହିଁ। ନବ ଦାସ ହତ୍ୟା ପ୍ରସଙ୍ଗରେ ଗୁରୁବାର ବିଧାନସଭାରେ ଆସିଥିବା ମୋଶନ ଉପରେ ଆଲୋଚନା ବେଳେ ଏଭଳି କିଛି ଶାଣିତ ସ୍ୱରରେ ବର୍ଷିଥିଲେ ବିରୋଧୀ ଭାଜପା ଏବଂ କଂଗ୍ରେସ ସଦସ୍ୟ। ଅନ୍ୟପକ୍ଷରେ ମୋଶନ ଆଲୋଚନା ଶେଷରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ତର ରଖିଥିଲେ। ହେଲେ ବିରୋଧୀ ତାଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ହତ୍ୟାର କାରଣ କାହିଁକି କୁହାଯାଉନାହିଁ, ଯେଉଁ କାଗଜ ଧରାଯାଇଛି ମନ୍ତ୍ରୀ ତାକୁ କେବଳ ପଢୁଛନ୍ତି କହି ଭାଜପା ଏବଂ କଂଗ୍ରେସ ସଦସ୍ୟ ଗୃହ ତ୍ୟାଗ କରିଥିଲେ।

ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଦ୍ୱାରା କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଷଡ଼ଯନ୍ତ୍ରପୂର୍ଣ୍ଣ ହତ୍ୟା ପ୍ରସଙ୍ଗରେ ଆଗତ ମୋଶନ ଉପରେ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ସରଗରମ ଆଲୋଚନା ହୋଇଛି। ଏହି ଆଲୋଚନାକୁ ଆରମ୍ଭକରି ବିରୋଧୀ ଦଳ ନେତା ଜୟନାରାୟଣ ପୁଣି ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ହତ୍ୟାର ୪ ଦିନ ପୂର୍ବରୁ ବବି ଦାସ ଏବଂ ଜଣେ ସରକାରୀ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ ବାର୍ତ୍ତାଳାପର କଲ୍ ରେକର୍ଡ ଯାଞ୍ଚ କରାଯାଉ। ହତ୍ୟା ଦିନ ନବୀନ ନିବାସରେ କେଉଁମାନେ ଥିଲେ ଏବଂ କ'ଣ ଆଲୋଚନା ହୋଇଥିଲା। ସେଦିନ ନବୀନ ନିବାସରେ ବବି ଦାସ, ସୁଶାନ୍ତ ସିଂ ଏବଂ ଅନ୍ୟ ଜଣେ ଉପସ୍ଥିତ ଥିଲେ। ସେଠାରେ ବାଦବିବାଦ ହୋଇଥିବା ଜଣାପଡ଼ିଛି ବୋଲି ଜୟନାରାୟଣ କହିବା ବେଳେ ବବି ଦାସ, ନିରଞ୍ଜନ ପୂଜାରୀ, ଅତନୁ ସବ୍ୟସାଚୀ ନାୟକ ନିଜ ସ୍ଥାନରୁ ଉଠି ପ୍ରତିବାଦ କରିଥିଲେ। ଗୃହରେ ଯିଏ ଉପସ୍ଥିତ ନାହାନ୍ତି ତାଙ୍କ ନାମକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଶାସକ ଏବଂ ବିରୋଧୀ ଦଳ ସଦସ୍ୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ଜୟନାରାୟଣ କହିଥିଲେ, ଗୋପାଳଙ୍କୁ ପାଗଳ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିବା ଦୁର୍ଭାଗ୍ୟଜନକ। କ୍ରାଇମବ୍ରାଞ୍ଚ ତଦନ୍ତ ଦିଗହରା ହୋଇଥିବାରୁ ସିବିଆଇକୁ ତଦନ୍ତଭାର ଦିଆଯାଉ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା କହିଛନ୍ତି, ଗୋପାଳ ପାଗଳ ବୋଲି ପ୍ରମାଣ କରିବାକୁ ସରକାର ବ୍ୟସ୍ତ। ଷଡ଼ଯନ୍ତ୍ର ଦିଗ ଉପରେ ଅନୁସନ୍ଧାନ କରାଯାଉନାହିଁ। ତଦନ୍ତରେ ବହୁ ତ୍ରୁଟି ରହିଛି। ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ସୁରକ୍ଷା ଦେଇପାରିଲେନି ସରକାର। ଏହା ମୁଖ୍ୟମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ। ନବ ଦାସଙ୍କ ଅତ୍ୟଧିକ ରକ୍ତସ୍ରାବ ହେଉଥିବାବେଳେ ରକ୍ତ କିମ୍ବା ଅମ୍ଳଜାନ ଦିଆ ନ ଯିବା ଦୁର୍ଭାଗ୍ୟଜନକ। ଏଭଳି ଘଟଣାରେ ତୁରନ୍ତ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଗଲା। କ୍ରାଇମବ୍ରାଞ୍ଚର ତଦନ୍ତ କ'ଣ ତାହା ସମସ୍ତଙ୍କୁ ଜଣା। ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ଗଠନ କରାଯାଇ ଘଟଣାର ଅନୁସନ୍ଧାନ କରାଗଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ। ସିବିଆଇ ଉପରେ ତାଙ୍କର କିମ୍ବା ତାଙ୍କ ଦଳର ଭରସା ନାହିଁ ବୋଲି ସେ କହିଛନ୍ତି।

ବିଧାୟକ ଅରୁଣ ସାହୁ ଆଲୋଚନାରେ ଅଂଶଗ୍ରହଣ କରି କହିଛନ୍ତି, ଯଦି କିଛି ତଥ୍ୟ ଅଛି, ତେବେ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରନ୍ତୁ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବିବୃତି ଜାରି କରାଯାଇନାହିଁ। ଗୋବେଲ୍ସ ଥିଓରି ପ୍ରୟୋଗ କରି ଲୋକଙ୍କୁ ଭ୍ରମିତ କରାଯାଉଛି। ଜଣେ ପୋଲିସ କର୍ମଚାରୀଙ୍କ ପାଇଁ ପୂରା ପୋଲିସ ବିଭାଗର ମନୋବଳକୁ ଭାଙ୍ଗିବା ନିନ୍ଦନୀୟ। ବିରୋଧୀ ଦଳ ସଦସ୍ୟମାନେ କେତେବେଳେ ଡାକ୍ତର, କେତେବେଳେ ପୋଲିସ୍ ପୁଣି କେତେବେଳେ ଇଣ୍ଟେଲିଜେନ୍ସ ଅଫିସର ଭଳିଆ କଥା କହୁଛନ୍ତି। ଏଇଟା ଚା' ଖଟି ଆଲୋଚନା ନୁହେଁ। ତେଣୁ ବିଧାନସଭାର ଗରିମା ରକ୍ଷା କରିବାକୁ ଅରୁଣ ଅନୁରୋଧ କରିଛନ୍ତି। ବିଜେଡି ବିଧାୟକ ଶଶିଭୂଷଣ ବେହେରା ଏହି ଘଟଣାରେ ବୟାନବାଜିକୁ ନାପସନ୍ଦ କରିଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂହ ସାଲୁଜା କହିଛନ୍ତି, ରାଜ୍ୟରେ ଗୋଇନ୍ଦା ବିଭାଗ ସମ୍ପୂର୍ଣ୍ଣ ବିଫଳ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଏସ୍ଓପି ଅନୁପାଳନ ହୋଇନାହିଁ। ନବ ଦାସ ବିଜେଡିକୁ ଯାଇ ନ ଥିଲେ ହୁଏତ ତାଙ୍କୁ ହତ୍ୟା କରାଯାଇ ନ ଥାନ୍ତା। ପଦ୍ମପୁର ଉପନିର୍ବାଚନ ବେଳେ ପାଇକମାଳ ଦାୟିତ୍ୱରେ ଥିବା ନବ ଦାସ ଦେଖା ହୋଇଥିଲେ। ଭଟଲୀ ବିଧାୟକ ସୁଶାନ୍ତ ସିଂହ ତାଙ୍କୁ ହରାଇବାକୁ ଚେଷ୍ଟା କରୁଥିବା କଥା ନବ କହୁଥିଲେ। ଏ ଘଟଣାକୁ ଖାମଖିଆଲି ଭାବେ ନିଆ ନ ଯାଉ ବୋଲି ସାଲୁଜା କହିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଥିଲେ, ଗୋପାଳ ଗୁଳି କରିଛନ୍ତି, ସୁପାରି କିଏ ଦେଇଛି; ତାହାର ତଦନ୍ତ ହେଉନାହିଁ। କେବଳ ଗୋପାଳ ପାଖରେ ତଦନ୍ତ ସୀମିତ। ଗୋପାଳକୁ ସୁପାରି ଦେଇଛି କିଏ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାପରେ ବିଜେଡି ସଭ୍ୟ ପଦ୍ମନାଭ ବେହେରା, ସୁଦାମ ମାରାଣ୍ଡି, ଲତିକା ପ୍ରଧାନ ନିଜ ବକ୍ତବ୍ୟ ରଖିଥିଲେ। ସେହିପରି ଭାଜପା ସଦସ୍ୟ ନାଉରି ନାୟକ, ସନାତନ ବିଜୁଳି, ମୁକେଶ ମହାଲିଙ୍ଗ ନବ ଦାସ ହତ୍ୟା ମାମଲାରେ ସିବିଆଇ ତଦନ୍ତ କରାଗଲେ ସତ୍ୟାସତ୍ୟ ଆସିପାରିବ ବୋଲି କହିଛନ୍ତି।

# ଲୋକଙ୍କ ସହଯୋଗରେ ବିକାଶ ପଥରେ ଓଡ଼ିଶା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**

**ଧନ୍ୟବାଦ ପ୍ରସ୍ତାବ ଆଲୋଚନା**

ଲୋକମାନଙ୍କ ଆସ୍ଥା ଓ ସମର୍ଥନରେ ଓଡ଼ିଶା ବିକାଶ ପଥରେ ଅଗ୍ରସର ହେଉଛି। ବିକାଶମୂଳକ ଏଜେଣ୍ଡା, ଅଭିବୃଦ୍ଧି ଓ ସଶକ୍ତ ବିକଶିତ ନୀତି ପାଇଁ ଆମ ସରକାର ଉପରେ ଓଡ଼ିଶାବାସୀ ଲଗାତର ଭରସା କରିଛନ୍ତି। ୨୦୦୦ରେ ଶାସନ ଭାର ନେବା ବେଳକୁ ରାଜ୍ୟ ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲା। ବିଭିନ୍ନ ସମୟରେ ବାତ୍ୟା ଓ ମହାମାରୀକୁ ସମ୍ମୁଖୀନ ହୋଇ ଆସିଛୁ। ଜନସାଧାରଣ ଉତ୍ସର୍ଗୀକୃତ ଭାବେ ସମର୍ଥନ କରି ଆସିଛନ୍ତି। ଜନସାଧାରଣଙ୍କ ସମର୍ଥନ ଓ ସହଯୋଗରେ ପ୍ରତ୍ୟେକ ସମସ୍ୟାକୁ ଆଡେଇବାରେ ସଫଳ ହୋଇଛୁ। ଗୁରୁବାର ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାର ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିକାଶ ଓ ରୂପାନ୍ତରଣ ପାଇଁ '୫-ଟି' ନୀତି ଆପଣାଇଛନ୍ତି। ହକି ବିଶ୍ୱକପ୍ ସଫଳତାର ସହ ଆୟୋଜନ କରି ଓଡ଼ିଶା ସାରା ବିଶ୍ୱର ପ୍ରଶଂସା ସାଉଁଟିଛି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। କୋଭିଡ୍ ପ୍ରତିବନ୍ଧକ ସତ୍ତ୍ୱେ ୧୫ ମାସ ମଧ୍ୟରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ ହେବା ଏକ ବଡ଼ ଉପଲବ୍ଧି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମେକ୍ଇନ୍ଓଡ଼ିଶା କନ୍‌କ୍ଲେଭ ସଫଳ ହୋଇଛି। ସ୍ଥିର ସରକାର ଓ ନୂଆ ଶିଳ୍ପନୀତି-୨୦୨୨ ପାଇଁ ରାଜ୍ୟରେ ନିବେଶ ଲାଗି ପୁଞ୍ଜିପତିମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଆସନ୍ତା ୫ ବର୍ଷରେ ଓଡ଼ିଶା ପୂର୍ବଭାରତର ଶିଳ୍ପ ହବ୍‌ରେ ପରିଣତ ହେବ। କୃଷିକ୍ଷେତ୍ରରେ ସରକାର ଅଧିକ ପାଣ୍ଠି ଖର୍ଚ୍ଚ କରୁଛନ୍ତି। 'କାଳିଆ' ଓ 'ବଳରାମ' ଭଳି ଯୋଜନା ଆୟ ବୃଦ୍ଧି ସହ ଚାଷୀଙ୍କୁ ବେଶ୍ ସହାୟକ ହେଉଛି। ଚଳିତ ବର୍ଷ ଅନେକ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହାର ସୁଫଳ ଆଗକୁ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ରୂପାନ୍ତରଣରେ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିହୋଇଛି। ରାଜ୍ୟର ବହୁତ ହାଇସ୍କୁଲ ୫-ଟି ଅଧୀନରେ ନୂଆ ରୂପ ପାଇଛି। ଉଚ୍ଚଶିକ୍ଷାରେ ଗୁଣାତ୍ମକ ମାନ ବୃଦ୍ଧି ଘଟିଛି। ମୋ ସ୍କୁଲ ଓ ମୋ କଲେଜ ଅଭିଯାନକୁ ପୁରାତନ ଛାତ୍ରୀଛାତ୍ରମାନେ ସମର୍ଥନ ଦେଇଛନ୍ତି। ପ୍ରତି ଘରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୨୪ ସୁଦ୍ଧା ସବୁ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନାରେ ଓଡ଼ିଶା ନୂଆ ପରିଚୟ ସୃଷ୍ଟି କରିଥିବା ବେଳେ ଆସନ୍ତା ଡିସେମ୍ବର ସୁଦ୍ଧା ସହରାଞ୍ଚଳର ଶତ ପ୍ରତିଶତ ପରିବାରକୁ ପାଇପ ପାଣି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜାଗା ମିଶନରେ ମୋ ସରକାରକୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିଛି। ବସ୍ତି ବାସିନ୍ଦାକୁ ଜମି ଅଧିକାର ଦେଇ ଥଇଥାନ କରି ସରକାର ସହରକୁ ବସ୍ତିମୁକ୍ତ କରିବାକୁ ଯାଉଛନ୍ତି। ଏଥିପାଇଁ ଜାତିସଂଘ ୱାର୍ଲଡ ହାବିଟାଟ୍ ବ୍ରୋଞ୍ଜ ପୁରସ୍କାର ପ୍ରଦାନ କରିଛି। ମିଶନ ଶକ୍ତିକୁ ଆହୁରି ଉପରକୁ ନେବା ପାଇଁ ସରକାର ନୂଆ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ପାଇଁ ମମତା, ସୋପାନ, ପ୍ରାରମ୍ଭ ଭଳି ଯୋଜନା ହାତକୁ ନେଇଛନ୍ତି।

ତଫସିଲଭୁକ୍ତ ଜାତି ଓ ଜନଜାତିର ସାମଗ୍ରିକ ବିକାଶ ପାଇଁ ସରକାର ନିଷ୍ଠାବାନ ହୋଇ କାମ କରୁଛନ୍ତି। ଜଙ୍ଗଲ ବୃଦ୍ଧିରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇଥିବା ବେଳେ ପରିବେଶ, ପ୍ରାକୃତିକ ସମ୍ପତ୍ତି, ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ଉଦାହରଣ ସୃଷ୍ଟି କରିଛି। ଜନସାଧାରଣଙ୍କୁ ଦୁଆର ମୁହଁରେ ଓ ଧାର୍ଯ୍ୟ ସମୟରେ ସରକାରୀ ସେବା ଯୋଗାଣ ପାଇଁ ମୋ ସରକାର କାର୍ଯ୍ୟ କରୁଛି। ଏହା ଜନସାଧାରଣଙ୍କୁ ସରକାରୀ ସେବା ଯୋଗାଇବାରେ ସହାୟକ ହେଉଛି। ଉପଯୁକ୍ତ ବିତ୍ତୀୟ ପରିଚାଳନା ପାଇଁ ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ ତାଲିକାରେ ଅଛି। ରାଜ୍ୟକୁ ବଡ଼ ବଡ଼ ନିବେଶର ସୁଅ ଛୁଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଜମି ବିକିବାକୁ ଭୁବନେଶ୍ୱରକୁ ରାଜଧାନୀ କରିଥିଲେ

**ଭୁବନେଶ୍ୱର, ୨୩।୨(ବ୍ୟୁରୋ):** ଜିରୋ ଆୱାର ଆଲୋଚନା ସମୟରେ ସୁର ରାଉତରାୟ ତାଙ୍କ ଅଞ୍ଚଳର ଜମିକୁ ଇଡ୍‌କୋ ଜବରଦଖଲ କରି ନେଉଥିବା କଥା କହି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ। ଉକ୍ତ ପ୍ରସଙ୍ଗରେ ସେ କହିବା ସମୟରେ ହରେକୃଷ୍ଣ ମହତାବ କାହିଁକି ଭୁବନେଶ୍ୱରକୁ ରାଜଧାନୀ କଲେ କେଜାଣି ବୋଲି ମଜାରେ କହିଥିଲେ। ଏତିକି ବେଳେ ପାଖରେ ବସିଥିବା କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଥିଲେ, ଜମି ବିକ୍ରି କରିବାକୁ ଭୁବନେଶ୍ୱରକୁ ସେ ରାଜଧାନୀ କରିଥିଲେ।




ମାସିକ ଭତ୍ତା ୩ହଜାର ଟଙ୍କାକୁ ବୃଦ୍ଧି ଦାବିରେ ଓଡ଼ିଶା ରାଜ୍ୟ ଆବାହକ ଉତ୍ତରାଧିକାରୀ ମହାସଂଘ ପୁରୀର ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ଭୁବନେଶ୍ୱର ରାଜଭବନ ସମ୍ମୁଖରେ ଗୁରୁବାର ବିକ୍ଷୋଭ। ୨୦୧୮ରୁ ଏହି ଅନ୍ଦୋଳନ ଜାରି ରହିଛି। **(ଫଟୋ-ମନୋରଞ୍ଜନ)**

# ଶୂନ୍ୟକାଳରେ ଶାସକ ଦଳକୁ ଟାର୍ଗେଟ

**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**

- **୪୬ ବିଧାୟକ, ମନ୍ତ୍ରୀଙ୍କ ବିରୋଧରେ ୧୮୦ ଆପରାଧିକ ମାମଲା: ଜୟନାରାୟଣ**
- **ଜୟନାରାୟଣଙ୍କ ମନ୍ତବ୍ୟର ସ୍ପଷ୍ଟୀକରଣ ଦାବିକଲେ ନରସିଂହ**
- **ବିରୋଧୀ ଦଳ ନେତାଙ୍କ କିଛି ମନ୍ତବ୍ୟ ରେକର୍ଡରୁ ବାଦ୍ ଦିଆଯାଉ: ଅମର**

ବିଧାନସଭା ବଜେଟ ଅଧିବେଶନ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମରୁ ହିଁ ନବ ଦାସ ହତ୍ୟାକାଣ୍ଡ ଘଟଣାରେ ବିଜେଡି, ଭାଜପା ଏବଂ କଂଗ୍ରେସ ନେତାଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଛି। ତେବେ ନିକଟରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ନବ ଦାସଙ୍କ ହତ୍ୟା ଘଟଣାରେ ବିଜେଡି ନେତାଙ୍କ ବିରୋଧରେ କଡ଼ା ପ୍ରତିକ୍ରିୟା ରଖିଥିଲେ। ଏହାର ପ୍ରତି ଜବାବରେ ବିଜେଡି ନେତାଙ୍କ ସମେତ କେତେଜଣ ମନ୍ତ୍ରୀ ମଧ୍ୟ ପାଲଟା ଜୟନାରାୟଣଙ୍କ ବିରୋଧରେ ଜବାବ ରଖି ସେ ଜଣେ ଅଭ୍ୟାସଗତ ଅପରାଧୀ ବୋଲି କହିଥିଲେ। ଉକ୍ତ କଥାକୁ ନେଇ ଗୁରୁବାର ବିଧାନସଭାର ଜିରୋ ଆୱାର (ଶୂନ୍ୟକାଳରେ) ଆଲୋଚନା ଚାଲିଥିବା ବେଳେ ବିରୋଧୀ ଦଳ ନେତା ଶାସକ ଦଳ ଉପରେ ବର୍ଷିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ଜୟନାରାୟଣ କହିଥିଲେ, ବିଧାନସଭାରେ ତାଙ୍କ ବାବଦରେ ମନ୍ତ୍ରୀ, ଶାସକ ଦଳ ସଦସ୍ୟ ବିଭିନ୍ନ କଥା ଉଠାଇଥିବାରୁ ସେ କିଛି କହିବାକୁ ବାଧ ହେଉଛନ୍ତି। ସେମାନେ ବୁଝିବା ଦରକାର ଶାସକ ଦଳର ୪୬ ବିଧାୟକ, ମନ୍ତ୍ରୀଙ୍କ ନାଁରେ ୧୮୦ଟି ଆପରାଧିକ ମାମଲା ବିଚାରାଧୀନ ରହିଛି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ନାଁରେ ଆଇପିସି ଦଫା ୩୦୭ (ହତ୍ୟା ଉଦ୍ୟମ) ଭଳି ସଙ୍ଗୀନ ଦଫା ଲାଗିଛି। ରାଜନୀତି କଲେ ସେମିତି ବିଭିନ୍ନ ମାମଲା ଲାଗିବ। ତାଙ୍କ ବିରୋଧରେ ଯେଉଁ ମାମଲା ରହିଛି ବୋଲି ଶାସକ ଦଳର ନେତାମାନେ କହୁଛନ୍ତି ସେନେଇ ସମୀକ୍ଷା ହେବା ଦରକାର। ଖୋଲାମଞ୍ଚରେ ସେ ବିଷୟରେ ଆଲୋଚନା ହେଉ। ସେଥିଲାଗି ସେ ପ୍ରସ୍ତୁତ ଅଛନ୍ତି। ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଭଳି ଜ୍ଞାନୀଗୁଣୀ ଲୋକଙ୍କ ନାଁରେ ୧୯ଟି ମାମଲା ରହିଛି ଏବଂ ବିଧାୟକ ବ୍ରଜ ପ୍ରଧାନଙ୍କ ବିରୋଧରେ ୨୯ଟି ମାମଲା ରହିଛି। ଶାସକ ଦଳର ଜଣେ ମନ୍ତ୍ରୀ କହୁଛନ୍ତି, ଜୟନାରାୟଣ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହତ୍ୟା କରିଥାଇପାରନ୍ତି। ଏହାର ଅର୍ଥ ମନ୍ତ୍ରୀ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଚାହୁଁଛନ୍ତି। ବିଧାନସଭା ସମ୍ମାନ ଦୃଷ୍ଟିରୁ ଏକତ୍ରିତ ହେବାର ଆବଶ୍ୟକତା ରହିଛି ବୋଲି ଜୟନାରାୟଣ କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଜିରୋ ଆୱାର ଆଲୋଚନା ସମୟରେ ପ୍ରଥମେ ନିକଟରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଦେଇଥିବା ଏକ ମନ୍ତବ୍ୟ ବିଷୟରେ କହି ଏହାର ସ୍ପଷ୍ଟୀକରଣ ଚାହିଁଥିଲେ। ଏହାସହ ସେ କହିଥିଲେ, ସରକାରୀ ଅଧିକାରୀମାନେ ଟେଲିଫୋନ କଲେ ଉଠାଉନାହାନ୍ତି। ଚିଠି ଦେଲେ ଉତ୍ତର ଦେଉନାହାନ୍ତି। ସେମାନେ ଟେଲିଫୋନ ଉଠାଇବା ସହ ଚିଠିର ଉତ୍ତର ଦେବାକୁ ବାଧ୍ୟ। ଏବେ ଦେଖାଯାଉଛି ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ବହୁ ପ୍ରକଳ୍ପର ଶୁଭ ଦେଉଛନ୍ତି ଏବଂ ଉଦ୍‌ଘାଟନ କରୁଛନ୍ତି। ସେଠି ଯେଉଁ ପ୍ରକଳ୍ପ ଫଳକ ରହୁଛି ସେଥିରେ ସ୍ଥାନୀୟ ବିଧାୟକଙ୍କ ନାଁ ରହୁନାହିଁ। ଯେଉଁ ପ୍ରକଳ୍ପର ସେ ଶୁଭ ଦେଉଛନ୍ତି ତା'ର ଟେଣ୍ଡର ହେଉନାହିଁ। ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସମୟରେ ସ୍ଥାନୀୟ ବିଧାୟକଙ୍କ ନାଁ ଫଳକରେ ରଖିବା ସହ ତାଙ୍କ ଦ୍ୱାରା ଉଦ୍‌ଘାଟନ କରିବା ଲାଗି ସର୍କୁଲାର ଜାରି କରାଯାଉ। ଏହାକୁ ହାଲୁକା ଭାବେ ନେବା ଉଚିତ ନୁହେଁ, କାରଣ ଏହା ଗୃହର ସମ୍ମାନ ବୋଲି ସେ କହିଛନ୍ତି। ଏହାପରେ ବିରୋଧୀ ଦଳ ନେତା ଜୟନାରାୟଣ କଂଗ୍ରେସ ନେତା ନରସିଂହ ଉଠାଇଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ପୂର୍ବରୁ ବହୁ ବିରୋଧୀ ଦଳ ନେତାଙ୍କୁ ମ୍ୟାନେଜ କରାଯାଉଥିଲା। ଯେହେତୁ ତାଙ୍କୁ ମ୍ୟାନେଜ କରାଯାଇପାରୁ ନାହିଁ ସେଥିଲାଗି ତାଙ୍କ ବିରୋଧରେ ଶାସକ ଦଳ ପକ୍ଷରୁ ଜାଣିଶୁଣି ମିଥ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହା କାହାକୁ ଆଘାତ ଦେବା ଉଦ୍ଦେଶ୍ୟରେ କହି ନ ଥିଲେ। ଏହାପରେ ଶାସକ ଦଳ ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି, ବିରୋଧୀ ଦଳ ନେତା କେତେଜଣ ନେତାଙ୍କ ବିରୋଧରେ ଯେଉଁ ମାମଲା ରହିଛି ବୋଲି କହିଲେ ଏବଂ ହିସାବ ଦେଲେ ଏହା ଠିକ୍ ନୁହେଁ। ଏହାଦ୍ୱାରା ସମସ୍ତଙ୍କ ସମ୍ମାନ କ୍ଷୁଣ୍ଣ ହେବ। ତେଣୁ ସେ କଥାଗୁଡ଼ିକୁ ରେକର୍ଡରୁ ବାଦ୍ ଦେବାକୁ ସେ ବାଚସ୍ପତିଙ୍କ ଅନୁରୋଧ କରିଥିଲେ।


**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-45(07)/SERIFED/2022-23/299 Date: 23.02.2023

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 01 no of the work at Khirachora Gopinath Temple Road, Remuna, Balasore. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 28.02.2023 to 17.00 hours up to dt. 11.03.2023**. Online bids shall be received **till 17.00 hours dt. 11.03.2023** & shall be opened **at 11.30 AM on Dt. 13.03.2023**. Any addendum / corrigendum / cancellation of tender can also be seen in the said website.

Sd/-
**MANAGING DIRECTOR**

**PARADIP PORT AUTHORITY**
**e-TENDER CALL NOTICE**
No: CE/HW-II-W-01-23/44 Dt.17.02.2023
Name of the work: **Construction of South Breakwater Extension, Groynes and Breakwater Toe Protection Wall at Paradip Port.**
Estimated cost: **Rs.508.52 Crores.**
Last Date & time of submission: **29.04.2023 upto 17:15 Hrs.**
Refer our website for details : eprocure.gov.in/eprocure/app.
**Executive Engineer, HWD-II, PPA**
PPA/PR/225/2022-2023 dtd.22.02.2023

**बैंक ऑफ़ इंडिया Bank of India BOI**
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍ -୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ଦଖଲକୁ** ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଣୀହାଟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ରାଣୀହାଟ ଶାଖା/ ଋଣଗ୍ରହୀତା/ ଜାମିନଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଭୋଲେଶଙ୍କର ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରିୟବ୍ରତ ଦାସ, ପିତା: ହରେକୃଷ୍ଣ ଦାସ, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବଜ୍ରକବାଟି ରୋଡ୍, କଟକ-୭୫୩୦୦୧ / ଜାମିନଦାର: ଶ୍ରୀ ଦେବବ୍ରତ ଦାସ, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବଜ୍ରକବାଟି ରୋଡ୍, କଟକ | ଟ.୧୫,୪୯,୭୩୭.୦୨ +ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୯.୦୯.୨୦୨୨ / ୨୦.୦୨.୨୦୨୩ | ଶ୍ରୀ ଦେବବ୍ରତ ଦାସ ଏବଂ ଶ୍ରୀ ପ୍ରିୟବ୍ରତ ଦାସଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୨୦୫/୯୫୭, ପ୍ଲଟ୍ ନଂ.: ୧୭୭୯/୩୮୩୬, ଅନୁରୂପ ହାଲ ଖାତା ନଂ.: ୩୫୫, ପ୍ଲଟ୍ ନଂ.: ୧୭୭୯, ଅନୁରୂପ ସାବକ ଖାତା ନଂ.: ୧୦୭୯, ପ୍ଲଟ୍ ନଂ.: ୨୬୮୦, କିସମ: ଘରବାରୀ-୨, ତଳ ମହଲା, ଶ୍ରୀକୁଞ୍ଜ ଆପାର୍ଟମେଣ୍ଟ, ମାଳିସାହି, ବଜ୍ରକବାଟି ରୋଡ୍, ସାମନ୍ତ ସାହି, ତହସିଲ: କଟକ ନଂ.: ୨୨୩, ଥାନା: ପୁରୀଘାଟ, ଥାନା ନଂ.: ୨, ହାଲ ମୌଜା: କଟକ ସହର ୟୁନିଟ-୨୩, ସାମନ୍ତ ସାହି, ଏସ୍ଆରଓ: କଟକ, ଜିଲ୍ଲା: କଟକ, ଫ୍ଲାଟର ବିଲ୍ଟଅପ୍ ଏରିଆ: ୧୧୨୦ବର୍ଗଫୁଟ, ଜମିର ଅବିଭକ୍ତ ଅନୁପାତର କ୍ଷେତ୍ର: ଏକର୦.୦୧୪ଡିସିମିଲ, (୩ବିଏଚ୍‌କେ ଫ୍ଲାଟ ତଳ ମହଲା), ଏହାର ଚାରିପାର୍ଶ୍ୱରେ-ଉତ୍ତର: ରାସ୍ତା, ଦକ୍ଷିଣ: ଜ୍ୟୋତ୍ସ୍ନା ମିତ୍ର ଏବଂ ଅନ୍ୟମାନେ (ପ୍ଲଟ୍ ନଂ.: ୧୭୭୯ଅଂଶ), ପୂର୍ବ: ତ୍ରିଲୋଚନ ମଲ୍ଲିକ, ପଶ୍ଚିମ: ସୁକୁଲତା ସାହୁ ଏବଂ ଭିକାରୀ ଚରଣ ନାୟକ |

ତାରିଖ : ୨୩.୦୨.୨୦୨୩, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI**
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡି, ନୟାପଲ୍ଲୀ, ଜୟଦେବ ବିହାର, ଭୁବନେଶ୍ୱର-୧୫
**ଦଖଲ ବିଜ୍ଞପ୍ତି**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର[ରୁଲ୍-୮(୧)]

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୧୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଗୁଡିକ **ଦଖଲକୁ** ନିଆଯାଇଛି। ତେଣୁ ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭିଏସ୍ଏସ୍ ନଗର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଭିଏସ୍ଏସ୍ଏସ୍ ନଗର ଶାଖା / ଋଣଗ୍ରହୀତା: ଶ୍ରୀ ରାଜୀବ କୁମାର ରାଉତ, ପିତା: ଶତ୍ରୁଘ୍ନ ରାଉତ, ସା/ପୋ: ବାହାଙ୍ଗା, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୨ | ତା.୦୬.୦୨.୨୦୨୨ ସୁଦ୍ଧା ଟ.୨୦,୫୯,୩୭୮.୦୬ + ସେବାବଦ ସୁଧ ଏବଂ ତତ୍‌ପରବର୍ତ୍ତୀ ଖର୍ଚ୍ଚ | ୧୩.୧୨.୨୦୨୨ / ୨୦.୦୨.୨୦୨୩ | ଶ୍ରୀ ରାଜୀବ କୁମାର ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୧୩/୨୨୨୬, ପ୍ଲଟ୍ ନଂ.: ୬୫୦/୬୧୬୩ (୦.୦୧୪ ଡିସିମିଲି) ଏବଂ ୬୪୯/୬୧୬୨ (୦.୦୧୩ ଡିସିମିଲି), ସମୁଦାୟ କ୍ଷେତ୍ର: ୦.୦୨୭ ଡିସିମିଲି, କିସମ: ଘରବାରୀ, ମୌଜା: ବରମୁଣ୍ଡା, ଥାନା: ଖଣ୍ଡଗିରି, ଏସ୍ଆରଓ: ଭୁବନେଶ୍ୱର, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୬୪୯ (ଅଂଶ) ଏବଂ ପ୍ଲଟ୍ ନଂ.: ୬୫୦ (ଅଂଶ), ପୂର୍ବ: ପ୍ଲଟ୍ ନଂ.: ୬୪୯ (ଅଂଶ) ଏବଂ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୫୦ (ଅଂଶ) |

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୩.୦୨.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय पेयजल एवं स्वच्छता प्रमंडल, मेदिनीनगर**
**ई–प्रोक्योरमेंट अल्पकालीन निविदा आमंत्रण सूचना**
**(1th Call)**

निविदा सूचना संख्या – **DWSD/SVS (JJM)/Med-36/2022-23** दिनांक 22.02.2023

| Sl.No. | Name of Work / Group No. | No. of Schemes | Estimated Cost (Rs.) | Bid Security (Rs.) | Cost of BOQ (Rs.) | Time of Completion |
|---|---|---|---|---|---|---|
| 1 | केन्द्र प्रायोजित योजना "जल जीवन मिशन" के अन्तर्गत :– Construction of Rural Pipe Water Scheme through DT/ HYDT/GPT (Solar Based) 01/2.0 H.P. D.C Motor Pump complete set for different tolas of concern villages which is not included in MVS and has no electricity or less electricity to supply water 2000 LPH maximum at least 15/30 year for 24x7 supply with 100% coverage by Tap water Facility under JJM for the year 2022-23. | | | | | |
| (i) | **Kachan group** of svs scheme under Panchayat Ramgarh, Block Ramgarh **(Group No. 01)** | 14 | 14837141.00 | 297000.00 | 10000.00 | 06 Month |
| (ii) | **Karma group** of svs scheme under Panchayat Dhawadih, Block Satbarwa **(Group No. 02)** | 14 | 15157809.00 | 304000.00 | 10000.00 | 06 Month |
| (iii) | **Ramgarh group** of svs scheme under Panchayat **Ramgarh**, Block Ramgarh **(Group No. 03)** | 20 | 19240186.00 | 385000.00 | 10000.00 | 06 Month |
| (iv) | **Nimiya group** of svs scheme under Panchayat **Guri**, Block Bishrampur **(Group No. 04)** | 11 | 11454623.00 | 230000.00 | 10000.00 | 06 Month |
| (v) | **Baghi group** of svs scheme under Panchayat **Uldanda**, Block Ramgarh **(Group No. 05)** | 10 | 11576843.00 | 232000.00 | 10000.00 | 06 Month |
| (vi) | **Rewaratu group** of svs scheme under Panchayat **Rewaratu**, Block Satbarwa **(Group No. 06)** | 11 | 14868830.00 | 298000.00 | 10000.00 | 06 Month |
| (vii) | **Guri group** of svs scheme under Panchayat **Guri**, Block Bishrampur **(Group No. 07)** | 12 | 11647885.00 | 233000.00 | 10000.00 | 06 Month |
| (viii) | **Sarja group** of svs scheme under Panchayat **Ramgarh**, Block Ramgarh **(Group No. 08)** | 9 | 9682785.00 | 194000.00 | 10000.00 | 03 Month |
| | Total :- | 101 Nos. | | | | |
| 2 | Date & time of Tender Uploading on Website | **28.02.2023 / 12.30 P.M.** | | | | |
| 3 | Date & time of Document Download start date | **28.02.2023 / 12.35 P.M.** | | | | |
| 4 | Last date & time of Bid Submission | **10.03.2023 / 05.00 P.M.** | | | | |
| 5 | Last date time of Submission Cost of BOQ and EMD (in Hard Copy) | **11.03.2023 / 05.00 P.M.** 1. Office of the Superintending Engineer, DW&S Circle, Medininagar 2. Office of the Executive Engineer, DW&S Division, Medininagar | | | | |
| 6 | Date & time of Opening Tender | **13.03.2023 / 04.00 P.M.** | | | | |
| 7 | Name & Address of Office inviting tender | Executive Engineer, DW&S Division, Medininagar | | | | |
| 8 | Name & Address of Tender Opening officer | Executive Engineer, DW&S Division, Medininagar | | | | |
| 9 | Contact No. of Procurement office | 9835068475 | | | | |
| 10 | Help No. of e-Procurement Cell | 0651-2490920 | | | | |

नोटः– 1. विभागीय स्वीकृत्यादेश सं0–231 (स्वी0) रांची, दिनांक 14.02.2023
2. निविदा की प्राक्कलित राशि घट–बढ़ सकती है। तत्पश्चात अग्रधन की राशि देय मान्य होगा।
विस्तृत जानकारी हेतु वेबसाइट http://jharkhandtenders.gov.in पर देखा जा सकता है।

कार्यपालक अभियंता,
पेयजल एवं स्वच्छता प्रमंडल, मेदिनीनगर।

PR 291087 Drinking Water and Sanitation(22-23)D

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୭୧ତମ ଜାତୀୟ ସହର ଓ ଦେଶ ପ୍ଲାନରଙ୍କ ସମ୍ମିଳନୀ, ମେ'ଫେୟାର, ସକାଳ ୯ଟା ୩୦।
- ୯ମ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ୍, ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୦ଟା।
- ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର ସ୍ଥାପନ ଉଦ୍‌ଘାଟନ, ଜୟଦେବ ବିହାର ଲେନ୍ ନଂ.-୫, ମଧ୍ୟାହ୍ନ ୧୨ଟା।
- ଆଦିବାସୀ ମେଳା ୨୦୨୩, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୨ଟା ୩୦।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା ଉଦ୍‌ଘାଟିତ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରହ୍ନ ୫ଟା ୩୦।
- କାନ୍ତକବି ସ୍ମୃତି ପରିଷଦ, ଭୁବନେଶ୍ୱର ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ, ଭାରତୀୟ ବିଦ୍ୟା ଭବନ, ୟୁନିଟ୍-୩, ଅପରାହ୍ନ ୫ଟା ୩୦।
- କଳିଙ୍ଗ କଲେଜ ଅଫ୍ ଆର୍ଟର ପ୍ରତିଷ୍ଠା ଦିବସ, ବୁଦ୍ଧ ଆର୍ଟ ଗ୍ୟାଲେରୀ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।
- ନୃତ୍ୟାୟନ ପକ୍ଷରୁ ମୀରା ନୃତ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ସୁଭାଷ ସଂଗଠନ ପକ୍ଷରୁ ପ୍ରତିବାଦ, ସୃଷ୍ଟି ହସ୍ପିଟାଲ ମଙ୍ଗଳାବାଗ, ରିଂ ରୋଡ଼, ପୂର୍ବାହ୍ନ ୧୦ଟା।
- ଓରମାସ୍ ପକ୍ଷରୁ କ୍ରେତା ଓ ବିକ୍ରେତାଙ୍କ ସାକ୍ଷାତ ଏବଂ ତାଲିମ କାର୍ଯ୍ୟକ୍ରମ, ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ପୂର୍ବାହ୍ନ ୧୦ଟା ୪୫।
- ବନ୍ଧୁପୁର ଗଣ କ୍ରିୟାନୁଷ୍ଠାନ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଓରାଲ କ୍ୟାନ୍ସର ଓ ମାଇକ୍ରୋ ଭାସ୍‌କୁଲାର ରିକନ୍ଷ୍ଟ୍ରକ୍ସନ ଉପରେ କର୍ମଶାଳାର ଉଦ୍‌ଘାଟନ, ଏସ୍‌ସିବି ମେଡିକାଲ ଓ ହସ୍ପିଟାଲ ପ୍ରେକ୍ଷାଳୟ, ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ଷ୍ଟେଟ୍ ଫେସିଂ ଆସୋସିଏଶନ ପକ୍ଷରୁ ୨ୟ ପର୍ଯ୍ୟାୟ ଖେଲୋ ଇଣ୍ଡିଆ ଓମେନ୍‌ସ ଲିଗ୍ ଟୁର୍ନାମେଣ୍ଟ, ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍, ଅପରାହ୍ନ ୪ଟା।

**ପୁରୀ**

- ଖିମ୍‌ଜୀ ଜୁଏଲାରୀ ଶୋ'ରୁମ୍‌ର ଉଦ୍‌ଘାଟନ, ଭିଆଇପି ରୋଡ, ପୂର୍ବାହ୍ନ ୧୧ଟା ୩୦।

# ୨ ବର୍ଷରେ ୫୦ରୁ ଅଧିକ ଠକ ଗିରଫ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ରାଜ୍ୟରେ ଦିନକୁ ଦିନ ଶିକ୍ଷିତ ବେକାରି ସଂଖ୍ୟା ବଢ଼ି ଚାଲିଛି। କଟକ, ଭୁବନେଶ୍ୱର ଭଳି ସହରକୁ ଆସି ଚାକିରି ସନ୍ଧାନରେ ବର୍ଷ ବର୍ଷ ବିତୁଛି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ଖୁବ୍ କମ୍ ଯୁବତୀଯୁବକ ଚାକିରି ପାଉଥିବାବେଳେ ଅଧିକାଂଶ ହତାଶ ହୋଇ ଇଣ୍ଟରନେଟ୍‌ରେ ସର୍ଚ୍ଚ କରିବା ସହ ବିଭିନ୍ନ ନିଯୁକ୍ତିକାରୀ ସଂସ୍ଥାକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ଏହାର ସୁଯୋଗ ନେଇ ରାଜ୍ୟରେ ଚାକିରି ନାଁରେ ଏକାଧିକ ଠକେଇ ର୍‍ୟାକେଟ ସକ୍ରିୟ ହୋଇଉଠିଛି। ଏହାର ଚେର ରାଜଧାନୀରୁ ବାହାର ଜିଲା ଓ ରାଜ୍ୟକୁ ଲମ୍ବିଛି। ବିଶେଷକରି କରୋନାଠାରୁ ଏହି ଠକେଇ ମାମଲା ବଢ଼ିଚାଲିଛି। ଠକମାନେ ଚାକିରି ଆଶାୟୀଙ୍କୁ ଟାର୍ଗେଟ କରିବା ସହ ନାନା ଉପାୟରେ ଫସାଇ କୋଟି କୋଟି ଟଙ୍କା ଠକି ନେବାରେ ସକ୍ଷମ ହେଉଛନ୍ତି। ବିଶେଷକରି ସୋସିଆଲ ମିଡିଆକୁ ପ୍ରମୁଖ ମାଧ୍ୟମକରି ବେକାର ଯୁବତୀଯୁବକଙ୍କୁ ଶୋଷଣ କରୁଥିବା ନଜିର ରହିଛି। କେତେବେଳେ ନିଜକୁ ବଡ ଅଧିକାରୀଙ୍କ ପରିଚୟ ଦେଇ ତ ପୁଣି କେତେବେଳେ ସରକାରୀ ୱେବ୍‌ସାଇଟକୁ ନକଲ କରି ଜାଲ ବିଛାଉଛନ୍ତି। ବିଶ୍ୱାସ ଜନ୍ମାଇବା ଲାଗି ଗଣମାଧ୍ୟମରେ ଲୋଭନୀୟ ବିଜ୍ଞାପନ ଦେଉଛନ୍ତି। ଚିନ୍ତା ଓ ମାନସିକ ସ୍ତରରେ ଦୁର୍ବଳ ହୋଇପଡିଥିବା ଚାକିରି ଆଶାୟୀମାନେ ଲୋଭରେ ପଡି ଠକଙ୍କ ମାୟାଜାଲାରେ ପଡି ଟଙ୍କା, ସାର୍ଟିଫିକେଟ ଆଦି ହରାଇବା ସହ ଏଥିପାଇଁ ବହୁ ସମୟ ବରବାଦ କରୁଛନ୍ତି। ଅନେକ ବେକାର ଯୁବତୀଯୁବକ ମଧ୍ୟ ନେଟ୍‌ୱର୍କ ବ୍ୟବସାୟରେ ଫସି ବରବାଦ ହେଉଥିବା ଦେଖାଯାଉଛି। ଏନେଇ ଠକେଇର ଶିକାର ବେକାର ଯୁବତୀଯୁବକଙ୍କ ମଧ୍ୟରୁ ଅନେକେ ପୋଲିସର ସାହାରା ନେଉଥିବାବେଳେ ଆଉ କେତେଜଣ ସମ୍ମାନ ଯିବା ଓ ଥାନାକୁ ଯାଇ ହଟହଟା ନ ହେବା ପାଇଁ ଅଭିଯୋଗ କରୁନାହାନ୍ତି। ତେବେ ଅଭିଯୋଗ ଆଧାରରେ ଗତ ୨ ବର୍ଷରେ ଚାକିରି ନାଁରେ ଠକେଇ କରିଥିବା ୫୦ରୁ ଅଧିକ ଠକଙ୍କୁ ଗିରଫ କରିଛି କମିଶନରେଟ ପୋଲିସ ଓ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା।

### ଚାକିରି ନାଁରେ ଠକେଇ ର୍‍ୟାକେଟ୍ ସକ୍ରିୟ

### ଚାକିରି ଆଶାୟୀଙ୍କଠାରୁ ଠକିନେଇଛନ୍ତି ବହୁ କୋଟି ଟଙ୍କା

ଗତ ଜାନୁୟାରୀ ୩୦ରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ମାଷ୍ଟରମାଇଣ୍ଡ୍ ସମେତ ୩ ସହଯୋଗୀଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଏମ୍ସର ଏଚ୍ଆର ପରିଚୟ ଦେଇଥିଲେ। ଏମ୍‌ସରେ ଟିକେଟ କଲେକ୍ଟରେ ଚାକିରି କରାଇଦେବାକୁ କହି ୮ଜଣ ଆଶାୟୀଙ୍କଠାରୁ ୨ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଗତବର୍ଷ ଡିସେମ୍ବର ୩୧ରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ,ଗୁଜରାଟ, କର୍ନାଟକ, ଆନ୍ଧ୍ରପ୍ରଦେଶରେ ଜାଲ ବିଛାଇ ଚାକିରି ଆଶାୟୀଙ୍କଠାରୁ ବହୁ କୋଟି ଟଙ୍କା ଚଳୁ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ଉତ୍ତରପ୍ରଦେଶ ଆଲିଗଡ଼ରୁ ଗିରଫ କରିଥିଲା। ଅଭିଯୁକ୍ତ ଠକ ସରକାରୀ ୱେବ୍‌ସାଇଟ୍‌ର ଅବିକଳ ନକଲ ପ୍ରସ୍ତୁତ କରୁଥିଲେ। ଫଳରେ ଚାକିରି ଆଶାୟୀମାନେ ଉକ୍ତ ୱେବ୍‌ସାଇଟ୍‌କୁ ସରକାରୀ ଭାବି ବିଭିନ୍ନ ପଦପଦବୀ ଲାଗି ପରୀକ୍ଷା ପାଇଁ ସେଥିରେ ରେଜିଷ୍ଟ୍ରେଶନ କରୁଥିଲେ। ବିଭିନ୍ନ ପର୍ଯ୍ୟାୟରେ ଟ୍ରେନିଂ, ପରୀକ୍ଷା ଫି ବାବଦକୁ ୩ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଠକି ନେଉଥିଲେ। ଗତବର୍ଷ ନଭେମ୍ବର ୧୮ରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଠକଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଠକ ଆଇସିଆଇସି ବ୍ୟାଙ୍କ ଓ ଏଏସ୍‌ଓରେ ଚାକିରି ଦେବାକୁ କହି ଜଣେ ଆଶାୟୀଙ୍କଠାରୁ ୪ ଲକ୍ଷ ୩୧ ହଜାର ୫୦୦ ଟଙ୍କା ଚୂନା ଲଗାଇଥିଲେ। ଫେବୃୟାରୀ ୧୭ରେ ପାହାଳ ଥାନା ପୋଲିସ ଜଣେ ଚାକିରି ଠକ କଟକ ଜିଲାର ରଞ୍ଜନ କୁମାର ନାୟକଙ୍କୁ ଗିରଫ କରିଥିଲା। ସେ ରାଉରକେଲାର ଅକ୍ଷୟ କୁମାର ମହାନ୍ତିଙ୍କୁ ହାଇକୋର୍ଟରେ ଏଏସ୍‌ଓ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୮ ଲକ୍ଷ ୨ ହଜାର ଟଙ୍କା ଠକିନେଇଥିଲେ।



ଶତାବ୍ଦୀର କଳାକାର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା କଳିଙ୍ଗ ବହୁଭାଷୀ ନାଟ୍ୟ ମହୋତ୍ସବର ଗୁରୁବାର ସନ୍ଧ୍ୟାରେ ପରିବେଷିତ ନାଟକ 'ନୀଳ ପିରିଟର୍ ଫୁଲ'ର ଏକ ଦୃଶ୍ୟ। (ଫଟୋ-ବିକାଶ)

### ଗ୍ରାହକଙ୍କଠାରୁ ଆଦାୟ ୨୧ ଲକ୍ଷ ଟଙ୍କା ଚଳୁ

## କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ବିହାରରୁ ଗିରଫ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ଗ୍ରାହକଙ୍କଠାରୁ ବାକି ଥିବା ପ୍ରାୟ ୨୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରି ଅଫିସ୍ ଆକାଉଣ୍ଟରେ ଡିପୋଜିଟ୍ ନ କରି ହଡ଼ପ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଏକ କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜରଙ୍କୁ ବିହାରସ୍ଥିତ ପଟେଲନଗର ଥାନା ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ବାରାଣସୀ ଜିଲାର ରତେନଶ ସିଂ ଓରଫ ପିଣ୍ଟୁ। ଏନେଇ ପୋଲିସ ପିଣ୍ଟୁଙ୍କ ନାମରେ ମାମଲା (ନଂ.୨୧/୨୦୨୩) ରୁଜୁ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ପିଣ୍ଟୁ ପ୍ରିଜିମ ଜନ୍‌ଶନ ଆର୍‌ସିଏମ୍-ଇଣ୍ଡିଆ କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ କମ୍ପାନୀରୁ ଅଧିକାଂଶ ଲୋକ ଘର ଛାତ ପାଇଁ କଂକ୍ରିଟ ସାମଗ୍ରୀ ବାକିରେ ନେଇଥାନ୍ତି। ଫଳରେ ଗ୍ରାହକଙ୍କ ଉପରେ ଲକ୍ଷ ଲକ୍ଷ ଟଙ୍କାର ବାକି ପଡିଥାଏ। କିନ୍ତୁ ପିଣ୍ଟୁ ଗ୍ରାହକଙ୍କଠାରୁ ଆଦାୟ କରିଥିବା ୨୧ ଲକ୍ଷ ୩୧ ହଜାର ୭୨୦ ଟଙ୍କାକୁ ଅଫିସରେ ଡିପୋଜିଟ୍ ନ କରି ନିଜେ ହଡ଼ପ କରିଥିଲେ। କମ୍ପାନୀ ପକ୍ଷରୁ ବକେୟା ଟଙ୍କା ଜମା କରିବାକୁ ଫୋନ୍ କଲ୍ କରାଯିବା ପରେ ଗ୍ରାହକମାନେ ଟଙ୍କା ଦେଇଥିବା କହିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ପିଣ୍ଟୁ ଟଙ୍କା ହଡ଼ପ କରିଥିବା ଜଣାପଡିବା ପରେ ଏନେଇ ଉକ୍ତ କମ୍ପାନୀର ଅଧିକାରୀ ପ୍ରଣୟ ମହାନ୍ତି ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ ।

# ଜଙ୍ଗଲରୁ ୨ ଅଚିହ୍ନା ମୃତଦେହ ଜବତ

**ଖୁଣ୍ଟୁଣୀ,୨୩।୨(ଡି.ଏନ୍.ଏ.)**

### ଘଟଣାସ୍ଥଳରେ ପଡ଼ିଛି ମଦ, ବିଷ ବୋତଲ

କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲର ଭଗୁଆ ରାଇଫରା ମୁଣ୍ଡିଆ ନିକଟରୁ ଗୁରୁବାର ମଧ୍ୟାହ୍ନରେ ୨ ଜଣଙ୍କ ଗଳିତ ମୃତଦେହ ଗୁରୁଡିଝାଟିଆ ପୋଲିସ ଜବତ କରିଛି। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଓ ଅନ୍ୟଜଣେ ପୁରୁଷ ବୋଲି ଜଣାପଡିଥିବାବେଳେ ପରିଚୟ ମିଳିପାରି ନାହିଁ। ପୁରୁଷ ଜଣକ ନାଲି ଗଞ୍ଜି ଓ ଘିଅ ରଙ୍ଗର ପ୍ୟାଣ୍ଟ ପିନ୍ଧିଥିବାବେଳେ ମହିଳା ଜଣକ ଛିଟ ଶାଢ଼ି ପିନ୍ଧିଛନ୍ତି। ମୃତଦେହ ନିକଟରେ ମଦ ଓ ବିଷ ବୋତଲ ପଡିଥିବା ଦେଖିବାକୁ ମିଳିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକେ ଉକ୍ତ ଜଙ୍ଗଲକୁ ଜାଳକାଠ ସଂଗ୍ରହ କରିବା ପାଇଁ ସକାଳେ ଯାଇଥିବାବେଳେ ମୃତଦେହ ଦେଖି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଓ ପୋଲିସକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଘଟଣାସ୍ଥଳ ପରିଦର୍ଶନ କରି ଫେରିଯାଇଥିଲେ। ପରେ ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ ପଡିଥିବା ସ୍ଥାନ ଗୁରୁଡିଝାଟିଆ ଥାନା ଅଧୀନରେ ଆସୁଥିବା ଜଣାପଡିବା ପରେ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ ସାଇଣ୍ଟିଫିକ୍ ଟିମ୍ ଡକାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ପଚିଯାଇଥିବାରୁ ଦୁର୍ଗନ୍ଧ ହେଉଛି। ତେବେ ମୃତକ ଦ୍ୱୟ କିଏ, ସେମାନଙ୍କୁ ହତ୍ୟା କରାଯାଇଛି ନାଁ ସେମାନେ ଆତ୍ମହତ୍ୟା କରିଛନ୍ତି, ମୃତଦେହ ସେଠାକୁ କିପରି ଆସିଲା ସେ ସମ୍ପର୍କରେ ତଦନ୍ତ ଜାରି ରହିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସଂଯୁକ୍ତା ଖିଲାର କହିଛନ୍ତି।

## 'ବସୁଧୈବ କୁଟୁମ୍ବକମ୍' ଆମ ସଂସ୍କୃତି, ସଭ୍ୟତାର ମୂଳମନ୍ତ୍ର

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ଭାରତୀୟ ସଂସ୍କୃତି ଓ ସଭ୍ୟତାର ମୂଳମନ୍ତ୍ର ହେଉଛି 'ବସୁଧୈବ କୁଟୁମ୍ବକମ୍'। ଏହି ବିଷୟବସ୍ତୁ ଉପରେ ଆଧାରିତ ଭାରତର 'ଜି-୨୦' ଅଧ୍ୟକ୍ଷତା ସଫଳ କରିବା ପାଇଁ ଅତିଥି ଦେବୋ ଭବ ପରମ୍ପରାରେ ଅନୁପ୍ରାଣିତ ହୋଇ ଯୁବକମାନେ ଆଗେଇ ଆସିବା ଦରକାର। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ଖୋର୍ଦ୍ଧା ପକ୍ଷରୁ ଭୁବନେଶ୍ୱରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଡ୍‌ମିନିଷ୍ଟ୍ରେଶନ ପରିସରରେ ଆୟୋଜିତ ଜିଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଏନ୍‌ସିଏସ୍‌ସିଡ଼ିଏର ପୂର୍ବତନ ଉପନିର୍ଦ୍ଦେଶକ ରାମ କିଶୋର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସାମୂହିକ ଆର୍ଥିକ ସ୍ଥିରତା, ଅନ୍ତଃରାଷ୍ଟ୍ରୀୟ ଟିକସ ବ୍ୟବସ୍ଥାର ସୁସଙ୍ଗତୀକରଣ, ରାଷ୍ଟ୍ରଗୁଡ଼ିକର ଋଣଭାର ଉପଶମ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ଜି-୨୦ରେ ରହିଛି। ବିଶ୍ୱର ମୋଟ ଘରୋଇ ଉତ୍ପାଦର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଜି-୨୦ ଦେଶରୁ ଆସିଥାଏ। ସେହିପରି ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ଏହି ରାଷ୍ଟ୍ରଗୋଷ୍ଠୀର ୭୫ ପ୍ରତିଶତ ଅବଦାନ ରହିଛି। ବିଶ୍ୱ ଜନସଂଖ୍ୟା ୬୦ ପ୍ରତିଶତ ହେଉଛି ଜି-୨୦ ରାଷ୍ଟ୍ର ସମୂହର ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ସଂଯୋଜକ ମଧୁସୂଦନ ଦାସ, ଓଡ଼ିଶା ମିଲେଟ୍ ମିଶନର ଆଞ୍ଚଳିକ ସଂଯୋଜକ ରମାମଣି ରଞ୍ଜନ ନାୟକ, ନିସ୍‌ର ଚେୟାରମ୍ୟାନ ଡ. ସୁବାସ ଚନ୍ଦ୍ର ନାୟକ, ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗଦେଇ ପରିବେଶ ଓ ଜୀବନଶୈଳୀ, ଅନ୍ତର୍ଜାତୀୟ ମିଲେଟ୍ ବର୍ଷ-୨୦୨୩ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୁଳମଣି ମଲ୍ଲିକ, ଶୁଭେନ୍ଦ୍ରନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଜିଲା ସ୍ୱତନ୍ତ୍ର ଚିଟ୍‌ଫଣ୍ଡ୍ ଅଦାଲତଙ୍କ ରାୟ

# ଶ୍ରୀଭୂମି କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**କଟକ ଅଫିସ,୨୩।୨**

ଜିଲା ସ୍ୱତନ୍ତ୍ର ଚିଟ୍‌ଫଣ୍ଡ୍ ଅଦାଲତ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି ଶ୍ରୀଭୂମି ଗ୍ରୁପ ଅଫ୍ କମ୍ପାନୀର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧା ଜିଲାର ବିଭିନ୍ନ ତହସିଲରେ ଥିବା କମ୍ପାନୀର ପ୍ରାୟ ୨୪ ଏକରରୁ ଅଧିକ ଜମି ବାଜ୍ୟାପ୍ତି କରାଯିବ। ଉକ୍ତ ଜମି ଜବତ ପରେ ସର୍ବସାଧାରଣରେ ନିଲାମ କରି ବିକ୍ରି ଲବ୍ଧ ଅର୍ଥକୁ ଜମାକାରୀଙ୍କ ମଧ୍ୟରେ ବାଣ୍ଟିବାକୁ କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଉକ୍ତ ଚିଟ୍‌ଫଣ୍ଡ୍ କମ୍ପାନୀ ବିରୋଧରେ କୋର୍ଟଙ୍କ ଏହା ଦ୍ୱିତୀୟ ନିର୍ଦ୍ଦେଶନାମା। ୨୦୧୭ରେ ଏହି କମ୍ପାନୀର ୪୬ ଏକର ଜମି ଜବତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି କମ୍ପାନୀ ସାଧାରଣ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଲୁଟିଥିବା ଅଭିଯୋଗ ନେଇ କ୍ଷତିଗ୍ରସ୍ତ ଜମାକାରୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମାଟଙ୍କା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦୁଇଗୁଣା, ତିନିଗୁଣା ହେବ କହି ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଯାଇଥିଲା। ବିଶେଷକରି ଗରିବ, ଦିନମଜୁରିଆ ଲୋକମାନେ ନିଜର କଷ୍ଟ ଉପାର୍ଜିତ ଟଙ୍କା ଉକ୍ତ କମ୍ପାନୀରେ ଜମା ରଖିଥିଲେ। ତେବେ ଏହି ଟଙ୍କା କମ୍ପାନୀ ନିଜ କାମରେ ବ୍ୟବହାର କରିଥିଲା। ସାଧାରଣ ଜମାକାରୀମାନେ ନିର୍ଦ୍ଧାରିତ ସମୟରେ ଟଙ୍କା ପାଇବାରେ ବିଫଳ ହେବାରୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବ୍ରଜେଶ



@ ସନ୍ତୋଷ



@ ଦେବବ୍ରତ



@ ଗୋପାଳବଲ୍ଲଭ



@ ହରପ୍ରିୟା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ଚାଲିଥିବା ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ ବୃନ୍ଦ ମୃଦଙ୍ଗ ବାଦନ କରାଯାଉଛି। (ଫଟୋ- ବିକାଶ)



ଭୁବନେଶ୍ୱର ରୋଟାରି ଭବନରେ ଗୁରୁବାର ବିଶ୍ୱ ରୋଟାରି ଦିବସରେ ରୋଟାରି ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ ପକ୍ଷରୁ ରକ୍ତଦାନ ଶିବିର। (ଫଟୋ-ମନୋରଞ୍ଜନ)

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୪୮ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଗୁରୁବାର ବିଧାୟକ କଲୋନୀସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ଶିକ୍ଷାବିତ ନିରଞ୍ଜନ ପଣ୍ଡା, ଡ. ମିହିର ପଟ୍ଟନାୟକ, ନରେନ ସାହୁ, ଉଇ ଫର୍ ଭୁବନେଶ୍ୱର କର୍ମକର୍ତ୍ତା, ଜୟ ଓଡ଼ିଶାର ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ସରୋଜିନୀ ମିଶ୍ର, ସଂଯୁକ୍ତା ମିଶ୍ର, ଅନୁପମା ବେହେରା, ପ୍ରଗତି ରଥ, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗ ଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ପାଠ କରିଥିଲେ। ଏହି ଅବସରରେ ୯ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

### ସିସି କ୍ୟାମେରା, ପାଚେରି ଭାଙ୍ଗି ରାତ୍ରି ଜଗୁଆଳି ଗିରଫ

ବାରଙ୍ଗ,୨୩।୨(ଡି.ଏନ୍.ଏ.)- ବାରଙ୍ଗ କଲେଜର ପାଚେରି ସହିତ କଲେଜର ସିସି କ୍ୟାମେରାକୁ ବାଡ଼େଇ ଭାଙ୍ଗିଥିବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କଲେଜର ରାତ୍ରି ଜଗୁଆଳି ବାଙ୍କୀ ସିଂହନାଥପୁର ଗାଁର ଆକାଶ ରଣା। ଏନେଇ ପୋଲିସ ଏକ ମାମଲା (ନଂ. ୪୫/୨୩) ରୁଜୁ କରିଛି। ଆକାଶ ବାରଙ୍ଗ କଲେଜରେ ରାତ୍ରି ଜଗୁଆଳ ଭାବେ କାର୍ଯ୍ୟ କରନ୍ତି। ସେ ବୁଧବାର କଲେଜ ପାଚେରି ସହ କଲେଜରେ ଲାଗିଥିବା ସିସି କ୍ୟାମେରାକୁ ବାଡେଇ ଭାଙ୍ଗିଥିଲେ। ଏହି ଘଟଣା ଦେଖିବା ପରେ କଲେଜ ଅଧାପକ ମନୀନ୍ଦ୍ର କୁଅଁର ବିରୋଧ କରିଥିଲେ। ହେଲେ ଆକାଶ ଅଧ୍ୟାପକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ମନୀନ୍ଦ୍ର ନନ୍ଦନକାନନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ନିକଟରେ ନିଆଁ

ବାରଙ୍ଗ,୨୩।୨(ଡି.ଏନ୍.ଏ.)- ଗୋଡିସାହି ଫାଣ୍ଡି ଅଧୀନ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ପାଖରେ ନିଆଁ ଲାଗିଥିବା ଗୁରୁବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବାରଙ୍ଗ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସରେ ଥିବା କ୍ୱାର୍ଟର ନିକଟରେ ତଳେ ପଡିଥିବା ଶୁଖିଲା ପତ୍ରରେ କେହି ନିଆଁ ଲଗାଇଦେଇଥିବା ଜଣାପଡ଼ିଛି। ଫଳରେ ନିଆଁ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ଆଡ଼କୁ ବ୍ୟାପିବାକୁ ଲାଗିଥିଲା।

# ଖୁବ୍‌ଶୀଘ୍ର ଆସିବ ପେଟ୍ ଆନିମଲ ଗାଇଡ୍‌ଲାଇନ୍

## ଡ୍ରାଫ୍ଟ ପ୍ରସ୍ତୁତ କଲା ବିଏମ୍‌ସି

- ରେଜିଷ୍ଟ୍ରେଶନ, ଟିକାକରଣ ବାଧ୍ୟତାମୂଳକ
- ବୁଲାକୁକୁର ପୋଷିଲେ ରେଜିଷ୍ଟ୍ରେଶନ ଫି' ଛାଡ଼
- ନିୟମ ଭାଙ୍ଗିଲେ ୧୦ହଜାର ପର୍ଯ୍ୟନ୍ତ ଜରିମାନା
- ମାର୍ଚ୍ଚ ପ୍ରଥମ ସପ୍ତାହରେ ହେବ ସ୍ୱତନ୍ତ୍ର ବୈଠକ



ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଖୁବ୍‌ଶୀଘ୍ର ପେଟ୍ ଆନିମଲ ଗାଇଡ୍‌ଲାଇନ ଆଣିବାକୁ ଯାଉଛି। ଏନେଇ ଡ୍ରାଫ୍ଟ ପ୍ରସ୍ତୁତ ସରିଥିବାବେଳେ ମାର୍ଚ୍ଚ ପ୍ରଥମ ସପ୍ତାହରେ ଏକ ସ୍ୱତନ୍ତ୍ର ବୈଠକ ବସିବ। ଏଥିରେ ପ୍ରାଣୀପ୍ରେମୀ, ସମସ୍ତ କର୍ପୋରେଟର ଏବଂ ବିଏମ୍‌ସି ଅଧିକାରୀମାନେ ଯୋଗଦେଇ ପ୍ରସ୍ତୁତ ହୋଇଥିବା ଡ୍ରାଫ୍ଟ ଉପରେ ଆଲୋଚନା କରିବେ। ଆବଶ୍ୟକ ପଡିଲେ ସମ୍ପୃକ୍ତ ଡ୍ରାଫ୍ଟରେ ସଂଶୋଧନ କରାଯିବ। ସେହିପରି ଲୋକଙ୍କ ପରାମର୍ଶ ଏବଂ ଅନ୍ୟ ସମସ୍ତ ଦିଗକୁ ଭିତ୍ତିକରି ଖୁବ୍‌ଶୀଘ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବ। ଅନୁମୋଦନ ପରେ ଗାଇଡ୍‌ଲାଇନ୍‌କୁ ସାର୍ବଜନୀନ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ପ୍ରସ୍ତୁତ ହୋଇଥିବା ଡ୍ରାଫ୍ଟ ଅନୁଯାୟୀ, କୁକୁରଙ୍କ ରେଜିଷ୍ଟ୍ରେଶନ ଓ ଟିକାକରଣକୁ ବାଧ୍ୟତାମୂଳକ କରାଯାଇଛି। ମାଲିକମାନେ ଟିକାକରଣର ଡାକ୍ତରୀ ସାର୍ଟିଫିକେଟ ରଖିବେ। ରେଜିଷ୍ଟ୍ରେଶନ ପାଇଁ ୫ଶହ ଏବଂ ରିନ୍ୟୁ ପାଇଁ ୨୫୦ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ରେଜିଷ୍ଟ୍ରେଶନ ଏକ୍ସପାରି ହେବା ପରେ ରିନ୍ୟୁ କଲେ ୩୫୦ଟଙ୍କା ଦେବାକୁ ପଡିବ। କୁକୁର ମାଲିକଙ୍କୁ ମେଟାଲ ଟୋକନ କିମ୍ବା ଟ୍ୟାଗ ପ୍ରଦାନ କରାଯିବ। ଜଣେ ମାଲିକ ଅତି ବେଶିରେ ୨ଟି କୁକୁର ରଖି ପାରିବେ। ତେବେ ଯେଉଁ ବ୍ୟକ୍ତି ବୁଲା କୁକୁର ବା ରାସ୍ତାକଡ଼ର କୁକୁର ରଖିବେ ସେମାନଙ୍କ ପାଇଁ ରେଜିଷ୍ଟ୍ରେସନ ଫି' ଛାଡ କରାଯିବ। ସେହିପରି ମୃତ କୁକୁରର ସମାଧି ପାଇଁ ବିଏମ୍‌ସି ପକ୍ଷରୁ ଭ୍ୟାନ ଯୋଗାଇ ଦିଆଯିବ। ଏଥିପାଇଁ ମାଲିକଙ୍କୁ ବିଏମ୍‌ସି ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଦେୟ ଦେବାକୁ ପଡିବ। ସେହିପରି ଯେଉଁ ବ୍ୟକ୍ତିମାନେ ନିଜ ପୋଷା କୁକୁରଙ୍କୁ ବିଭିନ୍ନ ଖେଳ ଓ ଡଗ୍ ଶୋରେ ସାମିଲ କରାଇବେ ସେମାନଙ୍କୁ ବିଏମ୍‌ସିଠାରୁ ଗେମ ରେଜିଷ୍ଟ୍ରେଶନ ସାର୍ଟିଫିକେଟ ନେବାକୁ ପଡିବ। ଏଥିପାଇଁ ସେମାନଙ୍କୁ ପ୍ରତି କୁକୁର ପିଛା ୨ଶହ ଟଙ୍କା ଦେବାକୁ ପଡିବ। କୁକୁର ମାଲିକି ଏହି ନିୟମକୁ ଉଲ୍ଲଂଘନ କଲେ ପଞ୍ଜୀକରଣ ପ୍ରାଧିକରଣ ଦ୍ୱାରା ଦଣ୍ଡିତ ହେବାକୁ ପଡିବ। ଏପରିକି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିପାରେ। ଏହାପରେ ଯଦି ନିୟମ ଉଲ୍ଲଂଘନ ଜାରି ରହେ ତେବେ ଅତିରିକ୍ତ ଭାବେ ୭ଦିନ ପର୍ଯ୍ୟନ୍ତ ଦିନକୁ ୨ଶହ ଟଙ୍କା ଜରିମାନା ଗଣିବାକୁ ପଡ଼ିବ। ଏହାପରେ ସମ୍ପୃକ୍ତ କୁକୁରକୁ ଜବତ କରାଯିବ ଓ ତାହାର ରକ୍ଷଣାବେକ୍ଷଣ ପାଇଁ ଦିନକୁ ୨ଶହ ଟଙ୍କା ହିସାବରେ ମାଲିକଙ୍କୁ ଦେବାକୁ ପଡିବ। ୭ଦିନ ଭିତରେ ମାଲିକ କୁକୁର ନ ନେଲେ ରେଜିଷ୍ଟ୍ରେଶନ ବାତଲ କରିବା ସହ କୁକୁରରୁ ସାର୍ବଜନୀନ ଭାବେ ବିକ୍ରୟ କିମ୍ବା ଆଡପ୍ଟ କରାଯିବ। ସେହିପରି ଗୋଟିଏ ବର୍ଷରେ ୩ଥର ନିୟମର ଉଲ୍ଲଂଘନ କଲେ ରେଜିଷ୍ଟ୍ରେଶନ ବାତିଲ କରାଯିବ। କୁକୁର ଆକ୍ରମଣରେ କାହାକୁ ଆଘାତ ଲାଗିଲେ ବା ମୃତ୍ୟୁ ହେଲେ, ଏଥିପାଇଁ ସମ୍ପୃକ୍ତ ମାଲିକ ଦାୟୀ ରହିବେ। ଏହାବାଦ ବ୍ୟବସାୟିକ ଭିତ୍ତିରେ କୁକୁରଙ୍କୁ ବ୍ୟବହାର କରିବା, ପାଗଳ ଏବଂ ହିଂସ୍ରାତ୍ମକ କୁକୁରଙ୍କୁ କିପରି ଆୟତ୍ତରେ ରଖାଯିବ ଏ ସମସ୍ତ ଦିଗକୁ ଧ୍ୟାନ ଦେଇ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି।

# ଏମ୍‌ସିସି-ଏମ୍‌ଆର୍‌ଏଫ୍ ସ୍ଥିତି ସମୀକ୍ଷା କଲେ କମିଶନର



## ମାର୍ଚ୍ଚ ଶେଷ ସୁଦ୍ଧା ଆଉ ୩ ଏମ୍‌ସିସି କାର୍ଯ୍ୟକ୍ଷମ ହେବ

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳ ଅଧୀନ ଦକ୍ଷିଣ ପୂର୍ବ ଜୋନ୍ ସ୍ଥିତ ୟୁନିଟ ୧ ଏମସିସି, ମହିଁଷାଖାଲ ଏମସିସି, ଲକ୍ଷ୍ମୀସାଗର ଏମସିସି, ବଡ଼ଗଡ଼, ବାସୁଆଘାଇ, ଲିଙ୍ଗରାଜ ଆରଓବି ଏମସିସି ଏବଂ ବିଭିନ୍ନ ଏମଆର୍‌ଏଫ୍‌କୁ ଗୁରୁବାର ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ, ଅତିରିକ୍ତ କମିଶନର ୩ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ବୁଲି ଦେଖିଛନ୍ତି। ଏମସିସିରେ ଦୈନିକ ବର୍ଜ୍ୟ ପ୍ରକ୍ରିୟାକରଣ କ୍ଷମତା ୩ରୁ ୫ଟନ ବିଶିଷ୍ଟ ହୋଇଥିବାବେଳେ ସେଠାରେ କେତେ ବର୍ଜ୍ୟ ଷ୍ଟକ ରହିଛି ଓ ପ୍ରକ୍ରିୟାକରଣ କରାଯାଉଛି, ତାର ଯାଞ୍ଚ କରାଯାଇଛି। ବିଶେଷକରି କମିଶନର କୁଲାଙ୍ଗେ ଏମସିସିରେ ବସିଥିବା ମେସିନଗୁଡ଼ିକର ସ୍ଥିତି ପରଖିଥିଲେ। କିଛି ଏମସିସିରେ ଚାଲୁଣୀ ମେସିନ ଓ ବେଲିଂ ମେସିନ କାର୍ଯ୍ୟକ୍ଷମତା ଧୀର ହୋଇ ପଡିଥିବାବେଳେ ସେଗୁଡିକୁ ତୁରନ୍ତ ମରାମତି କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଏମସି ଇଞ୍ଜିନିୟରିଂ ସେଲ୍‌ର ପ୍ରମୁଖ ସଦସ୍ୟଙ୍କ ସହ ଏନେଇ ଆଲୋଚନା କରାଯାଇ ଥିଲା। ବର୍ଜ୍ୟ ପ୍ରକ୍ରିୟାକରଣ ବିଏମସି ଲାଗି ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ଏମସିସି ଓ ଏମଆରଏଫ୍‌ରେ କିପରି ନିୟମିତ ଓ ସୁଗମ ଉପାୟ ବର୍ଜ୍ୟ ପ୍ରକ୍ରିୟାକରଣ ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।



ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଥିବା ଏକ ବେଆଇନ୍ ଘରକୁ ବିଡିଏ ପକ୍ଷରୁ ଗୁରୁବାର ଉଚ୍ଛେଦ କରାଯାଉଛି।

## ମହିଳାଙ୍କ ମୃତଦେହ ଜବତ ଘଟଣାରେ ସିକ୍ୟୁରିଟି ଗାର୍ଡ ଅଟକ

ବାରଙ୍ଗ,୨୩।୨(ଡି.ଏନ୍.ଏ.)

ରଘୁନାଥପୁର ଗାଁର ଏକ ପରିତ୍ୟକ୍ତ ଚାଷଜମିରୁ ମିଳିଥିବା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଗୁରୁବାର ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେ ହେଲେ ଏକ ଆପାର୍ଟମେଣ୍ଟର କାର୍ଯ୍ୟରତ ସିକ୍ୟୁରିଟି କର୍ମଚାରୀ।
ସୂଚନା ମୁତାବକ, ରଘୁନାଥପୁର ଗାଁ ମୁଣ୍ଡ ବୁଢୁନଇ ବ୍ରିଜ ନିକଟ ଶ୍ମଶାନ ରାସ୍ତାକଡ଼ର ପରିତ୍ୟକ୍ତ ଚାଷଜମିରୁ ଗତ ୧୯ତାରିଖ ଅପରାହ୍ନରେ ଜଣେ ମହିଳାଙ୍କ ଅର୍ଦ୍ଧନଗ୍ନ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ମୃତଦେହ ପାଖରୁ ହଳେ ଚପଲ ଓ ଗର୍ଭ ନିରୋଧକ ପୋଲିସ ଜବତ କରିଥିଲା। ମୃତ ମହିଳା ଜଣକ ହେଲେ କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଚାରିଛକ ଗାଁର ବସନ୍ତ ନାୟକଙ୍କ ସ୍ତ୍ରୀ ଝିଲି ନାୟକ ବୋଲି ତଦନ୍ତରୁ ଜଣାପଡ଼ିଛି। ଉଭୟ ସ୍ତ୍ରୀ ସ୍ୱାମୀ କାମ ଅନ୍ୱେଷଣରେ ଗତ କିଛି ବର୍ଷ ହେବ ଭୁବନେଶ୍ୱରର ଇନଫୋସିଟି ଥାନା ଶିଖରଚଣ୍ଡୀ ନଗରରେ ୨ ଝିଅଙ୍କ ସହ ଭଡା ଘରେ ରହୁଥିଲେ। ବସନ୍ତ ଅଟୋ ଚଳାଉଥିବାବେଳେ ସ୍ତ୍ରୀ ଝିଲି ପର ଘରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ମାସରେ ବସନ୍ତ କୌଣସି କାରଣରୁ ୨ ଝିଅଙ୍କୁ ନେଇ ତାଙ୍କ ଗାଁକୁ ପଳେଇଥିଲେ। ଏହାପରେ ଝିଲି ପୁରୁଣା ଭଡା ଘର ଛାଡି ନନ୍ଦନକାନନ ଥାନା ରଘୁନାଥପୁର ଗାଁରେ ଏକୁଟିଆ ରହୁଥିଲେ।

## ଅବସରପ୍ରାପ୍ତ ବିଏମ୍‌ସି କର୍ମଚାରୀଙ୍କ ସମେତ ୩ ଗିରଫ

### ଜାଲ୍ ଦସ୍ତାବିଜ୍‌ରେ ଜମି ଠକେଇ

- ଖଣ୍ଡଗିରିସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସରେ ହୋଇଛି ଜାଲିଆତି
- ଏଥିରେ ଜଣେ ମୋହରିରଙ୍କ ସମ୍ପୃକ୍ତି ଥିବା ସୂଚନା
- ର୍‌ୟାକେଟରେ ସମ୍ପୃକ୍ତ ଏକାଧିକ ବ୍ୟକ୍ତିଙ୍କୁ ଖୋଜୁଛି ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଜାଲ ଦସ୍ତାବିଜ ଜରିଆରେ ଜମି ଠକେଇ କରିବା ଅଭିଯୋଗରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରରେ ରହୁଥିବା ହଳଧର ଦାସ, ସୁବୋଧ କୁମାର ପରିଡ଼ା ଓ ମମତା ପରିଡ଼ା। ଏଥିସହ ଇଓଡବ୍ଲ୍ୟୁ ପକ୍ଷରୁ ଖଣ୍ଡଗିରିସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସରୁ ସେଲ୍ ଡିଡ୍‌ର ନକଲ, ଜାଲ୍ ଆଧାର କାର୍ଡ କପି ସହ ଅନ୍ୟାନ୍ୟ ଦସ୍ତାବିଜ ଜବତ କରାଯାଇଛି। ସେହିଭଳି ମମତାଙ୍କ ପାଖରୁ ଆଧାର କାର୍ଡ, ଭୋଟର ଆଇକାର୍ଡ ଓ ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି। ତେବେ ହଳଧର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅବସରପ୍ରାପ୍ତ କର୍ମଚାରୀ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।
ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ନସଦିପୁର ଗ୍ରାମର ଲିପିକା ଦାସଙ୍କର ଭୁବନେଶ୍ୱର ମଳିପଡ଼ା ମୌଜାସ୍ଥିତ ବସନ୍ତ ବିହାରରେ ୨ ହଜାର ବର୍ଗଫୁଟ୍‌ର ଏକ ଜମି ରହିଛି। ସେ ଉକ୍ତ ଜମିକୁ ୧୯୯୯ରେ କିଣିଥିଲେ ଓ ତାଙ୍କ ପାଖରେ ଏହାର ସମସ୍ତ ଦସ୍ତାବିଜ ରହିଛି। ତେବେ କିଛିଦିନ ତଳେ ସେ ଖଜଣା ଦେବାକୁ ଯିବାବେଳେ ତାଙ୍କ ଜମି ଅଭିଯୁକ୍ତ ହଳଧରଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଗତ ମଙ୍ଗଳବାର ଏକ ମାମଲା (ନଂ.୭/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତମାନେ ଜଣେ ମୋହରିରଙ୍କ ସାହାଯ୍ୟରେ ଖଣ୍ଡଗିରିସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସରେ ଲିପିକାଙ୍କ ଦସ୍ତଖତକୁ ନକଲ କରି ଏହି ଠକେଇ କରିଛନ୍ତି। ଏପରିକି ରେଜିଷ୍ଟ୍ରାର ସେଲ୍ ଡିଡ୍‌ରେ ଦିଆଯାଇଥିବା ଆଧାର ନମ୍ବର ଜମିର ପ୍ରକୃତ ମାଲିକ ଲିପିକାଙ୍କ ରହିଥିବାବେଳେ ସେଥିରେ ଅଭିଯୁକ୍ତା ମମତାଙ୍କ ଫଟୋ ରହିଛି। ତେବେ ମମତା ଉକ୍ତ ଜମିର ପ୍ରକୃତ ମାଲିକ ସାଜି ଅଭିଯୁକ୍ତ ସୁବୋଧଙ୍କୁ ସାକ୍ଷୀ ଦର୍ଶାଇ ହଳଧରଙ୍କୁ ବିକ୍ରି କରିଥିବା ଜଣାପଡିବା ପରେ ପଦକ୍ଷେପ ନିଆଯାଇଥିବା ଇଓଡବ୍ଲ୍ୟୁ ଡିଏସ୍‌ପି ଦିଲ୍ଲୀପ ତ୍ରିପାଠୀ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତମାନେ ଏଭଳି ଏକାଧିକ ଠକେଇ କରିଛନ୍ତି। ଜଣେ ମୋହରିରଙ୍କ ମଧ୍ୟ ଏହି ଠକେଇରେ ସମ୍ପୃକ୍ତି ଥିବା ପ୍ରମାଣ ମିଳିଛି। ଏହି ଠକେଇ ର୍‌ୟାକେଟରେ ସମ୍ପୃକ୍ତ ଥିବା ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ସେ ସୂଚନା ଦେଇଛନ୍ତି।

# ସଂସ୍କାର ବିନା ସଂସ୍କୃତି ଅସମୀଚୀନ

## ୬୬ତମ ସଂସ୍କୃତି ଚର୍ଚ୍ଚା

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ସଂସ୍କାର ବିନା ସଂସ୍କୃତି ଅସମୀଚୀନ। ଇଂଲିଶ ପାଠ ପଢ଼ିବା, ଇଂଲିଶ ସାମ୍ରାଜ୍ୟବାଦର ଅହମିକା ବିଦେଶୀ ମାନସିକତା ଭରି ଦେଉଛି । ସଂସ୍କୃତି ବିନା ସଭ୍ୟତା ନାହିଁ ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମାରବର ଦାସ କହିଛନ୍ତି। ରାଜ୍ୟ ଅଭିଲେଖାଗାରରେ ଅନୁଷ୍ଠିତ ୬୬ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଦାସ କହିଲେ, ରାବଣ ଥିଲେ ସଭ୍ୟତାର ପ୍ରତୀକ, ରାମ ଥିଲେ ସଂସ୍କୃତିର ପ୍ରତୀକ। ସଫଳତା ହେଉଛି ସ୍ୱାର୍ଥ କେନ୍ଦ୍ରିକ, ସାର୍ଥକତା ହେଉଛି ବିଶ୍ୱ କେନ୍ଦ୍ରିକ। ଅନ୍ଧବିଶ୍ୱାସ ହେଉଛି ଅପସଂସ୍କୃତି ବୋଲି ପ୍ରଫେସର ଦାସ କହିଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶଙ୍କ ସଭାପତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ ଯୋଗଦେଇଥିଲେ। ସମାଜ ନିଜ ସଂସ୍କୃତି ମାଧ୍ୟମରେ ନିଜସ୍ୱ ପରିଚୟ ସୃଷ୍ଟି କରେ। ଏହା ଭିତରେ ନିଜର ଜାତୀୟ ଚରିତ୍ର ସୃଷ୍ଟି ହୋଇଥାଏ ବୋଲି ସେ କହିଥିଲେ। ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରୀଡ଼ା ମାଧ୍ୟମରେ ପିଲାଙ୍କ ଦକ୍ଷତା ବୃଦ୍ଧି ହେବ

## ବ୍ରିଟିଶ କାଉନସିଲ ସହ ମୋ ସ୍କୁଲର ସହଭାଗିତା

ଭୁବନେଶ୍ୱର,୨୩।୨



ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧି ସହ କ୍ରୀଡ଼ା ମାଧ୍ୟମରେ ପିଲାଙ୍କ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱାରୋପ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ ଆଦାନ ପ୍ରଦାନ ତଥା ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାର ପ୍ରସାର ପାଇଁ ଗୁରୁବାର ଓଡ଼ିଶା ସରକାରଙ୍କ ମୋ ସ୍କୁଲ ଅଭିଯାନ ଏବଂ ବ୍ରିଟେନର ଅନ୍ତର୍ଜାତୀୟ ସଂସ୍ଥା ବ୍ରିଟିଶ କାଉନସିଲ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ମୋ ସ୍କୁଲ୍ ଅଭିଯାନ ଅନ୍ତର୍ଗତ ରାଜ୍ୟର ୩୦ଟି ସରକାରୀ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭିକ ଭାବେ ଆରମ୍ଭ କରାଯିବ। ମୋ ସ୍କୁଲ ଅଭିଯାନର ଏସ୍‌ପିଡି-ଓଏସଇପିଏ ଓ ମେମ୍ବର ସେକ୍ରେଟାରି ଅନୁପମ ଶାହା ଏବଂ ବ୍ରିଟିଶ କାଉନସିଲ(ଇଣ୍ଡିଆ)ର ନିର୍ଦ୍ଦେଶକ (ଶିକ୍ଷା) ରିତିକା ଚନ୍ଦ୍ରା ପାରୁଖ ଏହି ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏ ସମ୍ପର୍କରେ ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷା ସୁସ୍ମିତା ବାଗଚୀ କହିଛନ୍ତି, ଆମେ ଆମର ଶିକ୍ଷକ ଓ ପ୍ରଶିକ୍ଷକଙ୍କୁ ଶାରୀରିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ଚାହୁଁଥିବାରୁ ବ୍ରିଟିଶ କାଉନସିଲର ସହଯୋଗ ପାଇଁ ଧନ୍ୟବାଦ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଗୁଣମାନର ଶିକ୍ଷା ଓ କୌଶଳ ଯୋଗାଇପାରିବୁ। ସେହିଭଳି ବ୍ରିଟିଶ କାଉନସିଲ (ଇଣ୍ଡିଆ)ର ନିର୍ଦ୍ଦେଶକ ଆଲିସନ ବାରେଟ ଏମ୍‌ବିଇ କହିଛନ୍ତି, ଆମେ ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ସହ କାର୍ଯ୍ୟ ପାଇଁ ଉତ୍ସାହିତ। ଏପରିକି ମୋ ସ୍କୁଲ ଆରମ୍ଭ ହେଲାବେଳେ ଏକ ଇଂଲିଶ ଭାଷା ବିକାଶ କାର୍ଯ୍ୟକ୍ରମ ଜରିଆରେ ଆମେ ପ୍ରଥମ ଆନ୍ତର୍ଜାତିକ ସଂଗଠନ ବିନିଯୋଗ କ୍ଷେତ୍ରରେ ସାମିଲ ହୋଇଥିଲୁ। ବର୍ତ୍ତମାନ ଏକ ଆକର୍ଷଣୀୟ ପାର୍ଟନର ପ୍ରିମିୟର ଲିଗ୍, ଯାହା ସର୍ବୋତ୍ତମ ଫୁଟ୍‌ବଲ ଲିଗ୍ ଆଣିଛୁ। ଶିକ୍ଷା, ନବସୃଜନ, ସଂସ୍କୃତି ଓ ସୃଜନଶୀଳ ଉଦ୍ୟୋଗରେ ଓଡ଼ିଶା ସହିତ ସହଭାଗିତା କରି ଆମେ ଖୁସି ଅଛୁ। ସୂଚନାଯୋଗ୍ୟ, ଗତବର୍ଷ ବ୍ରିଟିଶ କାଉନସିଲ ଏବଂ ଓଡ଼ିଶା ପୋଲିସ ମଧ୍ୟରେ 'ଆତ୍ମବିଶ୍ୱାସ ସହ ଯୋଗାଯୋଗ' ନାମକ ଏକ ଦକ୍ଷତା ବିକାଶ ପରିଚାଳନା କାର୍ଯ୍ୟକ୍ରମ ପାଇଁ ଅନୁବନ୍ଧିତ ହୋଇଥିଲେ। କିସ୍ ମାଧ୍ୟମରେ ଏହା କରାଯାଇଥିଲା। ବ୍ରିଟିଶ ପରିଷଦର ବିଶେଷ ଯୋଗାଯୋଗ ପଦ୍ଧତି ବ୍ୟବହାର କରି ପାଠ୍ୟକ୍ରମ ଭାଷା ତାଲିମ ଏବଂ ମୌଳିକ କୌଶଳ ବିଷୟରେ ଆଲୋଚନା କରାଯାଇଥିଲା।

# ସବୁ କ୍ଷେତ୍ରର ବିକାଶକୁ ଗୁରୁତ୍ୱାରୋପ

## ୫ମ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ

ଭୁବନେଶ୍ୱର,୨୩।୨ (ବ୍ୟୁରୋ)




ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭରେ ଯୋଗଦେଇଥିବା ଅତିଥିମାନେ।

ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ହାରୋ) ପକ୍ଷରୁ ୫ମ ଓଡ଼ିଶା ପର୍ଯ୍ୟଟନ କନ୍‌କ୍ଲେଭ ଗୁରୁବାର ସ୍ୱସ୍ତି ପ୍ରିମିୟମ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ସୁଜିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀଙ୍କ ସମେତ ଆଇଏଟିଓର ସଭାପତି ରାଜୀବ ମେହେରା ଏବଂ ହାରୋ ଆଣ୍ଡ ଆଇଏଟିଓର ପୂର୍ବାଞ୍ଚଳ ଅଧ୍ୟକ୍ଷ ଜେ.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜେ.କେ.ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିଭଳି ଓଡ଼ିଶା ପର୍ଯ୍ୟଟନର ଭବିଷ୍ୟତ କାର୍ଯ୍ୟକଳାପ ଏବଂ କ୍ଷେତ୍ର ସହ ଟୁର୍ ଆଣ୍ଡ୍ ଟ୍ରାଭେଲର ଆବଶ୍ୟକ ଭିତ୍ତିଭୂମି ଓ ସରକାରୀ ସହଯୋଗ ସମ୍ପର୍କରେ ମତପ୍ରକାଶ କରିଥିଲେ। ସେହିପରି ଓଡ଼ିଶା ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱ ଦରବାରରେ ପରିଚିତ ହୋଇପାରିଛି। କାରଣ ଓଡ଼ିଶା ବର୍ତ୍ତମାନ ସମୟରେ ଏକ ଅଗ୍ରଣୀ କ୍ରୀଡ଼ା ରାଜଧାନୀ ଭାବେ ପରିଗଣିତ ହୋଇଛି। ପର୍ଯ୍ୟଟନଠାରୁ ଆରମ୍ଭକରି କ୍ରୀଡ଼ା ଆଦି ସମସ୍ତ କ୍ଷେତ୍ରରେ ଭିତ୍ତିଭୂମିର ବିକାଶକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ଆଇଏଟିଓର ସଭାପତି ରାଜୀବ ମେହେରା କହିଲେ, ରାଜ୍ୟଠାରୁ ଆରମ୍ଭ କରି ଦେଶ ପର୍ଯ୍ୟନ୍ତ ସବୁ ସ୍ତରରେ ପରିବହନ କ୍ଷେତ୍ରକୁ ସୁଦୃଢ କରିବା ସହ ଗୁଣାତ୍ମକ ସେବା ଓ ସୁବିଧା ଯୋଗାଇବାକୁ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମୟରେ ଗ୍ରାହକ ଗୁଣାତ୍ମକ ସେବାକୁ ଗୁରୁତ୍ୱ ଦେଉଥିବା ବେଳେ ସେବା ସମ୍ପର୍କିତ ଅଭିଜ୍ଞତାକୁ ବେଶ୍ ପ୍ରାଧାନ୍ୟ ଦେଇଥାନ୍ତି। ଏପରିକି ଗୁଡ୍ ଏକ୍ସପିରିଏନ୍ସ ଆଣ୍ଡ କ୍ୱାଲିଟି ସର୍ଭିସ୍‌କୁ ଯଦି ବ୍ୟାପକ ଭାବେ ସୁଦୃଢ କରିପାରିବା ତା'ହେଲେ ପର୍ଯ୍ୟଟନ ଶିଳ୍ପ ଅଭିବୃଦ୍ଧି ହୋଇପାରିବ ବୋଲି ସୁରେନ୍ଦ୍ର କୁମାର ମତବ୍ୟକ୍ତ କରିଥିଲେ। ପର୍ଯ୍ୟଟନଭିତ୍ତିକ ଶିଳ୍ପର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି। ଏପରିକି କେନ୍ଦ୍ର ସରକାର ଉଡାନ ଯୋଜନା ଜରିଆରେ ଦେଶର ସମସ୍ତ ପ୍ରମୁଖ ପର୍ଯ୍ୟଟନସ୍ଥଳକୁ ବିମାନ ସେବା ଯୋଗାଇଦେବାକୁ ପ୍ରୟାସ କରୁଛନ୍ତି। ସେହିଭଳି ରାଜ୍ୟ ସରକାର ମଧ୍ୟ ରାଜ୍ୟର ପ୍ରମୁଖ ସହର ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସୁଜିତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ କର୍ମଶାଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ନୀଳ ନକ୍ସା ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଦିନତମାମ ପ୍ରାୟ ୫ଟି ଅଧିବେଶନ ଜରିଆରେ ଶିଳ୍ପ ବିକାଶ ସାଙ୍ଗକୁ ଆବଶ୍ୟକ ପଦକ୍ଷେପ ଓ ଭୁଲ୍ ଠିକ୍‌ର ବିସ୍ତୃତ ଆଲୋଚନା କରାଯାଇଥିଲା। ହାରୋର ସଦସ୍ୟ ଦେବୁ ପଟ୍ଟନାୟକ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୬ ଗିରଫ
#### ୫ ବାଇକ୍, ମୋବାଇଲ ଓ ଟଙ୍କା ଜବତ

ଟାଙ୍ଗୀ (ଖୋର୍ଦ୍ଧା ),୨୩।୨(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ଭୂଷଣ୍ଡପୁର ଉଜୁଡା ରସୁଲପୁର ଜଙ୍ଗଲରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଳାଶପଲ୍ଲୀର ନବ କିଶୋର ଦାସ, ରଣପୁର ଥାନା ଗୋପାଳପୁରର କମଳାକାନ୍ତ ସାହୁ, ଟାଙ୍ଗୀ ରତନପୁରପାଟଣାର ଲକ୍ଷ୍ମଣ ବାରିକ, ହଜ୍ର ବଳରାମ ପ୍ରହରାଜ, କୃଷ୍ଣପୁରର ବାପୁଜୀ ପ୍ରଧାନ ଓ ରଶ୍ମିରଞ୍ଜନ ଜେନା। ଏମାନଙ୍କଠାରୁ ୫ ବାଇକ୍, ୭ଟି ମୋବାଇଲ ଓ ୨୪ ହଜାର ୨୩୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୯/୨୩)ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ କହିଛନ୍ତି।

### ଛତୁଆ ମିଶ୍ରଣ ଦିବସ

କୃଷ୍ଣପ୍ରସାଦ,୨୩।୨(ଡି.ଏନ୍.ଏ.): ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଦିବସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମା'ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ସିଆଣ୍ଡି ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରକ୍ଷା କରି ୫ଟି ପର୍ଯ୍ୟାୟରେ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଭଜା ଗହମ ଓ ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ାସ୍ଥିତ ମା'ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ କରୋନା କଟକଣାକୁ ଗୁରୁତ୍ୱ ଦେଇ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଗୋଷ୍ଠୀ ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିସ୍ତ୍ରୀ ସ୍ୱଚ୍ଛତା ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ମିଶ୍ରଣ ପର୍ବ କରିଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ଦୀପ୍ତିରାଣୀ ଦଣ୍ଡପାଟ, ରମାମଣି ନାୟକ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।

### ଅବକାରୀ ଚଢ଼ାଉ: ମଦ, ପୋଚ ନଷ୍ଟ

ଖୋର୍ଦ୍ଧା ଅଫିସ,୨୩।୨: ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ବରପଦା ଗ୍ରାମରେ ଚଢ଼ାଉ କରାଯାଇଛି। ବେଆଇନ ମଦଭାଟଗୁଡିକ ଭାଙ୍ଗି ଦିଆଯାଇଥିବା ବେଳେ ୬ହଜାର ୪ଶହ ଲିଟର ଗୁଡ଼ ମିଶ୍ରିତ ପୋଚ ଏବଂ ୪୮୦ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ଅବକାରୀ ଟିମ୍‌କୁ ଦେଖି ବେପାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ଖୋର୍ଦ୍ଧା ରେଞ୍ଜ ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ, ଜିଲା ମୋବାଇଲ ସବ୍‌ଇନ୍ସପେକ୍ଟର ବି. ମନୋଜ କୁମାର, ଖୋର୍ଦ୍ଧା ଅବକାରୀ ଅଧିକାରୀ ରଞ୍ଜନ ଦାସ, ବେଗୁନିଆ ଅବକାରୀ ଅଧିକାରୀ ରାଜେନ୍ଦ୍ର ଖେସ ଏବଂ ଖୋର୍ଦ୍ଧା ଓ ବେଗୁନିଆ ଅବକାରୀ କର୍ମଚାରୀ ସାମିଲ ଥିଲେ।

# ଜମୁଛି ପଲ୍ଲିଶ୍ରୀ ମେଳା

ଖୋର୍ଦ୍ଧା ଅଫିସ,୨୩।୨


ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାର ତୃତୀୟ ଦିବସରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ଖୋର୍ଦ୍ଧା ଜିଲା ପ୍ରଶାସନ, ଓରମାସ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାର ଗୁରୁବାର ଥିଲା ତୃତୀୟ ଦିବସ। ପ୍ରଥମ ଦିନରେ ୩୧.୩୦ଲକ୍ଷ ଟଙ୍କାର ବେପାର ହୋଇଥିବା ବେଳେ ଦ୍ୱିତୀୟ ଦିନ ସୁଦ୍ଧା ମୋଟ୍ ୬୭ ଲକ୍ଷ ୨୦ହଜାର ଟଙ୍କା ବେପାର ହୋଇଛି। ପଲ୍ଲିଶ୍ରୀ ମେଳାର ୩ୟ ଦିନରେ ଲୋକଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ଦର୍ଶକଙ୍କ ମନ ଜିଣିଥିଲା ଗଞ୍ଜାମ ଜିଲାର ମା'ସୁବର୍ଣ୍ଣ କାଲୁଆ ନାଟ୍ୟ ସଂସଦ ପକ୍ଷରୁ ଆୟୋଜିତ ଭାରତଲୀଳା। ଗଞ୍ଜାମର ପାରମ୍ପରିକ ଲୋକକଳା ଦର୍ଶକଙ୍କୁ ବିମୋହିତ କରିଥିଲା। ଦ୍ୱିତୀୟ ଅର୍ଘ୍ୟରେ ଜଟଣୀ ଶଶିମଣି କଳାମ୍ରିକା ଅନୁଷ୍ଠାନର କଳାକାରମାନେ ଓଡ଼ିଶୀରେ ମଙ୍ଗଳାଚରଣ, ଭଜନ ନୃତ୍ୟ ପରିବେଷଣ କରିଥିଲେ। ଗଞ୍ଜାମର ନାଟ୍ୟ ଅନୁଷ୍ଠାନ ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂଘ ପକ୍ଷରୁ ଲୋକକଳା କଣ୍ଢେଇନାଚ ପରିବେଷଣ କରାଯାଇ ବିଭିନ୍ନ ସାମାଜିକ ସଚେତନତାମୂଳକ ବାର୍ତ୍ତା ଦେଇଥିଲେ। ସୋନପୁରର ଦୟାଲ ସଙ୍ଗୀତ ଏକାଡେମୀ ପକ୍ଷରୁ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟ ରସରକେଲି, ଡାଲଖାଇ ପରିବେଷଣ କରଯାଇଥିଲା। ଶେଷରେ ବେଗୁନିଆ ସୌରବନ୍ଧୁ ଜେନା ଓ ଦଳ ପକ୍ଷରୁ ଘୋଡାନାଚରେ ଗ୍ରାମୀଣ ସଂସ୍କୃତି, ପରମ୍ପରାକୁ ଝଲକ ଦେଖିବାକୁ ପାଇଥିଲେ ଦର୍ଶକ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ସାଂସ୍କୃତିକ ସନ୍ଧ୍ୟା ସଂଯୋଜନା କରିଥିଲେ। ଓରମାସ ଉପନିର୍ଦ୍ଦେଶକ ଗୁଣ୍ଡିଚା ବେହେରା ଓ ଅନ୍ୟମାନେ ପଲ୍ଲିଶ୍ରୀ ମେଳା ପରିଚାଳନା କରୁଛନ୍ତି।

## ମିଲେଟ ମିଶନ ଭାଗ୍ୟ ପରିବର୍ତ୍ତନ କରିଛି



ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳାରେ କଟକ ବାଙ୍କୀ ବ୍ଲକ ଦୁଲଣାପୁର ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ମିଲେଟରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ବେଶ ଚାହିଦା ରହିଛି। ମାଣ୍ଡିଆ, ବାଜରା, ଯଅରେ ପ୍ରସ୍ତୁତ ବିଭିନ୍ନ ବିସ୍କୁଟ, ମିକ୍ସର, ସେଓ, ଗାଣ୍ଠିଆ, ପାସ୍ତା, ଚୂନା, ଛତୁଆ, ଖାସ୍ତା ଖଜା, ନିମିକି, ମୁଡକି ବ୍ୟତୀତ ଆରିସା, କାକରା, ରସଗୋଲା, ତାଡିଆ, ଗୁଲାବ ଜାମୁନ ଭଳି ୪୦ପ୍ରକାର ଖାଦ୍ୟ ସାମଗ୍ରୀ ରହିଛି। ଗତ ୮ମାସ ହେବ ଆରମ୍ଭ ହୋଇଥିବା ଏହି ଗ୍ରୁପ୍ ୨ଲକ୍ଷ ଟଙ୍କାରୁ କାମ ଆରମ୍ଭ କରିଥିଲେ। ଏବେ ୫ଲକ୍ଷ ଟଙ୍କା ମାସିକ ରୋଜଗାର କରୁଛନ୍ତି। ଉକ୍ତ ଗ୍ରୁପର ବିଜୟଲକ୍ଷ୍ମୀ ସାହୁ ଓ ସୋନାଲି ସେଠୀ କୁହନ୍ତି, କଟକ, କେନ୍ଦ୍ରପଡ଼ା, ନୟାଗଡ, କନ୍ଧମାଳ, ସମ୍ବଲପୁର, ବରଗଡ ଆଦି ସ୍ଥାନରେ ସାମଗ୍ରୀ ବିକ୍ରିର ସୁଯୋଗ ପାଇଥିବା ବେଳେ ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୃଷିମେଳାରେ ଦୁଲଣାପୁର ଉତ୍ପାଦକ ଗୋଷ୍ଠୀ ମିଲେଟ ମିଶନ ପୁରସ୍କୃତ ହୋଇଥିଲା। ମିଲେଟ୍ ମିଶନରେ ଯୋଡି ହେବା ଦ୍ୱାରା ଭାଗ୍ୟ ପରିବର୍ତ୍ତନ ହୋଇଛି। ସମସ୍ତ ସଦସ୍ୟ ଗୃହିଣୀ ହୋଇଥିବା ବେଳେ ଦିନକୁ ଦୁଇ ଘଣ୍ଟା ଉତ୍ପାଦ ପ୍ରସ୍ତୁତରେ ସହଯୋଗ କରୁଛନ୍ତି।

## ବ୍ରହ୍ମପୁର ଆଚାର, ପାମ୍ପଡ ଚାହିଦା ବଢୁଛି



ପଲ୍ଲୀଶ୍ରୀ ମେଳାରେ ଖୋଲିଛି ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ନରେନ୍ଦ୍ରପୁର ନାରୀ ଶକ୍ତି ଏସଏଚଜି ପସରା। ଏଠାରେ ୨୫ପ୍ରକାର ଆଚାର, ୧୦ ପ୍ରକାର ପାମ୍ପଡ, ଘରୋଇ ମସଲା ସମେତ ବଡି, ୫ ପ୍ରକାର ମୁଡୁକି ରହିଛି। ମହିଳାଙ୍କ ଏଠାରେ ବିଶେଷ ଭିଡ଼ ରହୁଛି। ବିଭିନ୍ନ ପ୍ରକାର ଖଟାମିଠା ଆଚାର, ପୋଦିନା, ଟମାଟୋ, ରାଶି ପାମ୍ପଡ ଗ୍ରାହକଙ୍କ ବେଶ ପସନ୍ଦ ରହିଛି। ଏହି ଗ୍ରୁପରୁ ଆସିଥିବା ମଧୁସୂଦନ ରଥ କୁହନ୍ତି,୨୦୦୩ ମସିହାରୁ ଏହି ବେପାର ଚାଲିଛି। ଓରମାସରେ ଯୋଡି ହେବା ପରେ ଓଡ଼ିଶା ବୁଲୁଛି। ସବୁଠି ବ୍ରହ୍ମପୁର ଆଚାର ପାମ୍ପଡ଼ର ଚାହିଦା ରହିଛି।

## କାଗଜରୁ ପ୍ରସ୍ତୁତ ଟେରାକୋଟା ସମ୍ମାନ ବଢ଼ାଇଛି



କେନ୍ଦୁଝରର ଆନନ୍ଦପୁର ଫକିରାପୁର ଆସିଥିବା ଗ୍ରାମ୍ୟଜ୍ୟୋତି ଏସଏଚଜି ଗ୍ରୁପ ପକ୍ଷରୁ ଖୋଲିଛି ହସ୍ତ ନିର୍ମିତ କାଗଜର ଟେରାକୋଟା ସାମଗ୍ରୀ। କାଗଜରେ ପ୍ରସ୍ତୁତ ବିଭିନ୍ନ ପ୍ରକାରରେ ଫୁଲଦାନୀ, ଫୁଲଷ୍ଟାଣ୍ଡ, ପେନ ଷ୍ଟାଣ୍ଡ, ମୁଖା, ଦେବଦେବୀ ଓ ପଶୁପକ୍ଷୀଙ୍କ ମୂର୍ତ୍ତି ଆକର୍ଷଣୀୟ ସାଜିଥିବା ବେଳେ ଗ୍ରାହକଙ୍କ ବେଶ ପସନ୍ଦ ମଧ୍ୟ ରହିଛି। ଏହି ଗ୍ରୁପର ସଞ୍ଜୟ କୁମାର ଓଝା କୁହନ୍ତି, ୨୦ବର୍ଷ ହେବ କାଗଜରେ ଭଳିକି ଭଳି ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏହା ଇକୋ-ଫେଣ୍ଡଲି ଏବଂ ଘରେ ସାଜସଜ୍ଜାରେ ମଧ୍ୟ ବେଶ ଆକର୍ଷଣୀୟ। ଏଥିପ୍ରତି ଲୋକଙ୍କ ଚାହିଦା ରହିଛି। ଲୋକେ ଫୋପାଡି ଦେଉଥିବା ପୁରୁଣା ବହି, ଖାତା, ପୁସ୍ତକ ଆଦିକୁ ସଂଗ୍ରହ କରାଯାଇ ପ୍ରସ୍ତୁତ ମଣ୍ଡରେ କଇଁଥ, ତେନ୍ତୁଳି ଅଠା, ପ୍ରାକୃତିକ ରଙ୍ଗ ଭରାଯାଇ ଏହାକୁ ଆକାର ଦିଆଯାଉଛି। ଏବେ ଓରମାସ ପକ୍ଷରୁ ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ପାଇଁ ନିମନ୍ତ୍ରଣ କରାଯାଉଛି। ଏହା ଆମର ସମ୍ମାନ ବଢ଼ାଇଛି।

## ଶିମିଳିପାଳ ମହୁ ଗ୍ରାହକଙ୍କ ପସନ୍ଦ



ପଲ୍ଲୀଶ୍ରୀ ମେଳାରେ ମହ ମହ ବାସୁଛି ମୟୂରଭଞ୍ଜ କପ୍ତିପଦାର ବାସୁଦେବ ଏସଏଚଜିର ଶିମିଳିପାଳ ମହୁ। ଏହି ମହୁ ଗ୍ରାହକଙ୍କ ପସନ୍ଦ ହୋଇଛି। ଏଥିସହିତ ବିଭିନ୍ନ ଜଙ୍ଗଲଜାତ ଆୟୁର୍ବେଦିକ ଜଡିବୁଟି, ପାଉଡର ଯଥା ଅର୍ଜୁନ ଛାଲି ଗୁଣ୍ଡ, ହରିଡା, ବାହାଡା, ଅଳାଁ, ତ୍ରିଫଳା, ନିମ୍ବପତ୍ର, ବାସଙ୍ଗ, ଚିରେଇତା ,ବେଲପତ୍ର, ବେଲ ପ୍ରଭୃତିର ଗୁଣ୍ଡ, ମୁଲତାନି ମାଟି, ଚନ୍ଦନ ପାଉଡର ସମେତ ପାଲୁଅ, ଝୁଣା, ଗୋଲମରିଚ, ସୋରିଷ ସମେତ ବାସୁମତି ଚାଉଳ ଆଦି ବିକ୍ରି ହେଉଛି। ମେଳାକୁ ଆସୁଥିବା ଲୋକେ ଶିମିଳିପାଳର ମହୁ, ନିମ୍ବତେଲ ଏବଂ ଯାବତୀୟ ପେଟରୋଗ, ହୃଦରୋଗ, ମଧୁମେହ ରୋଗ ପାଇଁ ଜଡିବୁଟି ଗୁଣ୍ଡ କିଣି ନେଉଛନ୍ତି। ଏହି ଗ୍ରୁପର ମନିଷସ ରାଜ କୁହନ୍ତି, ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଜଙ୍ଗଲ ଜାତ ସାମଗ୍ରୀ ସଂଗ୍ରହ କରି ଏହାର ପ୍ରସ୍ତୁତ କରାଯାଉଛି। ଏବେ ୩ବର୍ଷ ହେବ ବାସୁମତି ଚାଉଳ ଅମଳ ଆରମ୍ଭ କରାଯାଇଛି। ଲୋକଙ୍କ ଚାହିଦା ଅନୁସାରେ ସେମାନଙ୍କୁ ପଠାଇବା ମଧ୍ୟ ବ୍ୟବସ୍ଥା କରାଯାଉଛି। ଓରମାସ ଜରିଆରେ ବର୍ଷସାରା ବିଭିନ୍ନ ସ୍ଥାନ ବୁଲି ବେପାର କରୁଥିବା ବେଳେ ଲୋକଙ୍କ ଜଙ୍ଗଲଜାତ ଦ୍ରବ୍ୟ, ସାମଗ୍ରୀ ପ୍ରତି ବିଶେଷ ଆଗ୍ରହ ରହିଛି। ଏହା କେବଳ ରୋଜଗାର ଯୋଗାଇନି ବରଂ ଆତ୍ମ ସମ୍ମାନ ବଢ଼ାଇଛି।

# ସରକାରୀ କାର୍ଯ୍ୟ ଓଡ଼ିଆରେ କରାଯାଉ

ଖୋର୍ଦ୍ଧା ଅଫିସ,୨୩।୨


ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବରେ ଉପସ୍ଥିତ ଅତିଥିମାନେ।

ଭାଷା ଭିତ୍ତିରେ ପ୍ରଦେଶ ଗଠନରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ଇତିମଧ୍ୟରେ ୮୭ବର୍ଷ ବିତିଲାଣି। ଏପର୍ଯ୍ୟନ୍ତ ଏହା ସରକାରୀ ସ୍ତରରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏବେ ମଧ୍ୟ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ, ଭାଷାପ୍ରେମୀ ଆନ୍ଦୋଳନ କରୁଛନ୍ତି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଜାତୀୟସ୍ତରରେ ଏହାର ଗୌରବ ବୃଦ୍ଧି ପାଇଛି। ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆରେ ଚାଲିବା ଏବଂ ଓଡ଼ିଆ ନାମଫଳକ ନେଇ ପ୍ରତିଥର ସରକାରଙ୍କ ପକ୍ଷରୁ ତାଗିଦ୍ କରାଯାଉଛି। କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଉନାହିଁ ବୋଲି ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର କହିଛନ୍ତି। ଖୋର୍ଦ୍ଧା ଜିଲା ପ୍ରଶାସନ, ଓରମାସ ଓ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳା ୩ୟ ଦିବସରେ ସାଂସ୍କୃତିକ ମଣ୍ଡପରେ ସାହିତ୍ୟ ଆଲୋଚନା ଓ କବିତା ପାଠୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାଷା ସୁରକ୍ଷା ସମ୍ମିଳନୀର ଜିଲା ସଭାପତି ସତ୍ୟବାଦୀ ବଳିୟାରସିଂହ ଅଧ୍ୟକ୍ଷତା କରିଥିଲେ। 'ଆମ ମାତୃଭାଷା ଓଡ଼ିଆର ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଫେସର ମହାପାତ୍ର କହିଥିଲେ, ଯୁବପିଢି ଧୀରେ ଧୀରେ ମାତୃଭାଷା ପ୍ରତି ବିମୁଖ ହେଉଛନ୍ତି। ମା', ମାତୃଭୂମି ଏବଂ ମାତୃଭାଷା ସର୍ବଦା ବନ୍ଦନୀୟା। ଓଡ଼ିଆ ପୁସ୍ତକ ଅଧ୍ୟୟନ କର, ନିଜକୁ ଓଡ଼ିଆ ବୋଲି ଗର୍ବ ଅନୁଭବ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ କହିଥିଲେ, ଓଡ଼ିଆ ଭାଷାର ସମୃଦ୍ଧି, ବିକାଶ ଲାଗି ସାମୂହିକ ଉଦ୍ୟମ ଜରୁରୀ। ସାମାଜିକକର୍ମୀ କୃଷ୍ଣଚନ୍ଦ୍ର ହରିଚନ୍ଦନ କହିଥିଲେ, ଭାଷା ଖିଲାପକାରୀଙ୍କ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। କାର୍ଯ୍ୟକାରୀ କରାଯାଉନାହିଁ। ରାଜ୍ୟରେ ଭାଷା ଆୟୋଗ ଗଠନ ଲାଗି ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଙ୍କନାଥ ସେଠୀ, ଉମାଶଙ୍କର ପ୍ରସାଦ, ସାମାଜିକ କର୍ମୀ ରାମଶଙ୍କର, କିଶୋର ଚନ୍ଦ୍ର ପରମଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରା, ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକ, ମୃତ୍ୟୁଞ୍ଜୟ ଛୋଟରାୟ, ବିକ୍ରମ କେଶରୀ ଚମ୍ପତି, ଅନିରୁଦ୍ଧ ମହାନ୍ତି, ପଣ୍ଡିତ ବାସୁଦେବ ସାହୁ, ହାଜି ନିଜାମୁଦ୍ଦିନ୍, ଦିବ୍ୟଲୋଚନ ଭାରିମଲ, ଡ.ବୃନ୍ଦାବନ ପଣ୍ଡା ବିଳାସିନୀ ଦାସ, ବିଦ୍ୟାଧର ଲେଙ୍କା, ଡ. ଚପଳା ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ୩୭ଜଣ କବି କବୟିତ୍ରୀ କବିତା ପାଠ କରିଥିଲେ। ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଓ କବି ଗୋବିନ୍ଦ ଚନ୍ଦ୍ର ମହାରଣା ପରିଚାଳନା କରିଥିଲେ।

## 'ଜୈବିକ ଚାଷ ସୁସ୍ଥ ପରିବେଶ ଆଣିବ'

ଖୋର୍ଦ୍ଧା ଅଫିସ,୨୩।୨

ଖୋର୍ଦ୍ଧା ଜିଲାସ୍ତରୀୟ ପଲ୍ଲିଶ୍ରୀ ଓ କୃଷି ଯାନ୍ତ୍ରିକ ମେଳା ଅବସରରେ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ଦିବସରେ କୃଷକଙ୍କୁ ନେଇ ଏକ ପାଠଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଧିକ ଚାଷୀ ଯୋଗଦେଇଥିଲେ। ପ୍ରାଣୀ ସମ୍ପଦ ବିକାଶ ଏବଂ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରଚଳିତ ଯୋଜନା ସମ୍ପର୍କରେ ଚାଷୀଙ୍କୁ ବୁଝାଇଥିଲେ। କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ କରି ଆତ୍ମନିର୍ଭରଶୀଳ ହେବା ପାଇଁ ଯୁବଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। ପାରମ୍ପରିକ ଜୈବିକ ଚାଷ କରି ଏକ ସୁସ୍ଥ ପରିବେଶ ଓ ସୁସ୍ଥ ସମାଜ ଗଠନ ଦିଗରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ମୃତ୍ତିକା ସଂରକ୍ଷଣ ଯୋଜନାରେ ରହିଥିବା ଜଳଛାୟା ପ୍ରକଳ୍ପ, କ୍ଷେତ ପୋଖରୀ, ବନୀକରଣ ସମ୍ପର୍କରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ କହିଥିଲେ।

### ୮ଜଣଙ୍କୁ ରିହାତି ଦରରେ ଉପକରଣ ପ୍ରଦାନ

ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟ ଚାଷର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମତ୍ସ୍ୟ ସମ୍ପଦ ବିଭାଗ ଅଧିକାରୀମାନେ ଆଲୋଚନା କରିଥିଲେ। ସମସ୍ତ ଚାଷୀ କୃଷି ଯନ୍ତ୍ରପାତି ମେଳା ବୁଲି ବିଭିନ୍ନ ସାମଗ୍ରୀର ବ୍ୟବହାର, ଉପକାରିତା ଓ ରିହାତି ସମ୍ପର୍କରେ ଜାଣିଥିଲେ। ଏହି ଅବସରରେ ଚିଲିକା ଓ ବେଗୁନିଆ ବ୍ଲକର ମୋଟ୍ ୮ଜଣଙ୍କୁ ରିହାତି ଦରରେ ବିଭିନ୍ନ କୃଷି ଉପକରଣ ପ୍ରଦାନ କରାଯାଇଥିଲା। ଉଦ୍ୟାନ ବିଭାଗ ପକ୍ଷରୁ ୧୦ ଚାଷୀଙ୍କୁ ଫୁଆରା ଜଳସେଚନ ନିର୍ମାଣ କାର୍ଯ୍ୟାଦେଶ ଦିଆଯାଇଥିଲା। ପାଠଶାଳାରେ ଜିଲାସ୍ତରୀୟ କୃଷି ଅଧିକାରୀ, ପ୍ରାଣୀ ବିଜ୍ଞାନୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ, ଖୋର୍ଦ୍ଧା, ଟାଙ୍ଗୀ, ଚିଲିକା ଓ ବେଗୁନିଆର ସହକାରୀ କୃଷି ଅଧିକାରୀ ପ୍ରମୁଖ ଚାଷୀଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ପରିବାର ସହ ଅନଶନ

ବେଗୁନିଆ,୨୩।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ କାର୍ଯ୍ୟାଳୟର ଡେଲି ୱେଜେସ୍ ଜିପ୍ ଚାଳକଭାବେ ଚକାପଦା ଗ୍ରାମର ଚକ୍ରଧର ମୁଦୁଲି ୧୭ବର୍ଷ ହେବ ସେବା ଯୋଗାଇ ଆସୁଥିଲେ। ତେବେ କୌଣସି କାରଣରୁ ତାଙ୍କୁ ଛଟେଇ କରିଦିଆଯାଇଛି। ଏହାର ପ୍ରତିବାଦରେ ଗୁରୁବାର ଚକ୍ରଧର ପରିବାର ଲୋକଙ୍କ ସହ ତହସିଲ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ। ସ୍ଥାୟୀ ନିଯୁକ୍ତି କିମ୍ବା ୧୭ ବର୍ଷର ବକେୟା ଅର୍ଥ ମିଳିବା ପାଇଁ ଦାବି କରିଥିଲେ।

ସୂଚନାଥାଉ କି, ବେଗୁନିଆ ତହସିଲ କାର୍ଯ୍ୟାଳୟରେ ୨୦୦୬ରୁ ୧୭ବର୍ଷ ହେବ ଚକ୍ରଧର ଜିପ୍ ଚାଳକଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଦୈନିକ ୮ଘଣ୍ଟା ସେବା ଯୋଗାଇ ଦେବା ବଦଳରେ ୨୪ଘଣ୍ଟା କାର୍ଯ୍ୟରେ ନିୟୋଜିତ ରହୁଥିଲେ। କିଛିବର୍ଷ ହେବ ଅନେକ ସମୟରେ ଚକ୍ରଧର ଗ୍ରେଡ ୪ରେ କାର୍ଯ୍ୟ କରୁଥିଲେ। କାର୍ଯ୍ୟକାଳ ଶେଷ ହୋଇଯାଇଛି ବୋଲି କହି ପୂର୍ବତନ ତହସିଲଦାର ଗତ ନଭେମ୍ବରରେ ଚକ୍ରଧରଙ୍କୁ ଅନ୍ତର କରିଦେଲେ। ଫଳରେ ପରିବାର ଚଳାଇବା ଚିନ୍ତାରେ ପଡ଼ିଗଲେ ଚକ୍ରଧର। ସ୍ଥାୟୀ ନିଯୁକ୍ତି ଦେବା ସହିତ ବକେୟା ପାଉଣା ଦାବିରେ ସେ ରାଜସ୍ୱ ଓ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବ, ଆରଡିସି, ଜିଲାପାଳ, ଉପଜିଲାପାଳ, ଏସ୍‌ପି, ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ଜିଲା ଓ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଭିଯୋଗ କରି ଆସୁଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ପରିବାର ସହ ଅନଶନରେ ବସିଥିଲେ ବୋଲି ଚକ୍ରଧର କହିଛନ୍ତି। ସନ୍ଧ୍ୟାରେ ପ୍ରତିଶ୍ରୁତି ପରେ ଅନଶନରୁ ହଟିଥିଲେ। ଏ ସମ୍ପର୍କରେ ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା କୁହନ୍ତି, ଚକ୍ରଧରଙ୍କ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି। ତାଙ୍କୁ ତହସିଲ କାର୍ଯ୍ୟାଳୟରେ ଏକ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି।


ଚକ୍ରଧର ମୁଦୁଲି ପରିବାର ସହ ତହସିଲ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଛନ୍ତି।

## ଭେଟେରାନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ଶୁଟିଂ ଇଗଲ ଚାମ୍ପିୟନ

ନିରାକାରପୁର,୨୩।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଖଜୁରିପଡ଼ା ଇଦ୍‌ଗା ପଡିଆରେ ଦୁଇଦିନ ଧରି ଚାଲିଥିବା ଭେଟେରାନ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ସୁଟିଙ୍ଗ୍ ଇଗଲ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍ ଶୁଟିଂ ଇଗଲ କ୍ରିକେଟ କ୍ଲବ୍ ଓ ବୁମବୁମ ବସିରୀ କ୍ରିକେଟ କ୍ଲବ୍ ମଧ୍ୟରେ ହୋଇଥିଲା। ବୁମବୁମ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ ବିନିମୟରେ ୧୭୩ ରନ୍ ସଂଗ୍ରହ କରିଥିଲା। ଜବାବରେ ସୁଟିଙ୍ଗ୍ ଇଗଲ ୧୧.୫ ଓଭରରେ ୬ ଉଇକେଟ ବିନିମୟରେ ୧୭୪ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଅବଦୁଲ କାଦିର, ଜୁଲ ଫିକର ଖାଁ, ଇମରାନ୍ ଖାଁ, ଆଜାଉଦ୍ଦିନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଖଜୁରିପଡା ଗ୍ରାମ ସଭାପତି କମଲ ଖାଁ ଓ ସମ୍ପାଦକ ଜାକିର ଖାଁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସ ଅଫ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସେକ୍ ଅନ୍‌ସରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଫକ୍ରୁଦ୍ଦିନ ଖାଁ, ରହେମତୁଲ୍ଲା ସାହା, ଆଜାଦ ଖାଁ, ଅଜଗର ଖାଁ, ସାଦିକ୍ ଖାଁ, ରାଜା ଖାଁ, ଆରିକ ଖାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ଫ୍ରେଣ୍ଡ୍‌ସ କ୍ଲବ ହାୱଡ଼ା ସେମିରେ

ବେଗୁନିଆ,୨୩।୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ କୁଶପଲ୍ଲା ମିନି ଷ୍ଟାଡିୟମରେ ଚାଲିଥିବା ୩୬ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର କୋଲକାତାର ହାୱଡ଼ା ଫ୍ରେଣ୍ଡ୍‌ସ କ୍ଲବ ଓ ବିଶାଖାପାଟଣାର ଭାଇଜାଗ ସିଟି ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଫ୍ରେଣ୍ଡ୍‌ସ କ୍ଲବ ୨ଟି ଗୋଲ ଦେଇଥିବା ବେଳେ ଭାଇଜାଗ ସିଟି କ୍ଲବ ଗୋଟିଏ ଗୋଲ ଦେଇଥିଲା। ଫଳରେ ଫ୍ରେଣ୍ଡ୍‌ସ କ୍ଲବ ୨-୧ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅବଦୁଲ ଦୟାନ ଖାଁ ମ୍ୟାଚ ପରିଚାଳକ, ରାଜୁ ମହାନ୍ତି, ପ୍ରଫୁଲ୍ଲ କୁମାର ବେହେରା, ଓ ସଖାବତ ଅଲ୍ଲୀ ଖାଁ ସହ ପରିଚାଳକଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକକର୍ମୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି, ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସିମୋର ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଗ୍ରାମ ସଭାପତି ମହମ୍ମଦ ମହିଉଦ୍ଦିନ୍ ଅହମ୍ମଦ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଫୈଜଲ ହୋସେନ ଖାଁ, ମିହିର ରଞ୍ଜନ ମହାପାତ୍ର ଭାଷ୍ୟକାରଭାବେ ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ହାୱଡ଼ା ଫ୍ରେଣ୍ଡ୍‌ସ କ୍ଲବ ଓ ସାନ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବ୍ୟାରେଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**କଣ୍ଡାପଡା, ୨୩।୨(ଡି.ଏନ୍.ଏ.):** ମହାନଦୀର ଉପରମୁଣ୍ଡରେ ଛତିଶଗଡ ସରକାର ଏକାଧିକ ବ୍ୟାରେଜ୍ ନିର୍ମାଣ କରିଛନ୍ତି। ଏଥିଯୋଗୁ ଓଡ଼ିଶା ଦେଇ ପ୍ରବାହିତ ମହାନଦୀରେ ଜଳପ୍ରବାହ ହ୍ରାସ ପାଇଛି। ମହାନଦୀ ଜଳକୁ ଚାଷ ପାଇଁ ସଂରକ୍ଷିତ ରଖିବାକୁ ହେଲେ ଏହାର ତ୍ରିକୋଣଭୂମି ଅଞ୍ଚଳରେ ବ୍ୟାରେଜ ନିର୍ମାଣ ଅପରିହାର୍ଯ୍ୟ ହୋଇପଡିଛି। ଦେବୀନଦୀର ଝାରପଡାଠାରେ ୫୦ ଫୁଟରୁ ଉର୍ଦ୍ଧ୍ୱ ଗଭୀର ଜଳସ୍ତର ରହୁଥିବାରୁ ଏଠାକୁ ରାଜ୍ୟ ସରକାର ଅଗ୍ରାଧିକାର ଦେଇ ବ୍ୟାରେଜ ନିର୍ମାଣ କଲେ ତଳମୁଣ୍ଡରେ ଥିବା ଜଗତ୍‌ସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଜିଲାର ବ୍ୟାପକ ଅଞ୍ଚଳ ଜଳସେଚିତ ହେବ। ଏଥିସହ ବେକାରି ସମସ୍ୟା ଦୂରୀଭୂତ ହେବ ବୋଲି ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଜଣାଇଛନ୍ତି। କଟକ ଜିଲାର ସାଇଲୋ ଝାରପଡା ନିକଟରେ ଦେବୀନଦୀରୁ କନ୍ଦଳ ନଦୀ ସୃଷ୍ଟି ହୋଇଛି। ଏଠାରେ ଖରାଦିନେ ଅଧିକ ଜଳସ୍ତର ରହୁଥିବାରୁ ବ୍ୟାରେଜ ନିର୍ମାଣ କରାଗଲେ ତଳମୁଣ୍ଡରେ ଥିବା ଚାଷଜମିକୁ କେନାଲ ଯୋଗେ ଜଳସେଚନ ପାଇଁ ଥିବା ଅସୁବିଧା ଦୂର ହୋଇପାରନ୍ତା ବୋଲି ଉକ୍ତ ଚିଠିରେ ଦର୍ଶାଯାଇଛି। ଏ ସମ୍ପର୍କରେ ପ୍ରତାପନଗରୀ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଅଜୟ ବେହେରା କହିଛନ୍ତି, ଜଳସେଚନ ପାଇଁ କାକଟପୁର ବ୍ରାଞ୍ଚ କେନାଲ ରହିଛି। ଚାଷଜମିକୁ ପର୍ଯ୍ୟାପ୍ତ ପରିମାଣର ଜଳସେଚନ ହୋଇପାରୁଛି। ତେଣୁ ଏଠାରେ ବ୍ୟାରେଜ ନିର୍ମାଣର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

### ଉଦ୍ୟୋଗୀ ସପ୍ତାହ ପାଳନ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୨୩।୨:** ଉଦ୍ୟୋଗୀ ସପ୍ତାହ-୨୦୨୩ ପାଳନ ଉପଲକ୍ଷେ ଆସନ୍ତା ମାର୍ଚ୍ଚ ୫ରୁ ୯ ତାରିଖ ପର୍ଯ୍ୟନ୍ତ ଜିଲା ଶିଳ୍ପକେନ୍ଦ୍ର ଦ୍ୱାରା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗମାନଙ୍କର ଏକ ପ୍ରଦର୍ଶନୀ ଆୟୋଜନ କରାଯିବ। ଏଥିପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଅଧକ୍ଷତା କରି କହିଥିଲେ, ପ୍ରଦର୍ଶନୀ ଆୟୋଜନ ନିମନ୍ତେ ୧୫ ଲକ୍ଷ ଟଙ୍କାର ସରକାରୀ ବ୍ୟୟ ଅଟକଳ ହୋଇଛି। ଏଥିସହ ୭ଲକ୍ଷ ୫୦ ହଜାର ଟଙ୍କା ପ୍ରାୟୋଜକମାନଙ୍କ ମାଧ୍ୟମରେ ସଂଗ୍ରହ କରାଯିବ। ପ୍ରଦର୍ଶନୀରେ ୧୦୦ ଷ୍ଟଲ ନିର୍ମାଣ ହେବ। ପ୍ରଦର୍ଶନୀ ନିମନ୍ତେ ସ୍ଥାନ ନିରୂପଣ ଏବଂ ବିଭିନ୍ନ କମିଟି ଗଠନ କରାଯାଇ ସମ୍ପୃକ୍ତ ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ପ୍ରଦର୍ଶନୀରେ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତିର ମହିଳାମାନଙ୍କୁ ସାମିଲ କରାଯିବ। ସେହିପରି ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରଦର୍ଶନୀ ସ୍ଥଳୀ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ନିଜର ପ୍ରତିଭା ବଳରେ ଔଦ୍ୟୋଗିକ ବିକାଶରେ ନିଜକୁ ସାମିଲ କରିପାରିବେ ବୋଲି ସେ କହିଥିଲେ। ବୈଠକରେ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ନୱାଲ କିଶୋର ସିଂ ଯୋଗଦେଇ କହିଥିଲେ, ଆସନ୍ତା ମାର୍ଚ୍ଚ ୫ ତାରିଖ ବିଜୁ ବାବୁଙ୍କ ଜୟନ୍ତୀ ପାଳନ ଅବସରରେ ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ଅବଦାନକୁ ସମ୍ମାନ ଜଣାଇ ଏହି ପ୍ରଦର୍ଶନୀ ଆୟୋଜନ କରାଯାଉଛି। ଉକ୍ତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଜିଲା ଶିଳ୍ପକେନ୍ଦ୍ରର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବସ୍ତିରେ ରାତି କାଟିଲେ ମେୟର

**କଟକ ଅଫିସ,୨୩।୨**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମୋ’ ୱାର୍ଡ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହୋଇଛି। ସିଏମ୍‌ସି ମେୟର ସୁବାସ ସିଂ ୧ ନମ୍ବର ୱାର୍ଡରୁ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ଚହଟାସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରେ ବରିଷ୍ଠ ନାଗରିକମାନଙ୍କୁ ନେଇ ପ୍ରଥମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୱାର୍ଡର ପ୍ରାୟ ୨୦୦ ଜଣ ବରିଷ୍ଠ ନାଗରିକ ଯୋଗଦେଇ ଡ୍ରେନ୍ ସମସ୍ୟା, ରାସ୍ତାଘାଟ ମରାମତି, ସ୍ୱଚ୍ଛତା, ଡାକ୍ତରଖାନା, ନୂତନ କଲେଜ ପ୍ରତିଷ୍ଠା, ସ୍କୁଲ ଓ ଖେଳପଡିଆ ଆଦିର ଉନ୍ନତୀକରଣ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ମେୟର ସମସ୍ତଙ୍କ ମତାମତକୁ ଶୁଣିବା ପରେ ଯଥାଶୀଘ୍ର କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ସ୍ଥାନୀୟ କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି, ୱାର୍ଡ ସଭାପତି ବୀରେନ ବେହେରା, ଦୁର୍ଗାପୂଜା କମିଟି ସଭାପତି ପଞ୍ଚାନନ ସେନାପତି, ଭଗବାନ ଚାନ୍ଦ, ବିଶ୍ୱନାଥ ଧୀର, ବରିଷ୍ଠ ନାଗରିକ ହେମା ବେହେରା, ବିଚିତ୍ରାନନ୍ଦ ସାମଲ, ନଗେନ ମହାନ୍ତି, ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ପରେ ମେୟର ବନ୍ଧତଳ ବସ୍ତି ଏବଂ ବିଡାନାସୀର ବିଭିନ୍ନ ସାହି



ବୈଠକରେ ରାଧାକିଶୋରପୁର ବସ୍ତିବାସିନ୍ଦା ସମସ୍ୟା ସମ୍ପର୍କରେ ମେୟରଙ୍କୁ ଅବଗତ କରାଉଛନ୍ତି।

### ଆରମ୍ଭ ହେଲା ମୋ ୱାର୍ଡ ଅଭିଯାନ

ବୁଲିଥିଲେ। ଶେଷରେ ସେ ବନ୍ଧତଳ ବସ୍ତିରେ ଭୋଜନ କରିବା ସହ ରାତ୍ରୀଯାପନ କରିଥିଲେ। ଏ ନେଇ ମେୟର ସିଂ କହିଛନ୍ତି, ଲୋକମାନଙ୍କ ସମସ୍ୟା ସମାଧାନ କରିବା ଓ ସହରର ସର୍ବାଙ୍ଗୀନ ଉନ୍ନତି କରିବା ପ୍ରଥମ କର୍ତ୍ତବ୍ୟ। ସେଥିପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଶୁକ୍ରବାର ସକାଳୁ ୱାର୍ଡ ଅନ୍ୟ ଅଞ୍ଚଳରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯିବା କାର୍ଯ୍ୟକ୍ରମ ରହିଛି। ବିଶେଷକରି ସକାଳ ୬ଟାରୁ ସାଢେ ୮ଟା ମଧ୍ୟରେ ବିଡାନାସୀ ବଉଳଛକରେ ଥିବା ହାଜିରାକୁ ମେୟର ତଦାରଖ କରିବେ। ଏଥିସହ ୱାର୍ଡରେ ପରିମଳ ବ୍ୟବସ୍ଥାର ସ୍ଥିତି ଓ ଅଳିଆ ସଂଗ୍ରହ ଠିକ୍ ଭାବେ କରାଯାଉଛି କି ନାହିଁ ତାହା ବୁଲି ଦେଖିବେ। ପୂର୍ବାହ୍ନରୁ ଏହି ପରିକ୍ରମାରେ ସିଏମ୍‌ସି କମିଶନର ନିଖିଳ ପୱନ କଲ୍ୟାଣ ସାମିଲ ହେବେ। ପୂର୍ବାହ୍ନ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ବିଡାନାସୀରେ ଡ୍ରେନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂକ୍ରାନ୍ତରେ ସମୀକ୍ଷା ହେବ ଏବଂ ୱାର୍ଡରେ ସିଏମ୍‌ସିର ସମସ୍ତ ପ୍ରକଳ୍ପ କାର୍ଯ୍ୟର ଅନୁଧାନ କରିବେ ମେୟର ଓ କମିଶନର। ସେହିପରି ସାଢେ ୧୧ଟାରୁ ସାଢେ ୧ଟା ମଧ୍ୟରେ ୧ ନଂ. ୱାର୍ଡର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଓ ଡାକ୍ତରଖାନାକୁ ମେୟର ଅନୁଧାନ କରିବାର କାର୍ଯ୍ୟକ୍ରମ ରହିଛି। ୧ ଘଣ୍ଟା ବିଶ୍ରାମ ନେବା ପରେ ଅପରାହ୍ନ ୩ଟାରୁ ସ୍ଥାନୀୟ ଗାୟତ୍ରୀ ମନ୍ଦିରରେ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହେବ। ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ଥାନୀୟ ଯୁବକ ଓ ସ୍ପୋର୍ଟ୍ସ କ୍ଲବ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନଙ୍କୁ ନେଇ ଉକ୍ତ ସ୍ଥାନରେ ପୃଥକଭାବେ ବୈଠକ ହୋଇ ବିଭିନ୍ନ ବିଷୟରେ ଆଲୋଚନା କରାଯିବ। ଏହାପରେ ଶ୍ରମିକକାର୍ଡ ପାଇଥିବା ହିତାଧିକାରୀ, ଉଠାଦୋକାନୀ, ଅଟୋ ଡ୍ରାଇଭରମାନଙ୍କ ସହ ମେୟର ଆଲୋଚନା କରିବେ। ପୁଣି ବସ୍ତିରେ ମେୟର ରାତ୍ରିଯାପନ କରି ୨୫ ତାରିଖରେ ବରିଷ୍ଠ ନାଗରିକଙ୍କ ସହ ପ୍ରାତଃ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।

### ରାଧାକିଶୋରପୁର ବସ୍ତି ସ୍ଥିତି ଅନୁଧାନ କଲେ

ମୋ ୱାର୍ଡ ଅଭିଯାନରେ ମେୟର ବିଡାନାସୀର ରାଧାକିଶୋରପୁର ବସ୍ତି ବୁଲି ସ୍ଥିତି ଅନୁଧାନ କରିଥିଲେ। ଏହି ଅବସରରେ ଜାଗା ମିଶନର ସମ୍ପାଦକ ବିରଞ୍ଚି ନାରାୟଣ ପତିଙ୍କ ଅଧ୍ୟକ୍ଷତା ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉକ୍ତ ବସ୍ତିର ପ୍ରାୟ ୨୬୦ ଜଣ ବାସିନ୍ଦା ଯୋଗଦେଇ ୱାର୍ଡର ସମସ୍ୟା ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ବିଶେଷକରି ବସ୍ତି ରାସ୍ତାର ଉନ୍ନତୀକରଣ, ଡ୍ରେନ୍ ମରାମତି, ବସ୍ତି ଦାଣ୍ଡରେ ପେଭର୍ ବ୍ଲକ କାର୍ଯ, ଗୋଟିଏ କମ୍ୟୁନିଟି ସେଣ୍ଟର, ଅଙ୍ଗନୱାଡି ଗୃହ, ଠାକୁର ଘର ନିର୍ମାଣ, ଜାଗା ମିଶନ ଦାରା ସ୍ଥାୟୀ ପଟ୍ଟା ପ୍ରଦାନ, ନିର୍ମାଣ ଶ୍ରମିକ ପତ୍ର ପ୍ରଦାନ ପାଇଁ ମେୟରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ସଞ୍ଜୀବିତା ରାୟ, ଅଜୟ ମହାନ୍ତି, ଶ୍ୱେତପଦ୍ମା ଡି. ଶତପଥୀ ଉପସ୍ଥିତ ରହି ଉକ୍ତ ପ୍ରସ୍ତାବ ଗ୍ରହଣ କରି ଯଥାଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ଜାଗା ମିଶନ ସଭାପତି ପାର୍ବତୀ ବାରିକ, କାହ୍ନୁଚରଣ ବେହେରା, ସୁବାସ ନାୟକ, ଅଜିତ୍ ବେହେରା, ସବିତା ସିଂ, ରଞ୍ଜିତ ସାମଲ, ସୁବାସ ପଣ୍ଡା, ଜଗନ୍ନାଥ ସ୍ୱାଇଁ, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀଙ୍କ ସହ ଅନ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ।

### ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଛାତ୍ରୀଛାତ୍ର

**ସିଟି କଲେଜର ବାର୍ଷିକ ଉତ୍ସବ**

**କଟକ ଅଫିସ,୨୩।୨**

ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜର ବାର୍ଷିକ ଉତ୍ସବ ଗୁରୁବାର କଟକ ଶହୀଦ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସରୋଜ ଦେଓଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କଟକ ଡିସିପି ପିନାକ ମିଶ୍ର ଯୋଗଦେଇ ନେତାଜୀଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହେବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଅତିରିକ୍ତ ଜିଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ଶିବ ଟପ୍ପୋ ଯୋଗଦେଇ କଲେଜରେ ଶିକ୍ଷାଦାନ ଓ ପରୀକ୍ଷା ଫଳକୁ ନେଇ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ। ଅନୁଷ୍ଠାନର ବିକାଶ ପାଇଁ ସମସ୍ତ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫେସର ଜିତେନ୍ଦ୍ର ନାରାୟଣ ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. କାର୍ତ୍ତିକ ପ୍ରସାଦ ଜେନା ଓ ସମ୍ମାନିତ ବକ୍ତା ଭାବେ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂ ଯୋଗ ଦେଇଥିଲେ। ଏହି ଅବସରରେ ତାନ୍‌ସେନ୍‌ଙ୍କ ସଙ୍ଗୀତରେ ସମସ୍ତେ ବିମୋହିତ ହୋଇଥିଲେ। ଉତ୍ସବରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଡ. ଧରଣୀଧର ପଣ୍ଡା ଅତିଥି ପରିଚୟ, ଡ. ସତ୍ୟପ୍ରିୟ ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ପ୍ରାଧ୍ୟାପିକା ଡ. ସଂଘମିତ୍ରା ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।



**ଆସୁଛି ହୋଲି:** କଟକ ଚୌଧୁରୀ ବଜାର ଅଞ୍ଚଳର ଏକ ରଙ୍ଗ ଦୋକାନରେ ଜଣେ ଖୁଚୁରା ବ୍ୟବସାୟୀ ପିଚକାରୀ ଦେଖୁଛନ୍ତି।

# କଟକ ଜିଲାରେ ପୋଲିସ ଅଧିନିୟମ ଧାରା ୩୦ ବଳବତ୍ତର

**କଟକ ଅଫିସ,୨୩।୨**

**ଫେବୃୟାରୀ ୧୭ରୁ ମେ’ ୧୮ ଯାଏ କଟକଣା**

କଟକ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଆଦେଶନାମା ଅନୁଯାୟୀ ପୋଲିସ ଅଧିନିୟମ ଧାରା ୩୦ ଗତ ୧୭ ତାରିଖଠାରୁ ଆସନ୍ତା ମେ’ ୧୮ ତାରିଖ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଆଦେଶନାମା ଅନୁଯାୟୀ, ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର, ଟାଙ୍ଗୀ, ଗୁରୁଡ଼ିଝାଟିଆ, ଖୁଣ୍ଟୁଣୀ, ଆଠଗଡ଼, ତିଗିରିଆ, ବଡ଼ମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋବ୍ରା(?), କାନପୁର, ବାଙ୍କୀ ଓ ଭଦ୍ରେଶ୍ୱର ଥାନା ସୀମା ମଧ୍ୟରେ ଏହା ନିୟମ ଲାଗୁ ହେବ। କୌଣସି ରାଜନୈତିକ ସଙ୍ଗଠନ କିମ୍ବା ବ୍ୟକ୍ତିବିଶେଷ ସାମୁହିକ ଭାବେ ଶୋଭାଯାତ୍ରା, ଧାରଣା, ଅନିୟନ୍ତ୍ରିତ ଗହଳି ସଙ୍ଗଠିତ ହେଉଥିବା ଓ ଏଥିଜନିତ ଶାନ୍ତିଭଙ୍ଗ ହେବାର ଆଶଙ୍କା ଥିଲେ, ସେଥିପାଇଁ ସମ୍ପୃକ୍ତ ଅଞ୍ଚଳର ଉପଖଣ୍ଡ ପୋଲିସ ଅଧିକାରୀ/ପୋଲିସ ନିରୀକ୍ଷକ/ଭାରପ୍ରାପ୍ତ ଅଧିକାରୀଙ୍କଠାରୁ ୩୦ଧାରା ଅନୁଯାୟୀ ଅନୁମତି ନେବାକୁ ପଡିବ ବୋଲି ଆଦେଶନାମାରେ ପ୍ରକାଶ ପାଇଛି।

### ବିବାହ ଶୋଭାଯାତ୍ରାରେ ବନ୍ଧୁକ ଦେଖାଇ ୨ ବରଯାତ୍ରୀ ଗିରଫ

**କଟକ ଅଫିସ,୨୩।୨**

ବାଦାମବାଡ଼ି ଥାନା ଅଞ୍ଚଳରେ ଏକ ବିବାହ ଶୋଭାଯାତ୍ରାରେ ବନ୍ଧୁକ ଦେଖାଇ ନାଚିବା ଘଟଣାରେ ପୋଲିସ ଦୁଇ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସନ୍ଦିପ ପାତ୍ର ଓ ପ୍ରଶାନ୍ତ ଗିରି। ପ୍ରଶାନ୍ତଙ୍କଠାରୁ ୪ ରାଉଣ୍ଡ ଗୁଳି ଜବତ କରାଯାଇଛି। ବୁଧବାର ରାତିରେ ପୁରୁଣା ଏଲ୍‌ଆଇସି କଲୋନୀ ନିକଟରେ ଏକ ବିବାହ ଶୋଭାଯାତ୍ରା ଯାଉଥିଲା। ଏଥିରେ ସାମିଲ ଥିବା ସନ୍ଦୀପ ଏକ ବନ୍ଧୁକ ପକେଟରୁ ବାହାର କରି ବୁଲାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଦୀପଙ୍କୁ କାବୁ କରି ଥାନାକୁ ଆଣିଥିଲା। ପଚରାଉଚରା କରିବାରୁ ସେ ନିଜ ସାଙ୍ଗ ପ୍ରଶାନ୍ତଙ୍କଠାରୁ ବନ୍ଧୁକ ଆଣିଥିବା କହିଥିଲେ। ପୋଲିସ ପ୍ରଶାନ୍ତଙ୍କୁ ଥାନାକୁ ଆଣିବା ପରେ ବନ୍ଧୁକ ରଖିବା ପାଇଁ ତାଙ୍କ ପାଖରେ ଲାଇସେନ୍ସ ଥିବା ଜାଣିବାକୁ ପାଇଥିଲା। ହେଲେ ସେ ବନ୍ଧୁକକୁ ବେଆଇନ ଭାବେ ଅନ୍ୟକୁ ହସ୍ତାନ୍ତର କରିଥିବା ଓ ଶୋଭାଯାତ୍ରାରେ ବନ୍ଧୁକ ବୁଲାଇଥିବାରୁ ଉଭୟଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# ନିର୍ମାଣ ହେବ ଦ୍ୱିତୀୟ ଶହୀଦ ଭବନ

**କଟକ ଅଫିସ, ୨୩।୨**

**ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକ**

କଟକ ମହାନଗର ନିଗମ (ସିଏମ୍‌ସି) ଲାଇସେନ୍ସ ଷ୍ଟାଣ୍ଡିଂ କମିଟିର ବୈଠକ ଗୁରୁବାର ସ୍ଥାନୀୟ ବିଜୁ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଚିଠା ବଜେଟ ଉପରେ ଆଲୋଚନା ହୋଇଥିଲା। ଏଥିସହ ବିଭିନ୍ନ ଉତ୍ସର ଆୟବ୍ୟୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସେହିଭଳି ଚୌଧୁରୀ ବଜାରଠାରେ ଥିବା ଶହୀଦ ଭବନର ପ୍ରଥମ ମହଲାରେ ଏକ ସମ୍ମିଳନୀ କକ୍ଷ, ଚୌଦ୍ୱାର-କଟକ କିମ୍ବା କଟକ ସଦର ଅଞ୍ଚଳର ୱାର୍ଡ ମଧ୍ୟରେ ଦ୍ୱିତୀୟ ଶହୀଦ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନେ ପ୍ରଥମେ ବଜେଟ ଉପରେ ଆଲୋଚନା କରିଥିଲେ। ଏହାପରେ ସିଏମ୍‌ସିର ରାଜସ୍ୱ ବୃଦ୍ଧି ଓ ଦୋକାନ ଭଡା ହ୍ରାସ ସମ୍ପର୍କରେ ତର୍ଜମା ହୋଇଥିଲା। ହୋର୍ଡିଂ ଏଜେନ୍ସିମାଲିକଙ୍କଠାରୁ ତୁରନ୍ତ ବକେୟା ଅର୍ଥ ଆଦାୟ ପାଇଁ ବୈଠକରେ ସଦସ୍ୟମାନେ କହିଥିଲେ। ଆସନ୍ତା ଜୁଲାଇ ସୁଦ୍ଧା ହୋର୍ଡିଂ ଏଜେନ୍ସି ମାଲିକମାନେ ବକେୟା ଅର୍ଥ ସିଏମ୍‌ସିରେ ଦାଖଲ କରିବାକୁ ଆଲୋଚନା ହୋଇଥିଲା। ସହରରେ ଦୈନନ୍ଦିନ ସଭା ସମିତି ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନିଗମର ଚୌଧୁରୀ ବଜାର ଶହୀଦ ଭବନ ପୁନରୁଦ୍ଧାର ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବିଶେଷକରି ଚୌଦ୍ୱାର-କଟକ ଓ କଟକ ସଦର ଅନ୍ତର୍ଗତ ୱାର୍ଡରେ ସଭା ସମିତି କରିବାକୁ କୌଣସି ସମ୍ମିଳନୀ କକ୍ଷ ନ ଥିବାରୁ ଲୋକେ ବାଧହୋଇ ଟାଉନ ହଲ ନଚେତ ଶହୀଦ ଭବନ ଉପରେ ନିର୍ଭର କରୁଛନ୍ତି। ତେଣୁ ସେଠାରେ ଦ୍ୱିତୀୟ ଶହୀଦ ଭବନ ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ବୈଠକ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଗୋପାଳପୁରଠାରେ ଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ତାହା ନଷ୍ଟ ହେବାରେ ଲାଗିଛି। ଫଳରେ ସିଏମ୍‌ସିର ରାଜସ୍ୱ ହାନି ଘଟୁଛି। ତେଣୁ ଉକ୍ତ ମଣ୍ଡପକୁ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରି ରାଜସ୍ୱ ବୃଦ୍ଧି କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।




କଟକସ୍ଥିତ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏକ୍ସଟ୍ରା ମୁରାଲ ଲେକ୍‌ଚର ଅନ୍ ରିସର୍ଚ୍ଚ ମେଥଡଲୋଜିରେ ଯୋଗଦେଇଥିବା ଅତିଥିବୃନ୍ଦ।

# ମାର୍ଚ୍ଚ ୫ରେ ପାଳନ ହେବ ବିଜୁବାବୁଙ୍କ ଜୟନ୍ତୀ

**କଟକ ଅଫିସ, ୨୩।୨**

ଜିଲା ପ୍ରଶାସନ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ଆସନ୍ତା ମାର୍ଚ୍ଚ ୫ରେ ପାଳନ କରାଯିବ। ବିଜୁବାବୁଙ୍କ ଜନ୍ମସ୍ଥାନ ଆନନ୍ଦ ଭବନ ସଂଗ୍ରହାଳୟ ଓ ଅଧ୍ୟୟନ କେନ୍ଦ୍ର ପରିସରରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଜିଲା ସଂସ୍କୃତି କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମାର୍ଚ୍ଚ ୫ରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କହିଥିଲେ, ବିଜୁ ବାବୁଙ୍କ ଜୟନ୍ତୀ ପାଳନ ନିମନ୍ତେ ଆନନ୍ଦ ଭବନ ପରିସରକୁ ପରିଷ୍କାର କରାଯିବ। ଏଥିସହ ଆବଶ୍ୟକ ମରାମତି ଓ ରଙ୍ଗ କରିବାକୁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ କୁହାଯିବ। ସେହିପରି ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଉପଲବ୍ଧ କରାଇବା ନିମନ୍ତେ ଟିପିସିଓଡିଏଲ କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଛି। ଜୟନ୍ତୀ ଉତ୍ସବ ଅବସରରେ ପୁଷ୍ପ ଓ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। ସମ୍ପୃକ୍ତ ସମସ୍ତ ଅଧିକାରୀ ଜୟନ୍ତୀ ପାଳନକୁ ସଫଳ କରାଇବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଜିଲାପାଳ ଚୟନୀ କହିଥିଲେ। ଆନନ୍ଦ ଭବନକୁ ଆଲୋକୀକରଣ କରିବା ନିମନ୍ତେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପଦକ୍ଷେପ ଗ୍ରହଣ କରିବେ ବୋଲି ଜଣାପଡିଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**ହୋଟେଲ, ଦୋକାନରେ ଚଢ଼ାଉ**

# ୫୦ କେଜି ଖାଦ୍ୟ ନଷ୍ଟ

**କଟକ ଅଫିସ,୨୩।୨**

- ୨ ବ୍ୟବସାୟୀଙ୍କୁ ଜରିମାନା
- କେନାଲରେ ଆବର୍ଜନା ନ ପକାଇବାକୁ ତାଗିଦ

କଟକ ସହରର ବିଭିନ୍ନ ସ୍ଥାନରେ ବାସୀ ଓ ନିମ୍ନମାନର ଖାଦ୍ୟ ବିକ୍ରି କରାଯାଉଛି। ଏହାକୁ ଖାଇବା ଦ୍ୱାରା ଲୋକମାନଙ୍କ ରୋଗ ବାହାରୁଛି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଅଭିଯୋଗ ହେବା ପରେ କଟକ ମହାନଗର ନିଗମ(ସିଏମ୍‌ସି) ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କିଛିଦିନ ହେବ ବିଭିନ୍ନ ହୋଟେଲ, ଦୋକାନରେ ଚଢାଉ ଜାରି ରହିଛି। ଯାଞ୍ଚବେଳେ ବାସୀ ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଜଣାପଡିଲେ ତାହାକୁ ଜବତ କରି ନଷ୍ଟ କରାଯାଉଛି। ଏଥିସହ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏହି କ୍ରମରେ ଗୁରୁବାର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ରାଣୀହାଟ ତାଳଦଣ୍ଡା କେନାଲ ରୋଡ ନିକଟ ହୋଟେଲ ଓ ଦୋକାନରେ ଚଢ଼ାଉ କରାଯାଇଥିଲା। ସେଠାରେ ଥିବା ମା’ ହୋଟେଲ ଓ ଏକ ଚିକେନ ଦୋକାନ ଯାଞ୍ଚ କରାଯାଇ ବ୍ୟବସାୟୀଙ୍କ ନିକଟରୁ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ଉକ୍ତ ହୋଟେଲରୁ ପ୍ରାୟ ୫୦ କେଜି ଓଜନର ନିମ୍ନମାନର ଓ ରଙ୍ଗମିଶା ଖାଦ୍ୟ ଜବତ ହୋଇ ନଷ୍ଟ କରାଯାଇଥିଲା। ଏହାଛଡା ଦୋକାନ ପରିଷ୍କାର ରଖିବା ପାଇଁ ପ୍ରତ୍ୟେକ ବ୍ୟବସାୟୀଙ୍କୁ ସଚେତନ କରାଯାଇଥିଲା। ଦୋକାନରୁ ବାହାରୁଥିବା ଆବର୍ଜନା ତାଳଦଣ୍ଡା କେନାଲରେ ନ ପକାଇବା ପାଇଁ ତାଗିଦ୍ ସହ ନୋଟିସ୍ ଜାରି କରାଯାଇଥିବା ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଏହି ଚଢ଼ାଉରେ ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ହେଲେ ଏଥିରେ ବର୍ଜ୍ୟବସ୍ତୁ ଫିଙ୍ଗା ଯାଉଥିବାରୁ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ କ୍ଷୋଭ ପ୍ରକାଶ କରିଛନ୍ତି।



ସିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।




ଗୋପବନ୍ଧୁ ସଂଗ୍ରହାଳୟରେ ନିର୍ମିତ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଲି ଦେଖୁଛନ୍ତି ।



ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ଅନ୍ୟମାନେ ।



ସଭାରେ ସାରସ୍ୱତ ସାଧକ ସତ୍ୟନାରାୟଣ ମିଶ୍ରଙ୍କ ପୁସ୍ତକ 'ଉତ୍କଳମଣି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

**ଓଡ଼ିଆଜାତିର ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଐତିହ୍ୟ ଜନ୍ମପୀଠ ସୁଆଣ୍ଡୋ ଗ୍ରାମ ଗୁରୁବାର ନୂଆ ରୂପରେ ଝଲସିଉଠିଛି। ଐତିହ୍ୟ ଗାଥା କହୁଥିବା ଗୋପବନ୍ଧୁଙ୍କ ସଂଗ୍ରହାଳୟ, ୧୫ଫୁଟ ଉଚ୍ଚର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି, ଷଠିଘର, ଗ୍ରାମ ମନ୍ଦିର, ପୈତୃକ ବାସଗୃହକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରି ମହାପୁରୁଷଙ୍କ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ପର୍ଯ୍ୟଟକ ଗୋପବନ୍ଧୁଙ୍କ ଅତୀତର ସ୍ମୃତିକୁ ନିକଟରୁ ସାଉଁଟିପାରିବେ ।**



ଗୋପବନ୍ଧୁଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଗ୍ରାମର କାୟାକଳ୍ପକୁ ମୁଖ୍ୟମନ୍ତ୍ରୀ ପୁଷ୍ପ ମାଲ୍ୟାର୍ପଣ କରୁଛନ୍ତି ।



ସଭାରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



ଗୋପବନ୍ଧୁଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଗ୍ରାମର କାୟାକଳ୍ପ ଉଦ୍‌ଘାଟନ ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଏସ୍‌ଏଚ୍‌ଜି ଗୋଷ୍ଠୀର ମହିଳା ଓ ଜନସାଧାରଣ ।

# ରାସ୍ତାକଡ଼ରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ଯୁବକଙ୍କ ମୃତ୍ୟୁ

**ଗୋପ,୨୩।୨(ଡି.ଏନ୍.ଏ.)**

ନୟାହାଟ- ନାଗପୁର ରାସ୍ତା ପଲ୍ଲିଛକ ଅନତି ଦୂରରେ ଥିବା ଗୋଟିଏ ବ୍ରିଜ୍ ନିକଟସ୍ଥ ରାସ୍ତା କଡ଼ରୁ ଗୁରୁବାର ପୂର୍ବାହ୍ନରେ ଉଦ୍ଧାର ହୋଇଥିବା ଯୁବକଙ୍କ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ନୟାହାଟ ଫାଣ୍ଡି ଅନ୍ତର୍ଗତ ସିଙ୍ଗିପାନିଆ ଗ୍ରାମର ରଶ୍ମି ରଞ୍ଜନ ସାହୁ (୩୩) ।

ସୂଚନା ଯେ, ଯୁବକ ଜଣକ ବୁଧବାର ରାତ୍ର ସାଢ଼େ ୯ଟାବେଳେ ତାଙ୍କ ବାଇକ୍ ନମ୍ବର ଯୋଗେ ପୁରୀରୁ ଗାଁକୁ ଫେରୁଥିଲେ। ନୟାହାଟ- ନାଗପୁର ରାସ୍ତାର କାଦୁଆ ବ୍ରିଜ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ ବେଣାବୁଦା ମୂଳରେ ପଡିଯାଇ ଚେତା ହରାଇ ଥିଲେ। ଗୁରୁବାର ସକାଳ ୧୦ଟା ସମୟରେ ରାସ୍ତାରେ ଯାଉଥିବା ଜଣେ ସ୍ଥାନୀୟ ଲୋକ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ଚାରିଛକ ଡାକ୍ତରଖାନାକୁ ପଠାଇଥିଲେ। ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏପରି ମୃତ୍ୟୁ ଅଭିଯୋଗ ସମ୍ପର୍କରେ ଗୋପ ଥାନା ଅଧିକାରୀ ସୁନୀଲ ପ୍ରଧାନଙ୍କୁ ପଚାରିବାରେ, ମୃତକଙ୍କ ବାଇକ୍ ଜବତ କରାଯାଇଛି। ପରିବାର ପକ୍ଷରୁ ଅଭିଯୋଗ ଆସିବା ପରେ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି। ମୃତ ଯୁବକ ଜଣକ ବିବାହିତ ହୋଇଥିବାବେଳେ ତାଙ୍କର ଗୋଟିଏ ଝିଅ ଥିବା ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀଙ୍କ ସୁଆଣ୍ଡୋ ଗସ୍ତର ଏପାଖସେପାଖ...

**ସାକ୍ଷୀଗୋପାଳ,୨୩।୨(ସ୍ୱ.ପ୍ର./ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପୁରୀ ଜିଲା ସତ୍ୟବାଦୀ ବ୍ଲକର ସୁଆଣ୍ଡୋ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥରୁ ଆରମ୍ଭ କରି ଗୋପବନ୍ଧୁଙ୍କ ଜନ୍ମପୀଠ ପର୍ଯ୍ୟନ୍ତ ପୁରା ଅଞ୍ଚଳ ପୋଲିସର ନଜରରେ ରହିଥିଲା। ଏଥିପାଇଁ ୨୨ ପ୍ଲାଟୁନ ଫୋର୍ସ, ୩ଜଣ ଆଡିଶନାଲ ଏସ୍‌ପି , ୨୮ ଇନ୍ସପେକ୍ଟର, ୭୮ ସବ୍ ଇନ୍ସପେକ୍ଟରଙ୍କ ସହ ଅନ୍ୟ ସୁରକ୍ଷାକର୍ମୀ ନିୟୋଜିତ ଥିଲେ। ଅପରପକ୍ଷେ କାର୍ଯ୍ୟକ୍ରମକୁ ପ୍ରଶାସନ ପକ୍ଷରୁ ୨୦ ହଜାର ସମର୍ଥକଙ୍କ ସମାଗମ ହେବ ବୋଲି ଆକଳନ କରିଥିଲା କିନ୍ତୁ ଆକଳନଠାରୁ ଢେର ଅଧିକ ଲୋକ ବଢିଯିବାରୁ ପ୍ରଶାସନକୁ ନୟାନ୍ତ ହେବାକୁ ପଡ଼ିଥିଲା। ଏପରି କି ମୁଖ୍ୟମନ୍ତ୍ରୀ ସୁଆଣ୍ଡୋ ଛାଡି ଯିବାପରେ ମଧ୍ୟ ଲୋକଙ୍କ ଭିଡ଼ କମି ନଥିଲା।

## ସଭାସ୍ଥଳ ଲୋକାରଣ୍ୟ ଥିଲା

ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବା ପରେ ସଭାସ୍ଥଳରେ ପହଞ୍ଚିଥିଲେ। ଏହି ସମୟ ମଧ୍ୟରେ ମଞ୍ଚରେ ବିଭିନ୍ନ ମହିଳା ଗୋଷ୍ଠୀ, କର୍ମୀ ଓ ଲୋକଙ୍କ ଭିଡ଼ ଜମିବାରେ ଲାଗିଥିଲା। ମଞ୍ଚ ସମ୍ମୁଖରେ ସାଧାରଣ ଲୋକଙ୍କ ପାଇଁ ପଡିଥିବା ଚେୟାର ସଂଖ୍ୟାଠାରୁ ଅତ୍ୟାଧିକ ଲୋକ ଆସିଥିଲେ। ଏପରିକି ଉପରେ ପଡ଼ିଥିବା ଟେଣ୍ଟ କପଡା ମଧ୍ୟ ଛୋଟ ରହିଥିଲା। ଫଳରେ ଦୀର୍ଘ ସମୟ ଧରି ପ୍ରବଳ ଖରାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ହଜାର ମହିଳା ଓ ପୁରୁଷ ଲୋକ ଛିଡ଼ା ହୋଇଥିଲେ।

## ୫ ଭାଜପା ନେତାଙ୍କୁ ଅଟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଆଣ୍ଡୋ ଗସ୍ତକୁ ନେଇ ବିରୋଧୀ ମଧ୍ୟ ବିରୋଧ ପାଇଁ ଜଗି ରହିଥିଲେ। ହେଲେ ସତ୍ୟବାଦୀ ପୋଲିସ ବିଭିନ୍ନ ସ୍ଥାନରେ ଜଗି ରହି ସ୍ଥାନୀୟ ଭାଜପା ନେତା ଦୀପକ ଶତପଥୀ, ପ୍ରଜ୍ଞାସ କୁମାର ପାତ୍ରଙ୍କ ସମେତ ୫ଜଣଙ୍କୁ ଆଗୁଆ ଉଠାଇ ନେଇ ସତ୍ୟବାଦୀ ଥାନାରେ ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସରିଲା ପରେ ପିଆର୍ ବଣ୍ଡରେ ସେମାନଙ୍କୁ ଛାଡିଦିଆଯାଇଥିବା ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।



# ଅବହେଳିତ ଅବସ୍ଥାରେ ଗୋପବନ୍ଧୁଙ୍କ କର୍ମସ୍ଥଳୀ

## ଗାଁ ପ୍ରତି ସରକାର ଗୁରୁତ୍ୱ ଦେବାକୁ ଗ୍ରାମବାସୀଙ୍କ ଦାବି

**ଗୋପ,୨୩।୨(ଡି.ଏନ୍.ଏ.)**

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳୀ ଭାବେ ପରିଚିତ ଗୋପ ବ୍ଲକ ଅନ୍ତର୍ଗତ ଡଭାର ଗାଁ। ଦିନେ ଗୋପବନ୍ଧୁ ଗରିବ ଓ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ପାଇଁ ଏଠାରେ ରହି ସେବା ଯୋଗାଉଥିଲେ। ଏପରିକି ସେ ଗାଁ ଗାଁ ବୁଲି ଭିକ୍ଷାରେ ସଂଗ୍ରହ କରୁଥିବା ଚୁଡ଼ା ଚାଉଳ ଗରିବଙ୍କ ମୁହଁରେ ଦେଇ ତାଙ୍କ ଜୀବନ ବଞ୍ଚାଉଥିଲେ। କିନ୍ତୁ ଗୋପବନ୍ଧୁଙ୍କ ଏହି କର୍ମସ୍ଥଳୀ ଏବେ ଅବହେଳିତ ଅବସ୍ଥାରେ ପଡ଼ିଛି। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି।

ପ୍ରକାଶ ଯେ, ଉତ୍କଳମଣି ଗୋପବନ୍ଧୁ ସାକ୍ଷୀଗୋପାଳ ବ୍ଲକ ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ। ଭାରତ ସ୍ୱାଧୀନତା ପୂର୍ବରୁ ଗୋପବନ୍ଧୁ ତାଙ୍କ କର୍ମସ୍ଥଳୀ ଡଭାର ଗାଁରେ ରହୁଥିଲେ। ସେହି ସମୟରେ ମଧ୍ୟ ଏହି ଗାଁକୁ ବ୍ରିଟିଶ ଶାସକ ଗୋପବନ୍ଧୁଙ୍କ ନିକଟକୁ ଆସି ଫେରିଥିଲେ। ବ୍ଲକର ୫/୬ ଗୋଟି ପଞ୍ଚାୟତ ପ୍ରତ୍ୟେକ ବର୍ଷ କୁଶଭଦ୍ରା ଓ ଧନୁଆ ନଦୀ ବନ୍ୟା ଜଳରେ ବୁଡି ରହୁଥିବାବେଳେ ଡଭାର ଗାଁ ମଧ୍ୟ ବୁଡ଼ି ରହୁଥିଲା। ଗୋପବନ୍ଧୁ ଗାଁରେ ଥିବା କୋଠଘରେ ରହି ଗରିବ ଓ ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସେବା କରୁଥିଲେ। ଏପରି କି ବାତ୍ୟା ସମୟରେ ଗୋପବନ୍ଧୁଙ୍କ ପୁଅଙ୍କ ଜ୍ୱରରେ ମୃତ୍ୟୁ ହୋଇଥିଲେ ମଧ୍ୟ ଗୋପବନ୍ଧୁ ଗରିବ ଅସହାୟ ଲୋକଙ୍କୁ ଛାଡି ପୁଅଙ୍କ ପାଖକୁ ଯାଇ ନ ଥିଲେ। ଦୀର୍ଘ ବର୍ଷ ଧରି ଗୋପବନ୍ଧୁ ଡଭାର ଗାଁରେ ରହି ଲୋକଙ୍କ ସେବା କରୁଥିଲେ ମଧ୍ୟ ଏବେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହି ଗାଁ ପ୍ରତି କୌଣସି ଦେଖିଲା ଭଳି କାର୍ଯ୍ୟ କରି ନାହାନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋକୁ ଗୁରୁବାର ମୁଖ୍ୟମନ୍ତ୍ରୀ




ନବୀନ ପଟ୍ଟନାୟକ ଆସି ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଥିବାବେଳେ ତାଙ୍କ କର୍ମସ୍ଥଳୀ ଡଭାର ଗାଁ ଏବେ ଅବହେଳିତ ଅବସ୍ଥାରେ ପଡିଛି। ଏହି ଗାଁ ପ୍ରତି ସରକାର ଗୁରୁତ୍ୱ ଦେବାକୁ ଡଭାର ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଚୋରି ଟ୍ରକ୍ ଜବତ, ଯୁବକ ଗିରଫ

**ଭୁବନେଶ୍ୱର,୨୩।୨(ବ୍ୟୁରୋ):** ଟ୍ରକ ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିହାରର ସାମି ମୁଦିନ ଅନ୍‌ସାରୀ। ଏଥିସହ ଚୋରି ହୋଇଥିବା ଉକ୍ତ ଟ୍ରକ ଓ ସେଥିରୁ ଖୋଲାଯାଇଥିବା ୪ଟି ଚକ ଜବତ କରିଛି ପୋଲିସ। ମଙ୍ଗଳବାରଏହି ଥାନା ଅନ୍ତର୍ଗତ ପାଇପ୍ ଡମ୍ପ ନିକଟରେ ଓଆର୍‌୦୨ଆର୍‌୬୫୨୯ ନମ୍ବର ବିଶିଷ୍ଟ ଟ୍ରକ୍‌କୁ ପାର୍କିଂ କରି ଡ୍ରାଇଭର ଶୋଇବାକୁ ଚାଲି ଯାଇଥିଲେ। ବୁଧବାର ସକାଳେ ଡ୍ରାଇଭର ସେଠାରେ ପହଞ୍ଚି ଟ୍ରକ୍ ନ ଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ମାଲିକଙ୍କୁ ଜଣାଇଥିଲେ। ଟ୍ରକରେ ଜିପିଏସ୍ ସିଷ୍ଟମ ଲାଗିଥିବାରୁ ମାଲିକ ଗାଡିଟିକୁ କୁଦିଆରୀ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ତେଣୁ କିଛି ସହଯୋଗୀଙ୍କୁ ଧରି ଘଟଣାସ୍ଥଳକୁ ଯାଇଥିଲେ। କିନ୍ତୁ ସେଠାରେ ଗାଡିର ୪ଟି ଚକ ନ ଥିବା ଜଣାପଡିଥିଲା। ଏନେଇ ଟ୍ରକ ମାଲିକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବାରୁ ପୋଲିସ ସମ୍ପୃକ୍ତ ଟ୍ରକଟିକୁ ଜବତ କରିବା ସହିତ ଅଭିଯୁକ୍ତଙ୍କ ଦୋକାନରେ ଚଢାଉ କରି ତାଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୪ଟି ଚକ ମଧ ଜବତ କରାଯାଇଥିଲା।

### ପୁରୀ ମୁଖ୍ୟ କେନାଲରେ ଯୁବକ ଖସି ଗୁରୁତର

**ବାରଙ୍ଗ,୨୩।୨(ଡି.ଏନ୍.ଏ.):** ପୁରୀ ମୁଖ୍ୟ କେନାଲକୁ ଗୁରୁବାର ରାତିରେ ଏକ ବାଇକ୍ ଖସି ପଡିବାରୁ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଉଛନ୍ତି ନନ୍ଦନକାନନ ଥାନା ଅଧୀନ ବାଲିପଡାଗାଁର ରାଜା ଭଞ୍ଜ ଓରଫ ଘାତକ। ରାଜା ନମ୍ବରବିହୀନ ଏକ ବାଇକ ଯୋଗେ ଦ୍ରୁତ ଗତିରେ ପୁରୀ ମୁଖ୍ୟ କେନାଲ ଦେଇ ଘରକୁ ଫେରୁଥିଲେ। କଣ୍ଟାପାଟଣା ଗାଁମୁଣ୍ଡରେ ଭାରସାମ୍ୟ ହରାଇ ବାଇକ୍ ସହ କେନାଲ ମଧକୁ ଖସି ପଡିଥିଲେ। ଏହି ସମୟରେ ସ୍ଥାନୀୟ ଗାଁର କିଛି ଯୁବକ ଶୌଚ ପାଇଁ କେନାଲକୁ ଯାଇଥିବାବେଳେ ପାଣି ଭିତରୁ ବାଇକ ଓ ରାଜାଙ୍କୁ ଉଦ୍ଧାର କରିଥିଲେ। ରାଜାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହେବାରୁ ସେ ଗୁରୁତର ଆହତ ହୋଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିବା ଜଣାପଡ଼ିଛି।

### ମଣିପୁରୀ ହରିଣ ମୃତ

**ବାରଙ୍ଗ,୨୩।୨(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୬ ନଂ.(ଖ) ଏନ୍‌କ୍ଲୋଜରରେ ରହୁଥିବା ବୟସ୍କ ଅଣ୍ଡିରା ମଣିପୁରୀ ହରିଣର ଗୁରୁବାର ମୃତ୍ୟୁ ଘଟିଛି। ଗତ ସୋମବାର ଖାଦ୍ୟାଭାବରୁ ଏନ୍‌କ୍ଲୋଜର ଭିତରେ ଥିବା ଅନ୍ୟ ଏକ ଅଣ୍ଡିରା ମଣିପୁରୀ ହରିଣ ସହ ତା'ର ମାଡ଼ଗୋଳ ହୋଇଥିଲା। ଫଳରେ ବୟସ୍କ ହରିଣଟିର ପେଟ ଓ ଦେହରେ କ୍ଷତ ସୃଷ୍ଟି ହୋଇଥିଲା। ଫଳରେ ସେ ଅଚେତ ହୋଇ ତଳେ ପଡିଯାଇଥିଲା। ଖବରପାଇ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ହରିଣଟିର ଚିକିତ୍ସା କରୁଥିବାବେଳେ ଗୁରୁବାର ତା'ର ମୃତ୍ୟୁ ଘଟିଛି। ତାର ପେଟରେ ସିଂଘ ପଶି ଯିବାରୁ ବିରାଟ କଣା ହୋଇଯାଇଥିଲା। ମୃତ୍ୟୁର କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ହରିଣର ଶବ ବ୍ୟବଚ୍ଛେଦ କରିଛନ୍ତି। ଏହି ବୟସ୍କ ହରିଣର ମୃତ୍ୟୁ ପରେ ନନ୍ଦନକାନନରେ ମଣିପୁରୀ ହରିଣ ସଂଖ୍ୟା ୨୨କୁ ହ୍ରାସ ପାଇଛି।

### ନନ୍ଦନକାନନ ପରିସରରୁ ଲାପ୍‌ଟପ ଚୋରି

**ବାରଙ୍ଗ,୨୩।୨(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀଉଦ୍ୟାନର ବହୁତଳ ରହଣିସ୍ଥଳରୁ ଲାପ୍‌ଟପ ଚୋରି ହେବା ନେଇ ଗୁରୁବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ଗତ ବୁଧବାର ସକାଳ ୮ଟା ୩୫ମିନିଟ୍‌ରେ ଜଣେ ଅଜଣା ଯୁବକ ନନ୍ଦନକାନନ ହାଇସ୍କୁଲ ପାଚେରି ଡେଇଁ ବହୁତଳ ରହଣିସ୍ଥଳ ଭିତରକୁ ପଶିଥିଲେ। ପରେ ଯୁବକ ରହଣିସ୍ଥଳର ଦୁଇ ମହଲା କୋଠା ଉପରକୁ ଯାଇ ସେଠାରେ କେହି ନ ଥିବାରୁ ଲାପଟପ୍ ନେଇ ଖସି ପଳାଇଯାଉଥିବାବେଳେ ଜଣେ ମହିଳା କର୍ମଚାରୀଙ୍କ ହାବୁଡରେ ପଡିଥିଲେ। ନିଜକୁ ବ୍ୟାଟେରି ଚାଳିତ ଗାଡ଼ି ଚାଳକ ପରିଚୟ ଦେଇ ଖସି ପଳାଇଥିଲେ। ଗୁରୁବାର ସନ୍ଧ୍ୟାରେ ରହଣିସ୍ଥଳ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ସୁପରଭାଇଜର ଅଶୋକ ବିଶ୍ୱାଳ ରଖିଥିବା ଲାପଟପ୍ ନ ପାଇବାରୁ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା ପରେ ବହୁତଳ ରହଣିସ୍ଥଳ ଟେଣ୍ଡର ନେଇଥିବା ମାଲିକଙ୍କୁ ଜଣାଇଥିଲେ। ପରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କଲାପରେ ଜଣେ ଅଚିହ୍ନା ଯୁବକ ଲାପଟପ୍ ଚୋରି କରିଥିବା ଜାଣିବାକୁ ପାଇଥିଲେ। ଏନେଇ ସୁପରଭାଇଜର ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି।

# ପରିବାର ଲୋକଙ୍କୁ କ୍ରାଇମ୍‌ବ୍ରାଞ୍ଚର ପଚରାଉଚରା

**ବହୁଚର୍ଚ୍ଚିତ ମଡେଲ୍ ସୌମ୍ୟ ଆତ୍ମହତ୍ୟା ମାମଲା**

- ମା'ବାପା, ଭଉଣୀଙ୍କ ବୟାନ ରେକର୍ଡ
- କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ନ୍ୟାୟ ପାଇବା ଆଶା ଅଛି : ଭଉଣୀ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**


କ୍ରାଇମ୍‌ବ୍ରାଞ୍ଚ ଟିମ୍‌ର ଅଧିକାରୀମାନେ ସୌମ୍ୟଙ୍କ ପରିବାର ଲୋକଙ୍କୁ ପଚରାଉଚରା କରୁଛନ୍ତି।

ଭୁବନେଶ୍ୱରର ବହୁଚର୍ଚ୍ଚିତ ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟା ଘଟଣାରେ ଗତ ଜାନୁୟାରୀ ୬ରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଜାରି ରଖିଛି। ଏହି ମାମଲାରେ କ୍ରାଇମ୍‌ବ୍ରାଞ୍ଚର ୫ଜଣିଆ ଟିମ୍ ଗୁରୁବାର ମଧ୍ୟାହ୍ନରେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରସ୍ଥିତ ସୌମ୍ୟଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରିଛି। ଟିମ୍‌ର ୨ଜଣ ମହିଳା ଅଧିକାରୀ ସୌମ୍ୟଙ୍କ ବାପା ସୁଧାକର ପାଣିଗ୍ରାହୀ, ମା' ମୋହିନୀ ମିଶ୍ର ଓ ଭଉଣୀ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ବୟାନ ରେକର୍ଡ କରିଥିଲେ। ଅଧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପଚରାଉଚରା ପରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଫେରିଥିଲା। ତେବେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ନ୍ୟାୟ ପାଇବୁ ବୋଲି ଆଶା ରହିଥିବା ସୌମ୍ୟଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା କହିଛନ୍ତି।

ସୂଚନାଯୋଗ୍ୟ, ଗାୟିକା ସୋନାଲିଙ୍କ ସହ ସୌମ୍ୟ ପ୍ରେମ ସମ୍ପର୍କରେ ଥିଲେ। ସେମାନଙ୍କ ବିବାହ ସ୍ଥିର ହୋଇଥିବାବେଳେ ସୋନାଲିଙ୍କ ପଛରେ ସୌମ୍ୟ ବହୁ ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ସୋନାଲି ପ୍ରତାରଣା କରିବାରୁ ୨୦୨୨ ଜାନୁୟାରୀ ୩୦ ରାତିରେ ସୌମ୍ୟ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ହାତଲେଖା ଚିଠିରେ ସେ ସୋନାଲିଙ୍କୁ ଦାୟୀ କରିଥିଲେ। ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ କେବଳ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ କରି ଚୁପ୍ ବସିଥିଲା। ପରେ ଭଉଣୀ ଲକ୍ଷ୍ମୀପ୍ରିୟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ମାର୍ଚ୍ଚ ୨୫ରେ ସୌମ୍ୟଙ୍କ ପରିବାର ପକ୍ଷରୁ ଅଦାଲତ ଅବମାନନା ନେଇ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଏପ୍ରିଲ ୧୯ରେ ପୋଲିସ ପ୍ରେମିକା ସୋନାଲି ନନ୍ଦ ଓ ତାଙ୍କ ମା'ଙ୍କ ନାମରେ ଆଇପିସିର ଦଫା (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ୩୦୬, ୩୬ରେ ମାମଲା (ନଂ.୧୦୦/୨୦୨୨) ରୁଜୁ କରିଥିଲା। ଗତ ଜାନୁୟାରୀ ୬ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ପୋଲିସର ତଦନ୍ତ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚକୁ ଦେଇଛନ୍ତି।


ପୁରୀ ଜିଲା ସାକ୍ଷୀଗୋପାଳର ସୁଆଣ୍ଡୋରେ ଗୁରୁବାର ଗୋପବନ୍ଧୁ ସଂଗ୍ରହାଳୟର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଲି ଦେଖୁଛନ୍ତି।

## ମାର୍ଚ୍ଚ ୨୫ରେ ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

୨୦୨୩-୨୪ ବର୍ଷ ପାଇଁ ଆସନ୍ତା ମାର୍ଚ୍ଚ ୨୫ରେ ଭୁବନେଶ୍ୱର ଓକିଲ ସଂଘର ନିର୍ବାଚନ ହେବ। ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଓକିଲ ସଂଘ ସାଧାରଣ ପରିଷଦ ପକ୍ଷରୁ ଏନେଇ ନିଷ୍ପତ୍ତି ହୋଇଛି। ଜଗନ୍ନାଥ ଦାସ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିବେ। ତାଙ୍କ ସୂଚନା ଅନୁଯାୟୀ, ଆଇନଜୀବୀ ପରିଷଦ ଦ୍ୱାରା ରାଜ୍ୟରେ ୱାନ୍ ବାର୍ ୱାନ୍ ଭୋଟ୍ ନିୟମ ଲାଗୁ ହୋଇଥିବାରୁ ଗୋଟିଏ ଦିନ ସମସ୍ତ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ। ୨୫ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ତେବେ ଉକ୍ତଦିନ ଅପରାହ୍ନ ୪ଟାରୁ ଭୋଟ ଗଣତି କରାଯାଇ ନିର୍ବାଚନ ଫଳ ପ୍ରକାଶ ପାଇବ। ଗତ କରୋନା ମହାମାରୀବେଳେ ଜଗନ୍ନାଥ ୨ବର୍ଷ ଧରି ନିର୍ବାଚନ ଅଧିକାରୀ ଭାବେ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଚଳିତବର୍ଷ ପୁଣି ନିର୍ବାଚନ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଥିବାରୁ ଓକିଲ ସଂଘ ସମ୍ପାଦକ ରାଜ କିଶୋର ଦାସ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଧାନସଭା ସମାଚାର

### ପ୍ରଶ୍ନ ପଚାରିବାକୁ ନ ଦେବାରୁ ଉଠି ଚାଲିଗଲେ ପ୍ରଦୀପ ପାଣିଗ୍ରାହୀ

**ଭୁବନେଶ୍ୱର, ୨୩।୨(ବ୍ୟୁରୋ):** ନବ ଦାସଙ୍କ ହତ୍ୟାକାଣ୍ଡ ନେଇ ୨ଦିନ ବିଧାନସଭା ଅଚଳ ହେବାପରେ ଗୁରୁବାର ଆରମ୍ଭରୁ ଗୃହ କାର୍ଯ୍ୟ ସ୍ୱାଭାବିକ ଚାଲିଥିଲା। ବିଭିନ୍ନ ବିଭାଗର ପ୍ରଶ୍ନକାଳ ଆଲୋଚନା ଚାଲିଥିବା ବେଳେ ସବୁ ଦଳର ସଦସ୍ୟ ବିଭିନ୍ନ ପ୍ରଶ୍ନ ପଚାରି ମନ୍ତ୍ରୀଙ୍କ ଉତ୍ତର ଦାବି କରିଥିଲେ। ଏହି ସମୟରେ ପଛରେ ବସିଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ପ୍ରଶ୍ନ ପଚାରିବା ନିମନ୍ତେ ବାରମ୍ବାର ହାତ ଉଠାଇ ଇଙ୍ଗିତ କରୁଥିଲେ ମଧ ତାଙ୍କୁ ସେହି ସୁଯୋଗ ମିଳି ନ ଥିଲା। ଶେଷରେ ଗୃହରେ ଠିଆହୋଇ ପ୍ରଦୀପ ଏହା ନିୟମ ବିରୋଧୀ କାର୍ଯ୍ୟ। ଏଥିଲାଗି ଗୃହ ଛାଡୁଥିବା କହି ଚାଲିଯାଇଥିଲେ। ଗୃହ ପରମ୍ପରାକୁ ଭଙ୍ଗ କରାଯାଉଛି କହିବା ସହିତ ଗଣମାଧ୍ୟମକୁ କହିଛନ୍ତି, ଉଦ୍ଦେଶ୍ୟମୂଳକ ଭାବେ ଗୋପାଳପୁର ଉନ୍ନତି କରାଇ ଦିଆଯାଉ ନାହିଁ। ବିଧାନସଭାରେ ତାଙ୍କୁ ପ୍ରଶ୍ନ କରିବାକୁ ବାଚସ୍ପତି ମନାକଲେ। ତାଙ୍କ ବିଧାୟକ ପାଣ୍ଠି ଖର୍ଚ୍ଚ ଗଞ୍ଜାମ ଜିଲାରେ କରାଇ ଦିଆଯାଉ ନାହିଁ ବୋଲି ସେ କହିଛନ୍ତି।

### ଭର୍ଚୁଆଲରେ ରହିଲେ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ, ପ୍ରଫୁଲ୍ଲ ସାମଲ

ବରିଷ୍ଠ ବିଧାୟକମାନଙ୍କୁ ଭର୍ଚୁଆଲ ମୋଡ୍‌ରେ ଯୋଗଦେବା ଲାଗି ସର୍ବଦଳୀୟ ବୈଠକରେ ଆଲୋଚନା ହୋଇଥିଲା। ହେଲେ ଏହାକୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବିରୋଧ କରିଥିଲେ। କୋଭିଡ୍ ସ୍ଥିତି କେବେଠାରୁ ନ ଥିବାବେଳେ ବିଧାନସଭାରେ ଯୋଗ ନ ଦେବାକୁ ଏହା ଏକ ବାହାନା। ତାଙ୍କ ଦେହ ଅସୁସ୍ଥ ଥାଇ ମଧ ସେ ଆସୁଥିବା କଥା କହିଥିଲେ। ତେବେ ଗୁରୁବାର ପ୍ରଶ୍ନକାଳ ଆଲୋଚନାଠାରୁ ଜିରୋ ଆୱାର, ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ ଏବଂ ନବ ଦାସଙ୍କ ହତ୍ୟା ଘଟଣାରେ ଚାଲିଥିବା ମୋସନ ଆଲୋଚନା ସମ୍ପୂର୍ଣ୍ଣ ସମୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଏବଂ ଶାସକ ଦଳ ସଦସ୍ୟ ପ୍ରଫୁଲ୍ଲ ସାମଲ ଭର୍ଚୁଆଲ ମୋଡ୍‌ରେ ରହିଥିଲେ।

### ଏଠାରେ ମୁଁ ଅଛି, ଏଠାକୁ ଅନାନ୍ତୁ

ନବ ଦାସ ହତ୍ୟାକାଣ୍ଡ ଘଟଣାରେ ମୋସନ ଆଲୋଚନା ଚାଲିଥିଲା। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଏନେଇ ନିଜର ବକ୍ତବ୍ୟ ରଖୁଥିଲେ। ତାଙ୍କ ସମୟ ପୂରିବା କ୍ଷଣି ଉପବାଚସ୍ପତି ରଜନୀକାନ୍ତ ସିଂ ଶାସକ ଦଳ ବିଧାୟକ ପଦ୍ମନାଭ ବେହେରାଙ୍କୁ କହିବାକୁ ତାଙ୍କ ନାଁ ଡାକିଥିଲେ। ଏହି ସମୟରେ ସାଲୁଜା ତାଙ୍କ କହିବା ଶେଷ କରୁ ନ ଥିବାରୁ ପଦ୍ମନାଭ କିଛି ସେକେଣ୍ଡ ଉଠି ନ ଥିଲେ। ଏହାପରେ ଉପବାଚସ୍ପତି ଏହାରି ଭିତରେ ଆଉ ଥରେ ପଦ୍ମନାଭଙ୍କ ନାଁ ଡାକି ସେ ନାହାନ୍ତି କହିଥିଲେ। ସେତେବେଳକୁ ପଦ୍ମନାଭ ଠିଆ ହୋଇସାରିଥିଲେ। ଉପବାଚସ୍ପତି ପୁଣି କହିଥିଲେ, ମାନ୍ୟବର ସଦସ୍ୟ ବୋଧେ ନାହାନ୍ତି। ପଦ୍ମନାଭ କହିଥିଲେ, ସାର୍ ମୁଁ ଏଠାରେ ଅଛି। ଉପବାଚସ୍ପତି କିନ୍ତୁ ଇଆଡେ ସିଆଡେ ଚାହିଁ କେଉଁଠି ପଚାରୁଥିଲେ ମଧ ପଦ୍ମନାଭଙ୍କ ପ୍ରତି ଦୃଷ୍ଟି ଦେଇପାରୁ ନ ଥିଲେ। ଶେଷରେ ପଦ୍ମନାଭ କହିଥିଲେ ସାର୍, ଏଠାରେ ମୁଁ ଅଛି, ଏଠାକୁ ଅନାନ୍ତୁ। ତା'ପରେ ସେ ତାଙ୍କୁ ଦେଖିପାରିଲେ।

### 'ହିଂସାରେ ବିଶ୍ୱାସ କରନ୍ତି ମୁଖ୍ୟମନ୍ତ୍ରୀ' - ବାଉଳାରେ କହିଦେଲେ ପଦ୍ମନାଭ

ନବ ଦାସଙ୍କ ହତ୍ୟାକାଣ୍ଡ ଉପରେ ଆଲୋଚନା ଚାଲିଥାଏ। ଶାସକ ଦଳ ସଦସ୍ୟ ପଦ୍ମନାଭ ବେହେରାଙ୍କୁ କହିବା ଲାଗି ଉପବାଚସ୍ପତି ସୁଯୋଗ ଦେଲେ। ନବ ଦାସଙ୍କ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ସମ୍ବେଦନଶୀଳ ଅଛନ୍ତି । ଗୋପାଳ ଦାସ କାହିଁକି ହତ୍ୟା କଲେ ତଦନ୍ତ ଚାଲିଛି। ମୁଖ୍ୟମନ୍ତ୍ରୀ ହିଂସାରେ ବିଶ୍ୱାସ କରନ୍ତି ବୋଲି ସେ ପ୍ରଥମେ କହିଦେଲେ। ତା'ପରେ ଏହାକୁ ବଦଳାଇ ମୁଖ୍ୟମନ୍ତ୍ରୀ ଅହିଂସାରେ ବିଶ୍ୱାସ କରନ୍ତି ବୋଲି କହିଲେ।

### ପ୍ରଶ୍ନକାଳ ସରିବା କ୍ଷଣି ହଠାତ୍ ଚିଲାଇ ଗୃହ ମଝିକୁ ଗଲେ ସୁର

ପ୍ରଶ୍ନକାଳ ଶେଷ ହେବା ବେଳକୁ ହଠାତ୍ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବାଚସ୍ପତିଙ୍କ ପୋଡିୟମ ତଳକୁ ଆସି ଜୋର୍‌ରେ ଚିଲାଇଥିଲେ। ଇଡ୍‌କୋ ତାଙ୍କ ଅଞ୍ଚଳର ସବୁ ଜମି ଜବରଦଖଲ କରିସାରିଥିବା ନେଇ କହିବା ସହ ଏ ପ୍ରସଙ୍ଗରେ ଆଲୋଚନା ପାଇଁ ଜୋର୍‌ରେ ପାଟିକରି ଆଲୋଚନା ଦାବି କରିଥିଲେ। ଏହି ସମୟରେ ସେ ତଳେ ବସିବାକୁ ଚେଷ୍ଟା କରୁଥିବା ବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସୁର ଭାଇନା କ'ଣ ହେଲା କହି ମଜାଳିଆ ଢଙ୍ଗରେ ତାଙ୍କ ପାଖରେ ପହଞ୍ଚିଥିଲେ। ତାଙ୍କୁ ବସିବା ସମୟରେ ଠିଆକରି କ'ଣ ହୋଇଛି କୁହ। ସେ ମଧ ଚିଲେଇବେ ବୋଲି କହିବା ବେଳକୁ ଜିରୋ ଆୱାର ଆଲୋଚନା ବେଳେ ସମୟ ମିଳିବ କହିବାରୁ ସୁର ଠିକ୍ ଅଛି କହି ନିଜ ଆସନକୁ ଚାଲିଯାଇଥିଲେ।

## ମଞ୍ଚେଶ୍ୱର ଥାନାରେ ଡିସିପିଙ୍କ ୩ ଘଣ୍ଟିଆ ଆଲୋଚନା

**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**

ରାଜଧାନୀରେ ବୃଦ୍ଧି ପାଉଥିବା ଅପରାଧ ମୁକାବିଲା ପାଇଁ ଡିସିପି ପ୍ରତୀକ ସିଂ କମିଶନରେଟ ପୋଲିସ ଅଧୀନରେ ଥିବା ବିଭିନ୍ନ ଥାନାକୁ ପରିଦର୍ଶନରେ ଯାଉଛନ୍ତି। କଡ଼ାକଡ଼ି ପାଟ୍ରୋଲିଂ ସହ ଅପରାଧୀଙ୍କୁ ଧରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଥାନା ଅଧିକାରୀଙ୍କୁ ତାଗିଦ୍ କରୁଛନ୍ତି। ଏପରି କି ଅଭିଯୁକ୍ତଙ୍କ ବିରୋଧରେ ଠିକ୍ ସମୟରେ ଚାର୍ଜଶିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ଅପରାଧ ଦମନ ପାଇଁ ଡିସିପିଙ୍କ ଏଭଳି କଡ଼ା ଆଭିମୁଖ୍ୟକୁ କେତେଜଣ ଥାନା ଅଧିକାରୀ ମାନୁ ନ ଥିବା ଚର୍ଚ୍ଚା ହେଉଛି। ବିଶେଷକରି ମଞ୍ଚେଶ୍ୱର ଥାନାରେ ସାଧାରଣ ଲୋକଟିଏ ଅଭିଯୋଗ କରିବାକୁ ଗଲେ ତାଙ୍କୁ ନ୍ୟାୟ ଠିକ୍ ଭାବେ ମିଳୁ ନ ଥିବା ଅଭିଯୋଗ ହେଉଛି। ଏନେଇ ଡିସିପି ଉକ୍ତ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା କୁହାଯାଉଛି। ଡିସିପି ପ୍ରତୀକ ସିଂ, ଜୋନ ୫ ଏସିପି ଗୁରୁବାର ରାତି ପ୍ରାୟ ୮ଟାରେ ମଞ୍ଚେଶ୍ୱର ଥାନାରେ ପହଞ୍ଚି ୩ ଘଣ୍ଟା ଧରି ଥାନା ଅଧିକାରୀଙ୍କ ସହିତ ଆଲୋଚନା କରିଥିବା ସୂଚନା ମିଳିଛି। ତେବେ ଥାନା ଅଧିକାରୀଙ୍କ ସହ ଡିସିପିଙ୍କ ଆଲୋଚନା ସଫଳ ହୋଇ ନ ଥିବା ବିଶେଷସୂତ୍ରରୁ ଜାଣିବାକୁ ମିଳିଛି। ଭୁବନେଶ୍ୱର ପୋଲିସ ଜିଲାରେ ଆପରାଧିକ କାର୍ଯ୍ୟକୁ ଦମନ କରିବା ପାଇଁ ଏକ ସମନ୍ୱିତ ପ୍ରଚେଷ୍ଟା ଆବଶ୍ୟକ ଥିବାବେଳେ ଥାନା ଅଧିକାରୀଙ୍କ ଏଭଳି ମନୋଭାବ ଆଗାମୀ ଦିନରେ ଅପରାଧ ନିୟନ୍ତ୍ରଣରେ ବାଧକ ସାଜିପାରେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏସମ୍ପର୍କରେ ଡିସିପି ଏବଂ ମଞ୍ଚେଶ୍ୱର ଥାନା ଅଧିକାରୀଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିବାବେଳେ ତାହା ସମ୍ଭବ ହୋଇପାରି ନାହିଁ।

## ୨୬ରେ ଏସଏସ୍‌ବି ଅଧ୍ୟାପକ ସଂଘର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ରାଜ୍ୟ ଏସ୍‌ଏସ୍‌ବି ଅଧ୍ୟାପକ ସଂଘ ପକ୍ଷରୁ ୨୬ ତାରିଖରେ 'ଓଡ଼ିଶାରେ ନୂତନ ଶିକ୍ଷାନୀତି ଲାଗୁର ରୋଡ୍‌ମ୍ୟାପ ଓ ଉଚ୍ଚଶିକ୍ଷା ଅନୁଷ୍ଠାନ ଉପରେ ଏହାର ପ୍ରଭାବ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଆୟୋଜିତ ହେବ। ଉତ୍କଳ ଦୃଷ୍ଟିହୀନ ସଂଘ ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ତୁଷାର କାନ୍ତି ତ୍ରିପାଠୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ବିଭିନ୍ନ କଲେଜର କାର୍ଯ୍ୟରତ ୧ହଜାରରୁ ଉର୍ଦ୍ଧ୍ୱ ଏସ୍‌ଏସ୍‌ବି ଅଧ୍ୟାପିକା ଓ ଅଧ୍ୟାପକ ଏଥିରେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଏସ୍‌ଏସ୍‌ବି ସଂଘ ସଭାପତି ସରୋଜ କାନ୍ତ ନାୟକ ଏବଂ ସମ୍ପାଦକ ଡ. ଲମ୍ବୋଧର ରାଉତ ସୂଚନା ଦେଇଛନ୍ତି। ବିଶେଷକରି ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡିକରେ ଥିବା ବିଭିନ୍ନ ନିଯୁକ୍ତି ପ୍ରକ୍ରିୟା, ଦରମାଗତ ସମସ୍ୟା ଓ ତାରତମ୍ୟ, ସମାନ କାମକୁ ସମାନ ଦରମା ଆଦି ବିଭିନ୍ନ ପ୍ରସଙ୍ଗ ଓ ସମାଧାନର ସୂତ୍ର ସମ୍ପର୍କରେ ଏଥିରେ ଆଲୋଚନା କରାଯିବ।

## ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଆଦେଶ

**ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପ୍ରସଙ୍ଗ**

**ପୁରୁଣା ଭୁବନେଶ୍ୱର,୨୩।୨(ଡି.ଏନ୍.ଏ.)**

ଶୁକ୍ରବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା। ଏହି ପରିପ୍ରେକ୍ଷୀରେ କପିଳେଶ୍ୱର ମନ୍ଦିର ଯାତ୍ରା କରିବେ ଶ୍ରୀଲିଙ୍ଗରାଜ। ତେବେ କପିଳେଶ୍ୱର ମନ୍ଦିରରେ ଦୁଇ ପ୍ରମୁଖ ନିଯୋଗ ଖୁଣ୍ଟିଆ ଓ ମଲ୍ଲିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ଠାକୁରଙ୍କ ଏହି ହାଣ୍ଡି ଭଙ୍ଗା ଯାତ୍ରା ୯ବର୍ଷ ହେବ ବନ୍ଦ ରହିଛି। ଏହାର ସମାଧାନ ହୋଇପାରି ନ ଥିବା ବେଳେ ଗୁରୁବାର ସର୍କିଟ ହାଉସଠାରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର କାର୍ଯ୍ୟ କରିବାକୁ ଉଭୟ ସେବାୟତଙ୍କୁ ବୈଠକରେ କୁହାଯାଇଛି।

## ବଦଳି ନିୟମ ସଂଶୋଧନ ଦାବିକଲା ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ

**ଭୁବନେଶ୍ୱର, ୨୩।୨ (ବ୍ୟୁରୋ)**

ମାଧ୍ୟମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଯେଉଁ ବଦଳି ନିୟମ ରହିଛି ସେଥିରେ କେହି ଆଖି ଦୃଶିଆ ଉପକୃତ ହେଉନାହାନ୍ତି ବୋଲି ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ଏହି ନିୟମରେ ପରିବର୍ତ୍ତନ ବା ସଂଶୋଧନ ପାଇଁ ସଂଘ ଦାବି କରିଛି। ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, କେବଳ ଆପୋଷ ବୁଝାମଣା ଓ ସାଂଘାତିକ ରୋଗରେ ପୀଡିତ ଥିଲେ ଜଣେ ବଦଳି ହେଇପାରିବ ବୋଲି ନିୟମ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ନିୟମ ଯୋଗୁ ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ବଦଳି ହୋଇ ନପାରି ମାନସିକ ସନ୍ତୁଳନ ହରାଇ ଦୁଶ୍ଚିନ୍ତା ମଧ୍ୟରେ ଶିକ୍ଷାଦାନ କରୁଛନ୍ତି। ସଂସ୍କୃତ, ହିନ୍ଦୀ, ଶାରୀରିକ ଶିକ୍ଷା ଶିକ୍ଷକ ହୋଇଥିଲେ ଆପୋଷ ବୁଝାମଣାରେ ଉଭୟ ବର୍ଗ ସମାନ ହେବା ନିୟମ ସମସ୍ୟା ସୃଷ୍ଟି କରୁଛି। ଫଳରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ବଦଳି ଆବଶ୍ୟକ ଥିଲେ ମଧ ଏହି ନିୟମ ବାଧକ ସାଜୁଥିବା ସଂଘ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି। ତେଣୁ ବଦଳି ନିୟମର ପରିବର୍ତ୍ତନ ନ ଆସିଲେ ଶିକ୍ଷକ ସମାଜ ମାନସିକ ସ୍ତରରେ ପୀଡିତ ହୋଇ ମାନସିକ ରୋଗୀ ହୋଇଯିବ ଓ ଶିକ୍ଷାଦାନ ମଧ କରିପାରିବ ନାହିଁ। ମାନସିକ ଅଶାନ୍ତିରେ ରହିଲେ ତାହାର ପ୍ରଭାବ ଶିକ୍ଷାଦାନ ଉପରେ ପଡିବା ସହିତ ପିଲାଙ୍କ ଭବିଷ୍ୟତ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ତେଣୁ ବଦଳି ନିୟମକୁ ଯଥାଶୀଘ୍ର ପରିବର୍ତ୍ତନ କରି ସରଳୀକରଣ କରାଯିବାକୁ ସଂଘର ମହାସଚିବ ବିଶ୍ୱଜିତ ବିଶ୍ୱାଳ, ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ପଞ୍ଚାନନ ଜେନା ଏବଂ ଆବାହକ ନିରୋଦ ରଥ ଦାବି କରିଛନ୍ତି।

# ବସ୍ତିରେ ରାତି କାଟିଲେ ସିଏମ୍‌ସି ମେୟର

**କଟକ ଅଫିସ,୨୩।୨**

**'ମୋ ୱାର୍ଡ ଅଭିଯାନ' ଆରମ୍ଭ**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମୋ' ୱାର୍ଡ ଅଭିଯାନ ଗୁରୁବାରଠାରୁ ଆରମ୍ଭ ହୋଇଛି। ସିଏମ୍‌ସି ମେୟର ସୁବାସ ସିଂ ୧ ନମ୍ବର ୱାର୍ଡରୁ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅବସରରେ ଚହଟାସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ସନ୍ଧ୍ୟାରେ ବରିଷ୍ଠ ନାଗରିକମାନଙ୍କୁ ନେଇ ପ୍ରଥମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମେୟର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୱାର୍ଡର ପ୍ରାୟ ୨୦୦ ଜଣ ବରିଷ୍ଠ ନାଗରିକ ଯୋଗଦେଇ ଡ୍ରେନ୍ ସମସ୍ୟା, ରାସ୍ତାଘାଟ ମରାମତି, ସ୍ୱଚ୍ଛତା, ଡାକ୍ତରଖାନା, ନୂତନ କଲେଜ ପ୍ରତିଷ୍ଠା, ସ୍କୁଲ ଓ ଖେଳପଡିଆ ଆଦିର ଉନ୍ନତୀକରଣ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ମେୟର ସମସ୍ତଙ୍କ ମତାମତକୁ ଶୁଣିବା ପରେ ଯଥାଶୀଘ୍ର କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ସ୍ଥାନୀୟ କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି, ୱାର୍ଡ ସଭାପତି ବୀରେନ ବେହେରା, ଦୁର୍ଗାପୂଜା କମିଟି ସଭାପତି ପଞ୍ଚାନନ ସେନାପତି, ଭଗବାନ ଚାନ୍ଦ, ବିଶ୍ୱନାଥ ଧୀର, ବରିଷ୍ଠ ନାଗରିକ ହେମା ବେହେରା, ବିଚିତ୍ରାନନ୍ଦ ସାମଲ, ନଗେନ ମହାନ୍ତି, ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ପରେ ମେୟର ବନ୍ଧତଳ ବସ୍ତି ଏବଂ ବିଡାନାସୀର ବିଭିନ୍ନ ସାହି ବୁଲିଥିଲେ। ଶେଷରେ ସେ ବନ୍ଧତଳ ବସ୍ତିରେ ଭୋଜନ କରିବା ସହ ରାତ୍ରୀଯାପନ କରିଥିଲେ। ଏ ନେଇ ମେୟର ସିଂ କହିଛନ୍ତି, ଲୋକମାନଙ୍କ ସମସ୍ୟା ସମାଧାନ କରିବା ଓ ସହରର ସର୍ବାଙ୍ଗୀନ ଉନ୍ନତି କରିବା ପ୍ରଥମ କର୍ତ୍ତବ୍ୟ। ସେଥିପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଶୁକ୍ରବାର ସକାଳୁ ୱାର୍ଡ ଅନ୍ୟ ଅଞ୍ଚଳରେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରାଯିବା କାର୍ଯ୍ୟକ୍ରମ ରହିଛି। ବିଶେଷକରି ସକାଳ ୬ଟାରୁ ସାଢେ ୮ଟା ମଧ୍ୟରେ ବିଡାନାସୀ ବଉଳଛକରେ ଥିବା ହାଜିରାକୁ ମେୟର ତଦାରଖ କରିବେ। ଏଥିସହ ୱାର୍ଡରେ ପରିମଳ ବ୍ୟବସ୍ଥାର ସ୍ଥିତି ଓ ଅଳିଆ ସଂଗ୍ରହ ଠିକ୍ ଭାବେ କରାଯାଉଛି କି ନାହିଁ ତାହା ବୁଲି ଦେଖିବେ। ପୂର୍ବାହ୍ନରୁ ଏହି ପରିକ୍ରମାରେ ସିଏମ୍‌ସି କମିଶନର ନିଖିଳ ପଵନ କଲ୍ୟାଣ ସାମିଲ ହେବେ। ପୂର୍ବାହ୍ନ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ବିଡାନାସୀରେ ଡ୍ରେନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସଂକ୍ରାନ୍ତରେ ସମୀକ୍ଷା ହେବ ଏବଂ ୱାର୍ଡରେ ସିଏମ୍‌ସିର ସମସ୍ତ ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିବେ ମେୟର ଓ କମିଶନର। ସେହିପରି ସାଢେ ୧୧ଟାରୁ ସାଢେ ୧ଟା ମଧ୍ୟରେ ୧ ନଂ. ୱାର୍ଡର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଓ ଡାକ୍ତରଖାନାକୁ ମେୟର ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି। ୧ ଘଣ୍ଟା ବିଶ୍ରାମ ନେବା ପରେ ଅପରାହ୍ନ ୩ଟାରୁ ସ୍ଥାନୀୟ ଗାୟତ୍ରୀ ମନ୍ଦିରରେ ବିଭିନ୍ନ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହେବ। ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ଥାନୀୟ ଯୁବକ ଓ ସ୍ପୋର୍ଟ୍ସ କ୍ଲବ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନଙ୍କୁ ନେଇ ଉକ୍ତ ସ୍ଥାନରେ ପୃଥକଭାବେ ବୈଠକ ହୋଇ ବିଭିନ୍ନ ବିଷୟରେ ଆଲୋଚନା କରାଯିବ। ଏହାପରେ ଶ୍ରମିକକାର୍ଡ ପାଇଥିବା ହିତାଧିକାରୀ, ଉଠାଦୋକାନୀ, ଅଟୋ ଡ୍ରାଇଭରମାନଙ୍କ ସହ ମେୟର ଆଲୋଚନା କରିବେ। ପୁଣି ବସ୍ତିରେ ମେୟର ରାତ୍ରିଯାପନ କରି ୨୫ ତାରିଖରେ ବରିଷ୍ଠ ନାଗରିକଙ୍କ ସହ ପ୍ରାତଃ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।


ବୈଠକରେ ରାଧାକିଶୋରପୁର ବସ୍ତିବାସିନ୍ଦା ସମସ୍ୟା ସମ୍ପର୍କରେ ମେୟରଙ୍କୁ ଅବଗତ କରାଉଛନ୍ତି।

## ସଂକ୍ଷେପରେ

### ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

ବେଗୁନିଆ,୨୩।୨(ଡି.ଏନ୍.ଏ.): ବେଗୁନିଆ ତହସିଲ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ବହୁ ସମ୍ପତ୍ତି ପୋଡି ନଷ୍ଟ ହୋଇଥିବା ବେଳେ ଗୋରୁ ଆହତ ହୋଇଛନ୍ତି। ଗ୍ରାମର ମୀନକେତନ ରାଉତରାୟଙ୍କ ପାଳଗଦାରେ ନିଆଁ ଲାଗିଯିବାରୁ ବାରିପଟେ ଥିବା ଏକ ଘରକୁ ଅଗ୍ନିର ପ୍ରକୋପ ବୃଦ୍ଧି ପାଇଥିଲା। ସେହିପରି ପ୍ରଭାତ କୁମାର ରାଉତରାୟଙ୍କ ପାଳଗଦା, ଅନନ୍ତ ରାଉତରାୟଙ୍କ ଗାଈ ଏବଂ ବାଛୁରୀ ପୋଡି ଆହତ ହୋଇଛନ୍ତି। ଜିତେନ୍ଦ୍ର ରାଉତରାୟଙ୍କ ଧାନ ୪ବସ୍ତା ପୋଡି ନଷ୍ଟ ହୋଇଯାଇଛି। ଲକ୍ଷାଧିକ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡି ନଷ୍ଟ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଚୋରି ଟ୍ରକ୍ ଜବତ, ଯୁବକ ଗିରଫ

ଭୁବନେଶ୍ୱର,୨୩।୨(ବ୍ୟୁରୋ): ଟ୍ରକ ଚୋରି କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ସଂପୃକ୍ତ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିହାରର ସାମି ମୁଦିନ ଅନ୍ସାରୀ। ଏଥିସହ ଚୋରି ହୋଇଥିବା ଉକ୍ତ ଟ୍ରକ ଓ ସେଥିରୁ ଖୋଲାଯାଇଥିବା ୪ଟି ଚକ ଜବତ କରିଛି ପୋଲିସ। ମଙ୍ଗଳବାରଏହି ଥାନା ଅନ୍ତର୍ଗତ ପାଇପ୍ ଡମ୍ପ ନିକଟରେ ଓଆର୍୦୨ଆର୍୬୫୨୯ ନମ୍ବର ବିଶିଷ୍ଟ ଟ୍ରକ୍କୁ ପାର୍କିଂ କରି ଡ୍ରାଇଭର ଶୋଇବାକୁ ଚାଲି ଯାଇଥିଲେ। ବୁଧବାର ସକାଳେ ଡ୍ରାଇଭର ସେଠାରେ ପହଞ୍ଚି ଟ୍ରକ୍ ନ ଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ମାଲିକଙ୍କୁ ଜଣାଇଥିଲେ। ଟ୍ରକରେ ଜିପିଏସ୍ ସିଷ୍ଟମ ଲାଗିଥିବାର ମାଲିକ ଗାଡିଟିକୁ କୁଦିଆରୀ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ତେଣୁ କିଛି ସହଯୋଗୀଙ୍କୁ ଧରି ଘଟଣାସ୍ଥଳକୁ ଯାଇଥିଲେ। କିନ୍ତୁ ସେଠାରେ ଗାଡିର ୪ଟି ଚକ ନ ଥିବା ଜଣାପଡିଥିଲା। ଏନେଇ ଟ୍ରକ ମାଲିକ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବାରୁ ପୋଲିସ ସମ୍ପୃକ୍ତ ଟ୍ରକଟିକୁ ଜବତ କରିବା ସହିତ ଅଭିଯୁକ୍ତଙ୍କ ଦୋକାନରେ ଚଢାଉ କରି ତାଙ୍କୁ କାବୁ କରିଥିଲେ। ତାଙ୍କ ନିକଟରୁ ୪ଟି ଚକ ମଧ ଜବତ କରାଯାଇଥିଲା।

### ମଣିପୁରୀ ହରିଣ ମୃତ

ବାରଙ୍ଗ,୨୩।୨(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୬ ନଂ.(ଖ) ଏନ୍କ୍ଲୋଜରରେ ରହୁଥିବା ବୟସ୍କ ଅଣ୍ଡିରା ମଣିପୁରୀ ହରିଣର ଗୁରୁବାର ମୃତ୍ୟୁ ଘଟିଛି। ଗତ ସୋମବାର ଖାଦ୍ୟାଭାବରୁ ଏନ୍କ୍ଲୋଜର ଭିତରେ ଥିବା ଅନ୍ୟ ଏକ ଅଣ୍ଡିରା ମଣିପୁରୀ ହରିଣ ସହ ତା'ର ମାଡ଼ଗୋଳ ହୋଇଥିଲା। ଫଳରେ ବୟସ୍କ ହରିଣଟିର ପେଟ ଓ ଦେହରେ କ୍ଷତ ସୃଷ୍ଟି ହୋଇଥିଲା। ଫଳରେ ସେ ଅଚେତ ହୋଇ ତଳେ ପଡିଯାଇଥିଲା। ଖବରପାଇ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ହରିଣଟିର ଚିକିତ୍ସା କରୁଥିବାବେଳେ ଗୁରୁବାର ତା'ର ମୃତ୍ୟୁ ଘଟିଛି। ତାର ପେଟରେ ସିଂଘ ପଶି ଯିବାରୁ ବିରାଟ କଣା ହୋଇଯାଇଥିଲା। ମୃତ୍ୟୁର କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ହରିଣର ଶବ ବ୍ୟବଚ୍ଛେଦ କରିଛନ୍ତି। ଏହି ବୟସ୍କ ହରିଣର ମୃତ୍ୟୁ ପରେ ନନ୍ଦନକାନନରେ ମଣିପୁରୀ ହରିଣ ସଂଖ୍ୟା ୨୨କୁ ହ୍ରାସ ପାଇଛି।

### ମହିଳାଙ୍କ ମୃତଦେହ ଜବତ ଘଟଣାରେ ସିକ୍ୟୁରିଟି ଗାର୍ଡ ଅଟକ

ବାରଙ୍ଗ,୨୩।୨(ଡି.ଏନ୍.ଏ.)- ରଘୁନାଥପୁର ଗାଁର ଏକ ପରିତ୍ୟକ୍ତ ଚାଷଜମିରୁ ମିଳିଥିବା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଗୁରୁବାର ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେ ହେଲେ ଏକ ଆପାର୍ଟମେଣ୍ଟର କାର୍ଯ୍ୟରତ ସିକ୍ୟୁରିଟି କର୍ମଚାରୀ। ସୂଚନା ମୁତାବକ, ରଘୁନାଥପୁର ଗାଁ ମୁଣ୍ଡ ବୁଡୁନଈ ବ୍ରିଜ ନିକଟ ଶ୍ମଶାନ ରାସ୍ତାକଡ଼ର ପରିତ୍ୟକ୍ତ ଚାଷଜମିରୁ ଗତ ୧୯ତାରିଖ ଅପରାହ୍ନରେ ଜଣେ ମହିଳାଙ୍କ ଅର୍ଦ୍ଧନଗ୍ନ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ମୃତଦେହ ପାଖରୁ ହଳେ ଚପଲ ଓ ଗର୍ଭ ନିରୋଧକ ପୋଲିସ ଜବତ କରିଥିଲା। ମୃତ ମହିଳା ଜଣକ ହେଲେ କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଚାରିଛକ ଗାଁର ବସନ୍ତ ନାୟକଙ୍କ ସ୍ତ୍ରୀ ଝିଲି ନାୟକ ବୋଲି ତଦନ୍ତରୁ ଜଣାପଡ଼ିଛି। ଉଭୟ ସ୍ତ୍ରୀ ସ୍ୱାମୀ କାମ ଅନ୍ୱେଷଣରେ ଗତ କିଛି ବର୍ଷ ହେବ ଭୁବନେଶ୍ୱରର ଇନଫୋସିଟି ଥାନା ଶିଖରଚଣ୍ଡୀ ନଗରରେ ୨ ଝିଅଙ୍କ ସହ ଭଡା ଘରେ ରହୁଥିଲେ। ବସନ୍ତ ଅଟୋ ଚଳାଉଥିବାବେଳେ ସ୍ତ୍ରୀ ଝିଲି ପର ଘରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ମାସରେ ବସନ୍ତ କୌଣସି କାରଣରୁ ୨ ଝିଅଙ୍କୁ ନେଇ ତାଙ୍କ ଗାଁକୁ ପଳେଇଥିଲେ। ଏହାପରେ ଝିଲି ପୁରୁଣା ଭଡା ଘର ଛାଡି ନନ୍ଦନକାନନ ଥାନା ରଘୁନାଥପୁର ଗାଁରେ ଏକୁଟିଆ ରହୁଥିଲେ।

# ୫ ଶ୍ରେଣୀକୁ ୨ ଶିକ୍ଷକ

ନିରାକାରପୁର,୨୩।୨(ଡି.ଏନ୍.ଏ.)

**ନିରାକାରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ**
- ବିଇଓଙ୍କ ନିକଟରେ ଫେରାଦ ହେଲେ ଅଭିଭାବକ
- ଶେଷ ହୋଇପାରୁନି ସିଲାବସ୍




ଘରୋଇ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର କିପରି ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ ସେନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଥିସହ ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରଣ କରାଯାଉଛି। ଏବେ ବି ବିଦ୍ୟାଳୟ ଭିତ୍ତିଭୂମି ଅଭାବ ରହିଥିବା ବେଳେ ଅନେକ ସ୍କୁଲରେ ଶିକ୍ଷକ ଓ ଅନ୍ୟ ପଦବୀ ଖାଲିପଡ଼ିଛି। ଶିକ୍ଷକ ପଦବୀ ପୂରଣ ପାଇଁ ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବାରମ୍ବାର ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ହେଉଥିଲେ ମଧ ସୁଫଳ ମିଳୁନାହିଁ। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ନିରାକାରପୁର ପଞ୍ଚାୟତରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ୧୯୩୦ ମସିହାରେ ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିବା ବେଳେ ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ପ୍ରଥମରେ ୨୫ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ଦ୍ୱିତୀୟରେ ୧୪, ତୃତୀୟରେ ୨୦, ଚତୁର୍ଥରେ ୧୬ ଏବଂ ପଞ୍ଚମରେ ୨୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ତେବେ ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଶିକ୍ଷାଦାନ ପାଇଁ ୨ଜଣ ଶିକ୍ଷକ ରହିଛନ୍ତି। ଫଳରେ ବାର୍ଷିକ ସିଲାବସ୍ ଶେଷ ହୋଇପାରୁ ନ ଥିବା ଜଣାପଡ଼ିଛି। ଏନେଇ ଅଭିଭାବକମାନେ ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଏନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡମ୍ବରୁଧର ପରିଡ଼ା କହିଛନ୍ତି, କିଛିଦିନ ପରେ ପିଲାମାନଙ୍କ ବାର୍ଷିକ ପରୀକ୍ଷା। ଶିକ୍ଷକଙ୍କ ଅଭାବ ଯୋଗୁ ସିଲାବସ୍ ସରିନାହିଁ। ଘଟଣା ସମ୍ପର୍କରେ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଟାଙ୍ଗୀ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଏବିଇଓ ସାବିତ୍ରୀ ସାହୁ କୁହନ୍ତି, ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବି।

# ମାର୍ଚ୍ଚ ୨୫ରେ ଭୁବନେଶ୍ୱର ଓକିଲ ସଂଘ ନିର୍ବାଚନ

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

୨୦୨୩-୨୪ ବର୍ଷ ପାଇଁ ଆସନ୍ତା ମାର୍ଚ୍ଚ ୨୫ରେ ଭୁବନେଶ୍ୱର ଓକିଲ ସଂଘର ନିର୍ବାଚନ ହେବ। ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଓକିଲ ସଂଘ ସାଧାରଣ ପରିଷଦ ପକ୍ଷରୁ ଏନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ବର୍ଷ ପାଇଁ ଜଗନ୍ନାଥ ଦାସ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା ଦାୟିତ୍ୱ ବହନ କରୁଛନ୍ତି। ତେବେ ଗତ କରୋନା ମହାମାରୀ ବେଳେ ଜଗନ୍ନାଥ ୨ବର୍ଷ ଧରି ନିର୍ବାଚନ ଅଧିକାରୀ ଭାବେ ଠିକ୍ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ଚଳିତ ବର୍ଷ ପୁଣି ଶ୍ରୀ ଦାସ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଓକିଲ ସଂଘର ସମ୍ପାଦକ ରାଜ କିଶୋର ଦାସ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିର୍ବାଚନ ଅଧିକାରୀ ଦାସଙ୍କ ସୂଚନା ଅନୁଯାୟୀ, ଆଇନଜୀବୀ ପରିଷଦ ଦ୍ୱାରା ରାଜ୍ୟରେ ୱାନ୍ ବାର୍ ୱାନ୍ ଭୋଟ୍ ନିୟମ ଲାଗୁ ହୋଇଥିବାରୁ ଗୋଟିଏ ଦିନ ସମସ୍ତ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହେବ। ୨୫ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ତେବେ ଉକ୍ତଦିନ ଅପରାହ୍ନ ୪ଟାରୁ ଭୋଟ ଗଣତି କରାଯାଇ ନିର୍ବାଚନ ଫଳ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

# ସବୁ କ୍ଷେତ୍ରର ବିକାଶକୁ ଗୁରୁତ୍ୱାରୋପ



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୩।୨ (ବ୍ୟୁରୋ)

**୫ମ ଓଡ଼ିଶା ପର୍ଯ୍ୟଟନ କନ୍କ୍ଲେଭ**

ପ୍ରତିବର୍ଷ ପରି ଚଳିତବର୍ଷ ମଧ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ହାରୋ) ପକ୍ଷରୁ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ବିଶେଷକରି ହାରୋ ପକ୍ଷରୁ ୫ମ ଓଡ଼ିଶା ପର୍ଯ୍ୟଟନ କନ୍କ୍ଲେଭ ଗୁରୁବାର ସ୍ଥାନୀୟ ଜୟଦେବ ବିହାର ନିକଟସ୍ଥ ସ୍ୱସ୍ତି ପ୍ରିମିୟମ ହୋଟେଲ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏମ୍ପି ସୁଜିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ବିଭାଗର ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁରେନ୍ଦ୍ର କୁମାର, ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀଙ୍କ ସମେତ ଆଇଏଟିଓର ସଭାପତି ରାଜୀବ ମେହେରା ଏବଂ ହାରୋ ଆଣ୍ଡ ଆଇଏଟିଓର ପୂର୍ବାଞ୍ଚଳ ଅଧକ୍ଷ ଜେ.କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଜେ.କେ.ମହାନ୍ତି ଅତିଥି ପରିଚୟ, ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଓଡ଼ିଶା ପର୍ଯ୍ୟଟନର ଭବିଷ୍ୟତ କାର୍ଯ୍ୟକଳାପ ଏବଂ କ୍ଷେତ୍ର ସହ ଟୁର୍ ଆଣ୍ଡ ଟ୍ରାଭେଲର ଆବଶ୍ୟକ ଭିତ୍ତିଭୂମି ଓ ସରକାରୀ ସହଯୋଗ ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ସେହିପରି ଓଡ଼ିଶା ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱ ଦରବାରରେ ପରିଚିତ ହୋଇପାରିଛି। କାରଣ ଓଡ଼ିଶା ବର୍ତ୍ତମାନ ସମୟରେ ଏକ ଅଗ୍ରଣୀ ସ୍ପୋର୍ଟ କ୍ୟାପିଟାଲ ଭାବେ ପରିଗଣିତ ହୋଇଛି। ପର୍ଯ୍ୟଟନ ଠାରୁ ଆରମ୍ଭକରି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଦିଗରେ ଦିଲୀପ ବିସ୍ତୃତ ଆଲୋକପାତ କରିଥିଲେ। ଅପରପକ୍ଷରେ ରାଜୀବ ମେହେରା କହିଥିଲେ, ରାଜ୍ୟଠାରୁ ଆରମ୍ଭ କରି ଦେଶ ପର୍ଯ୍ୟନ୍ତ ସବୁ ସ୍ତରରେ ପରିବହନ କ୍ଷେତ୍ରକୁ ସୁଦୃଢ କରିବା ସହ ଗୁଣାତ୍ମକ ସେବା ଓ ସୁବିଧା ଯୋଗାଇବାକୁ ଗୁରୁତ୍ୱରୋପ କରିଥିଲେ। ବର୍ତ୍ତମାନ ସମୟରେ ଗ୍ରାହକ ଗୁଣାତ୍ମକ ସେବାକୁ ଗୁରୁତ୍ୱ ଦେଉଥିବା ବେଳେ ସେବା ସମ୍ପର୍କିତ ଅଭିଜ୍ଞତାକୁ ବେଶ୍ ପ୍ରାଧାନ୍ୟ ଦେଇଥାନ୍ତି। ଏପରିକି ଗୁଡ୍ ଏକ୍ସପିରିଏନ୍ସ ଆଣ୍ଡ କ୍ୱାଲିଟି ସର୍ଭିସ୍କୁ ଯଦି ବ୍ୟାପକ ଭାବେ ସୁଦୃଢ କରିପାରିବା ତା'ହେଲେ ପର୍ଯ୍ୟଟନ ଶିଳ୍ପ ଅଭିବୃଦ୍ଧି ହୋଇପାରିବ ବୋଲି ସୁରେନ୍ଦ୍ର କୁମାର ମତବ୍ୟକ୍ତ କରିଥିଲେ। ପର୍ଯ୍ୟଟନଭିତ୍ତିକ ଶିଳ୍ପର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରୁଛନ୍ତି। ରାଜ୍ୟ ସରକାର ମଧ ରାଜ୍ୟର ପ୍ରମୁଖ ସହର ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସୁଜିତ କହିଛନ୍ତି। ସଦସ୍ୟ ଦେବୁ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ନନ୍ଦନକାନନ ପରିସରରୁ ଲାପ୍ଟପ ଚୋରି

ବାରଙ୍ଗ,୨୩।୨(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀଉଦ୍ୟାନର ବହୁତଳ ରହଣିସ୍ଥଳରୁ ଲାପ୍ଟପ ଚୋରି ହେବା ନେଇ ଗୁରୁବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୂତାବକ, ଗତ ବୁଧବାର ସକାଳ ୮ଟା ୩୫ମିନିଟ୍ରେ ଜଣେ ଅଜଣା ଯୁବକ ନନ୍ଦନକାନନ ହାଇସ୍କୁଲ ପାଚେରି ଡେଇଁ ବହୁତଳ ରହଣିସ୍ଥଳ ଭିତରକୁ ପଶିଥିଲେ। ପରେ ଯୁବକ ରହଣିସ୍ଥଳର ଦୁଇ ମହଲା କୋଠା ଉପରକୁ ଯାଇ ସେଠାରେ କେହି ନ ଥିବାରୁ ଲାପଟପ୍ ନେଇ ଖସି ପଳାଇଯାଉଥିବାବେଳେ ଜଣେ ମହିଳା କର୍ମଚାରୀଙ୍କ ହାବୁଡରେ ପଡିଥିଲେ। ନିଜକୁ ବ୍ୟାଟେରି ଚାଳିତ ଗାଡ଼ି ଚାଳକ ପରିଚୟ ଦେଇ ଖସି ପଳାଇଥିଲେ। ଗୁରୁବାର ସନ୍ଧ୍ୟାରେ ରହଣିସ୍ଥଳ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ସୁପରଭାଇଜର ଅଶୋକ ବିଶ୍ୱାଳ ରଖିଥିବା ଲାପଟପ୍ ନ ପାଇବାରୁ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା ପରେ ବହୁତଳ ରହଣିସ୍ଥଳ ଟେଣ୍ଡର ନେଇଥିବା ମାଲିକଙ୍କୁ ଜଣାଇଥିଲେ। ପରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କଲାପରେ ଜଣେ ଅଚିହ୍ନା ଯୁବକ ଲାପଟପ୍ ଚୋରି କରିଥିବା ଜାଣିବାକୁ ପାଇଥିଲେ। ଏନେଇ ସୁପରଭାଇଜର ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି।

# ଏମ୍ସିସି-ଏମ୍ଆର୍ଏଫ୍ ସ୍ଥିତି ସମୀକ୍ଷା କଲେ କମିଶନର



ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

**ମାର୍ଚ୍ଚ ଶେଷ ସୁଦ୍ଧା ଆଉ ୩ ଏମ୍ସିସି କାର୍ଯ୍ୟକ୍ଷମ ହେବ**

ଭୁବନେଶ୍ୱର ମହାନଗର ନିଗମାଞ୍ଚଳ ଅଧିନସ୍ଥ ଦକ୍ଷିଣ ପୂର୍ବ ଜୋନ୍ ସ୍ଥିତ ୟୁନିଟ ୧ ଏମସିସି, ମହିଁଷାଖାଲ ଏମସିସି, ଲକ୍ଷ୍ମିସାଗର ଏମସିସି, ବଡ଼ଗଡ଼, ବାସୁଆଘାଇ, ଲିଙ୍ଗରାଜ ଆରଓବି ଏମସିସି ଏବଂ ବିଭିନ୍ନ ଏମଆର୍ଏଫ୍କୁ ଗୁରୁବାର ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ, ଅତିରିକ୍ତ କମିଶନର ୩ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ବୁଲି ଦେଖିଛନ୍ତି। ଏମସିସିରେ ଦୈନିକ ବର୍ଜ୍ୟ ପ୍ରକ୍ରିୟାକରଣ କ୍ଷମତା ୩ରୁ ୫ଟନ ବିଶିଷ୍ଟ ହୋଇଥିବାବେଳେ ସେଠାରେ କେତେ ବର୍ଜ୍ୟ ଷ୍ଟକ ରହିଛି ଓ ପ୍ରକ୍ରିୟାକରଣ କରାଯାଉଛି, ତାର ଯାଞ୍ଚ କରାଯାଇଛି। ବିଶେଷକରି କମିଶନର କୁଲାଙ୍ଗେ ଏମସିସିରେ ବସିଥିବା ମେସିନ ଗୁଡ଼ିକର ସ୍ଥିତି ପରଖିଥିଲେ। କିଛି ଏମସିସିରେ ଚାଲୁଣୀ ମେସିନ ଓ ବେଲିଂ ମେସିନ କାର୍ଯ୍ୟକ୍ଷମତା ଧୀର ହୋଇ ପଡିଥିବାବେଳେ ସେଗୁଡିକୁ ତୁରନ୍ତ ମରାମତି କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଏମସି ଇଞ୍ଜିନିରିଂ ସେଲ୍ର ପ୍ରମୁଖ ସଦସ୍ୟଙ୍କ ସହ ଏନେଇ ଆଲେଚାନା କରାଯାଇ ଥିଲା। ବର୍ଜ୍ୟ ପ୍ରକ୍ରିୟାକରଣ ବିଏମସି ଲାଗି ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ଏମସିସି ଓ ଏମଆରଏଫ୍ରେ କିପରି ନିୟମିତ ଓ ସୁଗମ ଉପାୟ ବର୍ଜ୍ୟ ପ୍ରକ୍ରିୟାକରଣ ହୋଇପାରିବ ସେନେଇ ଗୁରୁତ୍ୱ ଦେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

# ସୁଆଁଳରେ ପାଲା ପ୍ରତିଯୋଗିତା


ଅତିଥିଙ୍କ ଗହଣରେ ସମ୍ମାନିତ ବ୍ୟକ୍ତିମାନେ।

ବେଗୁନିଆ,୨୩।୨(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ସୁଆଁଳ ଗ୍ରାମସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ୫ଦିନ ବ୍ୟାପୀ ଚାଲିଥିବା ପାଲା ପ୍ରତିଯୋଗିତା ବୁଧବାର ଉଦ୍ଯାପିତ ହୋଇଯାଇଛି। ଗାୟିକା ତତ୍ତ୍ୱଦର୍ଶିନୀ ଗାୟତ୍ରୀ ପଣ୍ଡା ଓ ମନ୍ଦାକିନୀ ଝିନିରାଣୀ ରାଉତଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍ଯାପନୀ ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ମନୋଜ କୁମାର ମଙ୍ଗରାଜଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଭବାନୀଶଙ୍କର ଜଗଦ୍ଦେବ ମହାପାତ୍ର ଏବଂ କବି ନିକେତନ ଗୌରଚରଣ ସାମନ୍ତ ସିଂହାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉପଦେଷ୍ଟା ଦୀନବନ୍ଧୁ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ସାହୁ, ଲିଙ୍ଗରାଜ ପଟ୍ଟନାୟକ, ବଂଶୀଧର ବାଘ, ଲମ୍ବୋଦର ଶତପଥୀ ଓ ପବିତ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପ୍ରତୀକ କୁମାର ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ବିଏମ୍ସି କର୍ମଚାରୀଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

**ଜାଲ ଦସ୍ତାବିଜ୍ରେ ଜମି ଠକେଇ**

ଜାଲ ଦସ୍ତାବିଜ ଜରିଆରେ ଜମି ଠକେଇ କରିବା ଅଭିଯୋଗରେ କ୍ରାଇମ୍ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱରରେ ରହୁଥିବା ହଳଧର ଦାସ, ସୁବୋଧ କୁମାର ପରିଡ଼ା ଓ ମମତା ପରିଡ଼ା। ଏଥିସହ ଇଓଡବ୍ଲ୍ୟୁ ପକ୍ଷରୁ ଖଣ୍ଡଗିରିସ୍ଥିତ ସବ୍ରେଜିଷ୍ଟ୍ରାର ଅଫିସରୁ ସେଲ୍ ଡିଡ୍ର ନକଲ, ଜାଲ୍ ଆଧାର କାର୍ଡ କପି ସହ ଅନ୍ୟାନ୍ୟ ଦସ୍ତାବିଜ ଜବତ କରାଯାଇଛି। ସେହିଭଳି ମମତାଙ୍କ ପାଖରୁ ଆଧାର କାର୍ଡ, ଭୋଟର ଆଇକାର୍ଡ ଓ ମୋବାଇଲ ଫୋନ ମଧ ଜବତ ହୋଇଛି। ତେବେ ହଳଧର ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ଅବସରପ୍ରାପ୍ତ କର୍ମଚାରୀ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ନସଦିପୁର ଗ୍ରାମର ଲିପିକା ଦାସଙ୍କର ଭୁବନେଶ୍ୱର ମଳିପଡ଼ା ମୌଜାସ୍ଥିତ ବସନ୍ତ ବିହାରରେ ୨ ହଜାର ବର୍ଗଫୁଟ୍ର ଏକ ଜମି ରହିଛି। ସେ ଉକ୍ତ ଜମିକୁ ୧୯୯୯ରେ କିଣିଥିଲେ ଓ ତାଙ୍କ ପାଖରେ ଏହାର ସମସ୍ତ ଦସ୍ତାବିଜ ରହିଛି। ତେବେ କିଛିଦିନ ତଳେ ସେ ଖଜଣା ଦେବାକୁ ଯିବାବେଳେ ତାଙ୍କ ଜମି ଅଭିଯୁକ୍ତ ହଳଧରଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଗତ ମଙ୍ଗଳବାର ଏକ ମାମଲା (ନଂ.୭/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତମାନେ ଜଣେ ମୋହରିରଙ୍କ ସାହାଯ୍ୟରେ ଖଣ୍ଡଗିରିସ୍ଥିତ ସବ୍ ରେଜିଷ୍ଟ୍ରାର ଅଫିସରେ ଲିପିକାଙ୍କ ଦସ୍ତଖତକୁ ନକଲ କରି ଏହି ଠକେଇ କରିଛନ୍ତି। ଏପରିକି ରେଜିଷ୍ଟ୍ରାର ସେଲ୍ ଡିଡ୍ରେ ଦିଆଯାଇଥିବା ଆଧାର ନମ୍ବର ଜମିର ପ୍ରକୃତ ମାଲିକ ଲିପିକାଙ୍କ ରହିଥିବାବେଳେ ସେଥିରେ ଅଭିଯୁକ୍ତା ମମତାଙ୍କ ଫଟୋ ରହିଛି। ତେବେ ମମତା ଉକ୍ତ ଜମିର ପ୍ରକୃତ ମାଲିକ ସାଜି ଅଭିଯୁକ୍ତ ସୁବୋଧଙ୍କୁ ସାକ୍ଷୀ ଦର୍ଶାଇ ହଳଧରଙ୍କୁ ବିକ୍ରି କରିଥିବା ଜଣାପଡିବା ପରେ ପଦକ୍ଷେପ ନିଆଯାଇଥିବା ଇଓଡବ୍ଲ୍ୟୁ ଡିଏସ୍ପି ଦିଲ୍ଲୀପ ତ୍ରିପାଠୀ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିଯୁକ୍ତମାନେ ଏଭଳି ଏକାଧିକ ଠକେଇ କରିଛନ୍ତି। ଜଣେ ମୋହରିରଙ୍କ ମଧ ଏହି ଠକେଇରେ ସମ୍ପୃକ୍ତି ଥିବା ପ୍ରମାଣ ମିଳିଛି। ଏହି ଠକେଇ ର୍ୟାକେଟରେ ସମ୍ପୃକ୍ତ ଥିବା ଅନ୍ୟ ସଦସ୍ୟଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ସେ ସୂଚନା ଦେଇଛନ୍ତି।

# ବଦଳି ନିୟମ ସଂଶୋଧନ ଦାବିକଲା ନୂତନ ପେନ୍ସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ମାଧ୍ୟମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଯେଉଁ ବଦଳି ନିୟମ ରହିଛି ସେଥିରେ କେହି ଆଖି ଦୃଶିଆ ଉପକୃତ ହେଉନାହାନ୍ତି ବୋଲି ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ତେଣୁ ଏହି ନିୟମରେ ପରିବର୍ତ୍ତନ ବା ସଂଶୋଧନ ପାଇଁ ସଂଘ ଦାବି କରିଛି। ସଙ୍ଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, କେବଳ ଆପୋଷ ବୁଝାମଣା ଓ ସାଂଘାତିକ ରୋଗରେ ପୀଡିତ ଥିଲେ ଜଣେ ବଦଳି ହେଇପାରିବ ବୋଲି ନିୟମ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ନିୟମ ଯୋଗୁ ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ବଦଳି ହୋଇ ନପାରି ମାନସିକ ସନ୍ତୁଳନ ହରାଇ ଦୁଶ୍ଚିନ୍ତା ମଧ୍ୟରେ ଶିକ୍ଷାଦାନ କରୁଛନ୍ତି। ସଂସ୍କୃତ, ହିନ୍ଦୀ, ଶାରୀରିକ ଶିକ୍ଷା ଶିକ୍ଷକ ହୋଇଥିଲେ ଆପୋଷ ବୁଝାମଣାରେ ଉଭୟ ବର୍ଗ ସମାନ ହେବା ନିୟମ ସମସ୍ୟା ସୃଷ୍ଟି କରୁଛି। ଫଳରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ବଦଳି ଆବଶ୍ୟକ ଥିଲେ ମଧ ଏହି ନିୟମ ବାଧକ ସାଜୁଥିବା ସଂଘ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି। ତେଣୁ ବଦଳି ନିୟମର ପରିବର୍ତ୍ତନ ନ ଆସିଲେ ଶିକ୍ଷକ ସମାଜ ମାନସିକ ସ୍ତରରେ ପୀଡିତ ହୋଇ ମାନସିକ ରୋଗୀ ହୋଇଯିବ ଓ ଶିକ୍ଷାଦାନ ମଧ କରିପାରିବ ନାହିଁ। ମାନସିକ ଅଶାନ୍ତିରେ ରହିଲେ ତାହାର ପ୍ରଭାବ ଶିକ୍ଷାଦାନ ଉପରେ ପଡିବା ସହିତ ପିଲାଙ୍କ ଭବିଷ୍ୟତ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ତେଣୁ ବଦଳି ନିୟମକୁ ଯଥାଶୀଘ୍ର ପରିବର୍ତ୍ତନ କରି ସରଳୀକରଣ କରାଯିବାକୁ ସଂଘର ମହାସଚିବ ବିଶଜିତ ବିଶ୍ୱାଳ, ମିଡ଼ିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ପଞ୍ଚାନନ ଜେନା ଏବଂ ଆବାହକ ନିରୋଦ ରଥ ଦାବି କରିଛନ୍ତି।

# ପରିବାର ଲୋକଙ୍କୁ କ୍ରାଇମ୍ବ୍ରାଞ୍ଚର ପଚରାଉଚରା

ଭୁବନେଶ୍ୱର,୨୩।୨(ବ୍ୟୁରୋ)

**ବହୁଚର୍ଚ୍ଚିତ ମଡେଲ୍ ସୌମ୍ୟ ଆତ୍ମହତ୍ୟା ମାମଲା**
- ମା'ବାପା, ଭଉଣୀଙ୍କ ବୟାନ ରେକର୍ଡ
- କ୍ରାଇମ୍ବ୍ରାଞ୍ଚ ତଦନ୍ତରେ ନ୍ୟାୟ ପାଇବା ଆଶା ଅଛି : ଭଉଣୀ


କ୍ରାଇମ୍ବ୍ରାଞ୍ଚ୍ ଟିମ୍ ସୌମ୍ୟଙ୍କ ପରିବାର ଲୋକଙ୍କୁ ପଚରା ଉଚରା କରୁଛି।

ଭୁବନେଶ୍ୱରର ବହୁଚର୍ଚ୍ଚିତ ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟା ଘଟଣାରେ ଗତ ଜାନୁୟାରୀ ୬ରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମ୍ବ୍ରାଞ୍ଚ ତଦନ୍ତ ଜାରି ରଖିଛି। ଏହି ମାମଲାରେ କ୍ରାଇମ୍ବ୍ରାଞ୍ଚର ୫ଜଣିଆ ଟିମ୍ ଗୁରୁବାର ମଧ୍ୟାହ୍ନରେ ଇନ୍ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରସ୍ଥିତ ସୌମ୍ୟଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ପଚରାଉଚରା କରିଛି। ଟିମ୍ର ୨ଜଣ ମହିଳା ଅଧିକାରୀ ସୌମ୍ୟଙ୍କ ବାପା ସୁଧାକର ପାଣିଗ୍ରାହୀ, ମା' ମୋହିନୀ ମିଶ୍ର ଓ ଭଉଣୀ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବା ସହ ବୟାନ ରେକର୍ଡ କରିଥିଲେ। ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପଚରାଉଚରା ପରେ କ୍ରାଇମବ୍ରାଞ୍ଚ ଟିମ୍ ଫେରିଥିଲା। ତେବେ କ୍ରାଇମ୍ବ୍ରାଞ୍ଚ ତଦନ୍ତରେ ନ୍ୟାୟ ପାଇବୁ ବୋଲି ଆଶା ରହିଥିବା ସୌମ୍ୟଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା କହିଛନ୍ତି।

ସୂଚନାଯୋଗ୍ୟ, ଗାୟିକା ସୋନାଲିଙ୍କ ସହ ସୌମ୍ୟ ପ୍ରେମ ସମ୍ପର୍କରେ ଥିଲେ। ସେମାନଙ୍କ ବିବାହ ସ୍ଥିର ହୋଇଥିବାବେଳେ ସୋନାଲିଙ୍କ ପଛରେ ସୌମ୍ୟ ବହୁ ଟଙ୍କା ଖର୍ଚ୍ଚ କରିଥିଲେ। ହେଲେ ସୋନାଲି ପ୍ରତାରଣା କରିବାରୁ ୨୦୨୨ ଜାନୁୟାରୀ ୩୦ ରାତିରେ ସୌମ୍ୟ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ହାତଲେଖା ଚିଠିରେ ସେ ସୋନାଲିଙ୍କୁ ଦାୟୀ କରିଥିଲେ। ପରିବାର ପକ୍ଷରୁ ଅଭିଯୋଗ ପରେ ପୋଲିସ କେବଳ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ କରି ଚୁପ୍ ବସିଥିଲା। ପରେ ଭଉଣୀ ଲକ୍ଷ୍ମୀପ୍ରିୟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ମାର୍ଚ୍ଚ ୨୫ରେ ସୌମ୍ୟଙ୍କ ପରିବାର ପକ୍ଷରୁ ଅଦାଲତ ଅବମାନନା ନେଇ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଏପ୍ରିଲ ୧୯ରେ ପୋଲିସ ପ୍ରେମିକା ସୋନାଲି ନନ୍ଦ ଓ ତାଙ୍କ ମା'ଙ୍କ ନାମରେ ଆଇପିସିର ଦଫା (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ୩୦୬, ୩୬ରେ ମାମଲା (ନଂ.୧୦୦/୨୦୨୨) ରୁଜୁ କରିଥିଲା। ଗତ ଜାନୁୟାରୀ ୬ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରି ପୋଲିସର ତଦନ୍ତ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ମାମଲାର ତଦନ୍ତ ଭାର କ୍ରାଇମ୍ବ୍ରାଞ୍ଚକୁ ଦେଇଛନ୍ତି।

## ସଂକ୍ଷେପରେ

### ଓଡ଼ିଶା ଫେଡେରେଶନ ଅଫ୍ ଅର୍ବାନ କୋଅପରେଟିଭ ବ୍ୟାଙ୍କ ସଭାପତି ହେଲେ ମହେନ୍ଦ୍ର ନାୟକ

କଟକ ଅଫିସ, ୨୩।୨: ଓଡ଼ିଶା ଫେଡେରେଶନ ଅଫ୍ ଅର୍ବାନ କୋଅପରେଟିଭ ବ୍ୟାଙ୍କ ଏବଂ କ୍ରେଡିଟ୍ ସୋସାଇଟିର ସଭାପତି ଭାବେ ସମବାୟବିତ୍ ମହେନ୍ଦ୍ର କୁମାର ନାୟକ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ସୁଚାରୁରୂପେ ହେବା ପାଇଁ ବିଜେଡି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପ୍ରଫୁଲ୍ଲ କୁମାର ସିଂ ତଦାରଖ କରିଥିଲେ। ସୂଚନାଯୋଗ୍ୟ, ନାୟକ ପୂର୍ବରୁ ନୂଆଦିଲ୍ଲୀସ୍ଥିତ ନାଫେଡ୍ ଓ ଗୁଜରାଟସ୍ଥିତ ନ୍ୟାଶନାଲ କୋଅପରେଟିଭ ଡାଏରୀ ଫେଡେରେଶନ ଅଫ୍ ଇଣ୍ଡିଆରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ଅଏଲ୍ ଓଡ଼ିଶାର ଅଧ୍ୟକ୍ଷ ଓ ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଭାବେ ମଧ ଦାୟିତ୍ୱ ତୁଲାଇଥିଲେ। ସେ ପେଶାରେ ଜଣେ ଆଇନଜୀବୀ। ଏଥିସହ ସମବାୟ କ୍ଷେତ୍ରରେ ୪୫ ବର୍ଷର ଅଭିଜ୍ଞତା ରହିଛି। ନୂଆଦିଲ୍ଲୀସ୍ଥିତ କ୍ରିଭକୋ ପକ୍ଷରୁ ସାହସିକତା ଶିରୋମଣି ସମ୍ମାନରେ ସେ ସମ୍ମାନିତ ହୋଇଥିଲେ।

### ଦୋକାନ ପୋଡ଼ି ଅଭିଯୁକ୍ତଙ୍କୁ ୬ବର୍ଷ କାରାଦଣ୍ଡ

ଆଠଗଡ଼, ୨୩।୨(ସ୍ୱ.ପ୍ର.)- ବଡ଼ମ୍ବା ଥାନା ଅନ୍ତର୍ଗତ ଶଙ୍ଖାମେରୀ ଗାଁରେ ୨୧।୪।୨୧ରେ ପଲ୍ଲବ କିଶୋର ପୃଷ୍ଟିଙ୍କ ଦୋକାନ ଗୃହ ପୋଡି ଯାଇଥିଲା। ଏହି ମାମଲାକୁ ବିଚାର କରି ଆଠଗଡ଼ ସହକାରୀ ଦୌରାଜଜ୍ ଶ୍ରୀମୟୀ ଆଚାର୍ଯ୍ୟ ଅଭିଯୁକ୍ତ ବିନୋଦ ମଲ୍ଲିକଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୨୭ ଓ ଧାରା ୪୩୬ ଅନୁସାରେ ଯଥାକ୍ରମେ ୧ ବର୍ଷ, ୫ ବର୍ଷ କାରାଦଣ୍ଡ ସହ ଜରିମାନା ବାବଦକୁ ୧୦ ହଜାର ଏବଂ ୩୦ ହଜାର ଟଙ୍କା କରିଛନ୍ତି। ଜରିମାନା ଅନାଦେୟ ବାବଦକୁ ଅଧିକ ୩ ମାସ ଓ ୬ ମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଏତଲାକାରୀ ପଲ୍ଲବଙ୍କ ଏତଲାକୁ ଭିତ୍ତିକରି ନଂ. ୮୮/୨୧ରେ ମାମଲା ରୁଜୁ ହୋଇଥିଲା। ପ୍ରଥମେ ବଡମ୍ବା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟକୁ ପଠାଇ ଥିଲେ। ପରେ ଏହି ମାମଲା ଆଠଗଡ଼ ସହକାରୀ ଦୌରାଜଜ୍‌ଙ୍କ କୋର୍ଟକୁ ବିଚାର ପାଇଁ କେସ ଏସ୍. ଏଫ୍ ନଂ. ୪୯/୨୧ ପାଇଁ ଆସିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଞ୍ଜନ କୁମାର ନାୟକ ପରିଚାଳନା କରିଥିଲେ।

### ନନ୍ଦନକାନନ ପରିସରରୁ ଲାପ୍‌ଟପ୍ ଚୋରି

ବାରଙ୍ଗ,୨୩।୨(ଡି.ଏନ୍.ଏ.)- ନନ୍ଦନକାନନ ପ୍ରାଣୀଉଦ୍ୟାନର ବହୁତଳ ରହଣିସ୍ଥଳରୁ ଲାପ୍‌ଟପ ଚୋରି ହେବା ନେଇ ଗୁରୁବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ଗତ ବୁଧବାର ସକାଳ ୮ଟା ୩୫ମିନିଟ୍‌ରେ ଜଣେ ଅଜଣା ଯୁବକ ନନ୍ଦନକାନନ ହାଇସ୍କୁଲ ପାଚେରି ଡେଇଁ ବହୁତଳ ରହଣିସ୍ଥଳ ଭିତରକୁ ପଶିଥିଲେ। ପରେ ଯୁବକ ରହଣିସ୍ଥଳର ଦୁଇ ମହଲା କୋଠା ଉପରକୁ ଯାଇ ସେଠାରେ କେହି ନ ଥିବାରୁ ଲାପଟପ୍ ନେଇ ଖସି ପଳାଇଯାଉଥିବାବେଳେ ଜଣେ ମହିଳା କର୍ମଚାରୀଙ୍କ ହାବୁଡରେ ପଡିଥିଲେ। ନିଜକୁ ବ୍ୟାଟେରି ଚାଳିତ ଗାଡ଼ି ଚାଳକ ପରିଚୟ ଦେଇ ଖସି ପଳାଇଥିଲେ। ଗୁରୁବାର ସନ୍ଧ୍ୟାରେ ରହଣିସ୍ଥଳ ଦାୟିତ୍ୱରେ ଥିବା ଠିକା ସଂସ୍ଥାର ସୁପରଭାଇଜର ଅଶୋକ ବିଶ୍ୱାଳ ରଖିଥିବା ଲାପଟପ୍ ନ ପାଇବାରୁ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା ପରେ ବହୁତଳ ରହଣିସ୍ଥଳ ଟେଣ୍ଡର ନେଇଥିବା ମାଲିକଙ୍କୁ ଜଣାଇଥିଲେ। ପରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ କଲାପରେ ଜଣେ ଅଚିହ୍ନା ଯୁବକ ଲାପଟପ୍ ଚୋରି କରିଥିବା ଜାଣିବାକୁ ପାଇଥିଲେ। ଏନେଇ ସୁପରଭାଇଜର ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି।

# ୩୭ ରାଜସ୍ୱ ଗ୍ରାମର ୨,୭୨୧ ହେକ୍ଟରରେ ପାଣି ମାଡ଼ିବ

ଆଠଗଡ଼, ୨୩।୨(ସ୍ୱ.ପ୍ର.)



ଭୂତଳ ପାଇପ୍ ଜଳସେଚନର ଶୁଭାରମ୍ଭ ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼-ତିଗିରିଆ ବ୍ଲକରେ ରେଙ୍ଗାଲି ଦକ୍ଷିଣ କେନାଲ ଯୋଗେ, ଭୂତଳ ପାଇପ ସାହାର୍ଯ୍ୟରେ ଗୁରୁବାର ଚାଷ ଜମିକୁ ଜଳ ଯୋଗାଣର ଶୁଭାରମ୍ଭ ହୋଇଛି। ଏ ନେଇ ଆଠଗଡ଼ ମହୋତ୍ସବ ପଡ଼ିଆଠାରେ କୃଷି ସୂଚନା ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ୨୨ଟି ଜୋନ୍ ୯୫ କି.ମି. ରେଙ୍ଗାଲି ଦକ୍ଷିଣ କେନାଲର ଭୂତଳ ପାଇପ୍ ଯୋଗେ ଜଳ ସେଚନ ବ୍ୟବସ୍ଥାକୁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁଭାରମ୍ଭ କରିଛନ୍ତି। ଦୀର୍ଘଦିନର ଆଠଗଡ଼ବାସୀଙ୍କର ରେଙ୍ଗାଲି କେନାଲରେ ଜଳ ଯୋଗାଣର ଦାବି ସାକାର ହୋଇଛି। ଜମି ଜଳସେଚିତ ହେବାଦ୍ୱାରା ଚାଷୀମାନଙ୍କ ଆୟ ବହୁଗୁଣିତ ହେବା ସହ ଆର୍ଥିକ ସ୍ୱାବଲମ୍ବୀ ହେବେ। କେନାଲ ଖନନ ବ୍ୟୟ ବହୁଳ ଓ ସମୟ ସାପେକ୍ଷ, ଏଣୁ ଭୂତଳ ପାଇପ ଯୋଗେ ବହୁତ ଶୀଘ୍ର ଆଠଗଡ଼ ନିର୍ବାଚନ ମଣ୍ଡଳୀର ୧୨,୪୧୧ ହେକ୍ଟର ପାଣି ମଡ଼ାଯାଇ ପାରିବ। ଚାଷୀମାନଙ୍କର ସ୍ୱାର୍ଥକୁ ଆଖି ଆଗରେ ରଖି ପାଇପ ଦ୍ୱାରା ଭୂତଳ ଜଳସେଚନ କରାଯାଇଛି। ୧୦ ନଂ. ଜୋନ ପାଖାପାଖି ୨,୭୨୧ ହେକ୍ଟର ୬୭୨୩.୭୩ ଏକର ପାଣି ମଡାଇବା ପାଇଁ ବ୍ୟବସ୍ଥା ହୋଇଛି। ଯଥା-ଇନ୍ଦିପୁର, ଜୋରନ୍ଦା, କରିକୋଲ, ରାଧାଗୋବିନ୍ଦପୁର, ଧାଇପୁର, ସୋମନାଥପୁର, କନ୍ତୋଲ, ହରିଶରଣପୁର, ଦ୍ୱାରିକାପୁର, ବେଷ୍ଟପଦା, ପରମାନନ୍ଦପୁର, ଡଇଳାମାଳ, ଦହିସରା, ପର୍ଶୁରାମପୁର, ବାଲିପଦା, ହରିପୁର, ଧୁରୁକୁଡିଆ, ମେଘା, ଭିତର କରିକୋଲ, ନିଜିଗଡ, ଧର୍ନୁର୍ଜୟପୁର, କଟକିଆସାହି, ପାଟେଣିଗାଁ, ଚମ୍ପାପୁର, ହରିଡାଗହୀର, ମାଧପୁର, ମହାକାଳବସ୍ତ, ରାଧାମାଧବପୁର, ଡଇଳାମାଳ, ବେତଖୋଲି, ଗରିଆପାଟ, ଗୋକୁଳପୁର ୩୭ଟି ରାଜସ୍ୱ ଗ୍ରାମର ଜଳସେଚନ ହୋଇପାରିବା ଦ୍ୱାରା ଚାଷୀ ୩ ଫସଲ କରି ଉପାର୍ଜନ ବୃଦ୍ଧି ହେବ। ଏହି ଉତ୍ସବରେ ଜୋନ୍ ନଂ. ୧ ଜିଲା ପରିଷଦ ସଭ୍ୟା

**ରେଙ୍ଗାଲି ଦକ୍ଷିଣ କେନାଲ ଭୂତଳ ପାଇପ୍ ଜଳସେଚନର ଶୁଭାରମ୍ଭ**

ଶାନ୍ତିଲତା ବେହେରା, ଜୋନ ନଂ. ୨ ଜିଲା ପରିଷଦ ସଭ୍ୟା ମିନତି ଗାଗାରାଇ, ଜୋନ ନଂ.୩ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଆଠଗଡ଼ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ନୃସିଂହ ଚରଣ ମହାପାତ୍ର, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରସନ୍ନ କୁମାର ସ୍ୱାଇଁ, ଅଧୀକ୍ଷଣ ଯନ୍ତ୍ରୀ ଶରତ କୁମାର ପଣ୍ଡା, ରେଙ୍ଗାଲି ଦକ୍ଷିଣ କେନାଲ ଡିଭିଜନ-୫ର ନିହାର ରଞ୍ଜନ ଦାସ, ଅଧୀକ୍ଷଣ ଯନ୍ତ୍ରୀ ରେଙ୍ଗାଲୀ ଦକ୍ଷିଣ କେନାଲ ଡିଭିଜନ-୨ ଯୋଗଦେଇ ବୈଜ୍ଞାନିକ ଜ୍ଞାନକୌଶଳରେ ଭୂତଳ ପାଇପ୍ ଦ୍ୱାରା ଆଗାମୀ ଖରିଫ୍ ଋତୁରେ ଜୋନ୍ ନଂ.୧୦ର ୩୭ ଟି ରାଜସ୍ୱ ଗ୍ରାମକୁ ଜଳସେଚନ କରିବାକୁ ଏଲ୍‌ଆଣ୍ଡଟି କମ୍ପାନୀର ମୁଖ୍ୟ ବ୍ୟବସ୍ଥା କରିବାକୁ କହିଥିଲେ। ଅଠଗଡ଼ ବ୍ଲକର ରେଙ୍ଗାଲି କେନାଲ ଦ୍ୱାରା ୨୫ଟି ପଞ୍ଚାୟତ, ତିଗିରିଆ ବ୍ଲକର ୯ଟି ପଞ୍ଚାୟତରେ ଜଳସେଚନ ସୁବିଧା ହୋଇପାରିବ। ଏଥିରେ ଆଠଗଡ଼ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, କୃଷକ ସାଥୀ, ସମବାୟ ସମିତି ସଭାପତି, ପାଣି ପଞ୍ଚାୟତର ଚାଷୀମାନେ ଯୋଗଦେଇ ସରକାରଙ୍କ ଏହି ଜନକଲ୍ୟାଣ ଯୋଜନାକୁ ପ୍ରଶଂସା କରିଥିଲେ। ଏଥିରେ କୃଷକ ନେତା ନିରାକାର ଲେଙ୍କା, ସୁବାସ ପାଳ ସଭା ପରିଚାଳନା କରିଥିଲେ।

# ପୌର କାର୍ଯ୍ୟାଳୟରେ ଗଣ୍ଡଗୋଳ

ଚୌଦ୍ୱାର,୨୩।୨(ଡି.ଏନ୍.ଏ.)

ଚୌଦ୍ୱାର ପୌର କାର୍ଯ୍ୟାଳୟରେ ଗୁରୁବାର ମଧାହ୍ନରେ ଜଣେ କାଉନ୍‌ସିଲର ଓ ଜଣେ ସୂଚନା ଅଧିକାର କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଚୌଦ୍ୱାର ପୌରପାଳିକା ୧୦ ନମ୍ବର ୱାର୍ଡ ଅଧୀନ ଲେବର ଟେନାମେଣ୍ଟର ମନୋରଞ୍ଜନ ସାହୁ ନାମକ ସୂଚନାଧିକାର କର୍ମୀ କୌଣସି କାର୍ଯ୍ୟରେ ପୌର କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା କାଉନ୍‌ସିଲର ଅଜୟ କୁମାର ବେହେରାଙ୍କ ସହିତ କୌଣସି କଥାକୁ ନେଇ ପାଟିତୁଣ୍ଡ ଓ ଗଣ୍ଡଗୋଳ ହୋଇଥିଲା। କାଉନ୍‌ସିଲର ବେହେରା ତାଙ୍କୁ ମାଡ଼ ମାରିଥିବା ନେଇ ମନୋରଞ୍ଜନ ଚୌଦ୍ୱାର ଥାନା ଓ ପୌର ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ମନୋରଞ୍ଜନ ତାଙ୍କୁ ଜାତିଆଣ ଆକ୍ଷେପ ସହିତ ମାଡ଼ ମାରିଥିବା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପରେ ପୋଲିସ କାଉନ୍‌ସିଲର ବେହେରାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। ଏହି ଘଟଣାପରେ ପୌରାଧକ୍ଷା, ଉପାଧ୍ୟକ୍ଷ ଓ ସମସ୍ତ କାଉନ୍‌ସିଲର ସନ୍ଧ୍ୟାରେ ଥାନାରେ ପହଞ୍ଚିବା ସହ ଘଟଣାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଆଇସିଙ୍କୁ ଅନୁରୋଧ କରିଥିଲେ। ଏନେଇ ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି, ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ଥାନାରେ ଦୁଇଟି ମାମଲା(ନଂ.୮୧,୮୨/୨୩) ରୁଜୁ ହେବା ସହ ତଦନ୍ତ କରାଯାଉଛି। ଅପରପକ୍ଷରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି, ଘଟଣାର ଅନୁସନ୍ଧାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ।

# ମହିଳାଙ୍କ ମୃତଦେହ ଜବତ ଘଟଣାରେ ସିକ୍ୟୁରିଟି ଗାର୍ଡ ଅଟକ

ବାରଙ୍ଗ,୨୩।୨(ଡି.ଏନ୍.ଏ.)

ରଘୁନାଥପୁର ଗାଁର ଏକ ପରିତ୍ୟକ୍ତ ଚାଷଜମିରୁ ମିଳିଥିବା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଗୁରୁବାର ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେ ହେଲେ ଏକ ଆପାର୍ଟମେଣ୍ଟର କାର୍ଯ୍ୟରତ ସିକ୍ୟୁରିଟି କର୍ମଚାରୀ।

ସୂଚନା ମୁତାବକ, ରଘୁନାଥପୁର ଗାଁ ମୁଣ୍ଡ ବୁଢୁନଈ ବ୍ରିଜ ନିକଟ ଶ୍ମଶାନ ରାସ୍ତାକଡ଼ର ପରିତ୍ୟକ୍ତ ଚାଷଜମିରୁ ଗତ ୧୯ତାରିଖ ଅପରାହ୍ନରେ ଜଣେ ମହିଳାଙ୍କ ଅର୍ଦ୍ଧନଗ୍ନ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ମୃତଦେହ ପାଖରୁ ହଳେ ଚପଲ ଓ ଗର୍ଭ ନିରୋଧକ ପୋଲିସ ଜବତ କରିଥିଲା। ମୃତ ମହିଳା ଜଣକ ହେଲେ କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ ଚାରିଛକ ଗାଁର ବସନ୍ତ ନାୟକଙ୍କ ସ୍ତ୍ରୀ ଝିଲି ନାୟକ ବୋଲି ତଦନ୍ତରୁ ଜଣାପଡ଼ିଛି। ଉଭୟ ସ୍ତ୍ରୀ ସ୍ୱାମୀ କାମ ଅନ୍ୱେଷଣରେ ଗତ କିଛି ବର୍ଷ ହେବ ଭୁବନେଶ୍ୱରର ଇନଫୋସିଟି ଥାନା ଶିଖରଚଣ୍ଡୀ ନଗରରେ ୨ ଝିଅଙ୍କ ସହ ଭଡା ଘରେ ରହୁଥିଲେ। ବସନ୍ତ ଅଟୋ ଚଳାଉଥିବାବେଳେ ସ୍ତ୍ରୀ ଝିଲି ପର ଘରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ମାସରେ ବସନ୍ତ କୌଣସି କାରଣରୁ ୨ ଝିଅଙ୍କୁ ନେଇ ତାଙ୍କ ଗାଁକୁ ପଳେଇଥିଲେ। ଏହାପରେ ଝିଲି ପୁରୁଣା ଭଡା ଘର ଛାଡି ନନ୍ଦନକାନନ ଥାନା ରଘୁନାଥପୁର ଗାଁରେ ଏକୁଟିଆ ରହୁଥିଲେ।

# ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ନିକଟରେ ଲାଗିଲା ନିଆଁ

ବାରଙ୍ଗ,୨୩।୨(ଡି.ଏନ୍.ଏ.)

ଗୋଡିସାହି ଫାଣ୍ଡି ଅଧୀନ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ପାଖରେ ନିଆଁ ଲାଗିଥିବା ଗୁରୁବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ବାରଙ୍ଗ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସରେ ଥିବା କ୍ୱାର୍ଟର ନିକଟରେ ତଳେ ପଡିଥିବା ଶୁଖିଲା ପତ୍ରରେ କେହି ନିଆଁ ଲଗାଇଦେଇଥିବା ଜଣାପଡ଼ିଛି। ଫଳରେ ନିଆଁ ଏନ୍‌ଡିଆର୍‌ଏଫ୍ କ୍ୟାମ୍ପସ ଆଡ଼କୁ ବ୍ୟାପିବାକୁ ଲାଗିଥିଲା।

# ଆଇଏମ୍‌ଆଇଟି ଏମ୍‌ସିଏ ବିଭାଗ ପକ୍ଷରୁ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

କଟକ ଅଫିସ,୨୩।୨

କଟକସ୍ଥିତ ଆଇଏମ୍‌ଆଇଟି ଏମ୍‌ସିଏ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର କଲେଜ ପରିସରରେ ଗୁରୁବାର ଆୟୋଜିତ ହୋଇଯାଇଛି। ଏଥିରେ ଆଇଟି ସେକ୍ଟରେ ଆଜାଇଲ ପ୍ରଣାଳୀର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଆଇଏମ୍‌ଆଇଟିର ପୂର୍ବତନ ଛାତ୍ର ତଥା ଜର୍ମାନୀର ଟେଲିଫୋର୍ଣ୍ଣିକା କମ୍ପାନୀରେ ସିନିୟର ଡେଲିଭରି ମ୍ୟାନେଜର ଭାବେ କାର୍ଯ୍ୟରତ ସଞ୍ଜୀବ ଦାଶ ଯୋଗ ଦେଇଥିଲେ। ଏମ୍‌ସିଏ ବିଭାଗର ମୁଖ୍ୟ ଡ. ଶୁଭେନ୍ଦ୍ର କୁମାର ଜୟସିଂ ଏହାକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଆଲୁମ୍‌ନିମାନଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଭୁବନେଶ୍ୱର ଇନ୍‌ଫୋସିସର କନ୍ସଲଟାଣ୍ଟ କୁମାର ପ୍ରସନଜିତ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ଆଲୋଚନାଚକ୍ରରେ ଏମ୍‌ସିଏ ବିଭାଗର ଅଧ୍ୟାପକ ସତ୍ୟପ୍ରକାଶ ସ୍ୱାଇଁ, ସୃତିପ୍ରଜ୍ଞା ସ୍ୱାଇଁ, ଅରୁଣ କୁମାର ସ୍ୱାଇଁଙ୍କ ସମେତ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପିକା ସୁଜାତା ରାୟ ଧନ୍ୟବାଦ ଦେଇଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞରେ ସାଧୁ ସନ୍ଥଙ୍କ ସମାବେଶ

ନିଶ୍ଚିନ୍ତକୋଇଲି,୨୩।୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ବରପଡା ଶ୍ରୀ ଶ୍ରୀବାଲୁଙ୍କେଶ୍ୱର ମହାଦେବଙ୍କ ବିଜେସ୍ଥଳୀରେ ୫ ଦିନ ବ୍ୟାପୀ ଚାଲିବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ନାମଯଜ୍ଞ ଅବସରରେ ବୁଧବାର ସାଧୁସନ୍ଥଙ୍କ ସମାଗମ ହୋଇଛି। ଏହି ମହାଯଜ୍ଞ ପାଇଁ ଶତାଧିକ ଶ୍ରଦ୍ଧାଳୁ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରୁ ଆଜ୍ଞାମାଳ ଓ କଳସକୁ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଆଣି ଆସିଥିଲେ। ବାବା ଅରକ୍ଷିତ ଓଝାଙ୍କ ନିର୍ଦ୍ଦେଶାନୁଯାଇ ଯଜ୍ଞସ୍ଥଳରେ ନୀଳଧବଳ ବାନା ଉତ୍ତୋଳନ କରାଯିବା ସହ ଯଜ୍ଞ ମଣ୍ଡପରେ ଯଜ୍ଞ ବରାହ ଓ ପାର୍ଶ୍ୱ ଦେବଦେବୀଙ୍କ ଯଥାବିଧି ପୂଜାର୍ଚ୍ଚନା ଓ ଆବାହନ କରାଯାଇ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ପଣ୍ଡିତଙ୍କ ଦ୍ୱାରା ସକାଳେ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁମଣ୍ଡଳ ପୂଜା ସମ୍ପନ୍ନ କରାଯିବା ପରେ ପୀଠାଧିଶ ବାଲୁଙ୍କେଶ୍ୱରଙ୍କ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ପଣ୍ଡିତ ଗୌତମ ମହାରଣାଙ୍କ ତତ୍ତ୍ୱାବଧାନରେ ପ୍ରବଚନ କାର୍ଯ୍ୟକ୍ରମ ଓ ଆଧାତ୍ମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପରେ ସ୍ଥାନୀୟ ବିଭିନ୍ନ ମଠ ମନ୍ଦିର ସାଧୁ ସନ୍ଥମାନଙ୍କୁ ନେଇ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରବଚକ ନାରାୟଣ ଓଝା, ବାବା ତପନ କୁମାର ଓଝା ଓ ସ୍ଥାନୀୟ ଗ୍ରାମବାସୀ ପରିଚାଳନା କରୁଛନ୍ତି। ଆସନ୍ତା ୨୬ ତାରିଖରେ ଏହି ଯଜ୍ଞର ପୂର୍ଣ୍ଣାହୁତି ହେବ।

# ମା' ତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ମାହାଙ୍ଗା,୨୩।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ହଂସିଦିଆ ଗ୍ରାମରେ ଥିବା ମା' ତାରିଣୀ ମନ୍ଦିରର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା, ହୋମଯଜ୍ଞ ଓ ଅଗ୍ନି ସଂଯୋଗ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ କାହ୍ନୁଚରଣ ମହାପାତ୍ର ଓ କର୍ତ୍ତୀ ଭାବେ କଳ୍ପନା ପୂଜା କାର୍ଯ୍ୟରେ ବସିଥିବାବେଳେ ପଣ୍ଡିତ ରଞ୍ଜନ ନନ୍ଦ, ଚନ୍ଦ୍ରକାନ୍ତ ନନ୍ଦ, ମହେନ୍ଦ୍ର ପଣ୍ଡା, ଦୁର୍ଗାପ୍ରସାଦ ପତି, ଦୀପକ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମୂଲ୍ୟ ପଣ୍ଡା, ନାରାୟଣ କର, ବସନ୍ତ ପଣ୍ଡା, ରାଇଚରଣ ପୃଷ୍ଟି, ପ୍ରମୋଦ ପଣ୍ଡା, ରଶ୍ମିକାନ୍ତ ପଣ୍ଡା, ରାମଚନ୍ଦ୍ର ବାରିକ, ଜଗନ୍ନାଥ ବିଶ୍ୱାଳ, ଅଜୟ ମହାପାତ୍ର ପ୍ରମୁଖଙ୍କ ସମେତ ହଂସଦିଆ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।


ହଂସିଦିଆ ଗ୍ରାମରେ ଥିବା ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ଯଜ୍ଞ।

# ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୪୮ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଗୁରୁବାର ବିଧାୟକ କଲୋନୀସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ବିଶିଷ୍ଟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ଶିକ୍ଷାବିତ ନିରଞ୍ଜନ ପଣ୍ଡା, ଡ. ମିହିର ପଟ୍ଟନାୟକ, ନରେନ ସାହୁ, ଉଇ ଫର୍ ଭୁବନେଶ୍ୱର କର୍ମକର୍ତ୍ତା, ଜୟ ଓଡ଼ିଶାର ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ସରୋଜିନୀ ମିଶ୍ର, ସଂଯୁକ୍ତା ମିଶ୍ର, ଅନୁପମା ବେହେରା, ପ୍ରଗତି ରଥ, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗ ଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର କବିତା ପାଠ କରିଥିଲେ। ଏହି ଅବସରରେ ୯ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

# ରେଭେନ୍‌ଶାରେ ଲୋକ ଉପକରଣଭିତ୍ତିକ ପ୍ରଦର୍ଶନୀ

କଟକ ଅଫିସ,୨୩।୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଓ ଡ. ଅଜୟ କୁମାର ମିଶ୍ରଙ୍କ ମିଶ୍ରଶାଳ ପକ୍ଷରୁ ଲୋକ ଉପକରଣ ଭିତ୍ତିକ ପ୍ରଦର୍ଶନୀ ସହିତ ଆର୍ତ୍ତବଲ୍ଲଭ ପାଠଚକ୍ର ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକସାହିତ୍ୟ ଗବେଷକ ଅଜୟ କୁମାର ମିଶ୍ର ଲୋକ ଉପକରଣଗୁଡିକୁ ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ବିଭାଗର ଅଧାପିକା, ଅଧାପକ ଓ ଗବେଷକମାନେ ଅଂଶଗ୍ରହଣ କରି ଲୋକଉପକରଣ ବୁଲି ଦେଖିଥିଲେ। ଏହି ଅବସରରେ ନେତାଜୀ ଅଭିନନ୍ଦନ, ଉମାକାନ୍ତ ମିଶ୍ର, ପ୍ରିୟଦର୍ଶୀ କର, ବିକ୍ରମ କେଶରୀ ମିଶ୍ର ଯୋଗଦେଇ ପ୍ରଦର୍ଶନୀଭିତ୍ତିକ ଉଦ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉତ୍ସବରେ ଜଳସେଚନ, କୃଷି, ବାଣିଜ୍ୟ, ବିବାହ ପରମ୍ପରା ଓ ଧାର୍ମିକ କାର୍ଯ୍ୟରେ ବ୍ୟବହୃତ ଲୁପ୍ତପ୍ରାୟ ଉପକରଣଗୁଡିକୁ ପ୍ରଦର୍ଶିତ କରାଯାଇଥିଲା। ନଡ଼ିଆ, ତାଳପତ୍ରରେ ପ୍ରସ୍ତୁତ ଖେଳଣା ଓ ଉପକରଣ ମଧ ପ୍ରଦର୍ଶିତ ହୋଇଥିଲା। ଏଥିସହିତ ବିଭିନ୍ନ ଉପକରଣର ବ୍ୟବହାର କୌଶଳ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହିଅବସରରେ ଉପକରଣ ସମ୍ବନ୍ଧୀୟ ଏକ ପାଠଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଆ ବିଭାଗ ମୁଖ୍ୟ ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ ପ୍ରଦର୍ଶନୀର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ଦାଶ, ରାଜା କୁମାର ନାଏକ, ସଂଘମିତ୍ରା ବେହେରା, ଆଶିଷ ସାହୁ, ସରଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ପିଲାମାନଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରାଯାଇଥିଲା। ବିଲୁପ୍ତ ପ୍ରାୟ ଏହି ଉପକରଣଗୁଡିକର ସଂରକ୍ଷଣ ଓ ପୁନଃ ବ୍ୟବହାର ଉପରେ ଗୁରୁତ୍ୱାରୋପ କରି ଡ. ମିଶ୍ର ପିଲାମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ।



ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ୪୧ ପଞ୍ଚାୟତରେ ୨୪ କାର୍ଯ୍ୟନିର୍ବାହୀ ଅଧିକାରୀ

ନିଶ୍ଚିନ୍ତକୋଇଲି,୨୩।୨(ସ୍ୱ.ପ୍ର.)

**ନିଶ୍ଚିନ୍ତକୋଇଲି ବ୍ଲକରେ କର୍ମଚାରୀ ଅଭାବ**

ପଞ୍ଚାୟତ ଓ ବ୍ଲକ ସ୍ତରରେ ଗ୍ରାମାଞ୍ଚଳର ବିକାଶ ପାଇଁ ପ୍ରକଳ୍ପ ଏବଂ ଯୋଜନାଗୁଡ଼ିକର ସଫଳ ରୂପାୟନ ହୋଇଥାଏ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଦକ୍ଷ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ହେଲେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦୀର୍ଘଦିନ ହେବ ବହୁ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ଏକାଧିକ ପଞ୍ଚାୟତରେ ଦାୟିତ୍ୱରେ ରହିଛନ୍ତି। ଆଇପିଓ, ଡବ୍ଲ୍ୟୁଇଓ, ଏଫଇଓ, ଆକାଉଣ୍ଟ ଅଫିସର ପଦବୀରେ ବିଭାଗୀୟ ଅଧିକାରୀ ନ ଥିବାରୁ ଅଧସ୍ତନ କର୍ମଚାରୀ କାମ ଚଳାଉଛନ୍ତି। ନିକଟରେ ବ୍ଲକ ଏବିଡିଓଙ୍କର ଅବସର ନେବାକୁ ଥିବାରୁ ବ୍ଲକରେ ଏକ ପ୍ରକାର କର୍ମଚାରୀ ସଙ୍କଟ ଦେଖିବାକୁ ମିଳିଛି। ନିଶ୍ଚିନ୍ତକୋଇଲି ବ୍ଲକ ୪୧ଟି ପଞ୍ଚାୟତକୁ ନେଇ ଗଠିତ। ବିଭିନ୍ନ ଯୋଜନାରେ ବ୍ଲକରେ ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ କର୍ମଚାରୀ ଅଭାବ ହେତୁ ଉନ୍ନୟନ କାର୍ଯ୍ୟ ତଥା ଅର୍ଥ ଦେଣନେଣର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘଦିନ ହେବ ସମବାୟ ଅଧିକାରୀଙ୍କ ବଦଳି ହେବା ପରେ ଏହି ପଦବୀ ଖାଲି ପଡିଛି। ସେହିଭଳି ମତ୍ସ୍ୟ ସମ୍ପଦ ଅଧିକାରୀଙ୍କ ପଦୋନ୍ନତି ପରେ ତାଙ୍କ ସ୍ଥାନ ଖାଲି ପଡିଥିବାବେଳେ ବିଭାଗୀୟ ଡେମୋନଷ୍ଟ୍ରେଟର କାର୍ଯ୍ୟ ତୁଲାଉଛନ୍ତି। ଡବ୍ଲ୍ୟୁଇଓ ପଦବୀ ଖାଲି ପଡ଼ିଥିବା ବେଳେ ଜଣେ ଭିଏଲଡବ୍ଲ୍ୟୁ ଏହି କାର୍ଯ୍ୟ ତୁଲାଉଛନ୍ତି। ବ୍ଲକର ଆକାଉଣ୍ଟ ଅଫିସରଙ୍କ ପଦୋନ୍ନତି ପରେ ତାଙ୍କ ପଦବୀ ଖାଲିପଡିଛି। ତାଙ୍କ କାର୍ଯ୍ୟ ଏବିଡିଓ ତୁଲାଉଛନ୍ତି। ଆଇପିଇଓ ପଦବୀ ଦୀର୍ଘଦିନ ହେବ ଖାଲି ପଡିଥିବାବେଳେ ଏଠାକୁ କେହି ଆସିବାକୁ ମଙ୍ଗୁନାହାନ୍ତି। ବ୍ଲକରେ ୫ଟି ୪ର୍ଥ ଶ୍ରେଣୀ ପଦବୀ ଖାଲି ପଡିଛି।

ସରକାର ପଞ୍ଚାୟତ ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ କରିବାକୁ ବିଭିନ୍ନ ଯୋଜନାରେ ଉନ୍ନୟନ କାର୍ଯ୍ୟ କରୁଛନ୍ତି। ବ୍ଲକର ୪୧ଟି ପଞ୍ଚାୟତରେ ମାତ୍ର ୨୪ ଜଣ ନିର୍ବାହୀ ଅଧିକାରୀ କାର୍ଯ୍ୟ କରୁଛନ୍ତି। ଜଣେ ନିର୍ବାହୀ ଅଧିକାରୀ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ବ୍ଲକର କାର୍ଯ୍ୟନିର୍ବାହୀ ଅଧିକାରୀ ଝିଲି ବେହେରା ଶିର୍ଲୋ, ବନ୍ଧୁପୁର, ପାଳଦା, ଜନାର୍ଦ୍ଦନପୁର ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ସେହିପରି ବିଜୟ କୁମାର ରାଉତ ମହମ୍ମଦପୁର, ମଣିଜଙ୍ଗ, ଇଶାଣୀବରହମପୁର ଓ ସାନ୍ତପୁର ଦାୟିତ୍ୱରେ ଅଛନ୍ତି। ପ୍ରସନ୍ନ କୁମାର ସାହୁ ଅସୁରେଶ୍ୱର, କେଣ୍ଟାଳୋ ଓ କେରିଲୋ ପଞ୍ଚାୟତ ଦାୟିତ୍ୱ ତୁଲାଉଛନ୍ତି। ଯେଉଁ ଭିଏଲ୍‌ଡବ୍ଲ୍ୟୁଙ୍କୁ ଏକାଧିକ ପଞ୍ଚାୟତ ଦିଆଯାଇଛି କେତେବେଳେ କେଉଁ ପଞ୍ଚାୟତର କାର୍ଯ୍ୟ କରୁଛନ୍ତି ଓ କାର୍ଯ୍ୟର କେତେ ସ୍ୱଚ୍ଛତା ରହୁଛି ତାହା ତଦନ୍ତ ସାପେକ୍ଷ। ଯୋଜନାର ସଫଳ ରୂପାୟନ ପାଇଁ ଆବଶ୍ୟକ କର୍ମଚାରୀ ନ ଦେବାରୁ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦିଗହରା ହେବା ନିଃସନ୍ଦେହ। ତୁରନ୍ତ ବ୍ଲକରେ ଆବଶ୍ୟକ କର୍ମଚାରୀ ଯୋଗାଇ ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରେ ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପାଇଁ ବାରମ୍ବାର ସରକାରଙ୍କୁ ଅବଗତ କରାଯାଇଛି। ଅନ୍ୟ କର୍ମଚାରୀ ପଦବୀ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଅଛନ୍ତି। ଖୁବଶୀଘ୍ର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସ୍ଥାନ ପୂରଣ କରାଯିବ ବୋଲି ଉଚ୍ଚ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଛନ୍ତି।




୨୩।୨।୨୦୨୩

| | |
|---|---|
| ୩,୦୮,୭୭୭ ଟଙ୍କା | |
| ସୁନା | ୨୫୦ ମିଲିଗ୍ରାମ୍ |
| ରୁପା | ୨୨.୨୬୦ ଗ୍ରାମ୍ |

# ଆର୍‌ଆଇଙ୍କୁ ୬ ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ

### ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ନେଇ ହୋହଲ୍ଲା

### ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ

ଡେଲାଙ୍ଗ,୨୩।୨(ଡି.ଏନ୍.ଏ.)

ବୋଲକଣା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ନେଇ ବଡ଼ ଓ ସାନ ଗୁଆଳିପଡ଼ା, ମାଛପଡା, ପାଟପୁର, ମଢ ପଞ୍ଚୁପଲ୍ଲା ଗ୍ରାମର ଲୋକେ ବିରୋଧ କରିବା ସହିତ କାର୍ଯ୍ୟରତ ଆର୍‌ଆଇ ବିଭୁପ୍ରସାଦ ପାତ୍ରଙ୍କୁ ଗୁରୁବାର ମଧ୍ୟାହ୍ନ ୧ଟାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଅଟକ ରଖିଥିଲେ। ପରେ ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଥିଲା। ସୂଚନାନୁଯାୟୀ, ବୋଲକଣା ରାଜସ୍ୱ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ପୂର୍ବେ ଗୁଆଳିପଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଚାଲୁଥିଲା। ଜନସାଧାରଣଙ୍କ ସୁବିଧା ପାଇଁ ଏହି କାର୍ଯ୍ୟାଳୟକୁ ୧୦ ବର୍ଷ ହେବ ଗୁଆଳିପଡ଼ା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ମୌଜାର ହିତାଧିକାରୀମାନେ ବିଭିନ୍ନ ସୁବିଧା ପାଉଥିଲେ। ବୋଲକଣା ଗ୍ରାମରେ ଗତ ୪ ବର୍ଷ ଧରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପୂର୍ଣ୍ଣାଙ୍ଗ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇ ନ ଥିଲା। ସ୍ଥାନୀୟ ଗ୍ରାମବାସୀ ହାଇକୋର୍ଟରେ କାର୍ଯ୍ୟାଳୟ ସ୍ଥାନାନ୍ତରକୁ ସ୍ଥଗିତ କରିବାକୁ ୨୦୧୮ ମସିହାରେ ଅପିଲ କରିଥିଲେ। ଫଳରେ ଏପର୍ଯ୍ୟନ୍ତ କାର୍ଯ୍ୟାଳୟଟି ବୋଲକଣାରେ ନବନିର୍ମିତ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହୋଇ ନ ଥିଲା। ବୋଲକଣାଠାରେ ନବନିର୍ମିତ ଗୃହକୁ ଅଫିସ ଆସବାବପତ୍ର ସ୍ଥାନାନ୍ତର କରିବା ସମୟରେ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିବା ସହିତ ଆର୍‌ଆଇଙ୍କୁ ଅଟକ ରଖିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ରଞ୍ଜନ ନାୟକ, ଡେଲାଙ୍ଗ ଥାନା ଏସ୍‌ଆଇ କେଳୁଚରଣ ଜେନା, ଏଏସ୍‌ଆଇ ଗୋପବନ୍ଧୁ ରାଉତ ଓ ସିପାହି ଜିତେନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ଲୋକେ ହୋହଲ୍ଲା କରିବାରୁ ଡେଲାଙ୍ଗ ତହସିଲଦାର ସୁଶ୍ରୀ ନିବେଦିତା ପରିଡ଼ା, ଥାନା ଅଧିକାରୀ ଅନିଲ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ଅଟକ ଆର୍‌ଆଇଙ୍କୁ ଉଦ୍ଧାର କରିଥିଲେ। ଏନେଇ ବିଭାଗୀୟ ଅଧିକାରୀ ଓ ଗ୍ରାମବାସୀଙ୍କ ପକ୍ଷରୁ ଆଇନଜୀବୀ ବସନ୍ତ ଦାଶ, କିଶୋର ପ୍ରଧାନ, କୈଳାସ ଛାଟୋଇ, ବିରଞ୍ଚି ପଣ୍ଡା, ପ୍ରତାପ ଜେନାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଗ୍ରାମବାସୀ ଅସ୍ଥାୟୀ କାର୍ଯ୍ୟାଳୟରୁ ନୂତନ କାର୍ଯ୍ୟାଳୟକୁ ଯାଇଥିବା ଆସବାବପତ୍ର ଫେରାଇ ଆଣିବାକୁ ଜିଦ୍ ଧରିଥିଲେ। ଏନେଇ ଦେଢ ଘଣ୍ଟାର ଆଲୋଚନା ପରେ ଆଇନଜୀବୀ ବସନ୍ତ ଦାଶ ସମସ୍ତଙ୍କୁ ହାଇକୋର୍ଟର ନିର୍ଦ୍ଦେଶାବଳୀ ଦେଖାଇଥିଲେ। ଏହା ଦେଖିବା ପରେ ହାଇକୋର୍ଟରୁ ଆଦେଶ ସ୍ଥଗିତ ହେବା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ସେବାକେନ୍ଦ୍ର ପରିସରରେ ଚାଲିବ ବୋଲି ତହସିଲଦାର ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।



ତହସିଲଦାର, ପୋଲିସଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

# ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ ନୀତି

### ୧ ଘଣ୍ଟା ନୀତି ବିଳମ୍ୱ

ପୁରୀ ଅଫିସ,୨୩।୨

ଶ୍ରୀମନ୍ଦିରରେ ଗୁରୁବାର ମଧ୍ୟାହ୍ନ ସମୟରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ସମ୍ପନ୍ନ ହେବା ପରେ ପାଣି ପଡ଼ିଥିଲା। ପରେ ଭୋଗ ମଣ୍ଡପ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଭକ୍ତମାନେ ଶ୍ରୀମନ୍ଦିର ଭିତରକାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହି ସମୟରେ ଭିତର କାଠ ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଭିତରକାଠ ନିକଟରେ ବାନ୍ତି ପଡିଥିବା ଦେଖିବା ପରେ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଧୂଆ ହୋଇ ଚୂନପାଣି ପଡି ମହାସ୍ନାନ ନୀତି ହୋଇଥିଲା। ମହାସ୍ନାନ ପୂଜା ଅପରାହ୍ନ ୧ଟା ୩୦ରେ ଆରମ୍ଭ ହୋଇଥିବା ବେଳେ ୧ଟା ୪୫ମିନିଟ୍‌ରେ ନୀତି ଶେଷ ହୋଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ ପାଇଁ ପ୍ରାୟ ୧ଘଣ୍ଟା ନୀତି ବିଳମ୍ୱ ହୋଇଥିଲା। ବଡ଼ ମହାସାନ୍ନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ୱ ପରିଲକ୍ଷିତ ହୋଇଥିଲା। ମହାସ୍ନାନ ନୀତି ସରିବା ପରେ ପୁଣିଥରେ ନୀତିକାନ୍ତି ଆଗେଇ ଥିଲା।

# ମହାପ୍ରଭୁଙ୍କ ଦ୍ୱିତୀୟ ବେଣ୍ଟ ନୀତି ସମ୍ପନ୍ନ

ପୁରୀ ଅଫିସ,୨୩।୨

ଫାଲଗୁନ ଶୁକ୍ଳ ଚତୁର୍ଥୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଚଳିତ ବର୍ଷର ଦ୍ୱିତୀୟ ବେଣ୍ଟ ନୀତି ଶ୍ରୀଜଗନ୍ନାଥ ବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଗୁରୁବାର ଶ୍ରୀବିଗହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମ ଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନ ସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେରେ ବିଜେ କରାଯାଇଥିଲା। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ପରେ ବନ୍ଦାପନା ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଶରଗୁଡିକୁ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦିଅନ୍ତି। ଲେଙ୍କା ସେବକ ପଇଡ଼ଗୁଡିକୁ ମୃର୍ଗ ଭାବେ ବିବେଚନା କରି ସେଗୁଡିକୁ ଶରବିଦ୍ଧ କରିଥାନ୍ତି। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ସେଥିରୁ ଲେଙ୍କା ୫ଟି ପଇଡ଼ରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୬ ଗିରଫ

ଟାଙ୍ଗୀ (ଖୋର୍ଦ୍ଧା ),୨୩।୨(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ଭୂଷଣ୍ଡପୁର ଉଜୁଡା ରସୁଲପୁର ଜଙ୍ଗଲରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପଳାଶପଲ୍ଲୀର ନବ କିଶୋର ଦାସ, ରଣପୁର ଥାନା ଗୋପାଳପୁରର କମଳାକାନ୍ତ ସାହୁ, ଟାଙ୍ଗୀ ରତନପୁରପାଟଣାର ଲକ୍ଷ୍ମଣ ବାରିକ, ହଜ୍‌ର ବଳରାମ ପ୍ରହରାଜ, କୃଷ୍ଣପୁରର ବାପୁଜୀ ପ୍ରଧାନ ଓ ରଶ୍ମିରଞ୍ଜନ ଜେନା। ଏମାନଙ୍କଠାରୁ ୫ ବାଇକ୍, ୭ଟି ମୋବାଇଲ ଓ ୨୪ ହଜାର ୨୩୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୯/୨୩)ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ କହିଛନ୍ତି।

### ଛତୁଆ ମିଶ୍ରଣ ଦିବସ

କୃଷ୍ଣପ୍ରସାଦ,୨୩।୨(ଡି.ଏନ୍.ଏ.): ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତି ମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ମିଶ୍ରଣ ଦିବସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ମା'ହରଚଣ୍ଡୀ ସ୍ୱୟଂ ସହାୟକ ଗୋଷ୍ଠୀ ସିଆଣ୍ଡି ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ସଙ୍ଗଠନର ମହିଳାମାନେ ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରକ୍ଷା କରି ୫ଟି ପର୍ଯ୍ୟାୟରେ ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ସଂଘ ସଭାନେତ୍ରୀ ପ୍ରଭାସିନୀ ତରେଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଭଜା ଗହମ ଓ ବୁଟ, ବାଦାମ ଓ ଚିନି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସେହିପରି ମୋରଡ଼ାସ୍ଥିତ ମା'ପାଦୁକାଇ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ କରୋନା କଟକଣାକୁ ଗୁରୁତ୍ୱ ଦେଇ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଗୋଷ୍ଠୀ ସଭାନେତ୍ରୀ ଅନ୍ନପୂର୍ଣ୍ଣା ଦାସ, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମିଶ୍ରୀ ସ୍ୱଚ୍ଛତା ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇ ମିଶ୍ରଣ ପର୍ବ କରିଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ଦୀପ୍ତିରାଣୀ ଦଣ୍ଡପାଟ, ରମାମଣି ନାୟକ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।

### ମୃତ ହରିଣ ଜବତ



ପୁରୀ ଅଫିସ,୨୩।୨ : ଭୂଦାନ ନିକଟ ତାଳବଣିଆ ଜଙ୍ଗଲରେ ଗୁରୁବାର ଏକ ମୃତ ହରିଣ ପଡିଥିବା ଦେଖିବାକୁ ମିଳିଛି। ତେବେ ହରିଣଟିର ପଛପାର୍ଶ୍ୱ କ୍ଷତାକ୍ତ ହୋଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ବୁଲା କୁକୁରଙ୍କ ଆକ୍ରମଣ ଯୋଗୁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ଗୁରୁବାର ସକାଳେ ତାଳବଣିଆ ଅଞ୍ଚଳ ନିକଟ ଜଙ୍ଗଲରେ ଏକ ମୃତ ହରିଣ ପଡିଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଖବରପାଇ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତ ହରିଣକୁ ଜବତ କରିଥିଲେ। ତେବେ ବନ ବିଭାଗର ଦାୟିତ୍ୱହୀନ କାର୍ଯ୍ୟ କାରଣରୁ ବାରମ୍ବାର ଏପରି ଘଟଣା ଘଟୁଥିବା ଅଭିଯୋଗ ହେଉଛି। ମାତ୍ର ବନ ବିଭାଗ ହରିଣଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଅନେକ ସମୟରେ ହରିଣ ଖାଦ୍ୟ ଅନେଷ୍ୱଣରେ ଜନବସତି ଆଡ଼କୁ ଚାଲି ଆସୁଛନ୍ତି। ଫଳରେ କେତେବେଳେ ହରିଣ ଦୁର୍ଘଟଣାର ଶିକାର ହେଉଛନ୍ତି ତ ପୁଣି କେତେବେଳେ କୁକୁରଙ୍କ କାମୁଡାରେ ପ୍ରାଣ ହରାଉଛନ୍ତି।

# ଜମିପଟ୍ଟା ଅନିୟମିତତା ନେଇ ଜିଲାପାଳଙ୍କୁ ଦାବିପତ୍ର



ପିପିଲି ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

ପୁରୀ ଅଫିସ,୨୩।୨

ଜମିପଟ୍ଟାଗୁଡିକୁ ଡାକ ମାଧ୍ୟମରେ ନ ପଠାଇ ବର୍ଷ ବର୍ଷ ଧରି ପିପିଲି ତହସିଲଦାର କାର୍ଯ୍ୟାଳୟ ରେକର୍ଡ ରୁମ୍‌ରେ ରଖି ରେକର୍ଡ କିପର ପଟ୍ଟା ବେପାର କରୁଥିବା ଅଭିଯୋଗ କରି ପିପିଲି ଏବଂ ଏହାର ଆଖପାଖ ଅଞ୍ଚଳର ଜନସାଧାରଣ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗକାରୀମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ୨୦୧୮ଠାରୁ ୨୦୨୩ ମସିହା ପର୍ଯ୍ୟନ୍ତ ହେବ ପିପିଲି ତହସିଲିରେ ଅନ୍‌ଲାଇନରେ ହେଉଥିବା ପଟ୍ଟାଗୁଡିକୁ ଡାକ ମାଧ୍ୟମରେ ପଠାଯାଉ ନାହିଁ। ଜାଣିଶୁଣି ରେକର୍ଡ ରୁମ୍‌ରେ ରଖାଯାଉଛି। ଲୋକମାନଙ୍କୁ ହଇରାଣ କରାଯାଉଛି। ତେବେ ରେକର୍ଡ ରୁମ୍ ଜଗୁଥିବା କିପର ଲୋକଙ୍କଠାରୁ ୧ ହଜାର ଲାଞ୍ଚ ନେଇ ପଟ୍ଟା ଦେଉଛନ୍ତି। ଯେଉଁମାନେ ଟଙ୍କା ଦେଉନାହାନ୍ତି ସେମାନଙ୍କ ପଟ୍ଟା ଭୁଲ୍ ଲେଖାଯାଉଛି। ସେହି ଲୋକମାନଙ୍କୁ ବାରମ୍ବାର ତହସିଲ ଅଫିସକୁ ଯିବାକୁ ପଡୁଛି। ବିଭିନ୍ନ ବାହାନା ଦେଖାଇ ଫେରାଇ ଦିଆଯାଉଛି। ଅପରପକ୍ଷେ ରେକର୍ଡ କିପର ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି ପୂର୍ବରୁ ଭିଜିଲାନ୍ସ ହାତରେ ଧରାପଡିଥିଲେ ବି ପୁଣି ଏବେ ଆସି କାର୍ଯ୍ୟ କରୁଛନ୍ତି। ତେବେ ତାଙ୍କର ଏପରି କାର୍ଯ୍ୟକୁ ନେଇ ବାରମ୍ବାର ତହସିଲଦାରଙ୍କୁ ଜଣାଇବା ପରେ ମଧ୍ୟ ତହସିଲଦାର ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ସମସ୍ୟାଗୁଡିକୁ ହୃଦୟଙ୍ଗମ କରି ଅଭିଯୋଗଥିବା ରେକର୍ଡକିପରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ୨୦୧୮ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଗଚ୍ଛିତ ଥିବା ହଜାରରୁ ଉର୍ଦ୍ଧ୍ୱ ପଟ୍ଟାକୁ ୧୫ ଦିନ ମଧ୍ୟରେ ପଠାଇବାକୁ ବନ୍ଦୋବସ୍ତ କରିବା ପାଇଁ ପଦକ୍ଷେପ ନେବାକୁ ଅଭିଯୋଗକାରୀମାନେ ଅନୁରୋଧ କରିଛନ୍ତି। ଆଗାମୀ ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଭିଯୋଗକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ତହସିଲ ଅଫିସ ସମ୍ମୁଖରେ ଅନଶନ କରିବେ ବୋଲି ଅଭିଯୋଗକାରୀ ସୂଚନା ଦେଇଛନ୍ତି।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ହସ୍ତତନ୍ତ କଳା

### ଗାନ୍ଧୀ ଶିଳ୍ପ ବଜାରର ଚତୁର୍ଥ ସନ୍ଧ୍ୟା

ପୁରୀ ଅଫିସ,୨୩।୨

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ କେନ୍ଦ୍ର ହସ୍ତଶିଳ୍ପ ଆୟୁକ୍ତ ଓ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ମିଳିତ ସହଯୋଗରେ ମହୋଦଧି ନିବାସ ସମ୍ମୁଖ ସ୍ୱର୍ଣ୍ଣାଭ ବେଳାଭୂମିରେ ଗତ ୨୦ତାରିଖରୁ ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର-୨୦୨୩ ଆରମ୍ଭ ହୋଇଯାଇଛି। ଗାନ୍ଧିଶିଳ୍ପ ବଜାରରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହସ୍ତତନ୍ତ କଳାକାରମାନେ ଆସି ନିଜ ଅଞ୍ଚଳର ହସ୍ତତନ୍ତ ବିକ୍ରି କରୁଛନ୍ତି। ବହୁସଂଖ୍ୟାରେ ପର୍ଯ୍ୟଟକ ଗାନ୍ଧିଶିଳ୍ପ ବଜାରରେ ଉପସ୍ଥିତ ହୋଇ ହସ୍ତଶିଳ୍ପ ଜିନିଷ କ୍ରୟ କରିଛନ୍ତି। ସେହିପରି ଚତୁର୍ଥ ଦିବସ ଗୁରୁବାର ସନ୍ଧ୍ୟାରେ ପୁରୀର ସାଂସ୍କୃତିକ ଅନୁଷ୍ଠାନ ଦୟାନିଧି ସଙ୍ଗୀତ ସୁଧା ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ କଣ୍ଠଶିଳ୍ପୀମାନଙ୍କୁ ନେଇ ପୁରୁଣା ଓଡ଼ିଆ ଏବଂ ହିନ୍ଦୀ କଥାଚିତ୍ର ଗୀତକୁ ନେଇ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଜ୍ୟୋତିପ୍ରକାଶ ମହାପାତ୍ର, ରାଜଶ୍ରୀ ସାହୁ, ଗୋପାଳ ନାୟକ, ପ୍ରଭାତୀ ତ୍ରିପାଠୀ ଆଦି ସଂଗୀତ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ଚିତ୍ତରଞ୍ଜନ ପଣ୍ଡା, ଶାରଦା ପ୍ରସନ୍ନ ମିଶ୍ର, ନୃସିଂହ ମହାରଣା, ବୁଲୁ ପଣ୍ଡା ସହଯୋଗ କରିଥିଲେ। ହସ୍ତଶିଳ୍ପ ପ୍ରଦର୍ଶନୀକୁ ବହୁ ସଂଖ୍ୟାରେ ଜନସାଧାରଣ ବୁଲିଦେଖିବା ସହିତ ଦୟାନିଧି ସଙ୍ଗୀତ ସୁଧା ଅନୁଷ୍ଠାନର କଥାଚିତ୍ର ଗୀତ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ। ଏହି ଅବସରରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ତରଫରୁ ଗୁରୁ ପ୍ରକାଶ କୁମାର ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଘରଟିଏ ପାଇଁ ପ୍ରଶାସନକୁ ନିବେଦନ



ପିପିଲି,୨୩।୨(ଡି.ଏନ୍.ଏ.)

ପିପିଲି ବ୍ଲକ ଚନ୍ଦ୍ରାଦେଇପୁର ପଞ୍ଚାୟତ ୧୪ ନଂ. ୱାର୍ଡ ମଠ ସାହିର ବୃଦ୍ଧା ପ୍ରମିଳା ସ୍ୱାଇଁ(୭୨)ଙ୍କ ନିଜସ୍ୱ ଘର ନାହିଁ। ସେଥିପାଇଁ ସେ ସାହିଠାରୁ କିଛି ଦୂରରେ ତମ୍ବୁ ଟାଣି ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ରହି ଆସୁଛନ୍ତି। ହେଲେ ଦିନ ଦ୍ୱିପ୍ରହରରେ କୁଡ଼ିଆ ଭିତରକୁ ସାପ, ବେଙ୍ଗ ପଶିଯାଉଥିବାବେଳେ କୁକୁର ହାଣ୍ଡିରୁ ଭାତ ଖାଇ ଦେଉଥିବା ପ୍ରମିଳା କହିଛନ୍ତି। ପ୍ରମିଳାଙ୍କୁ ସରକାରୀ ବିଧବା ଭତ୍ତା ଓ ରାଶନ ମିଳୁଥିଲେ ମଧ୍ୟ ଘରଟିଏ ନ ଥିବାରୁ ତମ୍ବୁ ଟାଣି ରହିବାକୁ ପଡୁଥିବାବେଳେ ବର୍ଷା ଦିନେ ହଇରାଣ ହେଉଛନ୍ତି। ତାଙ୍କୁ ଏକ ଘର ଯୋଗାଇ ଦେବାକୁ ଗଣମାଧ୍ୟମ ଆଗରେ ପ୍ରଶାସନକୁ ନିବେଦନ କରିଛନ୍ତି।

## ଡ୍ରେନ୍‌ରେ ମୃତ ଶିଶୁକନ୍ୟା

**ପୁରୀ ଅଫିସ,୨୩।୨:** ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପୁରୀ ହୋଟେଲ ନିକଟ ବାଲି ନୋଳିଆ ସାହିରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାଲି ନୋଳିଆ ସାହିର ଡ୍ରେନରେ ଜଣେ ମୃତ ନବଜାତ ଶିଶୁ ଭାସୁଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ପ୍ରଚାରିତ ହେବା ପରେ ଶିଶୁକନ୍ୟାକୁ ଦେଖିବାପାଇଁ ଭିଡ଼ ଜମିଥିଲା। ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଶିଶୁ କନ୍ୟାକୁ ଡ୍ରେନରୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

# ମହାମାରୀ ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର

ପୁରୀ ଅଫିସ,୨୩।୨

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ନରେନ୍ଦ୍ରକୋଣସ୍ଥିତ ପୁରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ମହାମାରୀ ନିରୋଧ ଆଇନ, କରୋନା ପୀଡ଼ିତଙ୍କ ପାଇଁ ରହିଥିବା ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଶିତିକଣ୍ଠ ସାମଲଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାଧିକରଣ ସଚିବ ଅମିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାମାରୀ ନିରୋଧ ଆଇନ ସମେତ କରୋନା ପୀଡ଼ିତାଙ୍କ ପାଇଁ ରହିଥିବା ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। କରୋନା ପୀଡିତଙ୍କ ପାଇଁ ମାଗଣା ଆଇନ ସହାୟତା ବ୍ୟବସ୍ଥା ଏବଂ କରୋନା ସଂକ୍ରମିତଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ମୃତକଙ୍କ ପରିବାର ଲୋକଙ୍କୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ମହାମାରୀ ଆଇନରେ ଥିବା ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଉଚିତ ବୋଲି ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡା. ଶୁଭଶ୍ରୀ ଦାସ ଯୋଗଦେଇ କରୋନା ସଂକ୍ରମଣଙ୍କୁ ମାଗଣା ସ୍ୱାସ୍ଥ ସେବା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି କୋଭିଡ ୧୯ର ସରକାରଙ୍କ ନିର୍ଦ୍ଦେଶନାମା ଓ କୋଭିଡ୍ ପୀଡ଼ିତଙ୍କୁ ପାଇଁ ଥିବା ସମସ୍ତ କଲ୍ୟାଣମୂଳକ ଯୋଜନା ବାବଦରେ ବିବରଣୀ ଦେଇଥିଲେ। ଉକ୍ତ ଶିବିରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ୍ ବଳିଆରସିଂହ ଯୋଗଦେଇ ଉପସ୍ଥିତ ଥିବା ଛାତ୍ରୀମାନଙ୍କୁ ଆଇନସେବା କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ସହ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବଳିଆରସିଂହ ଧନ୍ୟବାଦ ଦେଇଥିଲେ।

# ଆଦାନୀ ଗ୍ରୁପ୍ ଘୋଟାଲାର ଜେପିସି ତଦନ୍ତ ଦାବି

### ୬ରୁ ବ୍ୟାଙ୍କ, ଏଲ୍‌ଆଇସି କାର୍ଯ୍ୟାଳୟ ଆଗରେ କଂଗ୍ରେସର ପ୍ରତିବାଦ

ପୁରୀ ଅଫିସ,୨୩।୨

ପ୍ରଧାନମନ୍ତ୍ରୀ ଓ ଆଦାନୀ ଗ୍ରୁପ୍ ମଧ୍ୟରେ ସ୍କାମ ହୋଇଥିବା କଂଗ୍ରେସ ଅଭିଯୋଗ କରିବା ସହ ଜଏଣ୍ଟ ପାର୍ଲାମେଣ୍ଟାରି କମିଟି(ଜେପିସି) ତଦନ୍ତ କରିବାକୁ ଗୁରୁବାର ସର୍କିଟ୍ ହାଉସରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଦାବି କରିଛି। ସମ୍ମିଳନୀରେ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଲଲାଟେନ୍ଦୁ ଦାଶ ଏବଂ ପ୍ରଦେଶ କଂଗ୍ରେସର ବରିଷ୍ଠ ନେତା ତଥା ଉପସଭାପତି ଶିବାନନ୍ଦ ରାୟ ଓ ପିସିସି ମୁଖପାତ୍ର ପ୍ରଶାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ସହାୟତାରେ ଆଦାନୀ କମ୍ପାନୀ ଘୋଟାଲା କରିଥିବା ଅଭିଯୋଗ କରିଛନ୍ତି। ବରିଷ୍ଠ ନେତା ରାୟ କହିଥିଲେ, ଆଦାନୀ ଗ୍ରୁପର ଏହି ସ୍କାମ ପ୍ରତି ପ୍ରଧାନମନ୍ତ୍ରୀଙ୍କର ନୀରବତା ନାନା ପ୍ରଶ୍ନ ସୃଷ୍ଟି କରିଛି। ଯାହା ବିରୋଧରେ ଓଡ଼ିଶା ପ୍ରଦେଶର ୩୩ଟି ସାଙ୍ଗଠନିକ ଜିଲାରେ ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ଏହି ମହାଠକେଇର ପର୍ଦ୍ଦାଫାଶ କରାଯିବ। ମାର୍ଚ୍ଚ ୬ଠାରୁ ୧୦ ତାରିଖ ମଧ୍ୟରେ ପ୍ରତ୍ୟେକ ବ୍ଲକ, ଏନ୍‌ଏସି ଓ ମ୍ୟୁନିସିପାଲ କର୍ପୋରେଶନ ଇତ୍ୟାଦିରେ ଥିବା ସରକାରୀ ବ୍ୟାଙ୍କ କିମ୍ବା ଏଲ୍‌ଆଇସି ଅଫିସ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ କରାଯିବ। ସେହିପରି ୧୩ ତାରିଖରେ ରାଜଭବନ ସମ୍ମୁଖରେ ଦଳ ପକ୍ଷରୁ ଗଣଧାରଣା ମାଧ୍ୟମରେ ପ୍ରତିବାଦ କରାଯିବ।

ଦେଶରେ ଅହେତୁକ ଦରଦାମ ବୃଦ୍ଧି, ବେକାରି ବୃଦ୍ଧି, ଆର୍ଥିକ ବିଶୃଙ୍ଖଳା, ନିମ୍ନଗାମୀ ଅର୍ଥନୀତି ଚାଲିଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ରାଜ୍ୟର ଗୁଜରାଟୀ ବ୍ୟବସାୟୀ ବନ୍ଧୁଙ୍କୁ ଦେଶର ସମସ୍ତ ସମ୍ପତ୍ତି ଏବଂ ଦେଶର କୋଟି କୋଟି ଜନସାଧାରଣଙ୍କ ବ୍ୟାଙ୍କରେ ଥିବା ସଞ୍ଚୟ ରାଶି ଓ ଏଲ୍‌ଆଇସି ଭଳି ସଂସ୍ଥାରେ ଥିବା ଜମା ପୁଞ୍ଜିକୁ ନିଜର କ୍ଷମତା ବଳରେ ଚାପ ପ୍ରୟୋଗ ସୃଷ୍ଟିକରି ଆଦାନୀ ବ୍ୟବସାୟୀ ସାମ୍ରାଜ୍ୟକୁ ବୃଦ୍ଧି କରିବା ପାଇଁ କୋଟି କୋଟି ଟଙ୍କା ଦେଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଜାନୁୟାରୀ ୨୪ ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବାପରେ ଭାରତବର୍ଷ ଏବଂ ସାରା ବିଶ୍ୱରେ ପୁଞ୍ଜି ବଜାର ଏବଂ ନିବେଶକମାନେ ଚିନ୍ତାରେ ପଡ଼ିଛନ୍ତି। ଜାତୀୟ ବ୍ୟାଙ୍କଗୁଡ଼ିକ ୮୦ ହଜାର କୋଟି ଟଙ୍କା ଓ ଏଲ୍‌ଆଇସି ୩୬ ହଜାର କୋଟି ଟଙ୍କା ଆଦାନୀ ଗ୍ରୁପ କମ୍ପାନୀରେ ପୁଞ୍ଜି ବିନିଯୋଗ କରିଛନ୍ତି। ଏ ସମସ୍ତ ପୁଞ୍ଜି ବିନିଯୋଗ ସରକାରଙ୍କର ବିନା ଅନୁମତି ଓ ଚାପ ପ୍ରୟୋଗ ବିନା ଏହା ସମ୍ଭବ ହେବ ନାହିଁ ବୋଲି କଂଗ୍ରେସ କହିଛି। ସେହିପରି ଆଦାନୀ ଗ୍ରୁପର ହଠାତ୍ ଶେୟାର ବୃଦ୍ଧିକୁ ନେଇ ନାନା ସନ୍ଦେହ ସୃଷ୍ଟି ହେଉଛି। ଏତେବଡ଼ ଅଭିଯୋଗ ସତ୍ତ୍ୱେ କେନ୍ଦ୍ରର ସବୁ ବିଭାଗ କାହିଁକି ତଦନ୍ତ କରାଯାଉନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି । ତେଣୁ ଘୋଟାଲାର ଜେପିସି ତଦନ୍ତ କରିବାକୁ ଦଳ ଦାବି କରିଛି। ସମ୍ମିଳନୀରେ ଟାଉନ ସଭାପତି ରବୀନ୍ଦ୍ର ପ୍ରତିହାରୀ, ଜିଲା ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ବିଦ୍ୟୁଲତା ଆଚାର୍ଯ୍ୟ, ପୁରୀ ସଦର ବ୍ଲକ ସଭାପତି ଅବିନାଶ ମିଶ୍ର, ପୁରୀ ଜିଲା ଛାତ୍ର ସଭାପତି ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନରେ ମଞ୍ଚାସୀନ କଂଗ୍ରେସ ନେତା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଫେବୃୟାରୀ, ୨୦୨୩

**ତାଜିକିସ୍ତାନରେ ଭୂକମ୍ପ**

ବେଜିଂ,୨୩।୨: ଚାଇନାର ପଶ୍ଚିମ ଜିନ୍‌ଜିଆଙ୍ଗ ଅଞ୍ଚଳ ନିକଟରେ ଅବସ୍ଥିତ ତାଜିକିସ୍ତାନରେ ଗୁରୁବାର ଭୋର ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୮ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ମୁର୍‌ଘୋବ୍‌ଠାରୁ ୬୭ କିଲୋମିଟର ପଶ୍ଚିମରେ ଏବଂ ୨୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ। ତେବେ ଭୂମିକମ୍ପର ତୀବ୍ରତା ୭.୨ ଥିଲା ବୋଲି ଚାଇନା ଭୂକମ୍ପ ନେଟ୍‌ୱର୍କ କେନ୍ଦ୍ର ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ୱାର୍ଲ୍ଡ ବ୍ୟାଙ୍କ ମୁଖ୍ୟ ହେବେ ଅଜୟ୍ ବାଙ୍ଗା

**ୱାଶିଂଟନ୍, ୨୩।୨:** ଭାରତୀୟ ବଂଶୋଦ୍ଭବ ଅଜୟ୍ ବାଙ୍ଗାଙ୍କ ନାମ ଗୁରୁବାର ଆମେରିକା



ରାଷ୍ଟ୍ରପତି ଜୋ ବାଇଡେନ୍ ୱାର୍ଲ୍ଡ ବ୍ୟାଙ୍କ ମୁଖ୍ୟ ପଦ ପାଇଁ ଚୟନ କରିଛନ୍ତି। ଡେଭିଡ୍ ପାଲବାସ୍ ୱାର୍ଲ୍ଡ ବ୍ୟାଙ୍କ ଚିଫ୍ ପଦର ଇସ୍ତଫା ଘୋଷଣା କରିବା ପରେ ବାଇଡେନ୍ ଅଜୟଙ୍କୁ ଏ ପଦ ପାଇଁ ବାଛିଛନ୍ତି। ଉକ୍ତ ପଦ ପାଇଁ ନାମ ଚୟନ ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ଚାଲିବ। ଭାରତୀୟ-ଆମେରିକୀୟ ବିଜୟ ବାଙ୍ଗା (୬୩) ଏବେ ଜେନେରାଲ ଆଣ୍ଟାର୍କଟିକର ଉପ ସଭାପତି ଦାୟିତ୍ୱରେ ଅଛନ୍ତି।

### ଚାଇନାରେ ଖଣି ଭୁଶୁଡ଼ି ୫ ମୃତ, ୪୮ ନିଖୋଜ

**ଆଲକ୍ସା ଲିଗ୍(ଚାଇନା),୨୩।୨:** ଚାଇନାରେ ଏକ ଖଣି ଭୁଶୁଡ଼ି ପଡ଼ିବାରୁ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୪୮ ଜଣ ନିଖୋଜ ଅଛନ୍ତି। ଆଭ୍ୟନ୍ତରୀଣ ମଙ୍ଗୋଲିଆର ଆଲକ୍ସା ଲିଗ୍‌ରେ ଭୂସ୍ଖଳନ ଏବଂ ବିପଜ୍ଜନକ ସ୍ଥିତି ଯୋଗୁ ଉଦ୍ଧାର କାର୍ଯ୍ୟ ଅଟକି ରହିଥିବାବେଳେ ଗୁରୁବାର ସକାଳୁ ପୁଣିଥରେ ଆରମ୍ଭ ହୋଇଛି। ଚାଇନା ବିଦ୍ୟୁତ୍ ଉତ୍ପାଦନ ପାଇଁ ମଙ୍ଗୋଲିଆର କୋଇଲା ଖଣିଗୁଡ଼ିକ ଉପରେ ନିର୍ଭରଶୀଳ। ଉଦ୍ଧାରକାରୀମାନେ ଓପନ୍-ପିଟ୍ ଖଣିରୁ ବୁଲ୍‌ଡୋଜର ସହାୟତାରେ ବହୁ ପରିମାଣର ମାଟି ଖୋଳି ବାହାର କରିଥିଲେ ମଧ ନିଖୋଜମାନଙ୍କୁ ଠାବ କରିପାରି ନାହାନ୍ତି। ଦ୍ୱିତୀୟ ଭୂସ୍ଖଳନ ଯୋଗୁ ଉଦ୍ଧାର କାର୍ଯ୍ୟ କିଛି ଘଣ୍ଟା ପାଇଁ ବାଧାପ୍ରାପ୍ତ ହୋଇଥିଲା।

### ସେଲ୍‌ରେ ଚଢ଼ାଉ ବେଳେ କାନ୍ଦିଲେ ସୁକେଶ

**ମିଳିଲା ୧.୫ ଲକ୍ଷ ଟଙ୍କାର ସାଣ୍ଡାଲ**

**ନୂଆଦିଲ୍ଲୀ,୨୩।୨:** ବହୁକୋଟି ଟଙ୍କା ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ମାଣ୍ଡୋଲି ଜେଲ୍‌ରେ ଥିବା କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖରଙ୍କ ସେଲ୍‌ରେ ଗୁରୁବାର ଅଚାନକ ଚଢ଼ାଉ ହୋଇଥିଲା। ଏହି ସମୟରେ ଜେଲର ଦୀପକ ଶର୍ମା ଓ ଅନ୍ୟ ଅଫିସରଙ୍କ ଆଗରେ ସୁକେଶ କାନ୍ଦିଥିଲେ। ଚଢ଼ାଉ ବେଳେ ତାଙ୍କ ସେଲ୍‌ରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଜୋତା ଓ ପୋଷାକ ମିଳିଛି। ସେଥିରୁ ଏକ ଗୁସି ସାଣ୍ଡାଲର ଦାମ୍ ୧.୫ ଲକ୍ଷ ଟଙ୍କା ହୋଇଥିବାବେଳେ ୮୦ ହଜାର ଟଙ୍କା ମୂଲ୍ୟର ଦୁଇ ହଳ ଜିନ୍ସ ମିଳିଛି। ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାରେ କନ୍‌ମ୍ୟାନଙ୍କୁ ଗିରଫ କରାଯାଇଥିଲା।

### ବସ୍‌ରେ ମହିଳାଙ୍କ ସିଟ୍‌ରେ ପରିସ୍ରା କଲେ ମଦ୍ୟପ

**ବେଙ୍ଗାଲୁରୁ, ୨୩।୨:** କର୍ଣ୍ଣାଟକର ହୁବ୍‌ଲି ଜିଲାରେ କର୍ଣ୍ଣାଟକ ଷ୍ଟେଟ୍ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ୍ ବସ୍‌ରେ ମହିଳା ଯାତ୍ରୀଙ୍କ ସିଟ୍‌ରେ ୩୦ ବର୍ଷୀୟ ଯୁବକ ପରିସ୍ରା କରିଥିବା ଘଟଣା ସାମ୍ନାକୁ ଆସିଛି। ବସ୍‌ଟି ବିଜୟପୁରାରୁ ମାଙ୍ଗାଲୋର ଅଭିମୁଖେ ଯାତ୍ରା କରୁଥିଲା। ରାତ୍ରିଭୋଜନ ପାଇଁ ବସ୍‌ଟି ଏକ ଢାବା ନିକଟରେ ରହିଥିଲା। ମହିଳା ଜଣକ ସିଟ୍ ଛାଡ଼ି ଖାଇବା ପାଇଁ ଚାଲିଯାଇଥିଲେ। ସେ ଫେରିବା ପରେ ଦେଖିଲେ ଯେ, ତାଙ୍କ ସିଟ୍‌ରେ ନିଶାସକ୍ତ ଅବସ୍ଥାରେ ଉକ୍ତ ଯୁବକ ପରିସ୍ରା କରିଦେଇଛନ୍ତି। ମହିଳା ଜଣକ ଏ ବିଷୟରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଅବଗତ କରାଇଥିଲେ। ଏହାପରେ ମହିଳାଙ୍କୁ ଆଉ ଏକ ସିଟ୍ ଦିଆଯାଇଥିଲା।



ପଓ୍ୱନ ଖେରାଙ୍କୁ ଗିରଫ ପ୍ରତିବାଦରେ ଦିଲ୍ଲୀ ଆଇଜିଆଇ ବିମାନବନ୍ଦରରେ କଂଗ୍ରେସ ନେତାଙ୍କ ବିକ୍ଷୋଭ।

# ଖେରାଙ୍କୁ ସୁପ୍ରିମକୋର୍ଟ ଜାମିନ

**ପ୍ରଧାନମନ୍ତ୍ରୀଙ୍କୁ ଅପମାନ ଅଭିଯୋଗ**

**ଦିଲ୍ଲୀ ବିମାନବନ୍ଦରରୁ ଗିରଫ କରିଥିଲା ଆସାମ ପୋଲିସ**

**ନୂଆଦିଲ୍ଲୀ,୨୩।୨**

କଂଗ୍ରେସ ନେତା ପଓ୍ୱନ ଖେରାଙ୍କୁ ଗୁରୁବାର ଦିଲ୍ଲୀ ବିମାନବନ୍ଦରରେ ନାଟକୀୟ ଢଙ୍ଗରେ ବିମାନରୁ ଓହ୍ଲାଇ ଦିଆଯିବା ସହ ଆସାମ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାକୁ ନେଇ ବିମାନବନ୍ଦରରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ସହ ଛତିଶଗଡ଼ର ରାୟପୁର ଯିବାକୁ ଥିବା ପ୍ରାୟ ୫୦ କଂଗ୍ରେସ ନେତା ବିମାନରୁ ଓହ୍ଲାଇ ପ୍ରତିବାଦ ଜଣାଇଥିଲେ। ଏହାର କିଛି ଘଣ୍ଟା ପରେ ଖେରାଙ୍କୁ ସୁପ୍ରିମକୋର୍ଟରୁ ଅନ୍ତରୀଣ ଜାମିନ ମିଳିଛି। ତେବେ ଖେରା ଦିଲ୍ଲୀ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର ହୋଇ ଅନ୍ତରୀଣ ଜାମିନରେ ଯିବାକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଥିଲେ। ଜାମିନରେ ମୁକ୍ତ ହେବା ପରେ ଖେରା ନ୍ୟାୟପାଳିକାକୁ ସାଲ୍ୟୁଟ କରିଛନ୍ତି। ସର୍ବୋଚ୍ଚ ଅଦାଲତ ତାଙ୍କ ସ୍ୱାଧୀନତାକୁ କାଏମ ରଖିଥିବାରୁ ସେ କୃତଜ୍ଞ ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅପମାନିତ କରିବା ଅଭିଯୋଗରେ



ପଓ୍ୱନ ଖେରା

ତାଙ୍କୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ଜାମିନ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ପାଇଁ ଖେରାଙ୍କ ବିରୋଧରେ ଆସାମ, ଲକ୍ଷ୍ନୌ ଏବଂ ବାରାଣସୀରେ ଏକାଧିକ ଏତଲା ଦାଏର ହୋଇଥିବାବେଳେ ସେଗୁଡ଼ିକୁ ଏକାଠି କରିବାକୁ ସେ କରିଥିବା ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ଆସାମ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ନୋଟିସ ଜରିଆରେ ଜବାବ ମାଗିଛନ୍ତି। ଏକାଧିକ ଏତଲା ଉପରେ ଖେରା ବିଭିନ୍ନ କୋର୍ଟରେ ନିୟମିତ ଜାମିନ ପାଇଁ ଆବେଦନ କରି ନ ଥିବାରୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତାଙ୍କୁ ସୁରକ୍ଷା ସ୍ୱରୂପ ଅନ୍ତରୀଣ ଜାମିନ ଦିଆଯାଇଛି। ଜାମିନ ନିର୍ଦ୍ଦେଶ ଶୁଣାଇବା ବେଳେ ସିଜେଆଇ କଂଗ୍ରେସ ନେତାଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ସୂଚନାଯୋଗ୍ୟ, ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦର ସଂସଦୀୟ କମିଟି ତଦନ୍ତ ଦାବି କଲାବେଳେ କଂଗ୍ରେସ ମୁଖପାତ୍ର ଖେରା ଏକ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀଙ୍କ ନାମକୁ ବିକୃତ କରି ନରେନ୍ଦ୍ର ଗୌତମ ଦାସ କହିଥିଲେ। ପରେ ସେ ଏହାକୁ ବଦଳାଇ ଦାମୋଦର ଦାସ ମୋଦି ହେବ ବୋଲି କହିଥିଲେ। ଭୁଲ୍‌ରେ ଖେରାଙ୍କ ପାଟିରୁ ଭୁଲ୍ ଶବ୍ଦ ବାହାରିଯାଇଥିଲା ବୋଲି ସୁପ୍ରିମକୋର୍ଟରେ ତାଙ୍କ ଓକିଲ ଯୁକ୍ତି ଦର୍ଶାଇବା ସହ ସେ ଏଥିପାଇଁ କ୍ଷମା ମାଗିଥିବା କହିଥିଲେ।

## ହିଜାବ ନ ପିନ୍ଧିବାରୁ ମାଡ଼

**ରାସ୍ତାକଡ଼ରେ ରକ୍ତ ଜୁଡ୍ଡୁବୁଡ୍ଡୁ ହୋଇ କାନ୍ଦୁଛନ୍ତି ନାବାଳିକା**

**ନୂଆଦିଲ୍ଲୀ, ୨୩।୨**

ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ରାସ୍ତାକଡ଼ରେ ବସି ଜଣେ ନାବାଳିକା କାନ୍ଦୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ମୋନିକା ବର୍ମା ନାମକ ଜଣେ ଟ୍ୱିଟର ୟୁଜର୍ ଏହି ଭିଡିଓକୁ ପୋଷ୍ଟ କରିଛନ୍ତି। ଉକ୍ତ ଭିଡିଓଟି ଇରାନ୍‌ର ବୋଲି କୁହାଯାଉଛି। ନାବାଳିକା ଜଣକ ହିଜାବ ନ ପିନ୍ଧିବାରୁ ତାଙ୍କୁ ମାଡ଼ ମରାଯାଇଥିବା ଜଣାପଡ଼ିଛି। ମାଡ଼ ଆଘାତରେ କୁନି ଝିଅ ନାକ ଓ ପାଟିରୁ ରକ୍ତସ୍ରାବ ହେଉଥିବାବେଳେ ସେ ଏକ କପଡ଼ା ଧରି କାନ୍ଦି କାନ୍ଦି ମୁହଁ ପୋଛୁଥିବାର ଦେଖିବାକୁ ମିଳିଛି। ଭାଇରାଲ ହେଉଥିବା ଭିଡିଓ ଅନୁସାରେ ଦୁଇଜଣ ମହିଳା ଉକ୍ତ ଝିଅଙ୍କୁ ସାହାଯ୍ୟ କରୁଛନ୍ତି। ଇରାନ୍‌ର



ସର୍ବସାଧାରଣ ସ୍ଥାନରେ ମହିଳା ହିଜାବ ପରିଧାନ କରିବା ବାଧ୍ୟତାମୂଳକ। ଗତବର୍ଷ ସେପ୍ଟେମ୍ବରରେ ୨୨ ବର୍ଷିଆ ମହସା ଆମିନି ଭୁଲ୍ ଢଙ୍ଗରେ ହିଜାବ ପିନ୍ଧିବା ଯୋଗୁ ଇରାନର ରକ୍ଷଣଶୀଳ ପୋଲିସ ତାଙ୍କୁ ଗିରଫ କରିଥିଲା। ପୋଲିସ ଅତ୍ୟାଚାରରେ ଆମିନିଙ୍କ ହାଜତ ମୃତ୍ୟୁ ଘଟିବା ପରେ ଦେଶରେ ୫ ମାସ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ‘ଆମକୁ କେବଳ ମୋଦି ଦରକାର’

**ଭାଇରାଲ ଭିଡିଓରେ ପାକ୍ ଯୁବକଙ୍କ ଦାବି**

**ଇସ୍‌ଲାମାବାଦ,୨୩।୨**

ପାକିସ୍ତାନୀ ୟୁଟ୍ୟୁବର ସାନା ଅମଜାଦ୍ ପୋଷ୍ଟ କରିଥିବା ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଦେଶରେ ଦରଦାମ୍ ବୃଦ୍ଧିକୁ ନେଇ ଅତିଷ୍ଠ ସାନା ଶେହବାଜ୍ ଶରିଫ୍ ସରକାରଙ୍କୁ ଉକ୍ତ ଭିଡିଓରେ ସମାଲୋଚନା କରିବା ସହ ଆଲ୍ଲା ଆମକୁ ମୋଦି ଦିଅ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ଶାସନ କଲେ ଆମେ ଉଚିତ ଦାମ୍‌ରେ ସାମଗ୍ରୀ କିଣିପାରିବୁ। ଆମେ ନଓ୍ୱାଜ ଶରିଫ୍,



ସାନା ଅମଜାଦ୍

ଇମ୍ରାନ, ବେନଜିର କିମ୍ବା ଜେନେରାଲ ମୁସାରଫ୍, କାହାକୁ ଚାହୁଁନାହୁଁ ବୋଲି ଯୁବକ ଜଣକ କହିଛନ୍ତି। ପାକିସ୍ତାନ ଭାରତ ଠାରୁ ଅଲଗା ହେବାର ନ ଥିଲା। ଆମେ ଭାରତ ସହ ରହିଥିଲେ ଟମାଟୋ କିଲୋ ୨୦ ଏବଂ ଚିକେନ ୧୫୦ ଟଙ୍କାରେ କିଣିପାରିଥାନ୍ତୁ ବୋଲି ସାନା କହିଛନ୍ତି।

## ୨୪ ଘଣ୍ଟା ଭିତରେ କ୍ଷମା ମାଗ: ରୋହିଣୀ

**ଥମୁନି ଆଇଏଏସ୍, ଆଇପିଏସ୍ କଳି**

**ବେଙ୍ଗାଲୁରୁ, ୨୩।୨**

ଫେସ୍‌ବୁକ୍‌ରେ ଫଟୋ ପୋଷ୍ଟକୁ ନେଇ କର୍ଣ୍ଣାଟକ ଆଇପିଏସ୍ ରୂପା ଏବଂ ଆଇଏଏସ୍ ଅଫିସର ରୋହିଣୀଙ୍କ ମଧ୍ୟରେ ଲାଗିଥିବା କଳି ଥମିବାର ନାଁ ନେଉନାହିଁ। ଆପତ୍ତିଜନକ ଫଟୋ ପୋଷ୍ଟ କରିବା ମାମଲାରେ ରୂପା କ୍ଷମା ମାଗନ୍ତୁ ବୋଲି ଗୁରୁବାର ରୋହିଣୀ ତାଙ୍କ ନିକଟକୁ ଏକ ନୋଟିସ ଜାରି କରି କହିଛନ୍ତି। ଯଦି ରୂପା ୨୪ ଘଣ୍ଟା ମଧ୍ୟରେ ଲିଖିତ ଭାବେ କ୍ଷମା ନ ମାଗନ୍ତି ତେବେ ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। କ୍ଷତିପୂରଣ ବାବଦକୁ ରୋହିଣୀ ୧ କୋଟି ଟଙ୍କା ଦାବି କରିଛନ୍ତି।

## ଥାନାରେ ଅମ୍ରିତପାଲ ସମର୍ଥକଙ୍କ ତୁମୁଳକାଣ୍ଡ



**ଅମୃତସର,୨୩।୨**

ପଞ୍ଜାବ ଅମୃତସର ଜିଲାରେ ଖଲିସ୍ଥାନୀ ନେତା ଅମ୍ରିତପାଲ୍ ସିଂଙ୍କ ସମର୍ଥକମାନେ ଗୁରୁବାର ଏକ ଥାନାରେ ଧସେଇ ପଶି ତୁମୁଳକାଣ୍ଡ ଘଟାଇଛନ୍ତି। ଅମ୍ରିତପାଲଙ୍କ ନେତୃତ୍ୱରେ ‘ୱାରିସ୍ ପଞ୍ଜାବ ଡେ’ର ଶତାଧିକ ସମର୍ଥକ ବନ୍ଧୁକ ଓ ଖଣ୍ଡା ଧରି ବାରିକେଡ୍ ଭାଙ୍ଗି ପୋଲିସ ସହିତ ସଂଘର୍ଷ କରିଥିଲେ। ଏଥିରେ ଉଭୟ ପକ୍ଷରୁ କେତେଜଣ ଆହତ ହୋଇଥିବା କୁହାଯାଉଛି। ଗିରଫ ସହଯୋଗୀ ଲଭପ୍ରୀତ୍ ତୁଫାନଙ୍କୁ ୨୪ ଘଣ୍ଟା ମଧ୍ୟରେ ନ ଛାଡ଼ିଲେ ପରିଣାମ ଭୟାବହ ହେବ ବୋଲି ଅମ୍ରିତପାଲଙ୍କ ସମର୍ଥକମାନେ ପୋଲିସକୁ ଚେତାବନୀ ଦେଇଥିଲେ। ଲଭପ୍ରୀତ୍ ନିର୍ଦ୍ଦୋଷ ବୋଲି ସେମାନେ ଦାବି କରିଥିଲେ। ରାଜନୈତିକ ଉଦ୍ଦେଶ୍ୟରେ ମାମଲା ରୁଜୁ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

## ପାକିସ୍ତାନରୁ ଫେରିଲେ ମଧ୍ୟପ୍ରଦେଶ ଯୁବକ

**ନିର୍ଯାତନା ଦେଉଥିଲେ ପାକ୍ ସୈନ୍ୟ**

**ଭୋପାଳ,୨୩।୨**

୨୦୧୯ରେ ଭୁଲ୍‌ବଶତଃ ପାକିସ୍ତାନ ଚାଲିଯାଇଥିବା ମଧ୍ୟପ୍ରଦେଶର ଜଣେ ଯୁବକଙ୍କୁ ସେଠାରେ ଗୁପ୍ତଚରଗିରି ଅଭିଯୋଗରେ ଗିରଫ କରାଯାଇଥିଲା। ମାସେ ପର୍ଯ୍ୟନ୍ତ ପାକିସ୍ତାନୀ ସୈନ୍ୟମାନେ ତାଙ୍କୁ ଅକଥନୀୟ ନିର୍ଯାତନା ଦେଇଥିଲେ ବୋଲି ରାଜୋ ଓରଫ ରାଜୁ ଲକ୍ଷ୍ମଣ (୨୪) ନାମକ ଏହି ଯୁବକ ବୁଧବାର ଘରକୁ ଫେରିବା ପରେ କହିଛନ୍ତି। ୩ ବର୍ଷ ପରେ ତାଙ୍କୁ ମୁକ୍ତ କରାଯାଇଛି। ପୂର୍ବ ପଞ୍ଜାବରେ ଥିବା ଆଣବିକ କେନ୍ଦ୍ର ସମ୍ପର୍କରେ ଗୁପ୍ତ ତଥ୍ୟ ସଂଗ୍ରହ କରିବାକୁ ରାଜୁ ଯାଇଥିବା ଅଭିଯୋଗ କରି ପାକ୍ ସେନା ତାଙ୍କୁ ଗିରଫ କରିଥିଲା। ତେବେ ସେ ଜଣେ ମାନସିକ ରୋଗୀ ଏବଂ ୫ମ ଶ୍ରେଣୀ ଫେଲ୍। ଆଣବିକ ପ୍ଲାଣ୍ଟ ଦେଖିଲେ ମଧ୍ୟ ସେ ତାହା ଚିହ୍ନିପାରିବେ ନାହିଁ ବୋଲି ତାଙ୍କ ପରିବାର କହିଛି।

## ଭୂକମ୍ପ ମୃତ୍ୟୁ ସଂଖ୍ୟା ୪୭,୦୦୦ ଟପିଲା

**ଆଙ୍କାରା, ୨୩।୨**

ତୁର୍କୀ ଓ ସିରିଆରେ ଭୂକମ୍ପଜନିତ ମୃତ୍ୟୁ ସଂଖ୍ୟା ଗୁରୁବାର ୪୭,୦୦୦ ପାର୍ କରିଛି। ଗତ ୬ ତାରିଖରେ ହୋଇଥିବା ଶକ୍ତିଶାଳୀ ଭୂକମ୍ପ ପରେ ସୋମବାର ୬.୪ ତୀବ୍ରତା ବିଶିଷ୍ଟ ଆଉ ଏକ ଭୂକମ୍ପରେ ତୁର୍କୀର ହତାୟ ଅଞ୍ଚଳ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ତୁର୍କୀ ଗୃହମନ୍ତ୍ରୀ ସୁଲେୟମାନ ସୋୟଲୁ ଦେଇଥିବା ସୂଚନା ଅନୁସାରେ ୭.୮ ତୀବ୍ରତା ବିଶିଷ୍ଟ ଭୂକମ୍ପରେ ଦେଶରେ ମୋଟ ୪୩,୫୫୬ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଭୂକମ୍ପ ଫଳରେ ଦୁଇ ଦେଶର ମୋଟ ୪୭,୨୨୪ ଜଣଙ୍କ ମୃତ୍ୟୁ ଘଟିଛି। ହତାୟରେ ଦୁଇଟି ବିଲ୍ଡିଂ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଛି। ସେଠାରେ ସର୍ଚ୍ଚ ଅପରେଶନ୍ ଜାରି ରହିଛି। ଅନ୍ୟପକ୍ଷେ ଉଭୟ ତୁର୍କୀ ଓ ସିରିଆର ୧୬୪,୦୦୦ ବିଲ୍ଡିଂ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା



ତୁର୍କୀ ସମାନ୍ଦଗରେ ଭୂକମ୍ପରେ ବିଧ୍ୱସ୍ତ ବିଲ୍ଡିଂ ପାଖ ଦେଇ ଲୋକେ ମୋଟର ସାଇକେଲରେ ଯାଉଛନ୍ତି।

ତୁର୍କୀ ପରିବେଶ ଓ ସହରୀକରଣ ମନ୍ତ୍ରୀ ମୁରାତ କୁରୁମ ସୂଚନା ଦେଇଛନ୍ତି। ସିରିଆରେ ହଜାର ସଂଖ୍ୟକ ଶିଶୁ ଓ ଅନେକ ପରିବାର ଅସ୍ଥାୟୀ ଟେଣ୍ଟ ଓ କାର୍‌ରେ ଆଶ୍ରୟ ନେଇଛନ୍ତି। ପୁଣିଥରେ ଭୂମିକମ୍ପ ହେବା ନେଇ ମନରେ ଡର ଥିବା ସ୍ଥାନୀୟ ଲୋକେ କହିଛନ୍ତି। ସାଉଦି ଆରବ, ଇଜିପ୍ଟ ଏବଂ ଆମେରିକା ପକ୍ଷରୁ ସିରିଆକୁ ରିଲିଫ୍ ସହଯୋଗ ଅଦ୍ୟାବଧି ଜାରି ରହିଛି।

## ୨ ବର୍ଷର ଶିଶୁକୁ ଝୁଣି ମାରିଦେଲେ କୁକୁର

**ସୁରଟ,୨୩।୨(ଆଇଏଏନ୍ଏସ୍)**

ସୁରଟରେ ୨ ବର୍ଷର ଶିଶୁକନ୍ୟାକୁ ୩/୪ଟି କୁକୁର ଆକ୍ରମଣକରି ଗୁରୁତର ଆହତ କରିଥିଲେ। ୩୦ରୁ ୪୦ କାମୁଡ଼ା କ୍ଷତ ଥିବା ଶିଶୁଟି ସୁରଟର ଏକ ସରକାରୀ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପ୍ରାଣ ହରାଇଛି। ଶିଶୁର ମାଆବାପା ଦିନ ମଜୁରିଆ। ସେମାନେ ଖଜୋଦ ଅଞ୍ଚଳର ଡାଇମଣ୍ଡ ବୁର୍ସ ନିକଟ ଲେବର କଲୋନିରେ ରହୁଥିଲେ। ରବିବାର ସେମାନେ କାମକୁ ଯାଇଥିବାବେଳେ ଝିଅକୁ କୁକୁର କାମୁଡ଼ିଥିବା ଖବର ପାଇ ଘରକୁ ଫେରିଥିଲେ। ଝିଅକୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। କୁକୁର ଶିଶୁର ମୁଣ୍ଡ, ହାତ, ଗୋଡ଼କୁ ୩୦ରୁ ୪୦ ଥର କାମୁଡ଼ିଥିଲେ। କେତେକ କ୍ଷତ ଅଧିକ ଗଭୀର ଥିଲା ବୋଲି ଡାକ୍ତର କହିଛନ୍ତି। ଅସ୍ତ୍ରୋପଚାର ପରେ ଶିଶୁଟିର ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେଇଥିଲେ ମଧ୍ୟ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ସୁରଟରେ ୨୦ ହଜାର କୁକୁର ଥିବାବେଳେ ଦୈନିକ ୩୦ଟିର ଷ୍ଟେରିଲାଇଜେଶନ କରାଯାଉଥିବା ପୌର ନିଗମ ପକ୍ଷରୁ କୁହାଯାଇଛି।

### ହାଇଦ୍ରାବାଦ ଘଟଣାରେ ମାମଲା ରୁଜୁ କଲେ ହାଇକୋର୍ଟ

**ହାଇଦ୍ରାବାଦ,୨୩।୨**

ହାଇଦ୍ରାବାଦରେ ଜଣେ ୪ ବର୍ଷର ଶିଶୁପୁତ୍ରକୁ ବୁଲାକୁକୁର ଝୁଣି ମାରିଦେବା ଘଟଣାରେ ତେଲଙ୍ଗାନା ହାଇକୋର୍ଟ ମଙ୍ଗଳବାର ନିଜ ଆଡୁ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେଶନର ଦାୟିତ୍ୱହୀନତା ପାଇଁ ଶିଶୁଟିର ଜୀବନ ଗଲା ବୋଲି ହାଇକୋର୍ଟ କହିବା ସହ ଏଭଳି ଆକ୍ରମଣ ଘଟଣା ରୋକିବା ଦିଗରେ କ’ଣ ପଦକ୍ଷେପ ନେଇଛ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ହାଇକୋର୍ଟ ସମବେଦନା ଜଣାଇବା ସହ ଶିଶୁର ପରିବାରକୁ କ୍ଷତିପୂରଣ ଦେବା ନେଇ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଲଙ୍ଗାନା ମୁଖ୍ୟ ଶାସନ ସଚିବ, ମ୍ୟୁନିସିପାଲ ପ୍ରଶାସନ, ସହରାଞ୍ଚଳ ବିକାଶ ବିଭାଗ ପ୍ରମୁଖ ସଚିବ, ଜିଏଚ୍ଏମ୍‌ସି କମିଶନର, ଉପକମିଶନର, ଭେଟେରିନାରି ଅଫିସର, ହାଇଦ୍ରାବାଦ ଜିଲାପାଳ ଓ ତେଲଙ୍ଗାନା ରାଜ୍ୟ ଆଇନସେବା କର୍ତ୍ତୃପକ୍ଷର ସଦସ୍ୟ ସଚିବଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୬କୁ ଧାର୍ଯ୍ୟ ହୋଇଛି।

## ପ୍ରତି ୨ ମିନିଟ୍‌ରେ ଜଣେ ମହିଳାଙ୍କ ମୃତ୍ୟୁ: ଜାତିସଂଘ

**ଜେନେଭା,୨୩।୨**

ବିଗତ ୨୦ ବର୍ଷ ମଧ୍ୟରେ ମାତୃମୃତ୍ୟୁ ହାର ଏକତୃତୀୟାଂଶ ହ୍ରାସ ପାଇଛି। ଏହା ସତ୍ତ୍ୱେ ଏବେ ପ୍ରତି ଦୁଇ ମିନିଟ୍‌ରେ ଜଣେ ମହିଳା ଗର୍ଭାବସ୍ଥାରେ କିମ୍ବା ସନ୍ତାନ ପ୍ରସବରେ ଜଟିଳତା କାରଣରୁ ପ୍ରାଣ ହରାଉଥିବା ଗୁରୁବାର ଜାତିସଂଘ ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ୨୦୦୦ରୁ ୨୦୧୫ ମଧ୍ୟରେ ମାତୃମୃତ୍ୟୁ ହାର ଯଥେଷ୍ଟ ହ୍ରାସ ପାଇଥିଲା। ତେବେ ୨୦୧୬ରୁ ୨୦୨୦ ମଧ୍ୟରେ ଏଥିରେ କୌଣସି ପରିବର୍ତ୍ତନ ଦେଖାଦେଇ ନ ଥିଲା। କାରଣ କେତେକ ଅଞ୍ଚଳରେ ମାତୃ ମୃତ୍ୟୁହାର ବଢ଼ିଥିବା ଦେଖାଯାଇଥିଲା। ଜାତିସଂଘ ରିପୋର୍ଟ ଅନୁଯାୟୀ ୨୦ ବର୍ଷରେ ମୋଟାମୋଟି ଭାବେ ମାତୃ ମୃତ୍ୟୁହାର ୩୪.୪ ପ୍ରତିଶତ ହ୍ରାସ ପାଇଛି। ୨୦୦୦ରେ ପ୍ରତି ଲକ୍ଷରେ ୩୩୯ ଜଣ ମାଆଙ୍କର ମୃତ୍ୟୁ ଘଟୁଥିବାବେଳେ ୨୦୨୦ରେ ତାହା ୨୨୩କୁ ଖସିଥିଲା ବୋଲି ବିଶ୍ୱ ସ୍ୱାସ୍ଥ୍ୟ

**ଗର୍ଭାବସ୍ଥା ଓ ସନ୍ତାନ ପ୍ରସବ ବେଳେ ସମସ୍ୟା**

ସଂଗଠନ (ଡବ୍ଲ୍ୟୁଏଚ୍ଓ) ଏବଂ ଜାତିସଂଘର ଅନ୍ୟ ସଂସ୍ଥା ପକ୍ଷରୁ କୁହାଯାଇଛି। ସେହି ଅନୁଯାୟୀ ଦେଖିଲେ ୨୦୨୦ରେ ଦୈନିକ ପାଖାପାଖି ୮୦୦ ମହିଳାଙ୍କର ଗର୍ଭାବସ୍ଥା କିମ୍ବା ସନ୍ତାନ ଜନ୍ମ ସମୟରେ ମୃତ୍ୟୁ ଘଟିଛି।

ଡବ୍ଲ୍ୟୁଏଚ୍ଓ ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍‌ଙ୍କ କହିବା ଅନୁଯାୟୀ ଗର୍ଭାବସ୍ଥା ସବୁ ମହିଳାଙ୍କ ପାଇଁ ଅତ୍ୟନ୍ତ ଆଶାବାଦୀ ଓ ସକାରାତ୍ମକ ଅନୁଭୂତିର ସମୟ ହେବା ଆବଶ୍ୟକ। ତେବେ ବିଶ୍ୱର ଲକ୍ଷ ଲକ୍ଷ ମହିଳା ଏବେ ମଧ୍ୟ ବିପଦର ସମ୍ମୁଖୀନ ହେବା ଦୁଃଖଦାୟକ। ୨୦୧୬ରୁ ୨୦୨୦ ମଧ୍ୟରେ ଜାତିସଂଘର ୮ଟି ଅଞ୍ଚଳ ମଧ୍ୟରୁ ମାତ୍ର ୨ଟି ଅଞ୍ଚଳରେ ମାତୃମୃତ୍ୟୁହାର ହ୍ରାସ ପାଇଥିଲା। ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ଏହା ୩୫ ପ୍ରତିଶତ ହ୍ରାସ



ପାଇଥିବା ବେଳେ କେନ୍ଦ୍ରୀୟ ଏବଂ ଦକ୍ଷିଣ ଏସିଆରେ ୧୬ ପ୍ରତିଶତ କମିଥିଲା। ଅନ୍ୟ ପକ୍ଷରେ ୟୁରୋପ ଏବଂ ଉତ୍ତର ଆମେରିକାରେ ମାତୃ ମୃତ୍ୟୁହାର ୧୭ ପ୍ରତିଶତ ବଢ଼ିଥିବାବେଳେ ଦକ୍ଷିଣ ଆମେରିକା ଏବଂ କାରିବିଆନ୍ ଅଞ୍ଚଳରେ ୧୫ ପ୍ରତିଶତ ବୃଦ୍ଧି ପାଇଥିଲା। ଦରିଦ୍ର ରାଷ୍ଟ୍ରଗୁଡ଼ିକରେ ମାତୃ ମୃତ୍ୟୁହାର ସର୍ବାଧିକ ଚିନ୍ତାଜନକ। ୨୦୨୦ରେ ଘଟିଥିବା ମାତୃମୃତ୍ୟୁର ୭୦ ପ୍ରତିଶତ କେବଳ ଉପସାହାରା ଆଫ୍ରିକା ଅଞ୍ଚଳରୁ ରେକର୍ଡ ହୋଇଥିଲା। ଏଠାରେ ମୃତ୍ୟୁହାର ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ତୁଳନାରେ ୧୩୬ ଗୁଣ ଅଧିକ ଥିଲା ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି ମାନବୀୟ ସଙ୍କଟର ସମ୍ମୁଖୀନ ହୋଇଥିବା ଆଫଗାନିସ୍ତାନ, କେନ୍ଦ୍ରୀୟ ଆଫ୍ରିକା ରିପବ୍ଲିକ୍, ଚାଦ୍, ଡେମୋକ୍ରାଟିକ ରିପବ୍ଲିକ୍ ଅଫ୍ କଙ୍ଗୋ, ସୋମାଲିଆ, ଦକ୍ଷିଣ ସୁଦାନ, ସୁଦାନ, ସିରିଆ ଏବଂ ୟେମେନରେ ମାତୃମୃତ୍ୟୁ ହାର ବିଶ୍ୱର ହାରାହାରି ହାର୍ ତୁଳନାରେ ଦୁଇ ଗୁଣରୁ ଅଧିକ। ପ୍ରସବ ସମୟରେ ଅତ୍ୟଧିକ ରକ୍ତସ୍ରାବ, ସଂକ୍ରମଣ, ଅସୁରକ୍ଷିତ ଗର୍ଭପାତ ଜନିତ ଜଟିଳତା ଏବଂ ଏଚ୍ଆଇଭି/ଏଡ୍ସ ଆଦି କାରଣରୁ ମାତୃମୃତ୍ୟୁହାର ବଢ଼ିଥାଏ। ସନ୍ତାନ ଜନ୍ମ ଉପରେ ମହିଳାମାନଙ୍କ ନିୟନ୍ତ୍ରଣ ଆସିପାରିଲେ, ବିଶେଷ କରି ଯୋଜନା ଅନୁଯାୟୀ ଏବଂ ଉପଯୁକ୍ତ ବ୍ୟବଧାନରେ ସନ୍ତାନ ଜନ୍ମ କଲେ ମହିଳାମାନେ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ ବୋଲି ଡବ୍ଲ୍ୟୁଏଚ୍ଓ କହିଛି।



ମହାରାଷ୍ଟ୍ରର ଠାଣେଠାରେ ଗୁରୁବାର ଶିବ ସେନା (ଶିନ୍ଦେ ଗୋଷ୍ଠୀ ତଥା ଏବେ ଶିବ ସେନା ଦଳ ଭାବେ ନିର୍ବାଚନ କମିଶନ ଦ୍ୱାରା ସ୍ୱୀକୃତ) ପକ୍ଷରୁ ଶିବ ସେନା (ଉଦ୍ଧବ ଗୋଷ୍ଠୀ) ଏମ୍‌ପି ସଞ୍ଜୟ ରାଉତଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଜାଭେଦ ଅଖତରଙ୍କୁ ଶୁଭେଚ୍ଛା ଜଣାଇବା ଆବଶ୍ୟକ: ସଞ୍ଜୟ

ମୁମ୍ବାଇ, ୨୩।୨

୨୬/୧୧ ମୁମ୍ବାଇରେ ଆକ୍ରମଣ ସମ୍ପର୍କରେ କବି ତଥା ବିଶିଷ୍ଟ ଗୀତିକାର ଜାଭେଦ ଅଖତର ନିକଟରେ ଲାହୋରଠାରେ ପାକିସ୍ତାନ ବିରୋଧୀ ବୟାନ ଦେଇଥିଲେ। ଏହି ଘଟଣାକୁ ନେଇ ଅନେକେ ଜାଭେଦଙ୍କୁ ପ୍ରଶଂସା କରିବା ସହ ସାବାସୀ ଦେବା ଆରମ୍ଭ କରିଛନ୍ତି। ଏ ପ୍ରସଙ୍ଗରେ ଉଦ୍ଧବ ଗୋଷ୍ଠୀ ଏମ୍‌ପି ସଞ୍ଜୟ ରାଉତ ଗୁରୁବାର ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଲାହୋର ଫେଜ୍ ଫେଷ୍ଟିଭାଲରେ ଜାଭେଦ ଅଖତର ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରୀ, ଆରଏସ୍‌ଏସ୍ ମୁଖ୍ୟ ମଧ ପ୍ରଶଂସା କରିବା ଆବଶ୍ୟକ। ପାକିସ୍ତାନରେ ପାକ୍ ବିରୋଧୀ ମନ୍ତବ୍ୟ ଦେବାକୁ ନେଇ ଜାଭେଦଙ୍କୁ ଉଦ୍ଧବ ଗୋଷ୍ଠୀ ସ୍ୱାଗତ ଜଣାଉଛି ବୋଲି ସଞ୍ଜୟ କହିଛନ୍ତି।

# ଆଉ ନିର୍ବାଚନ ଲଢ଼ିବିନି, ପୁଅ ଲଢ଼ିବ: ସୁର ରାଉତରାୟ

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ଭବିଷ୍ୟତରେ ଆଉ ନିର୍ବାଚନ ଲଢ଼ିବେନି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ସୂଚନା ଦେଇଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁର କହିଛନ୍ତି 'ମୁଁ ଆଉ ନିର୍ବାଚନ ଲଢ଼ିବିନି। ବୟସ ୮୦ ବର୍ଷ ଛୁଇଁଲାଣି। ମୋ ସାନ ପୁଅ ମନ୍ମଥ ଜଟଣୀରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିବ। ମୁଁ ୫୫ ବର୍ଷ ହେଲାଣି କଂଗ୍ରେସରେ ଅଛି। ଜନ୍ମ କଂଗ୍ରେସରେ ମୃତ୍ୟୁ ବି ଏଇଠି। ଆଉ କେଉଁଠିକୁ ଯିବାର ନାହିଁ ବୋଲି ସୁର ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ବୁଧବାର ସୁର ତାଙ୍କ ବଡ଼ପୁଅ ସିଦ୍ଧାର୍ଥଙ୍କ ସହ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଭେଟିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ରାଜନୈତିକ ମହଲରେ ସରଗରମ ଆଲୋଚନା ଚାଲିଛି। ଏ ପ୍ରସଙ୍ଗରେ ସୁର କହିଛନ୍ତି ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କ ସହ ସାକ୍ଷାତ ସୌଜନ୍ୟମୂଳକ ଥିଲା। ମୋ' ପୁଅ ସିଦ୍ଧାର୍ଥ ପାହାଡ଼ ଚଢ଼ି ରେକର୍ଡ କରିଛି। ତା' ସଫଳତା ବିଷୟରେ ଜଣାଇବା ପାଇଁ ନବୀନନିବାସ ଯାଇଥିଲି। ଏହା ଜାଣି ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବ ଖୁସି ହେଲେ। ସେଠାରେ କୌଣସି ରାଜନୈତିକ ଚର୍ଚ୍ଚା ହୋଇ ନ ଥିବା ସୁର କହିଛନ୍ତି।




ଖବରଦାତା ସମ୍ମିଳନୀରେ ସୁରେଶ କୁମାର ରାଉତରାୟ।

### ରାଜନୀତିକୁ ଓହ୍ଲାଇବେ ସିଦ୍ଧାର୍ଥ

ବରିଷ୍ଠ କଂଗ୍ରେସ ବିଧାୟକ ସୁର ରାଉତରାୟଙ୍କ ବଡ଼ପୁଅ ସିଦ୍ଧାର୍ଥ ରାଉତରାୟ ରାଜନୀତିକୁ ଓହ୍ଲାଇବା ନେଇ ଗୁରୁବାର ସୂଚନା ଦେଇଛନ୍ତି। ସେ ବିଧାୟକ ହେବାକୁ ଚାହୁଁଛନ୍ତି, କିନ୍ତୁ ଜଟଣୀରୁ ଛିଡ଼ା ହେବେ ନାହିଁ। ୨୦୨୪ରେ କେଉଁ ନିର୍ବାଚନ ମଣ୍ଡଳୀରୁ ଏବଂ କେଉଁ ଦଳ ଟିକେଟରେ ନିର୍ବାଚନ ଲଢିବେ ତାହା ସମୟ ଆସିଲେ କହିବେ ବୋଲି ସିଦ୍ଧାର୍ଥ କହିଛନ୍ତି।

# ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ ରହିବେ ପାଲାନିସ୍ୱାମୀ

ନୂଆଦିଲ୍ଲୀ, ୨୩।୨ (ପି.ଟି.)

### ମାଡ୍ରାସ ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ କାଏମ

ଏଆଇଏଡିଏମ୍‌କେର ଅନ୍ତରୀଣ ସାଧାରଣ ସମ୍ପାଦକ ଭାବେ ଇ.କେ. ପାଲାନିସ୍ୱାମୀ ରହିବେ। ମାଡ୍ରାସ ହାଇକୋର୍ଟଙ୍କ ଏହି ରାୟକୁ ଗୁରୁବାର ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଫଳରେ ଦଳର ସର୍ବୋଚ୍ଚ ନେତା ଭାବେ ପାଲାନିସ୍ୱାମୀଙ୍କ ପଦବୀକୁ ସ୍ୱୀକୃତି ମିଳିଛି। ଜାନୁୟାରୀ ୧୨ରେ ଜଷ୍ଟିସ ଦିନେଶ ମାହେଶ୍ୱରୀ ଏବଂ ହୃଷିକେଶ ରାୟଙ୍କ ଖଣ୍ଡପୀଠ ଉକ୍ତ ମାମଲାର ରାୟ ସଂରକ୍ଷିତ ରଖିଥିବାବେଳେ ଓ. ପନିରସେଲ୍‌ଭାମ୍‌ଙ୍କ ପିଟିଶନକୁ ଖାରଜ କରିଦେଇଥିଲେ। ଗତବର୍ଷ ସେପ୍ଟେମ୍ବର ୨ରେ ହାଇକୋର୍ଟ ଦେଇଥିବା ରାୟକୁ କାଏମ ରଖିବା ସହ ପୂର୍ବରୁ ଆମେ ଦେଇଥିବା ଅନ୍ତରୀଣ ନିର୍ଦ୍ଦେଶନାମାକୁ ସ୍ଥାୟୀ କରାଗଲା ବୋଲି ଖଣ୍ଡପୀଠ କହିଥିଲେ। ୨୦୨୨ ଜୁଲାଇ ୧୧ରେ ଦଳର ସାଧାରଣ ପରିଷଦ ବୈଠକରେ ଏହାର କେତେକ ବାଇଲ'ରେ ସଂଶୋଧନ କରାଯିବା ସହ ପାଲାନିସ୍ୱାମୀଙ୍କୁ ଏହାର ଏକମାତ୍ର ନେତା ନିର୍ବାଚିତ କରାଯାଇଥିଲା। ଏଥିସହିତ ବିରୋଧୀ ପନିରସେଲ୍‌ଭାମ ଓ ତାଙ୍କର କେତେଜଣ ସହଯୋଗୀଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ ଚେନ୍ନାଇସ୍ଥିତି ଏଆଇଏଡିଏମ୍‌କେ କାର୍ଯ୍ୟାଳୟରେ ଉତ୍ସବ ପାଳନ କରାଯାଇଛି। ସର୍ବୋଚ୍ଚ ଅଦାଲତଙ୍କ ରାୟ ବିଦ୍ରୋହୀଙ୍କ ମୁଖା ଖୋଲିଦେଇଛି। ସେମାନେ ଡିଏମ୍‌କେର ବି-ଟିମ୍ ଭାବେ କାର୍ଯ୍ୟ କରିବା ସହ ଦଳକୁ ଶେଷ କରିଦେବାକୁ ଉଦ୍ୟମ ଚଳାଇଥିଲେ ବୋଲି ପାଲାନିସ୍ୱାମୀ କହିଛନ୍ତି।



ଇ.କେ. ପାଲାନିସ୍ୱାମୀ

## ୨୮ରେ ବିଧାନସଭା ଘେରିବ ଯୁବମୋର୍ଚ୍ଚା

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ବିଧାନସଭାରେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବିବୃତି ଓଡ଼ିଶାର ଯୁବକଙ୍କୁ ଦୁଃଖିତ ଓ ମର୍ମାହତ କରିଛି। ୨୩ ବର୍ଷ ଶାସନ କାଳରେ ଓଡ଼ିଶାରେ ଯୁବପିଢ଼ି ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଓଡ଼ିଶାରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଜଣେ ପୋଲିସ ଅଧିକାରୀ ଦିବାଲୋକରେ ଗୁଳିକରି ହତ୍ୟାକଲେ। ବିରୋଧୀ ଦଳର ନେତା, ବିଧାୟକ ଓ ଯୁବମୋର୍ଚ୍ଚା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବାରମ୍ବାର ରାଜ୍ୟପାଳଙ୍କୁ ଦାବି କରିବା ସତ୍ତ୍ୱେ ସରକାର ନିଦାବିଷ୍ଟ ସାଜିଛନ୍ତି। ତେଣୁ ଓଡ଼ିଆ ଯୁବକଙ୍କ ସୁରକ୍ଷା, ନବ ଦାସ ହତ୍ୟାର ଠିକ୍ ତଦନ୍ତ, ଷଡ଼ଯନ୍ତ୍ରକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଯୁବମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୮ରେ ବିଧାନସଭା ଘେରାଉ କରାଯିବ ବୋଲି ଗୁରୁବାର ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି।

### ନବ ଦାସ ହତ୍ୟା ଘଟଣା

# ସତ ଲୁଚାଉଛନ୍ତି ସରକାର: ଭାଜପା

ଭୁବନେଶ୍ୱର, ୨୩।୨ (ବ୍ୟୁରୋ)

ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଘଟଣାର ତଦନ୍ତ ପ୍ରକ୍ରିୟାକୁ ନେଇ ବିଧାନସଭାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ଘେରିବାରେ ଲାଗିଛନ୍ତି। ଏହି ଅବସରରେ ଗୁରୁବାର ଭାଜପା ବରିଷ୍ଠ ନେତା ତଥା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ପୋଲିସର କାର୍ଯ୍ୟଧାରାକୁ ନେଇ ସନ୍ଦେହ ପ୍ରକାଶ କରିବା ସହ ନବଙ୍କ ମୃତ୍ୟୁର ସମୟକୁ ନେଇ ସରକାର କାହିଁକି ମିଛ କହିଲେ, ତାକୁ ନେଇ ବର୍ଷିଛନ୍ତି। ପୋଷ୍ଟମର୍ଟମ୍ ରିପୋର୍ଟରୁ ନବଙ୍କ ବାମ ଛାତିରେ ଗୁଳି ବାଜିଥିବା ସ୍ପଷ୍ଟ ହୋଇଛି। ହାର୍ଟରେ ଗୁଳି ବାଜିଲେ ଜଣେ ଲୋକର କିଛି ସମୟ ମଧ୍ୟରେ ମୃତ୍ୟୁ ଘଟିଥାଏ। ହେଲେ ଏଠାରେ ସରକାର ତାଙ୍କୁ ଭୁବନେଶ୍ୱର ଏୟାର ଲିଫ୍ଟ କରି ଆଣିବା ଏବଂ ରାତି ପ୍ରାୟ ୮ଟାରେ ମୃତ ଘୋଷଣା କରିବା ପଛର ରହସ୍ୟ କ'ଣ ବୋଲି ପ୍ରକାଶ ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମିଶ୍ର କହିଛନ୍ତି ଯେ, ପୋଲିସ ହେଉଛି ଏକ ଫୋର୍ସ ଏବଂ ଏକ 'ଚେନ୍ ଅଫ୍ କମାଣ୍ଡ'ର ବ୍ୟବସ୍ଥାର ସମନ୍ୱୟ ରହିଥାଏ। ରାଜ୍ୟରେ ବହୁ ଦକ୍ଷ ପୋଲିସ ଅଧିକାରୀ ଅଛନ୍ତି। କିନ୍ତୁ ଶୃଙ୍ଖଳା ଅଭାବ କାରଣରୁ ରାଜ୍ୟରେ ପୋଲିସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ପାଇଛି। ପୋଲିସ ଡିଜି, ବରିଷ୍ଠ ପୋଲିସ ଅଧିକାରୀ, ଏସ୍‌ପି ଓ ଅନ୍ୟାନ୍ୟ ପୋଲିସ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି। ଦଳୀୟ ଆନୁଗତ୍ୟ ଏବଂ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ କାରଣରୁ କାହାକୁ ଏକାଧିକ ଦାୟିତ୍ୱ ମିଳୁଛି ତ ଆଉ କାହାକୁ ନାହିଁ। ଏହା ଆଦୌ ଶୁଭଙ୍କର ନୁହେଁ। ଏଭଳି ପରିସ୍ଥିତି ଜାରି ରହିଲେ ଆଗକୁ ଆହୁରି ଅନେକ ଗୋପାଳ ଦାସ ସୃଷ୍ଟି ହେବା ଆଶଙ୍କା ବୃଦ୍ଧି ପାଉଛି। ତେଣୁ ଯଥାଶୀଘ୍ର ପୋଲିସ ବ୍ୟବସ୍ଥାରେ ସୁଧାର ଅଣାଯିବା ଆବଶ୍ୟକ ବୋଲି ପ୍ରକାଶ କହିଛନ୍ତି। ନବ ଦାସଙ୍କୁ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏଏସ୍‌ଆଇ ଗୋପାଳ ଗୁଳି କରି ହତ୍ୟା କରିବା ସମଗ୍ର ଓଡ଼ିଶା ରାଜନୀତିକୁ ସ୍ତବ୍ଧ କରିଛି। ଏଘଟଣାର ଠିକ୍ ତଦନ୍ତ କରାଯିବା ସହ ନବଙ୍କୁ ହତ୍ୟା କାହିଁକି କରାଯାଇଛି ତା'ର ସତ୍ୟାସତ୍ୟ ସାମ୍ନାକୁ ଆସିବା ଆବଶ୍ୟକ। ଅପରପକ୍ଷେ ହତ୍ୟା କରିବା ପରେ ଗୋପାଳ ଦାସ ଜଣେ ମାନସିକ ରୋଗୀ ବୋଲି ପରିବାର ଓ ଡାକ୍ତର କହିଥିଲେ। ଯୋଜନାବଦ୍ଧ ଭାବେ ଗୋପାଳଙ୍କୁ ପାଗଳ ବୋଲି ପ୍ରମାଣିତ କରାଯିବାର ପ୍ରଚେଷ୍ଟା କରାଯାଉଛି। ହେଲେ ଯେତେବେଳେ ଅପରାଧୀ ଚିହ୍ନଟ ହୋଇସାରିଛନ୍ତି, ସେତେବେଳେ ଏଭଳି ଘଟଣାରେ ଏଫ୍‌ବିଆଇର କୌଣସି ଭୂମିକା ନାହିଁ। ତଦନ୍ତ ପ୍ରକ୍ରିୟା ବର୍ତ୍ତମାନ ସମ୍ପୂର୍ଣ୍ଣ ସନ୍ଦେହ ଘେରରେ ଥିବାବେଳେ ଠିକ୍ ତଦନ୍ତ ସିବିଆଇ ଭଳି ନିରପେକ୍ଷ ଏଜେନ୍ସି ଦ୍ୱାରା କରାଯିବାକୁ ପ୍ରକାଶ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ନାଉରି ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲିସ ବ୍ୟବସ୍ଥାରେ ସୁଧାର ଅଣାଯିବା ଆବଶ୍ୟକ



ଖବରଦାତା ସମ୍ମିଳନୀରେ ପ୍ରକାଶ ମିଶ୍ର।

## ଫୁର୍‌ସତ

# ଜୀବଜଗତ ପାଇଁ ବିପଦ 'ଫର୍‌ଏଭର୍ କେମିକାଲ୍ସ'

ଲସ୍‌ଏଞ୍ଜେଲ୍ସ

ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପ୍ଲାଷ୍ଟିକ୍ ବର୍ଜ୍ୟ ଆଉ ଏବେ ବିଷାକ୍ତ ରାସାୟନିକ ପଦାର୍ଥ ଜୀବଜଗତ ପାଇଁ ଚିନ୍ତାର କାରଣ ପାଲଟିଛି। ଆମେରିକାର ଏକ ଏନ୍‌ଭାଇରନ୍‌ମେଣ୍ଟାଲ୍ ୱାର୍କିଂ ଗ୍ରୁପ୍ ପକ୍ଷରୁ କରାଯାଇଥିବା ଅଧ୍ୟୟନ ମୁତାବକ ଫର୍‌ଏଭର୍ କେମିକାଲ୍ସ ବା ପର୍- ଆଣ୍ଡ ପଲିଫ୍ଲୁରିଓନେଟେଡ୍ ସବ୍‌ଷ୍ଟାନ୍ସ (ପିଏଫ୍‌ଏଏସ୍) ବିଶ୍ୱର ଶତାଧିକ ଜୀବଜଗତ ପାଇଁ ବିପଦ ପାଲଟିଛି। ବିଶେଷ ଭାବେ ପିଏଫ୍‌ଏଏସ୍ ପଲିମର କୋଟିଂ ପାଇଁ ବହୁଳ ଭାବେ ବ୍ୟବହାର କରାଯାଏ। ପିଏଫ୍‌ଏଏସ୍ ବା ଫର୍‌ଏଭର୍ କେମିକାଲଲ୍‌ରୁ ଜାତ ପ୍ରଦୂଷକ ପଦାର୍ଥ ପୋଲାର ବିଅର୍, ବାଘ, ମାଙ୍କଡ଼, ଭାଲୁ, ଡଲ୍‌ଫିନ୍, ମାଛ, ସ୍ତନ୍ୟପାୟୀ ପ୍ରାଣୀ, ଘୋଡ଼ା ଏବଂ ଗୁଣ୍ଡୁଚି ମୂଷା ଭଳି ବିଶ୍ୱରେ ଦେଖିବାକୁ ମିଳୁଥିବା ୩୩୦ ପ୍ରକାରର ପ୍ରଜାତି ଉପରେ ନକାରାତ୍ମକ ପ୍ରଭାବ ପକାଇବା ଆରମ୍ଭ କରିଛି। କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ପିଏଫ୍‌ଏଏସ୍ ପ୍ରଦୂଷଣ ସୀମିତ ନୁହେଁ। ଧୀରେ ଧୀରେ ଏହା ନିଜର କାୟା ବିସ୍ତାର କରି ପ୍ରତ୍ୟେକ ଦେଶ, ମହାଦେଶ ପର୍ଯ୍ୟନ୍ତ ବ୍ୟାପିବାରେ ଲାଗିଛି। କେବଳ ପ୍ରାଣୀ ନୁହେଁ ମନୁଷ୍ୟ ମଧ ଏହି ବିଷାକ୍ତ କେମିକାଲ ଦ୍ୱାରା ପ୍ରଭାବିତ ହେଉଥିବା ଅଧ୍ୟୟନରୁ ଜଣାପଡ଼ିଛି। କେବଳ ଆମେରିକାରେ ଥିବା ବିଭିନ୍ନ କଳକାରଖାନାରୁ ୪୦,୦୦୦ ପ୍ରକାର ପ୍ରଦୂଷକ ନିର୍ଗତ ହେଉଛି, ଯେଉଁଥିରେ ପିଏଫ୍‌ଏଏସ୍ ସାମିଲ ଅଛି। ବିଷାକ୍ତ କଣିକା ସବୁ ଜଳ ଏବଂ ବାୟୁ ମଣ୍ଡଳରେ ମିଶିବା ଦ୍ୱାରା ଉଭୟ ଜଳଚର ଓ ସ୍ଥଳଚର ପ୍ରାଣୀ ଏହାର କବଳରେ ଆସୁଥିବା ଅଧ୍ୟୟନରୁ ଜାଣାପଡ଼ିଛି। ଅନ୍ୟପକ୍ଷେ ୱେଷ୍ଟୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ଏୟାରପୋର୍ଟଗୁଡ଼ିକରେ ଏଏଫ୍‌ଏଏସ୍ ଧାରଣ କରିଥିବା ଫାୟାର ଫାଇଟିଂ ଫୋମ୍ ବ୍ୟବହାର କରାଯାଉଛି। ଫର୍ ଏଭର୍ କେମିକାଲ୍ସର ବହୁଳ ବ୍ୟବହାର ବର୍ତ୍ତମାନ ସମୟରେ ଜୀବଜଗତ ପାଇଁ ବିପଦ ସାବ୍ୟସ୍ତ ହୋଇଛି। ଏପ୍ରକାର ବୈଶ୍ୱିକ ସମସ୍ୟାର ସମାଧାନ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ଥିବା ଏନ୍‌ଭାଇରନ୍‌ମେଣ୍ଟାଲ୍ ୱାର୍କିଂ ଗ୍ରୁପ୍ ପକ୍ଷରୁ କୁହାଯାଇଛି।



# ସ୍ୱାମୀ ଆଦିଲଙ୍କ ସହ ରହିବାକୁ ଚାହେଁ



ରାକ୍ଷୀ ସାୱନ୍ତ

**ମୁମ୍ବାଇ:** ବର୍ତ୍ତମାନ ସମୟରେ ଭାରତୀୟ ଡ୍ୟାନ୍ସର ରାକ୍ଷୀ ସାୱନ୍ତ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବହୁତ ଚର୍ଚ୍ଚାରେ ରହିଛନ୍ତି। ଚଳିତ ବର୍ଷ ଜାନୁୟାରୀରେ ରାକ୍ଷୀ ଆଦିଲ ଖାନ୍ ଦୁରାନୀଙ୍କୁ ବିବାହ କରିଥିବା ନେଇ ସୂଚନା ଦେଇଥିଲେ। ପରେ ସେମାନଙ୍କ ମଧ୍ୟରେ କିଛି ଠିକ୍ ନ ଥିବା କହିଥିଲେ। ବିବାହ ପରେ ଆଦିଲ ରାକ୍ଷୀଙ୍କୁ ମାନସିକ ଓ ଶାରୀରିକ ଅତ୍ୟାଚାର କରୁଥିବା ଅଭିଯୋଗ କରିଥିଲେ। ଯାହାଫଳରେ ପୋଲିସ ତାଙ୍କୁ ଏବେ ଗିରଫ କରି ଜେଲ୍ ପଠାଇଛି। ତେବେ ରାକ୍ଷୀ ଏବେ କହିଛନ୍ତି ଯେ ସେ ହିନ୍ଦୁ ବୋଲି ସ୍ୱାମୀ ଆଦିଲଙ୍କ ପରିବାର ତାଙ୍କୁ ଗ୍ରହଣ କରୁନାହାନ୍ତି। କିନ୍ତୁ ସେ ଆଦିଲଙ୍କ ସହ ରହିବାକୁ ଚାହୁଁଛନ୍ତି। ରାକ୍ଷୀ ଗୁରୁବାର ମହୀଶୂର କୋର୍ଟ ବାହାରେ ଖବରଦାତାଙ୍କୁ ସାକ୍ଷାତକାରରେ ଏପରି କିଛି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ସ୍ୱାମୀ ଆଦିଲଙ୍କ ବାପାଙ୍କୁ ଫୋନ କରିଥିଲେ। ସେ ରାକ୍ଷୀଙ୍କୁ ଗ୍ରହଣ କରିପାରିବେନି ବୋଲି କହିଥିଲେ, କାରଣ ରାକ୍ଷୀ ଜଣେ ହିନ୍ଦୁ। ହେଲେ ସେ ଇସଲାମ ଧର୍ମ ଗ୍ରହଣ କରିବା ପରେ ତାଙ୍କ ପୁଅଙ୍କୁ ବିବାହ କରିଥିବା କହିଥିଲେ। ଏହା ପରେ ଆଦିଲଙ୍କ ବାପା ଫୋନ ରଖିଦେଇଥିଲେ। ପରେ ଆଉ ଫୋନ ଉଠାଇ ନ ଥିଲେ। ଏବେ ଆଦିଲ ତାଙ୍କୁ ଛାଡପତ୍ର ଦେବାକୁ ଧମକ ଦେଉଛନ୍ତି। ହେଲେ ସେ ସ୍ୱାମୀ ଆଦିଲଙ୍କ ସହ ରହିବାକୁ ଚାହାନ୍ତି। ସେ ଏବେ ମହୀଶୂରରେ କାହାକୁ ଜାଣି ନାହାନ୍ତି। ସେ ନ୍ୟାୟ ଚାହୁଁଛନ୍ତି। ସେ ଇସଲାମ ଧର୍ମ ଗ୍ରହଣ କରିଥିବା ତାଙ୍କ ପାଖରେ ପ୍ରମାଣ ପତ୍ର ରହିଛି। ସେ ବର୍ତ୍ତମାନ କୁଆଡେ ଯିବେ ବୋଲି ପ୍ରଶ୍ନ କରିଛନ୍ତି।

# ୧ ମିନିଟ୍‌ରେ ୨୫୪ ଅଖରୋଟ୍ ଭାଙ୍ଗି ଗିନିଜ୍ ରେକର୍ଡ

**ଇସଲାମାବାଦ୍:** ଅଖରୋଟ୍ ଆମ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଏହା ଆମ ଶରୀରରେ ଓମେଗା-୩ ବଢାଇବାରେ ସହାୟକ ହୋଇଥାଏ। ଡାଇବେଟିକ୍ ରୋଗ ଥିବା ବ୍ୟକ୍ତିଙ୍କ ପାଇଁ ମଧ ଏହା ଲାଭଦାୟକ। କିନ୍ତୁ ଏହା ବହୁତ ଟାଣ ହୋଇଥିବାରୁ ତାକୁ ଭାଙ୍ଗିବା କଷ୍ଟକର ହୋଇଥାଏ। ଏହାକୁ ଭାଙ୍ଗିବାକୁ ଆମକୁ କିଛି ଟାଣ ଜିନିଷର ସହାୟତା ପଡ଼ିଥାଏ। ହେଲେ ସେହି ଅଖରୋଟ୍‌କୁ ଜଣେ ବ୍ୟକ୍ତି ମଥା ସାହାଯ୍ୟରେ ଭାଙ୍ଗି ନିକଟରେ ଗିନିଜ୍ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ମହମ୍ମଦ ରଶିଦ୍ ନାମକ ପାକିସ୍ତାନର ଜଣେ ବ୍ୟକ୍ତି ଏପରି କରି ଦେଖାଇଛନ୍ତି। ତେବେ ଭାରତର ଏସ୍. ନବୀନ ଏବଂ ରଶିଦ୍‌ଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦୁହିଁଙ୍କ ହାତ ପଛପଟେ ବନ୍ଧା ହୋଇଥିବାବେଳେ ମଥା ସାହାଯ୍ୟରେ ଅଖରୋଟ୍ ଭାଙ୍ଗିବା ଏହି ଖେଳର ନିୟମ ଥିଲା। ଏସ୍. ନବୀନ ୧ ମିନିଟ୍‌ରେ ୨୩୯ ଅଖରୋଟ୍ ଭାଙ୍ଗିଥିଲେ। ଅନ୍ୟପଟେ ରଶିଦ୍ ସେହି ସମୟ ମଧ୍ୟରେ ୨୫୪ଟି ଅଖରୋଟ୍ ଭାଙ୍ଗି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ଲେଖାଇବାରେ ସକ୍ଷମ ହୋଇଥିଲେ।



# ବିଲ୍‌ର ୧୯ ଗୁଣା ଟିପ୍ସ



କାନବେରା: ଆମେ କୌଣସି ହୋଟେଲକୁ ଖାଇବାକୁ ଗଲେ ସେଠାରେ ଖାଇ ସାରି ଶେଷରେ ବିଲ୍ ସହ କିଛି ଟିପ୍ସ ଦେଇଥାଉ। ହେଲେ ନିକଟରେ ଏକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ କି ଜଣେ ବ୍ୟକ୍ତି ଖାଇବା ପରେ ସେଠାର ୱେଟ୍ରେସ୍‌ଙ୍କୁ ତାଙ୍କ ବିଲ୍‌ର ପାଖାପାଖି ୧୯ ଗୁଣା ଅଧିକ ଟଙ୍କା ଟିପ୍ସ ଆକାରରେ ଦେଇଛନ୍ତି। ଏହା ଦେଖି ୱେଟ୍ରେସ୍ ଜଣକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅଷ୍ଟ୍ରେଲିଆ ମେଲବୋର୍ନ ସହରରେ ଥିବା ଏକ ରେଷ୍ଟୁରାଣ୍ଟକୁ ଜଣେ କୋଟିପତି ଲୋକ ଖାଇବାକୁ ଆସିଥିଲେ। ଖାଇବା ପରେ ତାଙ୍କ ବିଲ୍ ୪୨ ହଜାର ଟଙ୍କା ହୋଇଥିଲା। ୱେଟ୍ରେସ୍ ଲରେନ୍ ସେ ବିଲ୍ ଆଣି ବ୍ୟକ୍ତି ଜଣଙ୍କୁ ଦେଇଥିଲେ। ସେହି ବ୍ୟକ୍ତି ଜଣକ ତାଙ୍କୁ ବିଲ୍ ସହ ଟିପ୍ସ ପାଇଁ ୮ ଲକ୍ଷ ଟଙ୍କା ଯୋଡିବାକୁ କହିଲେ। ଏହା ଶୁଣି ଲରେନଙ୍କୁ ପ୍ରଥମେ ବିଶ୍ୱାସ ହୋଇ ନ ଥିଲା। ପରେ ସେ ମ୍ୟାନେଜରଙ୍କୁ ଏ ବିଷୟରେ ପଚାରି ଟଙ୍କା ରଖିଥିଲେ। ଲରେନ୍ ସେହି ଟଙ୍କାରୁ ଦେଢ ଲକ୍ଷ ଟଙ୍କା ତାଙ୍କ ସହକର୍ମୀଙ୍କୁ ଦେଇଥିଲେ। ସେ ଏହି ଟଙ୍କାରେ ବିଦେଶରେ ଛୁଟି କଟାଇବା ପାଇଁ ଭାବୁଥିବା କହିଛନ୍ତି।

# ନାରଙ୍ଗୀ ନମ୍ବର ପ୍ଲେଟ୍ ଯୋଗୁ କଟିଲା ଚାଲାଣ

**ଲକ୍ଷ୍ନୌ:** ସାଧାରଣତଃ ଗାଡ଼ିର ନମ୍ବର ପ୍ଲେଟ୍‌ର ରଙ୍ଗ ଧଳା କିମ୍ବା ହଳଦିଆ ରହିଥାଏ। ନିକଟରେ ଉତ୍ତରପ୍ରଦେଶର ବାରାଣସୀଠାରେ ଜଣେ ବ୍ୟକ୍ତି ବାଇକ୍‌ର ନମ୍ବର ପ୍ଲେଟ୍‌ର ରଙ୍ଗ ନାରଙ୍ଗୀ କରିବା ସହ ସେଥିରେ ଯୋଗୀ ସେବକ ବୋଲି ଲେଖିଥିବାରୁ ଏହା ତାଙ୍କୁ ବହୁ ମହଙ୍ଗା ପଡ଼ିଛି। ସେଠାକାର ଏକ ଛକରେ ପୋଲିସ ଚେକିଂ ହେଉଥିବାବେଳେ ଉକ୍ତ ବ୍ୟକ୍ତିଙ୍କ ଏପରି ନାରଙ୍ଗୀ ନମ୍ବର ପ୍ଲେଟ ଦେଖି ବ୍ୟକ୍ତିଙ୍କୁ ଅଟକାଇଲା। ପୋଲିସ ଉକ୍ତ ବ୍ୟକ୍ତିଙ୍କ ଗାଡ଼ି କାଗଜପତ୍ର ଯାଞ୍ଚ କରିବା ସହ ନମ୍ବର ପ୍ଲେଟର ରଙ୍ଗ ଏପରି ଥିବାରୁ ୬ ହଜାର ଟଙ୍କା ଚାଲାଣ କାଟିଲା। ରିପୋର୍ଟ ମୁତାବକ ଉକ୍ତ ବାଇକ୍‌ଟି ଅଙ୍କିତ୍ ଦୀକ୍ଷିତ୍‌ଙ୍କ ନାମରେ ରହିଛି। ସେ ଯୋଗୀଙ୍କୁ ପ୍ରଭୁ ଏବଂ ନିଜକୁ ତାଙ୍କ ସେବକ ବୋଲି ନମ୍ବର ପ୍ଲେଟ ଜରିଆରେ ଦର୍ଶାଇଥିଲା। ହେଲେ ଏପରି କରିବାରୁ ତାଙ୍କୁ ପୋଲିସଠାରୁ ଦଣ୍ଡ ଭୋଗିବାକୁ ପଡ଼ିଛି। ତେବେ ଏହି ଘଟଣା ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।



# ଓଡ଼ିଶାରେ ଜିଏସ୍‌ଟି ଆଦାୟ ୫୦ ହଜାର କୋଟି ଛୁଇଁବ


ଗୋପାଳ କୃଷ୍ଣ ପତି

**ଭାରତରେ ୨୦୧୭ ଜୁଲାଇ ୧ ତାରିଖରୁ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବା ପରେ ଦେଶରେ ପୂର୍ବରୁ ପ୍ରଚଳିତ ବହୁମୁଖୀ ଟିକସ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ କେବଳ ପେଟ୍ରୋଲଜାତ ଦ୍ରବ୍ୟ ଓ ଟବାକୋ ଜାତୀୟ ସାମଗ୍ରୀରେ ଲାଗୁଛି। ଓଡ଼ିଶାରେ ପେଟ୍ରୋଲଜାତ ଦ୍ରବ୍ୟରୁ କେନ୍ଦ୍ରୀୟ ଶୁଳ୍କ ବାବଦରେ ବର୍ଷକୁ ପ୍ରାୟ ୨୪ ହଜାର କୋଟି ଟଙ୍କା ଆଦାୟ ହେଉଛି। ଏହାକୁ ବାଦ୍ ଦେଲେ ସମସ୍ତ ଉତ୍ପାଦ ଓ ବିକ୍ରି କ୍ଷେତ୍ରରେ ଜିଏସ୍‌ଟି ଲାଗୁ ହୋଇଛି। ସାଧାରଣତଃ ପ୍ରତ୍ୟେକ ବର୍ଷ ଫେବୃୟାରୀ ୨୪ ତାରିଖରେ ଦେଶରେ କେନ୍ଦ୍ରୀୟ ଉତ୍ପାଦ ଟିକସ ଦିବସ ପାଳନ କରାଯାଇଥାଏ। ଜିଏସ୍‌ଟି ଟିକସ ବ୍ୟବସ୍ଥା ଲାଗୁ ହେବା ପରେ ଏହାର ଗୁରୁତ୍ୱ ହ୍ରାସ ପାଇଛି। ରାଜ୍ୟରେ ଜିଏସ୍‌ଟି ଆଦାୟ ବଢ଼ିଚାଲିଛି। ଚଳିତ ବର୍ଷ ଏହା ୫୦ ହଜାର କୋଟି ଟଙ୍କା ଟପିବା ସମ୍ଭାବନା ରହିଛି।**

**ରାଜ୍ୟରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ, ଜିଏସ୍‌ଟି ସ୍ଥିତି ନେଇ ଧରିତ୍ରୀ ପକ୍ଷରୁ ଜିଏସ୍‌ଟି, କେନ୍ଦ୍ରୀୟ ଉତ୍ପାଦ ଏବଂ କଷ୍ଟମ୍ ବିଭାଗ ଓଡ଼ିଶା ଶାଖାର ଅତିରିକ୍ତ ସଚିବ ଗୋପାଳ କୃଷ୍ଣ ପତିଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ ଆଲୋଚନା କରାଯାଇଛି।**

**ପ୍ରଶ୍ନ–ରାଜ୍ୟରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ କେଉଁ ସାମଗ୍ରୀ ଉପରେ ଲାଗୁ କରାଯାଉଛି। ଏ ବାବଦରେ ରାଜ୍ୟକୁ କେତେ ଟିକସ ମିଳୁଛି। ଓଡ଼ିଶାରେ ଏହାର ସ୍ଥିତି କ'ଣ ।**

**ଉତ୍ତର–** ସମସ୍ତ ଉତ୍ପାଦ ଓ ବିକ୍ରୟ ଉପରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଲାଗୁ କରାଯାଏ। ତେବେ ୨୦୧୭ ଜୁଲାଇ ପହିଲା ପରଠାରୁ କେବଳ ପେଟ୍ରୋଲଜାତ ଦ୍ରବ୍ୟ ଓ ଟବାକୋ ଉପରେ ଲାଗୁ କରାଯାଉଛି। ବିଭିନ୍ନ ରାଜ୍ୟରେ ଏହାର ଟିକସ ପରିମାଣ ଭିନ୍ନ ଭିନ୍ନ ରହିଛି। ଓଡ଼ିଶାରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କରୁ ପ୍ରାୟ ୨୪ ହଜାର କୋଟି ଟଙ୍କାର ଟିକସ ଆଦାୟ ହେଉଛି।

**ପ୍ରଶ୍ନ– ପୂର୍ବରୁ ପ୍ରଚଳିତ ଟିକସ ବ୍ୟବସ୍ଥା ଓ ଜିଏସ୍‌ଟି ଲାଗୁ ହେବା ପରେ ଟିକସ ଆଦାୟ କ୍ଷେତ୍ରରେ କି ପରିବର୍ତ୍ତନ ଆସିଛି। ଓଡ଼ିଶା ରାଜସ୍ୱ କ୍ଷେତ୍ରରେ ଏହାର କି ପ୍ରଭାବ ରହିଛି।**

**ଉତ୍ତର–** ଦେଶରେ ପ୍ରଚଳିତ ଥିବା ୧୩ଟି ଟିକସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ଲାଗୁ କରାଯାଇଛି। ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ଟିକସଦାତାଙ୍କ ପାଇଁ ଟିକସ ପ୍ରଦାନ ସରଳ ହୋଇଛି। ରାଜ୍ୟର ଟିକସ ଆଦାୟ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିଛି। ଓଡ଼ିଶାରେ ସିଜିଏସ୍‌ଟି ଏବଂ ଏସ୍‌ଜିଏସ୍‌ଟିକୁ ମିଶାଇ ବାର୍ଷିକ ପ୍ରାୟ ୪୫ ହଜାର କୋଟି ଟଙ୍କା ଆଦାୟ ହେଉଛି।

**ପ୍ରଶ୍ନ – ଟିକସ ଫାଙ୍କି ଓ ଦୁର୍ନୀତିକୁ ରୋକିବା ପାଇଁ ବିଭାଗ ପକ୍ଷରୁ କି କି ପଦକ୍ଷେପ ଗ୍ରହଣ କରାଯାଇଛି।**

**ଉତ୍ତର–**ଟିକସ ଆଦାୟ ପୂର୍ବଭଳି ମାନୁଆଲ ହେଉ ନାହିଁ। ଅନ୍‌ଲାଇନ ଜରିଆରେ ସମସ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ସବୁ ବ୍ୟବସ୍ଥା ଡାଟାବେସ୍ ହୋଇଛି। ଟିକସ ଫାଙ୍କିବା ସହଜ ନୁହେଁ। ସମସ୍ତ କାରବାର ଅନ୍‌ଲାଇନରେ ହେଉଥିବାରୁ ଦୁର୍ନୀତି ହ୍ରାସ ପାଇଛି। ବହୁ ସମୟରେ କେତେକ ଟିକସଦାତା ଆୟକର ଫାଇଲ କରୁଛନ୍ତି, ହେଲେ ଯାହାଙ୍କର ଜିଏସ୍‌ଟି ଦେବାର ଅଛି ସେଥିରୁ ଅଧିକାଂଶ ଫାଇଲ କରୁନାହାନ୍ତି। ଏହାକୁ ରୋକିବା ପାଇଁ ଆୟକର ଡାଟା କ୍ୟାପ୍‌ଚର ବ୍ୟବସ୍ଥା ହୋଇଛି। ଇ–ବିଲିଂ କରାଯିବା ସହ ଜମିବାଡ଼ି କିଣାବିକାର ଡାଟାବେସ୍ କରାଯାଉଛି।

**ପ୍ରଶ୍ନ– ପେଟ୍ରୋଲ ଉପରେ ଜିଏସ୍‌ଟି ନ ଲଗାଇବା କାରଣ କ'ଣ। ଏହାକୁ ଜିଏସ୍‌ଟି ପରିସରଭୁକ୍ତ କରିବା ଯୋଜନା ଅଛି କି?**

**ଉତ୍ତର–** ରାଜ୍ୟମାନେ ପେଟ୍ରୋଲରୁ ଅଧିକ ଟିକସ ପାଉଥିବାରୁ ସେମାନେ ଏହାକୁ ଜିଏସ୍‌ଟି ପରିସରକୁ ଆଣିବାକୁ ଚାହୁଁନାହାନ୍ତି। ତେବେ ଏ ସମ୍ପର୍କରେ ନିଷ୍ପତ୍ତି କେବଳ ଜିଏସ୍‌ଟି ପରିଷଦ ନେଇପାରିବ । ଏହି ପରିଷଦରେ ସବୁ ରାଜ୍ୟର ଅର୍ଥମନ୍ତ୍ରୀ ସଦସ୍ୟ ଅଛନ୍ତି।

**ପ୍ରଶ୍ନ– ଜିଏସ୍‌ଟି ଲାଗୁ ହେବାର ୬ ବର୍ଷ ବିତିବାକୁ ବସିଲାଣି। ରାଜ୍ୟକୁ ଆଶାନୁରୂପ ଟିକସ ମିଳିନାହିଁ। ଏବେ ବି ରାଜ୍ୟକୁ ଜିଏସ୍‌ଟି କ୍ଷତିପୂରଣ କେନ୍ଦ୍ର ସରକାର ଦେଉଛନ୍ତି। ଏହି ଟିକସ ବ୍ୟବସ୍ଥା ଲାଗୁ ହେବା ପରେ ରାଜ୍ୟକୁ କି ଫାଇଦା ମିଳିଛି। ଜିଏସ୍‌ଟି କ୍ଷତିପୂରଣ କେବେ ସୁଦ୍ଧା ବନ୍ଦ ହେବ।**

**ଉତ୍ତର–** ୨୦୧୫–୧୬ ଆର୍ଥିକ ବର୍ଷର ଟିକସ ସଂଗ୍ରହ ଆଧାରରେ ରାଜ୍ୟକୁ ଜିଏସ୍‌ଟି କ୍ଷତିପୂରଣ ମିଳୁଛି। ପ୍ରତିବର୍ଷ ଏଥିରେ ୧୪% ବୃଦ୍ଧି କରାଯାଉଛି। ଓଡ଼ିଶାରେ ଜିଏସ୍‌ଟି ଆଦାୟ ବୃଦ୍ଧି ପାଉଛି। ୨୦୨୧–୨୨ରେ ଜିଏସ୍‌ଟି ଆଦାୟ ୪୪,୨୬୭ କୋଟି ଟଙ୍କା ହୋଇଥିବା ବେଳେ ୨୦୨୨–୨୩ ଜାନୁୟାରୀ ସୁଦ୍ଧା ୪୦, ୧୩୮ କୋଟି ଟଙ୍କା ଆଦାୟ ହୋଇଛି। ଆସନ୍ତା ୨୦୨୫–୨୬ ଯାଏ ଜିଏସ୍‌ଟି କ୍ଷତିପୂରଣ ଚାଲୁ ରହିବ।

**ପ୍ରଶ୍ନ– ଦେଖାଯାଉଛି ଅନେକ ସମୟରେ ବଡ଼ ବଡ଼ ବ୍ୟବସାୟିକ ସଂସ୍ଥା ଦ୍ୱାରା ଜିଏସ୍‌ଟି ଫାଙ୍କି ବଢ଼ିଚାଲିଛି। ସେଥିରେ ଅଫିସରମାନଙ୍କର ସମ୍ପୃକ୍ତି ରହୁଥିବା ଅଭିଯୋଗ ହେଉଛି। ଦୁର୍ନୀତିକୁ ରୋକିବାକୁ କି ପଦକ୍ଷେପ ନିଆଯାଉଛି।**

**ଉତ୍ତର–** ପୂର୍ବରୁ ଟିକସ ଆଦାୟ ମାନୁଆଲ ହେଉଥିଲା। ଅଫିସରମାନେ ଟିକସଦାତାଙ୍କଠାରୁ ସିଧାସଳଖ ଟିକସ ଆଦାୟ କରୁଥିଲେ। ଏବେ ସମସ୍ତ କାର୍ଯ୍ୟ ଅନ୍‌ଲାଇନରେ ହେଉଛି। ଅଫିସରମାନଙ୍କୁ ଟାର୍ଗେଟ ଦିଆଯାଉଛି। ସେମାନେ କେଉଁ ସ୍ଥାନରେ ଚଢାଉ କରୁଛନ୍ତି ସେ ସବୁର ସୂଚନା କର୍ତ୍ତୃପକ୍ଷଙ୍କ ନିକଟରେ ରହୁଛି। ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ପୁରସ୍କାର ବ୍ୟବସ୍ଥା ରହିଛି।

**ପ୍ରଶ୍ନ– ଜଣେ ସାଧାରଣ ଟିକସଦାତା ଜିଏସ୍‌ଟି ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଟିକସଦାତା ନିଜେ ଟିକସ ଦେବା ପାଇଁ ବିଭାଗ ପକ୍ଷରୁ କି ବ୍ୟବସ୍ଥା କରାଯାଇଛି।**

**ଉତ୍ତର–** ଜିଏସ୍‌ଟି ଆସିବା ପରେ ଟିକସ ଦେବା ସରଳ ହୋଇଛି। ଅନ୍‌ଲାଇନ ଜରିଆରେ ଘରେ ବସି ଟିକସ ଦେଇ ହେବ। ଏଥିପାଇଁ ଯୁବଗୋଷ୍ଠୀଙ୍କୁ ତାଲିମ ମଧ୍ୟ ଦିଆଯାଉଛି। ସବୁ ଟିକସ ପାଇଁ ଗୋଟିଏ ରିର୍ଟନ ଫାଇଲ କରାଯାଉଛି।

# ସ୍ୱଚ୍ଛତା ଲାଗି ସଚେତନତା

୧୯୪୪ ଫେବୃୟାରୀ ୨୪ରେ ଲାଗୁ ହୋଇଥିବା ସେଣ୍ଟ୍ରାଲ ଏକ୍ସାଇଜ୍ ବା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଏବଂ ଲୁଣ ଆଇନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଫେବୃୟାରୀ ୨୪କୁ ସେଣ୍ଟ୍ରାଲ୍ ଏକ୍ସାଇଜ୍ ଡେ ଭାବେ ପାଳନ କରାଯାଉଛି। ଦେଶ ପାଇଁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସ ଆଣ୍ଡ କଷ୍ଟମ୍ସ(ସିବିଆଇସି)ର ସେବାକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସରେ ଭଲ କାମ କରିଥିବା ଅଧିକାରୀମାନଙ୍କୁ ସମ୍ମାନିତ କରାଯାଇଥାଏ। ବିଶେଷ କରି ସାମଗ୍ରୀ ଉତ୍ପାଦନ ବ୍ୟବସାୟରେ ଦୁର୍ନୀତିକୁ ରୋକିବା ସହ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଏହି ଦିବସରେ ଦେଶରେ ବିଭିନ୍ନ ସ୍ଥାନରେ ସେମିନାର, କର୍ମଶାଳା, ଶିକ୍ଷାଗତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା କାର୍ଯ୍ୟକ୍ରମ, ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥାଏ। ଏହା ବ୍ୟତୀତ ସମ୍ପୃକ୍ତ ବିଭାଗ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ସେବା ପ୍ରଦାନକାରୀ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଥାଏ।

**ସେଣ୍ଟ୍ରାଲ୍ ଏକ୍ସାଇଜ ଡେ'**




ସିବିଆଇସି ପୂର୍ବରୁ ସେଣ୍ଟ୍ରାଲ ଏକ୍ସାଇଜ ଆଣ୍ଡ କଷ୍ଟମ୍ସ ଭାବରେ ଜଣାଶୁଣା ଥିଲା। କଷ୍ଟମ୍ସ ଆଇନ ପରିଚାଳନା ପାଇଁ କଷ୍ଟମ୍ସ ଏବଂ ସେଣ୍ଟ୍ରାଲ ଏକ୍ସାଇଜ/କେନ୍ଦ୍ରୀୟ ଜିଏସ୍‌ଟି ବିଭାଗ ପ୍ରତିଷ୍ଠା କରାଯାଇଛି। ୨୦୧୭ ଜୁଲାଇ ୧ରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବା ପରଠାରୁ ଏହା କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର ପରିସୀମା ହ୍ରାସ ପାଇଛି। ଏହା ଏବେ କେବଳ ପେଟ୍ରୋଲିୟମ ଜାତ ଦ୍ରବ୍ୟ ଏବଂ ଟବାକୋ(ମାଦକ ଦ୍ରବ୍ୟ ସଂକ୍ରାନ୍ତୀୟ) ସାମଗ୍ରୀ ଉପରେ ଲାଗୁ ହେଉଛି। ବର୍ତ୍ତମାନ ଏହି ବିଭାଗ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅଧୀନରେ ଅଛି, ଯାହା କଷ୍ଟମ୍ସ ଆଦାୟ, କେନ୍ଦ୍ରୀୟ ଏକ୍ସାଇଜ ଡ୍ୟୁଟି, କେନ୍ଦ୍ରୀୟ ଜିଏସ୍‌ଟି ଏବଂ ଆଇଜିଏସ୍‌ଟି, ଚୋରା ଚାଲାଣ ରୋକିବା ଏବଂ ନାର୍କୋଟିକ୍ସ(ନିଶା କାରବାର)ଜଡ଼ିତ ବିଷୟଗୁଡ଼ିକର ଟିକସ ପ୍ରଶାସନ ସମ୍ବନ୍ଧୀୟ ନୀତି ପ୍ରଣୟନ ସହିତ କାର୍ଯ୍ୟ କରୁଛି। ସିବିଆଇସି ଅଧୀନରେ କଷ୍ଟମ୍ସ, ସେଣ୍ଟ୍ରାଲ ଏକ୍ସାଇଜ, ସେଣ୍ଟ୍ରାଲ ଦ୍ରବ୍ୟ ଓ ସେବା କର, ଆଇଜିଏସ୍‌ଟି, ନାର୍କୋଟିକ୍ସ, କଷ୍ଟମ ହାଉସ, ସେଣ୍ଟ୍ରାଲ ଏକ୍ସାଇଜ ଏବଂ ସେଣ୍ଟ୍ରାଲ ଜିଏସ୍‌ଟି କମିଶନର, କେନ୍ଦ୍ରୀୟ ରାଜସ୍ୱ ନିୟନ୍ତ୍ରଣ ଲାବରେଟୋରି ସମେତ ଅନ୍ୟାନ୍ୟ ବୋର୍ଡ ଏହାର ଅଧୀନ ସଂଗଠନଗୁଡ଼ିକ ପାଇଁ ପ୍ରଶାସନିକ ପ୍ରାଧିକରଣ ଭାବେ କାର୍ଯ୍ୟ କରୁଛି।


**CITY HEALTH SOCIETY, BHUBANESWAR**
**NATIONAL HEALTH MISSION, ODISHA**
**DEPT. OF HEALTH & FAMILY WELFARE, GOVT. OF ODISHA**

Advt. No. 66 Dated: 22.02.2023

**CORRIGENDUM**

**Extension date for Installation of Hoardings and Supply/ Fixing of different Printing & Painting assignments under City Health Society, Bhubaneswar**

No. E-928: This refers to the advertisement No. 64/CPMU/NUHM/BBSR Dtd.08.02.2023 published in Newspaper and BMC website **www.bmc.gov.in** on Dtd.09.02.2022 for installation of hoardings and supply/fixing of different printing & painting assignments under City Health Society, Bhubaneswar. The date for submission of tender is extended upto 01.03.2023, 2.00 P.M. and tender will be opened on same date at 3.00 P.M. The other terms and conditions will remain unchanged.

Sd./- ADUPHO, BHUBANESWAR
OIPR-10207/11/0005/2223

**GRIDCO LIMITED**
( A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
CIN : U40109OR1995SGC003960 No. CAD-4926

**NOTICE INVITING TENDER FOR PURCHASE OF POWER**

GRIDCO Ltd. has issued Tender for procurement of power from Intra State Captive Generators on short-term basis during the period from **01.04.2023 to 31.07.2023.**

Interested bidders may please refer GRIDCO's website **www.gridco.co.in** for detailed terms and conditions and visit the website from time to time for further details / information.

OIPR-04056/11/0019/2223 **Chief General Manager (PP)**

**ODISHA JOINT ENTRANCE EXAMINATION - 2023 (OJEE - 2023)**

No: OJEE / 093 Date : 23 / 02 / 2023

**TENDER CALL NOTICE**

**No.h-25:The Odisha Joint Entrance Examination Committee calls for Proposals and Quotations for conducting the Odisha Joint Entrance Examination (OJEE - 2023) in May, 2023 and 2nd / Special OJEE, 2023 in July, 2023 in Computer-Based-Test (CBT) Mode for total around 65,000 candidates and 35,000 candidates respectively in various courses such as B. Tech, B. Pharm, LE-Tech, B. CAT, LE-Pharm, Int. MBA, MBA, MCA, M. Pharm, M. Arch, M. Plan, Int. MBA and all M. Tech Courses.**

Tenders are invited from eligible, reputed and qualified IT Firms with sound technical and financial capabilities for implementation and maintenance of Computer Based System for conducting Entrance Examinations of OJEE 2023. The tenderers may apply in the prescribed tender documents available on the websites of OJEE (www.ojee.nic.in / www.odishajee.com). The last date of submission of the tender is 16th March, 2023 by 5:00 PM.

The OJEE Authority reserves the right to cancel / modify the tender without assigning any reason thereof.

**Sd./- Chairman, OJEE, ODISHA**
OIPR-14020/11/0033/2223

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E-mail Id:serwcbaripada@gmail.com, Ph.No.06792-261343/261344,Gangraj, Baripada
Office Order No.699/Dt.22.02.2023

**2nd Corrigendum to National Competitive Bidding e_Procurement Notice No.330/Road Work Dt.02.02.2023**

**No.O-1897:**Due to unavoidable circumstances the important dates of tendering process for road works are being changed as follows.

| Procurement Officer | Bid Identification No. | Availability of tender online for bidding | | | | Last date & time of seeking tender clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer, Rural Works Circle, Baripada | Road Online N.C.B. No.262 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 21.02.2023 at 11.00 AM | 27.02.2023 At 11.00 AM | 09.03.2023 upto 5.00 PM | 15.03.2023 upto 5.00 PM | 06.03.2023 upto 5.00 PM | 14.03.2023 upto 5.00 PM | 10.03.2023 upto 11.00 AM | 16.03.2023 upto 11.00 AM | Will be intimated later | Will be intimated later |

All other terms and conditions remain unchanged.

Sd./- Er.B.B. Dalabehera
Chief Construction Engineer, R.W.Circle, Baripada
OIPR-25130/11/0009/2223

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
E-mail Id:serwcbaripada@gmail.com, Ph.No.06792-261343/261344,Gangraj, Baripada
Office Order No.689/Dt.22.02.2023

**1st Corrigendum to National Competitive Bidding e_Procurement Notice No.574/Road Work Dt.15.02.2023**

**No.O-1898:**Due to unavoidable circumstances the important dates of tendering process for road works are being changed as follows.

| Procurement Officer | Bid Identification No. | Availability of tender online for bidding | | | | Last date & time of seeking tender clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer, Rural Works Circle, Baripada | Road Online N.C.B. No.269 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 21.02.2023 at 11.00 AM | 27.02.2023 At 11.00 AM | 09.03.2023 upto 5.00 PM | 15.03.2023 upto 5.00 PM | 06.03.2023 upto 5.00 PM | 14.03.2023 upto 5.00 PM | 10.03.2023 upto 11.00 AM | 16.03.2023 upto 11.00 AM | Will be intimated later | Will be intimated later |

All other terms and conditions remain unchanged.

Sd./- Er.B.B. Dalabehera
Chief Construction Engineer, R.W.Circle, Baripada
OIPR-25130/11/0010/2223

**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR**
No. CAD-4910
Tender Call Notice No. BBSR/ELECT-II/E-101/22-23/580 Dated: 21.02.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply, installation, testing and commissioning of IP Survellance, data networking & EPBAX system of Kalamandala, Bhubaneswar:

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid Id No. BBSR/ELECT-II /e-14/22-23 | 27.02.2023 at 12.00 Hrs. | 06.03.2023 at 17.00 hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0305/2223 Sd./- Divisional Head (Elect-II), IDCO, Bhubaneswar

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
No.O-1899:
e-mail- rw_mayurbhanj@yahoo.co.in

**e_Procurement Tender Call Notice No.Online 24/RWD/BPD/2022-23**

1. Name of the Work: Building Works. 2. Total No. of Works: 02 Nos. 3. Estimated Cost: Approx Estimated Cost Rs.07.68 lakhs to Rs.09.60 lakhs. 4. Class of Contractor: 'C' & 'D'. 5. EMD: EMD @ 1% of Estimated Cost put to Tender. 6. Period of Completion: 1 (One) Calendar Month. 7. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of tender in the office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Baripada | 24 (Online)/ RWD-BPD of 2022-23 | Dt.23.02.23 at 11.00 A.M. | Dt.04.03.23 upto 3.00 P.M. | Dt.03.03.23 Upto 5.00 P.M. | Dt.04.03.23 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Superintending Engineer
R.W. Division, Baripada
OIPR-25057/11/0029/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୯ **ବିଜ୍ଞାପନ** ତା: ୧୭।୦୨।୨୩

No. CAD-4914: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍‌ଆଇଜି–୨–୮୧ (MIG-2-81) ଛେଣ୍ଡ, ଫେଜ୍–୩, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ରମେଶ ପ୍ରସାଦ ଦାସ, ପିତା: ୰ ମଦନ ଚରଣ ସେଠୀ, ସା: ପ୍ରହରାଜପୁର, ପୋ.: ବଡ଼ନୂଆକଣ, ଥାନା: ରାଜନଗର, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରମେଶ ପ୍ରସାଦ ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଦେବେନ୍ଦ୍ର କୁମାର ସେଠୀ, ପିତା: ଦାମୋଦର ସେଠୀ, ସା/ପୋ.: ସମଙ୍ଗ, ଥାନା: ସମଙ୍ଗ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0603/2223

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୪୮ **ବିଜ୍ଞାପନ** ତା: ୧୬।୦୨।୨୩

No. CAD-4919: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡୁମୁଡୁମା ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏଲ୍.ଆଇ.ଜି.–୧୯୪୨ (LIG-1942) ଟିକୁ ସପତ ଇଗ୍ନେସ୍ସ, ପିତା: ଇ. ଇରେସ୍ସ, ସା: ଗଙ୍ଗପୁର, ପୋ: ମୁନିସ୍ ପେଣ୍ଟ, ଥା: ଛତ୍ରପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ସପତ ଇଗ୍ନେସ୍ସ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ମହମ୍ମଦ ସାବିର୍ ହୁସେନ୍, ପିତା: ସେଖ୍ ନିୟାମତୁଲ୍ଲା, ସା: କଳାପାଞ୍ଚଣ, ପୋ.: ନୂଆ ପାଟଣା, ଥା: ନିମାପଡ଼ା, ଜିଲ୍ଲା: ପୁରୀଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0608/2223

**OFFICE OF THE DIVISIONAL FOREST OFFICER, KHORDHA DIVISION**
AT/PO/DIST - KHORDHA - 7502055
Email:- dfo.khordha@odisha.gov.in

**INVITATION FOR BIDS THROUGH e-Procurement**
No.MM-475: **Bid No. 05/2022-23**

| | | | |
|---|---|---|---|
| 1. | Name of the Item | : | Purchase of Force Urbania for Jungle Safari. |
| 2. | Name of Model | : | FM2.6CRED (Details Technical specification given in e-procurement portal) |
| 3. | Total no of Works | : | 01 Number |
| 4. | Type of tender | : | Double Cover Tenders |
| 5. | Date and Time of availability of Bid documents in the portal | : | From 11.00 AM of dt. 24.02.2023 to 05.00 PM of dt. 03.03.2023. |
| 6. | Last date/Time for receipt of bids in the portal | : | Dt. 03.03.2023 up to 05.00 PM |
| 7. | Submission of Original documents (TP cost, EMD, Affidavit etc as per DTCN) | : | On or before 06.03.2023 up to 05.00 PM in the office of the undersigned during office hours. |
| 8. | Date of opening of Technical Bid through online | : | Dt. 09.03.2023 at 11.00 hrs in the office of the undersigned. |
| 9. | Date of opening of Financial Bid through online | : | Dt. 10.03.2023 at 11.00 hrs in the office of the undersigned. |
| 10. | Name & address of the O.I.T (Officer Inviting tender) | : | Divisional Forest Officer, Khordha Division, Khordha. |

Further details can be seen from the e-procurement portal https://tendersodisha.gov.in. N.B. Subsequent corrigendum/addendum if required shall be available in the website as indicated above.

Sd./-Divisional Forest Officer, Khordha Division, Khordha
OIPR-08139/11/0011/2223

**OFFICE OF THE PANCHAYAT SAMITI, BONTH**
At: Bonth, P.O.: Bonth, Dist.: Bhadrak, PIN - 756114, E-mail: ori-bonth@nic.in
Order No. 410 Date: 22.02.2023

**SHORT QUOTATION CALL NOTICE**

No. i-456: Sealed quotations are invited in plain paper with GST Clearance Certificate and copy of PAN Card Xerox from reputed firms/suppliers/dealer for supply of the following items for 17 Nos. of 5T Transformation High School under Bonth Block. The quotationer should be a certified supplier/dealer for this product. The rate of the items should be quoted inclusive of GST. The terms and conditions, quotation paper for submission of quotation and detailed specifications are available in Bhadrak District portal website: **www.bhadrak.nic.in**. Sealed quotation should reach the Panchayat Samiti, Bonth through Regd. Post/Speed Post positively latest by dated 01.03.2023 by 5.00 P.M. which will be opened by the Purchase Committee on dated 02.03.2023 at 3.00 P.M. in presence of the quotationers or their authorized representatives in the Office Chamber of the Block Development Officer, Bonth. The undersigned reserves the right to accept/reject all or any quotation without assigning any reason thereof.

For details specification and other term and conditions bidders can refer to **www.bhadrak.nic.in** or contact Bonth Panchayat Samiti on Mobile No. 9437753679.

**Quotation required for the following items:**

| Sl. No. | Items | Total Unit Price including GST |
|---|---|---|
| 1 | Interactive Display 75 inch/65 inch (Make LG) | 20 + 14 = 34 Nos. |
| 2 | 55 inch Smart TV (Make LG) | 17 Nos. |
| 3 | Dual Desk-cum-Bench (Size 42"(W) × 34"(D) × 30"(H) Smart Classroom Furniture with Steel under structure made out of 2" × 1" rectangular hollow section, 1" square hollow section, 1" round tubes, Designer performed sheet (Knee Cover) and 1.25 mm thick CR Sheet. Desk (16" × 40") Bench (13" × 42"), Back Rest (10" × 42"), Book Protector (8" × 40") made out of 18mm thick XHDMR (High Density Moisture Resistant) Board. | 1360 Nos. |

**Technical Data Sheet of Interactive Flat Pannel Make (LG)**

| | | | | |
|---|---|---|---|---|
| PANEL | | Screen Size | | 65" |
| | | Panel Technology | | IPS |
| | | Native Resolution | | 3840 × 2160 (UHD) |
| | | Refresh Rate | | 60Hz |
| Key Feature | HW | Internal Memory | | 32 GB |
| | | Wi-fi | Built-in | Yes |
| | SW | WebOS ver | | Andriod 8.0 |
| OPS | | Interl Core i5, 4GB DDR4 RAM, 512 SSD, Windows 10 | | |

**TECHNICAL SPECIFICATION FOR 55 INCH SMART TV**

| | | |
|---|---|---|
| Display | Size | 55 Inch |
| | Resolution | 3840 × 2160 (UHD) |
| | Backlight Unit Type | LED |
| | Refresh Rate | 60Hz |
| Video | HDR (10Pro/HLG) | Yes/Yes |
| Audio | Speaker (Sound Output) | 10W + 10W |
| Board Casting System | Digital (Tereestrial, Cable, Satellite) | DVB-T2/CBDR LED Smart TV with Wi-fi and Web Browser, YouTube etc. |

**Additional Term and Condition for IFP and Smart TV**

| | |
|---|---|
| 1 | OEM should have presence in India for more than 10 years (Certificate of Incorporation required) |
| 2 | OEM should have Registered Office in Odisha (Valid document is required) |
| 3 | OEM should have complete direct service set up in Odisha with a service team of minimum 2 trained service Manager/Engineers on OEM's payroll with B.Tech/MCA/Diploma Certificate. |
| 4 | OEM should have at least one direct/Authorised franchise service centre in the same district or nearest district with proper legal agreement should be valid last 2 years for providing quick on site support. |
| 5 | OEM should have ISO 9001:2015 & BS OHSAS 18001:2007 or ISO 45001:2018. |
| 6 | Ink based authorization from every component OEM, for this particular tender is mandatory. These MAF will be certificated from local manager. |
| 7 | OEM has to submit work orders of any District Level to provide the Track record of successfully installation at Odisha. |

**Sd./- Block Development Officer, Bonth**
OIPR-19150/11/0001/2223

# ଶିକ୍ଷା ସାମାଜିକ ଉତ୍ଥାନର ଚାବିକାଠି: ରାଜ୍ୟପାଳ



ସମ୍ମିଳନୀରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବ୍ରିଟିଶ କାଉନ୍‌ସିଲର ଭାରତ ନିର୍ଦ୍ଦେଶକ ଆଲିସନ ବାରେଟ, କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

## 'ଅପ୍ଟିମାଇଜିଂ ଲର୍ନିଂ ଲ୍ୟାଣ୍ଡସ୍କେପ୍' ସମ୍ପର୍କିତ ସମ୍ମିଳନୀ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଶିକ୍ଷା ହେଉଛି ସାମାଜିକ ଉତ୍ଥାନର ଚାବିକାଠି। ମାନବକୈନ୍ଦ୍ରିକ ବୈଶ୍ୱୀକରଣ ଏବଂ ସଚେତନ କୈନ୍ଦ୍ରିକ ମାନବତା ହେଉଛି ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଗୁରୁବାର କିଟ୍ ବିଶ୍ୱବିଦ୍ୟାଳୟ ଓ ଟାଇମ୍ସ ହାୟର ଏଜୁକେଶନ ଭାରତୀୟ ବିଶ୍ୱବିଦ୍ୟାଳୟ ଫୋରମ୍‌ର ମିଳିତ ଆନୁକୂଲ୍ୟରେ 'ଅପ୍ଟିମାଇଜିଂ ଲର୍ନିଂ ଲ୍ୟାଣ୍ଡସ୍କେପ୍' ଉପରେ ଦିନିକିଆ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ସମସ୍ତଙ୍କ ଭିତରେ ଦୟା, କ୍ଷମା, ସହନଶୀଳତା, ପରୋପକାର ଆଦି ମାନବୀୟ ମୂଲ୍ୟବୋଧର ଉତ୍ଥାନ କରି ସମଗ୍ର ବିଶ୍ୱକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିପାରିଲେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ସାଧନ ହୋଇପାରିବ। ଏଥିପାଇଁ ଆମର ଶିକ୍ଷାନୁଷ୍ଠାନ ବିଶେଷକରି ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ କହିଥିଲେ। ବ୍ରିଟିଶ କାଉନ୍‌ସିଲର ଭାରତ ନିର୍ଦ୍ଦେଶକ ଆଲିସନ ବାରେଟ ଅତିଥି ଭାବେ ଯୋଗଦେଇ ଶିକ୍ଷା, ଗବେଷଣା କ୍ଷେତ୍ରରେ ସହଭାଗିତାକୁ ପ୍ରୋତ୍ସାହନ ଏବଂ ଛାତ୍ର-ଅଧ୍ୟାପକ ବିନିମୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ କିଟ୍‌ର ସାମାଜିକ ଦାୟିତ୍ୱବୋଧକୁ ପ୍ରଶଂସା କରି ଶିକ୍ଷା ମାଧ୍ୟମରେ ଓଡ଼ିଶାର ଗରିବ ଓ ଜନଜାତି ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ କିଟ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଲ୍ଲେଖନୀୟ ଭୂମିକା ରହିଆସିଛି ବୋଲି କହିଥିଲେ। ଟାଇମ୍ସ ହାୟର ଏଜୁକେଶନ ର୍‍ୟାଙ୍କିଙ୍ଗ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଶ୍ୱର ଅନ୍ୟ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସହଭାଗିତା ଏବଂ ବିଶ୍ୱରେ ନିଜକୁ ପ୍ରଦର୍ଶନ କରିବାର ସୁଯୋଗ ସୃଷ୍ଟି କରିପାରିଛି ବୋଲି ଏହାର ବିଶ୍ୱ ବ୍ୟାପାର ମୁଖ୍ୟ ଫିଲ୍ ବାଟି କହିଥିଲେ। ଟାଇମ୍ସ ହାୟର ଏଜୁକେଶନ ଇମ୍ପାକ୍ଟ ର୍‍ୟାଙ୍କିଙ୍ଗରେ ଅସମାନତା ଦୂର କ୍ଷେତ୍ରରେ ସମଗ୍ର ବିଶ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ୮ମ ସ୍ଥାନରେ ରହିବା ଉଲ୍ଲେଖନୀୟ ବୋଲି ସେ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଦୟା ଓ ମାନବିକତା ଉପରେ ପର୍ଯ୍ୟବସିତ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ଗୁଣାତ୍ମକ ଶିକ୍ଷା, ଗବେଷଣା, ସହଭାଗିତା ଉପରେ ଗୁରୁତ୍ୱ ଦେଇଆସୁଛି। ଏଥିସହ ଶିକ୍ଷା ମାଧ୍ୟମରେ ମୂଲ୍ୟବୋଧର ସଂସ୍କୃତି ସୃଷ୍ଟି କରିପାରିଛି। କିଟ୍ ଶିକ୍ଷା ମଡେଲ ସମସ୍ତଙ୍କ ପାଇଁ ସମାନ ଶିକ୍ଷା ଉପରେ ପର୍ଯ୍ୟବସିତ। ଏଠାରେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାରେ ଉତ୍କର୍ଷ ପ୍ରତିପାଦନ କରିବା ନିମନ୍ତେ ସମାନ ସୁବିଧା, ସୁଯୋଗ ଯୋଗାଇ ଦିଆଯାଇଥାଏ। ଶିକ୍ଷା ସହ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସମସ୍ତଙ୍କ ପାଇଁ ଉତ୍କର୍ଷ ପ୍ରତିପାଦନ ନିମନ୍ତେ କିଟ୍‌ରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ସାମନ୍ତ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ସସ୍ମିତା ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ।

# ଗୋଁଣ୍ଡୱାନା ଛକକୁ 'ବୀର କରୁଣାକର ସିଂହ ନାଏକ ଛକ' ଭାବେ ନାମିତ କରାଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଝାରସୁଗୁଡ଼ା ଜିଲା ଗୋଁଣ୍ଡୱାନା ଛକକୁ 'ବୀର କରୁଣାକର ସିଂହ ନାଏକ ଛକ' ଭାବେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ଐତିହାସିକ, ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାରେ ଜନଜାତି ସମୁଦାୟର ପ୍ରତିନିଧିତ୍ୱ କାହିଁ କେଉଁ କାଳରୁ ରହିଆସିଛି। ଜନଜାତିକୁ ବାଦ୍ ଦେଇ ଓଡ଼ିଆ ସଭ୍ୟତାର ପରିକଳ୍ପନା ଅସମ୍ଭବ। ଶ୍ରୀଜଗନ୍ନାଥଙ୍କର ଜନଜାତୀୟ ମୂଳକୁ ମନେପକାଇ ଓଡ଼ିଆ ଜାତି ସବୁବେଳେ ଗର୍ବ କରିଆସିଛି। ଏହି କାରଣରୁ ହିଁ ଓଡ଼ିଶାର ଶାସକ କାଳେ କାଳେ ଜନଜାତି ଭଉଣୀଭାଇଙ୍କୁ ଆପଣା ପ୍ରଜାଠାରୁ ବି ଅଧିକ ବୋଲି ମଣିଆସିଛନ୍ତି। ଏହି କ୍ରମରେ ଶହୀଦ କରୁଣାକର ସିଂହ ନାଏକ ଥିଲେ ଗୋଁଣ୍ଡ ସମୁଦାୟର ଅନ୍ୟତମ ସର୍ବମାନ୍ୟ ମୁଖିଆ। ପୃଥିବୀର ସର୍ବପୁରାତନ ଜନଜାତି ଭିତରୁ ଅନ୍ୟତମ ଏହି ଗୋଁଣ୍ଡ ସମୁଦାୟ ଓଡ଼ିଶା ସମେତ ସମଗ୍ର ମଧ୍ୟ ଭାରତର ବିରାଟ ଭୂଖଣ୍ଡରେ ଶତାବ୍ଦୀ ଶତାବ୍ଦୀ ଧରି ରାଜୁତି କରି ଆସୁଛନ୍ତି। ରାଣୀ ଦୁର୍ଗାବତୀ, ଭଗବାନ ବିର୍ସା ମୁଣ୍ଡା, ଶହୀଦ ମାଧୋ ସିଂହ, ବୀର ସୁରେନ୍ଦ୍ର ସାଏ ପ୍ରମୁଖଙ୍କ ବୀରଗାଥା ଗୋଁଣ୍ଡ ଜନଜାତି ତଥା ସମସ୍ତ ଭାରତୀୟଙ୍କୁ ଗର୍ବ କରିବାକୁ ବାଧ୍ୟକରେ। ଗୋଁଣ୍ଡୱାନା ଛକକୁ ବିପ୍ଳବୀ ବୀର ତଥା ଶହୀଦ କରୁଣାକର ସିଂହ ନାଏକଙ୍କ ନାଁରେ ନାମିତ କରାଗଲେ ଏହି ମହାନାୟକଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି, ଭାରତୀୟ ମୁକ୍ତି ସଂଗ୍ରାମରେ ଗଣ୍ଡ ସମାଜର ତ୍ୟାଗ ଏବଂ ବଳିଦାନ ଅବିସ୍ମରଣୀୟ।

# ବାମରା ପାଲଟିଲା ରଣକ୍ଷେତ୍ର

## ପ୍ରତିଶ୍ରୁତି ପରେ ରହିଲାନି ଟ୍ରେନ୍


ବାମରା ରେଳଷ୍ଟେଶନରେ ପୋଲିସ-ଜନତା ମୁହାଁମୁହିଁ ହୋଇଛନ୍ତି।

- ପୋଲିସ ଉପରକୁ ଢେଲା ମାଡ଼, ଗାଡ଼ି ଭଙ୍ଗାରୁଜା
- ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା
- ୯ ପୋଲିସ, ୬ ଆନ୍ଦୋଳନକାରୀ ଆହତ

କୁଚିଣ୍ଡା,୨୩।୨(ଡି.ଏନ.ଏ.)

ସମ୍ବଲପୁର ଜିଲା ବାମରା ରେଳ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବିରେ ବୁଧବାର ୧୧ଘଣ୍ଟା ଧରି ରେଳରୋକୋ ହୋଇଥିଲା। ଚକ୍ରଧରପୁର ରେଳବାଇ କର୍ତ୍ତୃପକ୍ଷ ଓ ବାମରା ରେଳ କ୍ରିୟାନୁଷ୍ଠାନ କମିଟିର ବୁଝାମଣା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ମାତ୍ର ପୂର୍ବରୁ ବାମରା ଷ୍ଟେଶନରେ ରହିଆସୁଥିବା ସମସ୍ତ ଟ୍ରେନ୍‌ର ଗୁରୁବାର ସକାଳୁ ରହଣି ବାତିଲ କରାଯିବାରୁ ଯାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତ୍ୟହ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନ୍‌ରେ ଯାତାୟାତ କରୁଥିବା ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଗନ୍ତବ୍ୟସ୍ଥଳକୁ ଯିବାରେ ବଞ୍ଚିତ ହେବାରୁ ଉତ୍ତେଜିତ ହୋଇ ଟିକେଟ କାଉଣ୍ଟର ଓ ପେନାଲ ରୁମ୍‌କୁ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ପରେ ସେମାନେ କର୍ମଚାରୀଙ୍କୁ ବାହାର କରିଦେଇ ତାଲା ପକାଇ ଦେଇଥିଲେ। ଏହି ଖବର ପ୍ରସାରିତ ହେବା ପରେ ବାମରା ରେଳ ଷ୍ଟେଶନରେ ଶତାଧିକ ମହିଳାପୁରୁଷ ପହଞ୍ଚି ଆନ୍ଦୋଳନ ଚଳାଇଥିଲେ। ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ ହେବା ଫଳରେ ଷ୍ଟେଶନ ପରିସର ରଣକ୍ଷେତ୍ର ପାଲଟିଥିଲା। ଫଳରେ ଆଗକୁ ଯିବା ପାଇଁ ସିଗ୍‌ନାଲ ନ ପାଇ କେତେକ ଟ୍ରେନ୍ ବାମରା ଷ୍ଟେଶନରେ ହିଁ ଅଟକି ରହିଥିଲା।

ବୁଧବାର ଆଲୋଚନା ପରେ ଗୁରୁବାରଠାରୁ ରେଳ ରହଣି ସ୍ୱାଭାବିକ ହେବା ପରିବର୍ତ୍ତେ ହଠାତ୍ ରେଳବାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଉପେକ୍ଷା କରି ଷ୍ଟେଶନର ୧, ୨, ୩ନଂ. ପ୍ଲାଟଫର୍ମ ଅସୁରକ୍ଷିତ ଥିବା ଦର୍ଶାଯାଇ ବାମରା ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ କୁଆଡେ ଟ୍ରେନ ରହଣି ବାତିଲ ପାଇଁ ନିର୍ଦ୍ଦେଶ ଆସିଥିଲା। ଏ ନେଇ ବାମରା ଷ୍ଟେଶନ ପକ୍ଷରୁ ମଧ୍ୟ ଘୋଷଣା କରାଯାଇଥିଲା। ଦୀର୍ଘ ଦିନରୁ ବିଭିନ୍ନ ସମସ୍ୟା ନେଇ ରେଳବାଇ କର୍ତ୍ତୃପକ୍ଷଙ୍କ ପ୍ରତି ରହିଥିବା ପୁଞ୍ଜୀଭୂତ ଅସନ୍ତୋଷ ପୁଣି ଦେଖିବାକୁ ମିଳିଥିଲା। ଉପଜିଲାପାଳ ବିଭୂତିଭୂଷଣ ନାୟକ, ବାମରା ତହସିଲଦାର ଅନିଲ କୁଲ୍ଲୁ, ବିଡିଓ ପୁଷ୍ପକ ପ୍ରଧାନ, କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ, ଏସ୍‌ଡିପିଓ ରାଜକିଶୋର ମିଶ୍ର, ସମ୍ବଲପୁର ଅତିରିକ୍ତ ଏସ୍‌ପି ତପନ ପ୍ରଧାନ, ରେଳବାଇ ସିକ୍ୟୁରିଟି କମାଣ୍ଡାଣ୍ଟ ଓମ୍‌କାର ସିଂ ପ୍ରମୁଖ ବାମରା ରେଳ ଷ୍ଟେଶନରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଉତ୍ତ୍ୟକ୍ତ ଲୋକେ ଡିଆର୍‌ଏମ୍ ଆସି ଆଲୋଚନା କରିବାକୁ ଜିଦ୍ ଧରିଥିଲେ। ଅପରାହ୍ଣ ପ୍ରାୟ ସାଢେ ୨ଟା ବେଳେ ଚକ୍ରଧରପୁର ମଣ୍ଡଳ ଡିଆର୍‌ଏମ୍ ଅରୁଣ ଜେ ରାଠୋର ବାମରା ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ପର୍ଯ୍ୟାୟକ୍ରମେ ରେଳ ରହଣି କରାଯିବାକୁ କହିଥିଲେ। ମାତ୍ର ଏହାକୁ ନେଇ ଆନ୍ଦୋଳନକାରୀ ଓ ନିୟୋଜିତ ଥିବା ଆର୍‌ପିଏଫ୍‌ଙ୍କ ମଧ୍ୟରେ କଥା କଟାକଟି ହୋଇ ପରବର୍ତ୍ତୀ ସମୟରେ ଜନତା ଓ ପୋଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଟେକାପଥର ମାଡ କରିବାରୁ ପୋଲିସ ପକ୍ଷରୁ ମୃଦୁ ଲାଠିଚାଳନା କରାଯାଇଥିଲା। ଲୋକଙ୍କ ପଥର ମାଡ଼ରେ ୯ଜଣ ପୋଲିସ କର୍ମଚାରୀ ଆହତ ହୋଇଥିବା ବେଳେ ପୋଲିସ ଲାଠି ମାଡ଼ରେ ୬ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ଆନ୍ଦୋଳନକାରୀ କୁଚିଣ୍ଡା ପୋଲିସ ଏସ୍‌ଡିପିଓଙ୍କ ଗାଡି ସହ ଅନ୍ୟ କେତେକ ପୋଲିସ ଗାଡିକୁ ଭାଙ୍ଗିରୁଜି ଦେଇଛନ୍ତି। ଉତ୍ତେଜନା ଲାଗିଥିବାରୁ ବାମରା ରେଳ ଷ୍ଟେଶନଠାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ଷ୍ଟେଶନରେ ଟାୟାର ଜାଳି ଆନ୍ଦୋଳନ ଜାରି ରଖିଛନ୍ତି।

## ଖେଳ ଖବର

# କାଦୁଲୁରିଙ୍କୁ ୨ ରୌପ୍ୟ, କୀର୍ତ୍ତି, ଶ୍ୱେତଲିନାଙ୍କୁ ବ୍ରୋଞ୍ଜ

## ଜାତୀୟ ର୍‍ୟାଙ୍କିଙ୍ଗ୍ ମହିଳା ଭାରୋତ୍ତୋଳନ

ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)


କାଦୁଲୁରି ଅଭିଷିକ୍ତା


ମଗନ୍ତି କୀର୍ତ୍ତି


ଶ୍ୱେତଲିନା ନାୟକ

ପାଟନାର କାଙ୍କରବାଗ୍‌ସ୍ଥିତ ପାଟଲିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଜାତୀୟ ୟୁଥ୍, ଜୁନିୟର ଓ ସିନିୟର ର୍‍ୟାଙ୍କିଙ୍ଗ୍ ମହିଳା ଭାରୋତ୍ତୋଳନରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କାଦୁଲୁରି ଅଭିଷିକ୍ତା ୨ଟି ରୌପ୍ୟ ପଦକ ପାଇଥିବାବେଳେ ମଗନ୍ତି କୀର୍ତ୍ତି ଓ ଶ୍ୱେତଲିନା ନାୟକ ବ୍ରୋଞ୍ଜ ପଦକ ପାଇଛନ୍ତି। କାଦୁଲୁରି ଓ ମଗନ୍ତି କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ହୋଇଥିବାରୁ ଓଡ଼ିଶା ପକ୍ଷରୁ ଭାଗ ନେଇଥିଲେ। ମହିଳା ୮୭ କେଜି ବର୍ଗରେ କାଦୁଲିରୁ ଜୁନିୟର ଓ ସିନିୟର ବର୍ଗରେ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ସେ ସ୍ନାଚ୍‌ରେ ୭୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୧ କେଜି ଏହିପରି ମୋଟ ୧୬୬ କେଜି ଉତ୍ତୋଳନ କରିଥିଲେ। ମହିଳା ୭୬ କେଜି ସିନିୟର ବର୍ଗରେ କୀର୍ତ୍ତି ମୋଟ ୧୬୫ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ଭାରୋତ୍ତୋଳିକା ଶ୍ୱେତଲିନା ମହିଳା ୮୧ କେଜି ବର୍ଗରେ ମୋଟ ୧୫୮ କେଜି ଉତ୍ତୋଳନ କରି ତୃତୀୟ ସ୍ଥାନରେ ରହିଥିଲେ।

## ଜାତୀୟ ମହିଳା ହକି ଚାମ୍ପିୟନଶିପ୍

# କ୍ୱାର୍ଟରରେ ହାରିଲା ଓଡ଼ିଶା



ଓଡ଼ିଶା ମହିଳା ହକି ଦଳ।

ଭୁବନେଶ୍ୱର,୨୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଆନ୍ଧ୍ରପ୍ରଦେଶର କାକିନାଡାରେ ଅନୁଷ୍ଠିତ ୧୩ତମ ଜାତୀୟ ସିନିୟର ମହିଳା ହକି ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛି ଓଡ଼ିଶା। ଗୁରୁବାର କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପେନାଲ୍ଟି ଶୁଟଆଉଟରେ ମହାରାଷ୍ଟ୍ର ୫-୪ ଗୋଲରେ ଓଡ଼ିଶାକୁ ପରାସ୍ତ କରି ସେମିରେ ପ୍ରବେଶ କରିଛି। ଅନ୍ୟ ୩ ଦଳ ଭାବରେ ଝାଡଖଣ୍ଡ, ହରିୟାଣା ଓ ମଧ୍ୟପ୍ରଦେଶ ସେମିରେ ପ୍ରବେଶ କରିଛନ୍ତି।

ତୃତୀୟ କ୍ୱାର୍ଟରରେ ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୧-୧ରେ ସମାନ୍ତର ରହିବା ପରେ ପେନାଲ୍ଟି ଶୁଟ୍‌ଆଉଟ ଓ ପରେ ସଡନ୍ ଡେଥ୍‌କୁ ଯାଇଥିଲା। ପ୍ରଥମ ଦୁଇ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଓଡ଼ିଶା ପକ୍ଷରୁ ୩୬ ତମ ମିନିଟରେ ଜାହ୍ନବୀ ପ୍ରଧାନ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ଏକ ମିନିଟ ମଧ୍ୟରେ ମହାରାଷ୍ଟ୍ରର ଅଶ୍ୱିନୀ କୋଲେକର ଗୋଲ୍ ସ୍କୋର କରି ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପେନାଲ୍ଟି ଶୁଟ୍‌ଆଉଟରେ ମଧ୍ୟ ମ୍ୟାଚ୍ ସମାନ୍ତର ସ୍ଥିତିରେ ରହିବା ପରେ ସଡନ୍‌ଡେଥ୍‌ର ସାହାରା ନିଆଯାଇଥିଲା। ଏଚ୍ ଲାଲରୁଆଟଫେଲି ଗୋଲ ସ୍କୋର କରିଥିବା ବେଳେ ଅନୁପା ବାର୍ଲାଙ୍କ ଶଟ୍ ଅଟକାଇବାରେ ସମର୍ଥ ହୋଇଥିଲେ ସୁସ୍ମିତା ପାଟିଲ। ପ୍ରତିଭା ଏକ୍କାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

ପ୍ରଥମ କ୍ୱାର୍ଟର ଫାଇନାଲରେ ପଞ୍ଜାବକୁ ୨-୦ଗୋଲରେ ପରାସ୍ତ କରିଥିଲା ଝାଡଖଣ୍ଡ। ଦଳ ପକ୍ଷରୁ ଅଲକା ଡୁଙ୍ଗଡୁଙ୍ଗ(୪୮) ଓ ଅଲବେଲା ରାଣୀ ଟପ୍ପୋ(୫୨) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ହରିୟାଣା ୫-୦ ଗୋଲରେ ବେଙ୍ଗଲକୁ ପରାସ୍ତ କରିଥିଲା। ହରିୟାଣା ପକ୍ଷରୁ ଦେବିକା

### ସେମିରେ ଝାଡ଼ଖଣ୍ଡ, ହରିୟାଣା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ

ସେନ(୪, ୩୪) ଓ ଅମନଦୀପ୍ କୌର(୯, ୬୦) ଡବଲ୍ ଗୋଲ ଦେଇଥିବା ବେଳେ ମୋନିକା ସିହାଗ ଗୋଟିଏ ଗୋଲ ସ୍କୋର କରିଥିଲେ। ଦେବିକା ସେନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଅନ୍ତିମ କ୍ୱାର୍ଟର ଫାଇନାଲରେ କର୍ନାଟକକୁ ୬-୦ ଗୋଲରେ ପରାସ୍ତ କରିଛି ମଧ୍ୟପ୍ରଦେଶ। ଦୀକ୍ଷା ତିୱାରୀ(୧୦ ଓ ୩୯) ଓ ପ୍ରୀତି ଦୁବେ (୩୫ ଓ ୪୧) ମିନିଟରେ ଡବଲ ଗୋଲ୍ ଦେଇଥିବା ବେଳେ ଅଞ୍ଜଳି ଗୌତମ(୧୨) ଓ ଐଶ୍ୱର୍ଯ୍ୟା ଚଭନ(୫୩) ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଅଞ୍ଜଳିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

# ଗୋଆକୁ ହରାଇଲା ବେଙ୍ଗାଲୁରୁ

## ଇଣ୍ଡିଆନ୍ ସୁପର୍ ଲିଗ୍

### ପ୍ରଥମ ଥର ପ୍ଲେ ଅଫ୍‌ରେ ଓଡ଼ିଶା ଏଫ୍‌ସି


ଗୋଲ୍ ସ୍କୋର ପରେ ଶିବଶକ୍ତି ନାରାୟଣନ ଓ ସୁନୀଲ ଛେତ୍ରୀ।

ଭୁବନେଶ୍ୱର,୨୩।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ୩-୧ ଗୋଲରେ ଗୋଆ ଏଫ୍‌ସିକୁ ପରାସ୍ତ କରିଛି। ଏହି ପରାଜୟ ସହିତ ଗୋଆ ଏଫ୍‌ସି ପ୍ଲେ ଅଫ୍‌ରୁ ବାଦ ପଡିଥିବା ବେଳେ ପ୍ରଥମ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିଛି ଓଡ଼ିଶା ଏଫ୍‌ସି। ଶିବଶକ୍ତି ନାରାୟଣନ(୬ ଓ ୭୬ ମିନିଟ)ଙ୍କ ଡବଲ୍ ଗୋଲ ବଳରେ ବେଙ୍ଗାଲୁରୁ ଏହି ମ୍ୟାଚ ଜିତି ନେଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ଷଷ୍ଠ ମିନିଟରେ ଶିବଶକ୍ତି ପ୍ରଥମ ଗୋଲ ସ୍କୋର କରିଥିଲେ। ମ୍ୟାଚର ୩୩ ତମ ମିନିଟରେ ଆଇକର ଗୁଆରୋଟେକ୍ସେନା ଗୋଆ ପକ୍ଷରୁ ଗୋଲ୍‌ଟି ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ୧-୧ରେ ଶେଷ ହେବା ପରେ ଦ୍ୱିତୀୟାର୍ଦ୍ଧର ୭୬ ତମ ମିନିଟରେ ଶିବଶକ୍ତି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ବେଙ୍ଗାଲୁରୁକୁ ଆଗୁଆ କରିଥିଲେ। ଏହାର ୫ ମିନିଟ ମଧ୍ୟରେ ପାବଲୋ ପେରେଜ ଗୋଲ ସ୍କୋର କରିବାରୁ ବେଙ୍ଗାଲୁରୁ ୩-୧ରେ ମ୍ୟାଚ ଜିତି ନେଇଥିଲା। ଏହି ବିଜୟ ସହିତ ବେଙ୍ଗାଲୁରୁ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

**ପ୍ଲେ ଅଫ୍‌ରେ ଓଏଫ୍‌ସି:** ବେଙ୍ଗାଲୁରୁ ଏଫ୍‌ସି ବିଜୟୀ ହେବା ସହିତ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ପ୍ରଥମ ଥର ପାଇଁ ଆଇଏସ୍‌ଏଲ୍ ପ୍ଲେ ଅଫ୍‌ରେ ପ୍ରବେଶ କରିଛି। ଓଏଫ୍‌ସି ୨୦ ମ୍ୟାଚରୁ ୯ ବିଜୟ ଓ ୩ ଡ୍ର ସହିତ ୩୦ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବଲର ଷଷ୍ଠ ସ୍ଥାନରେ ରହିଥିଲା। ନିୟମ ଅନୁସାରେ ଟପ୍-୬ରେ ସାମିଲ ଦଳ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥାନ୍ତି। ଓଏଫ୍‌ସି ପ୍ଲେ ଅଫ୍‌ରେ ପ୍ରବେଶ କରିବା ପାଇଁ ଗୋଆ ଓ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମୀମାଂସିତ ଅଥବା ଗୋଆର ପରାଜୟ ଆବଶ୍ୟକ ଥିଲା। ଗୋଆ ପରାଜିତ ହେବା ସହିତ ଓଏଫ୍‌ସି ପ୍ରଥମ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିଛି।

## ଆଇଏସ୍‌ଏଲ୍ ପଏଣ୍ଟ ଟେବଲ୍

| ସ୍ଥାନ | ଦଳ | ମ୍ୟାଚ୍ | ବିଜୟ | ପରାଜୟ | ଡ୍ର | ଗୋଲ ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|
| ୧ | ମୁମ୍ବାଇ ସିଟି ଏଫ୍‌ସି | ୨୦ | ୧୪ | ୪ | ୨ | ୩୩ | ୪୬ |
| ୨ | ହାଇଦ୍ରାବାଦ ଏଫ୍‌ସି | ୧୯ | ୧୨ | ୩ | ୪ | ୧୯ | ୩୯ |
| ୩ | ବେଙ୍ଗାଲୁରୁ ଏଫ୍‌ସି | ୨୦ | ୧୦ | ୨ | ୮ | ୨ | ୩୨ |
| ୪ | ଏଟିକେ ମୋହନବାଗାନ | ୧୯ | ୯ | ୪ | ୬ | ୫ | ୩୧ |
| ୫ | କେରଳ ବ୍ଲାଷ୍ଟର୍ସ | ୧୯ | ୧୦ | ୧ | ୮ | ୧ | ୩୧ |
| ୬ | ଓଡ଼ିଶା ଏଫ୍‌ସି | ୨୦ | ୯ | ୩ | ୮ | -୨ | ୩୦ |
| ୭ | ଗୋଆ ଏଫ୍‌ସି | ୨୦ | ୮ | ୪ | ୮ | ୩ | ୨୮ |
| ୮ | ଚେନ୍ନାଇନ୍ ଏଫ୍‌ସି | ୧୯ | ୬ | ୬ | ୭ | -୨ | ୨୪ |
| ୯ | ଜାମସେଦପୁର ଏଫ୍‌ସି | ୨୦ | ୫ | ୪ | ୧୧ | -୧୧ | ୧୯ |
| ୧୦ | ଇଷ୍ଟବେଙ୍ଗଲ ଏଫ୍‌ସି | ୧୯ | ୬ | ୧ | ୧୨ | -୧୪ | ୧୯ |
| ୧୧ | ନର୍ଥଇଷ୍ଟ ୟୁନାଇଟେଡ୍ | ୧୯ | ୧ | ୨ | ୧୬ | -୩୪ | ୫ |

# ସିଙ୍ଗଲ୍ସ କ୍ୱାର୍ଟରରେ ପ୍ରମୋଦ

**ଭୁବନେଶ୍ୱର,୨୩।୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ପେନ୍ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ୨୦୨୩ର ସିଙ୍ଗଲ୍ସ ବର୍ଗ କ୍ୱାର୍ଟର ଫାଇନାଲ ଓ ମିକ୍ସଡ ଡବଲ୍ସ ପ୍ରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି ପ୍ରମୋଦ ଭଗତ । ପୁରୁଷ ସିଙ୍ଗଲ୍ସ ପ୍ରି କ୍ୱାର୍ଟରରେ ୟୁକ୍ରେନର ଓଲେକଜେଣ୍ଡର ଚିରକୋଭଙ୍କୁ ୧୧-୨୧, ୨୧-୧୭ ଓ ୨୧-୧୨ ସେଟରେ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ମିକ୍ସଡ ଡବଲ୍ସରେ ପ୍ରମୋଦ ଓ ମନୀଷା ରାମଦାସ ଅନ୍ୟତମ ଭାରତୀୟ ଯୋଡି ମାନସୀ ଯୋଶୀ ଓ ରୁଥିକ୍ ରଘୁପତିଙ୍କୁ ୨୧-୧୪ ଓ ୨୧-୧୪ ସେଟରେ ପରାସ୍ତ କରିଛନ୍ତି। ୨୦ରୁ ୨୬ ତାରିଖ ଯାଏ ଲେବଲ-୨ ଟୁର୍ନାମେଣ୍ଟ ଭିଟୋରିଆ ସହରରେ ଖେଳାଯିବ। ଅନ୍ୟ ଓଡ଼ିଆ ଖେଳାଳି ଦିଲେଶ୍ୱର ରାଓ ସିଙ୍ଗଲ୍ସ ପ୍ରି କ୍ୱାର୍ଟର ଓ ଶୁଭ୍ରଜିତ ରାଉଣ୍ଡ ଅଫ୍ ୩୨ରୁ ବିଦାୟ ନେଇଥିଲେ।



ପ୍ରମୋଦ ଭଗତ ଓ ମନୀଷା ରାମଦାସ।

# ଦୁଇ ସପ୍ତାହ ବଢ଼ିଲା ନିରୀକ୍ଷଣ କମିଟିର କାର୍ଯ୍ୟକାଳ

**ନୂଆଦିଲ୍ଲୀ,୨୩।୨(ପି.ଟି.):** ଭାରତୀୟ ରେସଲିଂ ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲାର ତଦନ୍ତ କରୁଥିବା ନିରୀକ୍ଷଣ କମିଟି କାର୍ଯ୍ୟକାଳ ଦୁଇ ସପ୍ତାହ ବୃଦ୍ଧି କରାଯାଇଛି। କିମ୍ବଦନ୍ତୀ ମହିଳା ବକ୍ସର ଏମ୍. ସି. ମେରୀକମ୍‌ଙ୍କ ନେତୃତ୍ୱରେ ଜାନୁୟାରୀ ୨୩ ତାରିଖରେ ଏହି କମିଟି ଗଠନ କରାଯାଇଥିଲା। ଫେବୃୟାରୀ ୨୩ ରିପୋର୍ଟ ଦାଖଲର ତାରିଖ ରହିଥିଲେ ମଧ୍ୟ କମିଟି ରିପୋର୍ଟ ପ୍ରଦାନ କରିନାହିଁ। ଦେଶର ଟପ୍ ବକ୍ସରମାନେ ବ୍ରିଜଭୂଷଣଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ ମଧ୍ୟ ଏହାକୁ ପ୍ରମାଣ କରିବା ପାଇଁ କୌଣସି ଖେଳାଳିଙ୍କ ନାମ ପ୍ରକାଶ କରିନାହାନ୍ତି। ରିପୋର୍ଟ ପ୍ରସ୍ତୁତ ନ ଥିବାରୁ କ୍ରୀଡା ମନ୍ତ୍ରଣାଳୟ ଦୁଇ ସପ୍ତାହର ଅତିରିକ୍ତ ସମୟ ପ୍ରଦାନ କରିଛି। କମିଟି ପକ୍ଷରୁ ଅନୁରୋଧ ଅନୁଯାୟୀ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିବା ବେଳେ ମାର୍ଚ୍ଚ ୯ ତାରିଖରେ ଚୂଡାନ୍ତ ରିପୋର୍ଟ ପ୍ରଦାନ କରାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଫେବୃୟାରୀ, ୨୦୨୩





ଅଶୋକ ମହାନ୍ତି

ଇତିହାସ ପୃଷ୍ଠାରୁ

# ଭାରତର ଏକମାତ୍ର ହକି-କ୍ରିକେଟ୍ ଅନ୍ତର୍ଜାତୀୟ ଖେଳାଳି

**ଜଣେ କ୍ରୀଡ଼ାବିତ୍ ଯେତେବେଳେ ଏକାଧିକ ଲୋକପ୍ରିୟ କ୍ରୀଡ଼ାରେ ଅନ୍ତର୍ଜାତୀୟ ସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରନ୍ତି ସେତେବେଳେ ତାଙ୍କର ଅସାଧାରଣ କ୍ରୀଡ଼ା ପ୍ରତିଭାର ପରିଚୟ ମିଳିଥାଏ। ଭାରତୀୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଆଜି ପର୍ଯ୍ୟନ୍ତ ଜଣେମାତ୍ର ବିରଳ କୀର୍ତ୍ତିମାନର ଅଧିକାରୀ ଭାବେ ଦେଶକୁ କ୍ରିକେଟ୍ ଏବଂ ହକିରେ ପ୍ରତିନିଧିତ୍ୱ କରିଛନ୍ତି, ସେ ହେଉଛନ୍ତି ଏମ୍.ଜେ. ଗୋପାଳନ୍...**



ଅନ୍ତର୍ଜାତୀୟସ୍ତରରେ କୌଣସି ଗୋଟିଏ କ୍ରୀଡ଼ା ଶୃଙ୍ଖଳାରେ ଦେଶକୁ ପ୍ରତିନିଧିତ୍ୱ କରିବା ଜଣେ କ୍ରୀଡ଼ାବିତ୍ ପାଇଁ ଶ୍ରେଷ୍ଠ ସଫଳତା ଭାବେ ବିଚାର କରାଯାଇଥାଏ। କଠିନ ପରିଶ୍ରମ, ଅଧ୍ୟବସାୟ ଦ୍ୱାରା ପ୍ରତିଭାବାନ୍ କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରିବାରେ ସକ୍ଷମ ହୋଇଥାନ୍ତି। କିନ୍ତୁ ଯେତେବେଳେ କୌଣସି ଜଣେ କ୍ରୀଡ଼ାବିତ୍ ଏକାଧିକ ଲୋକପ୍ରିୟ କ୍ରୀଡ଼ା ଶୃଙ୍ଖଳାରେ ଅନ୍ତର୍ଜାତୀୟସ୍ତରରେ ଦେଶକୁ ପ୍ରତିନିଧିତ୍ୱ କରନ୍ତି ତାହା ତାଙ୍କର ଅସାଧାରଣ କ୍ରୀଡ଼ା ପ୍ରତିଭାର ପରିଚୟ ଦେଇଥାଏ।

ବିଶ୍ୱ କ୍ରୀଡ଼ାରେ ଏଭଳି କିଛି ହାତଗଣତି ଅତ୍ୟନ୍ତ ପ୍ରତିଭାବାନ କ୍ରୀଡ଼ାବିତ୍ ଅଛନ୍ତି, ଯେଉଁମାନେ ତାଙ୍କ ଦେଶକୁ ଉଭୟ ହକି ଏବଂ କ୍ରିକେଟ୍ ଭଳି ଲୋକପ୍ରିୟ କ୍ରୀଡ଼ାରେ ପ୍ରତିନିଧିତ୍ୱ କରି ବିରଳ କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି। ବିଂଶ ଶତାବ୍ଦୀର ଷାଠିଏ ଦଶକରେ ୧୯୬୧ ରୁ ୧୯୬୬ ମଧ୍ୟରେ ଅଷ୍ଟ୍ରେଲିଆ ପକ୍ଷରୁ ୨୯ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ବ୍ରାଏନ ବୁଥ୍ ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ଜାତୀୟ ହକି ଦଳର ସଦସ୍ୟ ଭାବେ ଖେଳି ଏକ ବିରଳ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ବିଶ୍ୱ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଭାବେ ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଖେଳାଳି ଜଣ୍ଟି ରୋଡ୍‌ସ ତାଙ୍କ ଦେଶ ପକ୍ଷରୁ ୫୨ ଟେଷ୍ଟ ଓ ୨୪୧ ଏକ ଦିବସୀୟ ମ୍ୟାଚ୍ ଖେଳିଥିବା ବେଳେ ଦକ୍ଷିଣ ଆଫ୍ରିକା ଜାତୀୟ ହକି ଦଳର ସଦସ୍ୟ ଭାବେ ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ ମଧ୍ୟ ତାଙ୍କ ଦେଶ ଯୋଗ୍ୟତା ପର୍ଯ୍ୟାୟରେ ସୀମିତ ରହିଥିଲା।

ଭାରତୀୟ କ୍ରୀଡ଼ାବିତ୍ ମାନଙ୍କ ମଧ୍ୟରେ ଆଜି ପର୍ଯ୍ୟନ୍ତ ଯେଉଁ ଜଣେ ମାତ୍ର କ୍ରୀଡ଼ାବିତ୍ ଏପରି ବିରଳ କୀର୍ତ୍ତିମାନର ଅଧିକାରୀ ଭାବେ ଦେଶକୁ କ୍ରିକେଟ୍ ଏବଂ ହକିରେ ପ୍ରତିନିଧିତ୍ୱ କରିଛନ୍ତି ସେ ହେଲେ ଏମ୍.ଜେ. ଗୋପାଳନ୍। ଏହି ପ୍ରସଙ୍ଗ ଆଲୋଚନା ସମୟରେ ଆଉ ଜଣେ ବିରଳ ପ୍ରତିଭାବାନ୍ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ନାମ ସ୍ୱତଃପ୍ରବୃତ୍ତ ମନକୁ ଆସେ। ସେ ହେଲେ ୩୦ ଦଶକରେ ଇଂଲଣ୍ଡ ଏବଂ ଭାରତ ପକ୍ଷରୁ ଖେଳିଥିବା ଏକମାତ୍ର କ୍ରୀଡ଼ାବିତ୍ ଇଫ୍‌ତକର ଅଲ୍ଲୀ ଖାଁ, ନୱାବ୍ ଅଫ୍ ପଟୌଦୀ (ସିନିୟର)। ୧୯୨୭ରୁ ୧୯୩୧ ମଧ୍ୟରେ ଇଂଲଣ୍ଡର ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ବିଶ୍ୱବିଦ୍ୟାଳୟକୁ କ୍ରିକେଟ ଏବଂ ହକିରେ ପ୍ରତିନିଧିତ୍ୱ କରି ଉଭୟ ଖେଳରେ ସମ୍ମାନଜନକ 'ବ୍ଲୁ' ପାଇବାର ଗୌରବ ହାସଲ କରିଥିଲେ। ଭାରତୀୟ ହକି ଦଳ ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସ ପାଇଁ ହଲାଣ୍ଡ ଗସ୍ତ ସମୟରେ ଇଂଲଣ୍ଡରେ ପ୍ରାୟ ୩ ସପ୍ତାହ ରହି କେତେଗୁଡ଼ିଏ ଅଭ୍ୟାସ ମ୍ୟାଚ୍ ଖେଳିଥିଲେ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ସହପାଠୀ ୟୁସୁଫ୍ ଖାଁ ଏବଂ ଜୟପାଲ ସିଂ ମୁଣ୍ଡା (ଯିଏକି ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳର ଅଧିନାୟକ ମନୋନୀତ ହୋଇଥିଲେ)ଙ୍କ ସହିତ ଇଫ୍‌ତାର ଅଲ୍ଲୀ ଖାଁ ଭାରତ ପକ୍ଷରୁ କେତେଗୁଡ଼ିଏ ଅଭ୍ୟାସ ମ୍ୟାଚ ଖେଳିଥିଲେ ଏବଂ ଅନ୍ତିମ ଏକାଦଶର ସଦସ୍ୟ ଭାବେ ଚୟନ ହୋଇଥିଲେ ମଧ୍ୟ ବ୍ୟକ୍ତିଗତ କାରଣ ପାଇଁ ଭାରତୀୟ ଦଳରୁ ଓହରି ଯାଇଥିଲେ।

ଏବେ ଆସିବା ସେଇ ପ୍ରଥମ ଓ ଏକମାତ୍ର ଭାରତୀୟ କ୍ରୀଡ଼ାବିତ୍ ଯିଏକି ଔପଚାରିକ ଭାବେ ଭାରତକୁ ଉଭୟ କ୍ରିକେଟ୍ ଏବଂ ହକିରେ ପ୍ରତିନିଧିତ୍ୱ କରିଥିଲେ- ଏମ୍.ଜେ. ଗୋପାଳନ୍, ଚେନ୍ନାଇ (ତତ୍କାଳୀନ ମାଡ୍ରାସ ରେସିଡେନ୍ସି)ଠାରୁ ୫୦ କିମି ଦୂରରେ ଅବସ୍ଥିତ ଚିଙ୍ଗଲେପୁଟ୍ ଜିଲାର ମୋରଷାକାମ ଗ୍ରାମରେ ୧୯୦୯ରେ ଜନ୍ମଗ୍ରହଣ କରିଥିଲେ। ୩୦ ଦଶକ ପ୍ରାରମ୍ଭରେ ମାଡ୍ରାସ କ୍ରିକେଟର ଅନ୍ୟତମ ପ୍ରତିଷ୍ଠାତା ସି.ପି. ଜନଷ୍ଟୋନ୍ ଯୁବକ ଗୋପାଳନ୍‌ଙ୍କ କ୍ରିକେଟ୍ ପ୍ରତିଭା ଦ୍ୱାରା ପ୍ରଭାବିତ ହୋଇ ତାଙ୍କୁ ବର୍ମା ସେଲ୍ କମ୍ପାନୀରେ କର୍ମ ନିଯୁକ୍ତି ପାଇଁ ସହାୟତା କରିଥିଲେ। ଗୋପାଳନ ଜଣେ ମଧ୍ୟମ ଗତି ଦ୍ରୁତ ବୋଲର ଭାବେ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ଭାରତ ଗସ୍ତରେ ଆସିଥିବା ଅର୍ଥର ଗିଲଖ୍ରୀଷ୍ଟଙ୍କ ଏମ୍‌ସିସି ବିପକ୍ଷରେ ମାଡ୍ରାସ ତରଫରୁ ଖେଳି ଦୁଇଟି ଇନିଂସରେ ୧୦ ଉଇକେଟ୍ ଅକ୍ତିଆର କରିଥିଲେ। ୧୯୩୦ରେ ମାଡ୍ରାସ ତରଫରୁ ବିଜୟନଗରମ୍ ଏକାଦଶ ବିପକ୍ଷରେ ଖେଳି ତତ୍କାଳୀନ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଇଂଲଣ୍ଡର ଜ୍ୟାକ୍ ହବସ୍ (ବିଜୟନଗରମ୍ ଦଳରୁ ଖେଳୁଥିବା)ଙ୍କୁ ଦୁଇଟିଯାକ ଇନିଂସରେ ସେ ଆଉଟ୍ କରିଥିଲେ। ୧୯୩୩ରେ ମାଡ୍ରାସର ପ୍ରସିଦ୍ଧ ଚିପକ୍ ଷ୍ଟାଡିୟମ୍ ସିଲୋନ୍ ବିପକ୍ଷରେ ବିରଳ ହାଟ୍ରିକ୍ ଅର୍ଜନ କରିଥିଲେ।

୧୯୩୪ରେ ଆରମ୍ଭ ହୋଇଥିଲା ଆନ୍ତଃରାଜ୍ୟ ରଣ୍ଜୀ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତା। ପ୍ରଥମ ସଂସ୍କରଣରେ ମାଡ୍ରାସ ତରଫରୁ ଖେଳୁଥିବା ଗୋପାଳନ ମହୀଶୂର ବିପକ୍ଷରେ ଏହି ପ୍ରତିଯୋଗିତାର ପ୍ରଥମ ବଲ୍ (ଓଭର) ବୋଲିଂ କରିବାରେ ନିଆରା ସୌଭାଗ୍ୟ ହାସଲ କରିଥିଲେ। ୧୯୩୪ରେ କଲିକତା ସହରରେ ଇଂଲଣ୍ଡ ବିପକ୍ଷରେ ଭାରତ ପକ୍ଷରୁ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ୧୯୩୬ରେ ଇଂଲଣ୍ଡ ଗସ୍ତରେ ଯାଇଥିବା ଭାରତୀୟ ଦଳର ସଦସ୍ୟ ହୋଇଥିଲେ ମଧ୍ୟ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ।

**ଗୋପାଳନ୍‌ଙ୍କ କ୍ରିକେଟ କ୍ୟାରିୟର**

ଟେଷ୍ଟ ମ୍ୟାଚ୍ –୧, ରନ୍ – ୧୮, ଉଇକେଟ୍ – ୧
ପ୍ରଥମ ଶ୍ରେଣୀ ମ୍ୟାଚ୍ – ୭୮ , ରନ୍ – ୨୯୧୨, ୧୦୦–୧, ୫୦–୧୭, ଉଇକେଟ୍ – ୧୯୪

## ଅନ୍ତର୍ଜାତୀୟ ହକି

ଅଧିକାଂଶ ସମୟରେ ଆମ ଜୀବନରେ ଏପରି ସମୟ ଆସେ ଯେତେବେଳେ ଗୋଟିଏ ସମୟରେ ମନଦେଇ ଭଲ ପାଉଥିବା ଦୁଇଟି ସମାନ ସୁଯୋଗ ଭିତରୁ କୌଣସି ଗୋଟିଏକୁ ବାଛିବା ଭଳି କଷ୍ଟକର ନିଷ୍ପତ୍ତି ନେବାକୁ ପଡ଼ିଥାଏ। ଏପରି ଏକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥିଲେ ଗୋପାଳନ। ଉଭୟ କ୍ରିକେଟ୍ ଏବଂ ହକି ଖେଳରେ ପାରଦର୍ଶିତା ହାସଲ କରିଥିବା ଗୋପାଳନଙ୍କୁ ଭାରତ ପକ୍ଷରୁ ବର୍ଲିନ ଅଲିମ୍ପିକ୍ସ ପାଇଁ ହକି ଦଳରେ ସାମିଲ ହେବା ଅଥବା ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଭାବେ ଇଂଲଣ୍ଡ ଗସ୍ତ କରିବା ମଧ୍ୟରୁ ଗୋଟିଏକୁ ବାଛିବାର ଥିଲା ଏବଂ ସେ କ୍ରିକେଟ୍‌କୁ ବାଛିଥିଲେ।

କୁହାଯାଏ, ପ୍ରସିଦ୍ଧ ଇଂରାଜି ଖବରକାଗଜ ''ଦି ହିନ୍ଦୁ''ର କ୍ରୀଡ଼ା ସାମ୍ବାଦିକ ମୁରୁଗେସା ମୁଦାଲିୟର ପ୍ରଥମେ ଗୋପାଳନଙ୍କ ହକି ପ୍ରତିଭାକୁ ଚିହ୍ନଟ କରିଥିଲେ ଏବଂ ତାଙ୍କୁ ଆବଶ୍ୟକ ''ହକି କିଟ୍‌ସ'' ପ୍ରଦାନ କରିଥିଲେ। ଉଭୟ କ୍ରିକେଟ୍ ଓ ହକିକୁ ସମଭାବରେ ଭଲ ପାଉଥିବା ଗୋପାଳନ ସକାଳେ କ୍ରିକେଟ ଏବଂ ଅପରାହ୍ନରେ ହକି ଅଭ୍ୟାସ କରୁଥିଲେ। ଭାରତୀୟ ହକି ଦଳର ସଦସ୍ୟ ଭାବେ ସେ ସିଲୋନ ଏବଂ ୧୯୩୫ରେ ନ୍ୟୁଜିଲାଣ୍ଡ ଗସ୍ତ କରି ଭାରତ ଖେଳିଥିବା ୪୮ଟି ମ୍ୟାଚ୍‌ରୁ ୩୯ରେ ଚୁଡ଼ାନ୍ତ ଏକାଦଶରେ ଖେଳି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

୧୯୩୬ରେ ଗୋପାଳନ ଇଂଲଣ୍ଡରେ ଟେଷ୍ଟ ମ୍ୟାଚ ଖେଳିବା ପାଇଁ ଭାରତୀୟ କ୍ରିକେଟ୍ ଦଳର ସଦସ୍ୟ ଭାବେ ମନୋନୀତ ହୋଇଥିଲେ। ସେଇ ସମୟରେ ନ୍ୟୁଜିଲାଣ୍ଡ ଗସ୍ତରେ ଭାରତୀୟ ହକି ଦଳ ପକ୍ଷରୁ ଖେଳି ଉନ୍ନତ ପ୍ରଦର୍ଶନ କରିଥିବାରୁ ୧୯୩୬ ବର୍ଲିନ ଅଲିମ୍ପିକ୍ସ ପାଇଁ ଅନୁଷ୍ଠିତ ଚୟନ ଶିବିରକୁ ତାଙ୍କୁ ଡକାଯାଇଥିଲା ଏବଂ ଚୁଡ଼ାନ୍ତ ଭାରତୀୟ ଦଳରେ ସ୍ଥାନ ପାଇବା ପ୍ରାୟତଃ ନିଶ୍ଚିତ ଥିଲା। ଏହି ଦ୍ୱନ୍ଦ୍ୱ ଭିତରେ ଏକ ଐତିହାସିକ ଭୁଲ୍ କରି ସେ ଇଂଲଣ୍ଡ ଗସ୍ତରେ ଭାରତୀୟ କ୍ରିକେଟ୍ ଦଳରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ।

ଗୋପାଳନ ଭଲଭାବେ ଜାଣିଥିଲେ ଯେ ସେ ସମୟରେ ଭାରତୀୟ ଦଳରେ ମହମ୍ମଦ ନିଶାର ଏବଂ ଅମର ସିଂଙ୍କ ଭଳି ଦୁଇଜଣ ଖ୍ୟାତନାମା ଦ୍ରୁତ ବୋଲର ଥିବା ବେଳେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ତାଙ୍କ ପକ୍ଷେ ସମ୍ଭବ ହେବନାହିଁ। ତଥାପି ସେ ଭାରତୀୟ ଦଳରେ ସାମିଲ ହୋଇଥିଲେ ଏବଂ ବର୍ଲିନ ଅଲିମ୍ପିକ୍ସରେ ଭାରତୀୟ ହକି ଦଳରେ ଖେଳିବାର ସୁବର୍ଣ୍ଣ ସୁଯୋଗ ହରାଇଥିଲେ। ଏପରି ନିଷ୍ପତ୍ତି ତାଙ୍କୁ ଖୁବ୍ ମହଙ୍ଗା ପଡ଼ିଥିଲା। ଅସଫଳ ଭାରତୀୟ କ୍ରିକେଟ ଦଳ କୌଣସି ମ୍ୟାଚ ଜିତି ନ ପାରି ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିବା ସମୟରେ ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଅଭୂତପୂର୍ବ ସଫଳତା ହାସଲ କରି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଓ ସମ୍ମାନ ବୃଦ୍ଧି କରିଥିଲେ।

ଡିସେମ୍ବର ୨୧, ୨୦୦୩ ମସିହାରେ ପରଲୋକ ଗମନ କରିଥିବା ଏମ୍.ଜେ. ଗୋପାଳନଙ୍କ କ୍ରୀଡ଼ା ଜୀବନ ସୀମିତ ଥିଲେ ମଧ୍ୟ ଭାରତର ପ୍ରଥମ ଓ ଏକମାତ୍ର ଡବଲ ଇଣ୍ଟରନ୍ୟାଶନାଲ (କ୍ରିକେଟ୍ ଓ ହକି) ଭାବେ ଭାରତରେ କ୍ରୀଡ଼ା ଇତିହାସରେ ସେ ସ୍ମରଣୀୟ ହୋଇ ରହିବେ।



ଭାରତୀୟ କ୍ରିକେଟ (ଉପର-ବାମରୁ ଦ୍ୱିତୀୟ) ଏବଂ ହକି (ତଳ-ଡାହାଣରୁ ତୃତୀୟ) ଦଳ ସହ ଏମ.ଜେ. ଗୋପାଳନ।

# ଫୁଟ୍‌ବଲ ବିକାଶରେ ଓଡ଼ିଶା ଏଫ୍‌ସି

**ଓଡ଼ିଶା ଫୁଟ୍‌ବଲରେ ଅନେକାଂଶରେ ପରିବର୍ତ୍ତନ ଆଣିଛି ଓଡ଼ିଶା ଏଫ୍‌ସି (ଓଏଫ୍‌ସି)। ୨୦୧୪ରୁ ଦିଲ୍ଲୀ ଡାଇନାମୋସ୍ ନାମରେ ପରିଚିତ ଏହି କ୍ଲବ କଳିଙ୍ଗ ଷ୍ଟାଡିୟମକୁ ନିଜର ହୋମ୍ ଟର୍ଫ ଭାବେ ବାଛିବା ପରେ ଦଳର ନାମ ୨୦୧୯ରୁ ଓଡ଼ିଶା ଫୁଟ୍‌ବଲ କ୍ଲବ୍ (ଓଏଫ୍‌ସି) ରହିଛି। ଓଡ଼ିଶା ଏଫ୍‌ସି ପୁରୁଷ ଦଳରେ ଶୁଭମ୍ ଷଡ଼ଙ୍ଗୀ ଓ ଟଙ୍କଧର ବାଗ୍‌ଙ୍କ ପରି ଖେଳାଳି ସାମିଲ ଅଛନ୍ତି। ସେହିପରି ମହିଳା ଦଳରେ ପ୍ରାୟ ୭୫ ପ୍ରତିଶତ ଓଡ଼ିଆ ଖେଳାଳି ରହିଛନ୍ତି। ୧୭ ବର୍ଷରୁ କମ୍ ବାଳକ ଦଳରେ ପ୍ରତିନିଧିତ୍ୱ କରିଛନ୍ତି ଶତ ପ୍ରତିଶତ ଓଡ଼ିଆ ଖେଳାଳି।**

ଓଡ଼ିଶା ଫୁଟ୍‌ବଲରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ୨୦୧୪ରୁ ଦିଲ୍ଲୀ ଡାଇନାମୋସ୍ ନାମରେ ପରିଚିତ ଏହି କ୍ଲବ କଳିଙ୍ଗ ଷ୍ଟାଡିୟମକୁ ନିଜର ହୋମ୍ ଟର୍ଫ ଭାବରେ ବାଛିବା ପରେ ଦଳର ନାମ ୨୦୧୯ରୁ ଓଡ଼ିଶା ଫୁଟବଲ କ୍ଲବ୍ (ଓଏଫ୍‌ସି) ରହିଛି। ଓଡ଼ିଶା ଏଫ୍‌ସି ପୁରୁଷ ଦଳରେ ରାଜ୍ୟର ପ୍ରତିଭାବାନ୍ ଖେଳାଳି ସ୍ଥାନ ପାଇଥିବା ବେଳେ ମହିଳା ଓ ଯୁବଦଳ ସୃଷ୍ଟି କରିଛି ଉଦାହରଣ। ପୁରୁଷ ଦଳରେ ଶୁଭମ୍ ଷଡ଼ଙ୍ଗୀ ଓ ଟଙ୍କଧର ବାଗ୍‌ଙ୍କ ପରି ଖେଳାଳି ସାମିଲ ଅଛନ୍ତି। ଶୁଭମ୍ ଓଏଫ୍‌ସି ଷ୍ଟାର୍ଟିଂ ଲାଇନ୍‌ର ଜଣେ ନିୟମିତ ସଦସ୍ୟ ରହିଥିବା ବେଳେ ଚଳିତ ବର୍ଷ ଟଙ୍କଧରଙ୍କୁ



ଓଡ଼ିଶା ଏଫ୍‌ସି ମହିଳା ଦଳ

ଚୁକ୍ତିବଦ୍ଧ କରିଛି ଓଏଫ୍‌ସି। ମହିଳା ଦଳରେ ପ୍ରାୟ ୭୫ ପ୍ରତିଶତ ଓଡ଼ିଆ ଖେଳାଳି ରହିଛନ୍ତି। ୧୭ ବର୍ଷରୁ କମ୍ ବାଳକ ଦଳରେ ପ୍ରତିନିଧିତ୍ୱ କରିଛନ୍ତି ଶତ ପ୍ରତିଶତ ଓଡ଼ିଆ ଖେଳାଳି। ୨୦୨୨–୨୩ ସିଜନରେ ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଏଫ୍‌ସି ମହିଳା ଦଳ ଓଡ଼ିଶା ଓମେନ୍ସ ଲିଗ୍ ଜିତିବା ସହିତ ଇଣ୍ଡିଆନ୍ ଓମେନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। କ୍ରିସ୍ପିନ୍ ଛେତ୍ରୀ ଦଳର ମୁଖ୍ୟ କୋଚ୍ ଅଛନ୍ତି ଏବଂ ଭାରତୀୟ ଫୁଟବଲ ଦଳର ଅଧିନାୟିକା ବାଲା ଦେବୀ ବର୍ଷିକିଆ ଚୁକ୍ତି କରିଛନ୍ତି। ଏଥି ସହିତ ମହିଳା ଫୁଟ୍‌ବଲରେ ଓଏଫ୍‌ସି ନୂଆ ସମ୍ଭାବନା ସୃଷ୍ଟି କରିଛି। ଓଏଫ୍‌ସି ମହିଳା ଦଳରେ ୧୩ ଓଡ଼ିଶା ଖେଳାଳି ରହିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ୟାରୀ ଖାଖା ଓ ଜୁଲି କିଶାନଙ୍କ ପରି ଖେଳାଳି ଜାତୀୟ ଦଳରେ ସାମିଲ ଅଛନ୍ତି।

ଜୁଲି କିଶାନ: ପଦାର୍ପଣର ଅଳ୍ପଦିନ ମଧ୍ୟରେ ଜୁଲି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାର ଏହି ପ୍ରତିଭାଶାଳୀ ଖେଳାଳି ୨୦୧୬ରେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ନିଜ ଗତି ଓ କ୍ଷୀପ୍ରତା କାରଣରୁ ଅନ୍ୟମାନଙ୍କ ତୁଳନାରେ ସେ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିପାରିଛନ୍ତି। ରାଉରକେଲାରେ ଜନ୍ମିତ ଜୁଲି ୧୯ ବର୍ଷରୁ କମ୍ ଓଡ଼ିଶା ଦଳର କ୍ୟାମ୍ପରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆଙ୍କ ନଜରକୁ ଆସିବାପରେ ଆଗକୁ ବଢ଼ି ଚାଲିଛନ୍ତି। ୧୯ ବର୍ଷରୁ କମ୍ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିବା ସମୟରେ ସେ ଓଡ଼ିଶା ପୋଲିସରେ ନିଯୁକ୍ତି ପାଆନ୍ତି। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଖେଳିବା ସହିତ ଦଳକୁ ଓଡ଼ିଶା ଓମେନ୍ସ ଲିଗ୍‌ରେ ଚାମ୍ପିୟନ କରାନ୍ତି। ୨୦୨୧–୨୨ ସିଜନରେ ଓଡ଼ିଶା ପୋଲିସ ଦଳ ସହିତ ମଧ୍ୟ ସେ ଓଡ଼ିଶା ଓମେନ୍ସ ଲିଗ୍ ବିଜୟୀ ହୋଇଥିଲେ। ୨୦୨୨–୨୩ ସିଜନରେ ଓଏଫ୍‌ସି ପକ୍ଷରୁ ଓଡ଼ିଶା ଓମେନ୍ସ ଲିଗ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଆଉଥରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ୨୦୨୧–୨୨ ସିଜନରେ ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ଖେଳି ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ୪ର୍ଥ ସ୍ଥାନ ହାସଲ କରିଥିଲେ।

ପ୍ୟାରୀ ଖାଖା: ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାରୁ ଆସିଥିବା ପ୍ୟାରୀ ଖାଖା ଏବେ ଭାରତୀୟ ଫୁଟବଲ ଦଳର ଜଣେ ନିୟମିତ ସଦସ୍ୟା। ୨୦୧୪ରେ ୧୯ ବର୍ଷରୁ କମ୍ ଏଏଫ୍‌ସି କପ୍‌ରୁ ଭାରତୀୟ ଦଳ ପାଇଁ ଅଭିଯାନ ଆରମ୍ଭ କରିଥିଲେ। ୨୦୧୫ରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ପକ୍ଷରୁ ଶ୍ରେଷ୍ଠ ଯୁବା ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ୨୦୨୦–୨୧ରେ ଫୁଟବଲ୍ ଫ୍ୟାନ୍ସ ପ୍ଲେୟର ଅଫ୍ ଦ ଇୟର ପୁରସ୍କାର ମଧ୍ୟ ହାସଲ କରିଥିଲେ ପ୍ୟାରୀ। ବିଜୁଳି ପରି କ୍ଷୀପ୍ର ବେଗ ଓ ଶକ୍ତି ପାଇଁ ପରିଚିତ ପ୍ୟାରୀ କୁଆଁରମୁଣ୍ଡା କ୍ଲବରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୭–୧୮ରେ ରାଇଜିଂ ଷ୍ଟୁଡେଣ୍ଟସ୍‌ର ପ୍ରତିନିଧିତ୍ୱ କରିଥିବା ବେଳେ ଇଣ୍ଡିଆନ୍ ଓମେନ୍ସ ଲିଗ୍ ଚାମ୍ପିୟନ ହୋଇଥିଲେ। ଏହା ପରେ ଓଡ଼ିଶା ପୋଲିସ ଓ ସ୍ପୋର୍ଟ୍ସ ଓଡ଼ିଶାର ପ୍ରତିନିଧିତ୍ୱ କରିଥିବା ପ୍ୟାରୀ ବର୍ତ୍ତମାନ ଓଏଫ୍‌ସିର ଅଧିନାୟିକା ରହିଛନ୍ତି।

୧୭ ବର୍ଷରୁ କମ୍ ବାଳକ ଦଳ: ଏଲିଟ୍ ୟୁଥ୍ ଲିଗ୍ ପାଇଁ ଓଡ଼ିଶା ଦଳରେ ସମସ୍ତ ୨୨ ଜଣ ଓଡ଼ିଆ ଖେଳାଳିଙ୍କୁ ସାମିଲ କରାଯାଇଥିଲା। ଅଜିତ୍ କୁମାର ବେହେରା ଏହି ଦଳରେ ମୁଖ୍ୟ କୋଚ୍ ଏବଂ ଜସ୍‌ପାଲ ଶର୍ମା ସହକାରୀ କୋଚ୍ ରହିଥିଲେ। ୨୮ ଡିସେମ୍ବରରେ ହାଇଦ୍ରାବାଦ ଏଫ୍‌ସିକୁ ପରାସ୍ତ କରି ଓଏଫ୍‌ସି ବାଳକ ଦଳ ନିଜର ଅଭିଯାନ ଆରମ୍ଭ କରିଥିଲା। ୟଙ୍ଗ ହିରୋଜ୍ ଏବଂ ଆଲ୍ଫା ସ୍ପୋର୍ଟ୍ସକୁ ପରାସ୍ତ କରି ଦଳ ରାଉଣ୍ଡ ଅଫ୍ ୧୬କୁ ଉନ୍ନୀତ ହୋଇଥିଲା। ମାତ୍ର ମୁଥୁଟ୍ ନିକଟରୁ ପେନାଲ୍ଟି ଶୁଟ୍ ଆଉଟରେ ପରାଜୟ ଦଳକୁ ବିଦାୟ ପଥ ଦେଖାଇଥିଲା।

କମ୍ୟୁନିଟି ଆଉଟ୍‌ରିଚ୍: ଫୁଟବଲର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସର୍ବଦା ପ୍ରୟାସ କରିଆସୁଥିବା ଓଏଫ୍‌ସି ଶିଶୁ ଦିବସ ଅବସରରେ ବିଭିନ୍ନ ବସ୍ତି ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶିଶୁମାନଙ୍କୁ ନେଇ ୧୫ ବର୍ଷରୁ କମ୍ ବୟସ ବର୍ଗର ଏକ ଟୁର୍ନାମେଣ୍ଟ କରିଥିଲା। ୟୁନିସେଫ୍, ପ୍ରୋ ସୋସିଓ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ ଫେଡେରେଶନ ସହିତ ମିଳିତ ଭାବରେ ଓଏଫ୍‌ସି ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିଲା। ୭ମ ବାଟାଲିୟନ ଗ୍ରାଉଣ୍ଡରେ ଆୟୋଜିତ ଟୁର୍ନାମେଣ୍ଟରେ ଓଏଫ୍‌ସି ବୈଷୟିକ ପାର୍ଟନର ରହିଥିବା ବେଳେ ଶତାଧିକ ବାଳିକା ବାଳକଙ୍କୁ ଜର୍ସି ଓ ଅନ୍ୟାନ୍ୟ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଥିଲା।

ଫୁଟ୍‌ସାଲ ଟୁର୍ନାମେଣ୍ଟ: ସାଧାରଣତନ୍ତ୍ର ଦିବସ ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏକ ଫୁଟ୍‌ସାଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ୩ ଦିନିଆ ଟୁର୍ନାମେଣ୍ଟରେ ବିଭିନ୍ନ କଲେଜ ଅଂଶଗ୍ରହଣ କରିଥିଲେ।

**–ସରୋଜ କୁମାର ଜେନା**



ଫୁଟ୍‌ସାଲରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

## ଫୁଟ୍‌ବଲ ପ୍ରତିଭାରେ ଓଡ଼ିଶା ଭରପୂର

ଖେଳାଳିମାନଙ୍କୁ ଉପଯୁକ୍ତ ପ୍ଲାଟ୍‌ଫର୍ମ ଯୋଗାଇବା ଓଏଫ୍‌ସିର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି କ୍ଲବ ପ୍ରେସିଡେଣ୍ଟ ରାଜ ଅଠୱାଲ। ଶୁଭମ୍ ଷଡ଼ଙ୍ଗୀ ଓଏଫ୍‌ସି ରକ୍ଷଣଭାଗର ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଥିବା ବେଳେ ଚଳିତ ସିଜନରେ ଆଉ ଜଣେ ଓଡ଼ିଆ ଡିଫେଣ୍ଡର ଟଙ୍କଧର ବାଗ୍ ଆମ ସହ ସାମିଲ ହୋଇଛନ୍ତି। ୟୁଥ୍ ଟିମ୍‌ରେ ଶତ ପ୍ରତିଶତ ଓଡ଼ିଆ ଖେଳାଳି ରହିଥିବା ବେଳେ ମହିଳା ଦଳର ୭୫ ପ୍ରତିଶତ ଖେଳାଳି ଓଡ଼ିଶାର। ଭବିଷ୍ୟତରେ ଅଧିକରୁ ଅଧିକ ଓଡ଼ିଆ ଖେଳାଳିଙ୍କୁ ପ୍ଲାଟ୍‌ଫର୍ମ ପ୍ରଦାନ କରିବା ଆମର ଲକ୍ଷ୍ୟ।

–ରାଜ ଅଠୱାଲ, କ୍ଲବ ସଭାପତି, ଓଏଫ୍‌ସି

## ସେଲ୍ଫି

ସପ୍‌ନା ଭାବିଥିଲା ପୃଥ୍ୱୀ ଶ' ସଙ୍ଗେ
ସେଲ୍ଫି ମାରି ହେବ ଖୁସି
ସେଲ୍ଫି ଉଠାଇକି ଜୋକ ପରି ଲାଗି
ନେଲା ପୃଥ୍ୱୀ ରକ୍ତ ଶୋଷି
ବିଷ ପାଳଟିଲା ଲସି
ମୋଟର ଭେଇକିଲ ଶହେ ଚୌରାଅଶୀ
ଆକ୍ଟ ଲଗାଇଲା କଷି।



ତିନି ମିନିଟରେ ଶହେ ଚୌରାଅଶୀ
ସେଲ୍ଫି ପାରିବାନି କଳି
ଗ୍ରୀନିଜ ୱାର୍ଲ୍ଡ ରେକର୍ଡ କରିଛି
ଖିଲାଡି ଅକ୍ଷୟ ଖେଳି
ହିରୋ ପାଇଁ ମାର ତାଳି
ଥିବା ଲୋକ ନୂଆ ନୂଆ ପନ୍ଥା ଖୋଜେ
ଲେଜି ଲୋକ ପଡ଼େ ବଳି।

ସର୍ବଭାରତୀୟ ବଧିର ଶୁଟିଂରେ
ବ୍ରୋଞ୍ଜ ପଦକ ଜିତି
ଓଡ଼ିଶା ମୋହିତ ପାଶୱାନ ପାଇଁକି
କୁଣ୍ଢେ ମୋଟ ଆମ ଛାତି
ଅଣ୍ଟୁ ନାହିଁ ଦିନ ରାତି
ଫେସବୁକ୍, ସେଲ୍ଫି ଗେମ୍ ଖେଳି ଖେଳି
ମାଟି ଆଜି ୟଙ୍ଗ ଜାତି।

–ସୁବାସ ଚନ୍ଦ୍ର ପ୍ରଧାନ

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୨୪/୨୦୨୩ Bhubaneswar, Friday, February 24/ 2023

# ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ୫-୦ରେ ବିଜୟୀ



ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ମହିଳା ହକି ଦଳ।

**ଭୁବନେଶ୍ୱର, ୨୩।୨ (କ୍ରୀଡ଼ା ପ୍ରତିନିଧି)**

### ଖେଲୋ ଇଣ୍ଡିଆ ମହିଳା ହକି ଲିଗ୍

ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ୨୧ ବର୍ଷରୁ କମ୍ ମହିଳା ହକି ଲିଗ୍ (ଫେଜ୍-୧)ର ୫ମ ଦିବସ ମ୍ୟାଚରେ ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ, ଏଚ୍ଆଇଏମ୍ ଏକାଡେମୀ ଓ ଏସ୍ଏଆର୍ ଏକାଡେମୀ ବିଜୟ ହାସଲ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ୫-୦ ଗୋଲରେ ଘୁମାନହିରା ରାଇଜର୍ସ ଏକାଡେମୀକୁ ପରାସ୍ତ କରିଛି। ଅଧିନାୟିକା କମଳା ସିଂ ୩ୟ ଓ ୯ମ ମିନିଟରେ ଗୋଲଦେଇ ଦଳକୁ ଭଲ ଆରମ୍ଭ ଦେଇଥିବାବେଳେ ମାମୁନି ଦାସ ୫ମ, ୪୦ ଓ ୫୬ତମ ମିନିଟରେ ୩ଟି ଗୋଲ ସହ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଅନ୍ୟ ୨ଟି ମ୍ୟାଚରେ ଏଚ୍ଆଇଏମ୍ ଏକାଡେମୀ ୭-୧ ଗୋଲରେ ଭାଇ ଭେଲୋ ହକି ଏକାଡେମୀକୁ ଏବଂ ଏଚ୍ଏଆର ଏକାଡେମୀ ୨-୧ ଗୋଲରେ ସାଇ-ବି ଟିମ୍‌କୁ ପରାସ୍ତ କରିଛି।

# ନାଗାଲ ପରାସ୍ତ: ଅନିରୁଦ୍ଧ- ପ୍ରଶାନ୍ତ ଡବଲ୍ସ ସେମିରେ

**ବେଙ୍ଗାଲୁରୁ, ୨୩।୨(ପି.ଟି.):** ସୁମିତ ନାଗାଲ ବେଙ୍ଗାଲୁରୁ ଓପନ ଟେନିସ୍ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ଅଷ୍ଟ୍ରେଲିଆର ମାକ୍ସ ପର୍ସେଲ ତାଙ୍କୁ ୪-୬, ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ତେବେ ଡବଲ୍ସ ଯୋଡ଼ି ଅନିରୁଦ୍ଧ ଚନ୍ଦ୍ରଶେଖର ଓ ଏନ୍. ପ୍ରଶାନ୍ତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ଜିମ୍ବାୱେର ବେଞ୍ଜାମିନ୍ ଲକ୍ ଓ ଅଷ୍ଟ୍ରେଲିଆର ଆକିରା ସାଣ୍ଟିଲାନ୍ ଯୋଡ଼ିଙ୍କୁ ୩-୬, ୬-୪, ୧୨-୧୦ରେ ପରାସ୍ତ କରିଛନ୍ତି। ଗୁରୁବାର ଖେଳାଯାଇଥିବା ଅନ୍ୟ ସିଙ୍ଗଲ୍ସ ମ୍ୟାଚଗୁଡ଼ିକରେ ୫ମ ସିଡ ଲୁକା ନାର୍ଡି ଓ ଦିମିତ୍ରୀ କୁଜମାନୋଭ ବିଜୟୀ ହୋଇଛନ୍ତି।

# ରନଆଉଟ ଦୁର୍ଭାଗ୍ୟଜନକ ଥିଲା: ହରମନପ୍ରୀତ

**କେପ୍ ଟାଉନ୍, ୨୩।୨ (ପି.ଟି.):** ଚଳିତଟି୨୦କ୍ରିକେଟବିଶ୍ୱକପ୍‌ରେ ଗୁରୁବାର ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ରନ ଆଉଟ ଦୁର୍ଭାଗ୍ୟଜନକ ଥିଲା। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବେଳେ ଭାରତୀୟ କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ତାଙ୍କ ପ୍ରତିକ୍ରିୟାରେ ଏକଥା ପ୍ରକାଶ କରିଛନ୍ତି। ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ନକ୍‌ଆଉଟ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ନିକଟରୁ ଆଉ ଥରେ ଅଳ୍ପକେ ପରାଜୟ ବାସ୍ତବିକ ହୃଦୟ ବିଦାରକ ଥିଲା। ଏହା ଏତେଟା ଅସହ୍ୟ ଥିଲା ଯେ, ଭାରତ ଅଧିନାୟିକାଙ୍କ ପକ୍ଷେ ନିଜ ଲୁହକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡ଼ିଥିଲା। ଜ୍ୱର ଓ ଡିହାଇଡ୍ରେଶନରୁ ଆରୋଗ୍ୟ ଲାଭ କରିବା ଲାଗି ସଂଘର୍ଷ ଚଳାଇଥିବା ହରମନପ୍ରୀତ୍‌ଙ୍କୁ ମ୍ୟାଚ ପାଇଁ ଜରୁରି ଚିକିତ୍ସାର ସାମ୍ନା କରିବାକୁ ହୋଇଥିଲା। ମ୍ୟାଚରେ ସେ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ।

# ଫାଇନାଲରେ ଅଷ୍ଟ୍ରେଲିଆ

## ହରମନପ୍ରୀତଙ୍କ ଅର୍ଦ୍ଧଶତକ ବ୍ୟର୍ଥ

**କେପ୍ ଟାଉନ୍, ୨୩।୨**

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପ ଫାଇନାଲରେ ଅଷ୍ଟ୍ରେଲିଆ। ପ୍ରଥମ ସେମିଫାଇନାଲରେ ଅଧିନାୟିକା ହରମନ୍‌ପ୍ରୀତ୍ କୌରଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ୫ ରନରେ ପରାସ୍ତ ହୋଇଛି। ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୭୨ ରନ୍ କରିଥିବା ବେଳେ ଭାରତ ୮ ଉଇକେଟ ହରାଇ ୧୬୭ ରନ୍ କରିଥିଲା। ଏହି ମ୍ୟାଚ ପାଇଁ ଭାରତୀୟ ଦଳରେ ତିନୋଟି ପରିବର୍ତ୍ତନ କରାଯାଇଥିଲା। ପୂଜା ବସ୍ତ୍ରକାର, ଦେବିକା ବୈଦ୍ୟ ଓ ରାଜେଶ୍ୱରୀ ଗାଏକ୍ୱାଡଙ୍କ ସ୍ଥାନରେ ୟସ୍ତିକା ଭାଟିଆ, ରାଧା ଯାଦବ ଓ ସ୍ନେହ ରାଣାଙ୍କୁ ସାମିଲ କରାଯାଇଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିଥିଲା। ପିଚ୍ ଫ୍ଲାଟ୍ ଥିବା ବେଳେ ଭାରତୀୟ ଫିଲ୍ଡରଙ୍କ କ୍ୟାଚ ହାତଛଡ଼ା ମହଙ୍ଗା ପଡ଼ିଥିଲା। ଦୁଇ ଓପନର ଆଲିସା ହିଲୀ(୨୫) ଓ ବେଥ୍ ମୁନି(୫୪) ପ୍ରଥମ ଉଇକେଟରେ ୫୨ ରନ୍ ଯୋଡିଥିଲେ। ବେଥ୍

### ମହିଳା ଟି୨୦ ବିଶ୍ୱକପ

ମୁନି ୩୭ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରିଥିଲେ। ଚତୁର୍ଥ ଉଇକେଟରେ ମେଗ୍ ଲାନିଙ୍ଗ ଓ ଆସ୍‌ଲେ ଗାର୍ଡନର(୩୧)ଙ୍କ ମଧ୍ୟରେ ଆଉ ଏକ ଅର୍ଦ୍ଧଶତକୀୟ ଭାଗୀଦାରି ହୋଇଥିଲା। ଗାର୍ଡନର ମାତ୍ର ୧୮ ବଲ୍ ଖେଳି ୫ ଚୌକା ମାରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଙ୍ଗ ୩୪ ବଲ୍ ଖେଳିଥିଲେ। ତାଙ୍କ ଇନିଂସରେ ୪ ଚୌକା ଓ ୨ ଛକା ସାମିଲ ଥିଲା। ଭାରତ ପକ୍ଷରୁ ଶିଖା ପାଣ୍ଡେ ୨ ଉଇକେଟ ନେଇଥିବା ବେଳେ ଦୀପ୍ତି ଶର୍ମା ଓ ରାଧା ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୭୩ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ୨୮ ରନରେ ୩ ଉଇକେଟ ହରାଇଥିବା ବେଳେ ଜେମିମା ରୋଡ୍ରିଗୁଏଜ୍ ୪୩ ଓ ହରମନ୍‌ପ୍ରୀତ୍ କୌର୍ ୫୨ ରନ୍ କରିଥିଲେ। ସ୍ମୃତି ମନ୍ଧାନା(୨), ଶେଫାଳି ବର୍ମା(୯) ଓ ୟସ୍ତିକା ଭାଟିଆ(୪) ଚତୁର୍ଥ ଓଭର ସୁଦ୍ଧା ପ୍ୟାଭିଲିୟନ ଫେରିଥିଲେ। ତେବେ ଜେମିମା ରୋଡ୍ରିଗୁଏଜ୍(୪୩) ଓ ହରମନ୍‌ପ୍ରୀତ୍ କୌର(୫୨) ଚତୁର୍ଥ ଉଇକେଟରେ ୬୯ ରନ୍ ଯୋଡିଥିଲେ। ୨୪ ବଲ ଖେଳିଥିବା ଜେମିମା ୬ ଚୌକା ମାରିଥିଲେ। ୩୪ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିବା ହରମନପ୍ରୀତ୍ ୧୫ ତମ ଓଭରରେ ଦୁର୍ଭାଗ୍ୟଜନକ ଭାବରେ ରନ୍‌ଆଉଟ ହୋଇଥିଲେ। କ୍ରିଜ୍ ବାହାରେ ତାଙ୍କ ବ୍ୟାଟ ଲାଖିଯିବା କାରଣରୁ ସେ ଆଉଟ ହୋଇଥିଲେ। ଦୁଇ ରନ୍ ମଧ୍ୟରେ ରିଚା ଘୋଷ ଆଉଟ ହେବାରୁ ଭାରତ ପରାଜିତ ହୋଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଡାର୍ସି ବ୍ରାଉନ୍ ଓ ଆସ୍‌ଲେ ଗାର୍ଡନର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।






ଶଟ୍ ଖେଳିବା ଅବସରରେ ମେଗ୍ ଲାନିଙ୍ଗ। ରନ୍ ଆଉଟ୍ ହୋଇ ଫେରୁଛନ୍ତି ହରମନ୍‌ପ୍ରୀତ୍ କୌର।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୨/୪ (ବେଥ୍ ମୁନି-୫୪, ମେଗ୍ ଲାନିଙ୍ଗ-୪୯*, ଆସ୍‌ଲେ ଗାର୍ଡନର-୩୧, ଶିଖା ପାଣ୍ଡେ-୨/୩୨, ଦୀପ୍ତି ଶର୍ମା-୧/୩୦, ରାଧା ଯାଦବ-୧/୩୫)। ଭାରତ ୨୦ ଓଭରରେ ୧୬୭/୮( ହରମନ୍‌ପ୍ରୀତ୍ କୌର-୫୨, ଜେମିମା ରଡ୍ରିଗୁଏଜ-୪୩, ଦୀପ୍ତି ଶର୍ମା-୨୦* ଡାର୍ସି ବ୍ରାଉନ୍-୨/୧୮, ଆସଲେ ଗାର୍ଡନର-୨/୩୭, ମେଗାନ୍ ଶୁଟ୍-୧/୩୪)।

# ଉର୍ମିଳା ଷ୍ଟ୍ରଙ୍ଗ୍ ଓମେନ୍, ସମୀର ଷ୍ଟ୍ରଙ୍ଗ୍ ମେନ୍



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଷ୍ଟ୍ରଙ୍ଗ୍ ଓମେନ ଉର୍ମିଳା ଓ ଷ୍ଟ୍ରଙ୍ଗ୍ ମେନ ସମୀର।

### ରାଜ୍ୟସ୍ତରୀୟ ଶକ୍ତିଉତ୍ତୋଳନ ଚାମ୍ପିୟନଶିପ

## ଖୋର୍ଦ୍ଧା ଦଳଗତ ଚାମ୍ପିୟନ, ସମ୍ବଲପୁର ଉପବିଜେତା

**ଟିଟିଲାଗଡ଼, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ର ଏସଓଏସ ବିଲ୍ଡିଂ ପରିସରରେ ବୀରହନୁମାନ ବ୍ୟାୟାମଶାଳା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ ଚାମ୍ପିୟନଶିପ ଗୁରୁବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜଳସମ୍ପଦ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଟିଟିଲାଗଡ଼ ବ୍ଲକ ଅଧକ୍ଷା ସଂଯୁକ୍ତା ନାୟକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଦୀପକ ସାହୁ, ପୁଷ୍ପ ମଞ୍ଜରୀ ଜାଲ, ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ସଙ୍ଗୀତା ସିଂ ବୀର ହନୁମାନ ବ୍ୟାୟାମଶାଳା ସଭାପତି ଦିଲ୍ଲୀପ ବାଗ ପ୍ରମୁଖ ଯୋଗଦେଇଥିଲେ। ଏହି ଚାମ୍ପିୟନଶିପରେ ବିଭିନ୍ନ ବିଭାଗରେ ୧୦୦ ବାଳିକା ଓ ୨୦୦ ବାଳକ ବଲାଙ୍ଗୀର, ଭଦ୍ରକ, କଟକ, ସମ୍ବଲପୁର, ମୟୁରଭଞ୍ଜ, ମାଲକାନଗିରି, କୋରାପୁଟ, ରାୟଗଡା, ଯାଜପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାରୁ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ସମ୍ବଲପୁରର ଉର୍ମିଳା ବେହେରା ଷ୍ଟ୍ରଙ୍ଗଓମେନ ଓ ଖୋର୍ଦ୍ଧାର ସମୀର କୁମାର ବିଶ୍ୱାଳ ଷ୍ଟ୍ରଙ୍ଗମେନ ଓଡିଶା ବିବେଚିତ ହୋଇଥିଲେ। ସେହିପରି ଦଳଗତ ଚାମ୍ପିୟନ ଖୋର୍ଦ୍ଧା ଓ ସମ୍ବଲପୁର ଉପବିଜେତା ହୋଇ ଅତିଥି ମାନଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ଚାମ୍ପିୟନଶିପର ସମସ୍ତ ଖେଳକୁ ଜିତେନ କୁମାର ବେହେରା, ସଞ୍ଜୟ କୁମାର ନାୟକ ଓ ଗୌତମ ଆଡ଼ୟୁଆଡ ପରିଚାଳନା କରିଥିଲେ।

# ଦଳକୁ ଫେରିଲେ ମାକ୍ସୱେଲ, ମାର୍ଶ

**ମେଲବୋର୍ନ, ୨୩।୨ (ପି.ଟି.):** ଆସନ୍ତା ମାସରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଗୁରୁବାର ୧୬ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ୩ଜଣ ଖେଳାଳି ପେସ୍ ବୋଲର ଝେ ରିଚାର୍ଡସନ, ଅଲରାଉଣ୍ଡର ଗ୍ଲେନ ମାକ୍ସୱେଲ ଓ ମିଚେଲ ମାର୍ଶ ଦୀର୍ଘଦିନ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ୟାଟ କମିନ୍ସ, ଡେଭିଡ ୱାର୍ନର ଓ ଆଷ୍ଟନ ଅଗରଙ୍କୁ ଦଳରେ ସାମିଲ କରାଯାଇଛି। ଆଗାମୀ ୩ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ମାର୍ଚ୍ଚ ୧୭ରେ ମୁମ୍ବାଇ, ମାର୍ଚ୍ଚ ୧୯ରେ ବିଶାଖାପାଟଣା ଏବଂ ମାର୍ଚ୍ଚ ୨୨ରେ ଚେନ୍ନାଇରେ ଖେଳାଯିବ। ପାରିବାରିକ ଅସୁବିଧା ପାଇଁ ଦିଲ୍ଲୀରେ ଦ୍ୱିତୀୟ ଟେଷ୍ଟ ଖେଳିସାରିବା ପରେ କମିନ୍ସ ଘର ବାହୁଡ଼ା କରିଛନ୍ତି। ସେ ମାର୍ଚ୍ଚ ୧ରୁ ଇନ୍ଦୋରରେ ହେବାକୁଥିବା ତୃତୀୟ ଟେଷ୍ଟ ପୂର୍ବରୁ ଫେରି ଆସିବେ। ଦିନିକିଆ ସିରିଜରେ ୱାର୍ନରଙ୍କ ଓପନିଂ ପାର୍ଟନର ହେବେ ଟ୍ରାଭିସ୍ ହେଡ୍। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ମାର୍ନସ ଲାବୁସେନ୍, ଆଡାମ୍ ଜାମ୍ପା, କାମେରନ ଗ୍ରୀନ୍, ମାର୍କସ ଷ୍ଟୋଇନିସ୍, ଷ୍ଟିଭ ସ୍ମିଥ୍, ଜୋଶ୍ ଇଙ୍ଗ୍ଲିଶ, ଆଲେକ୍ସ କାରେ ଓ ଦୁଇ ପେସ୍ ବୋଲର ସିନ୍ ଆବଟ ଓ ମିଚେଲ ଷ୍ଟାର୍କ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ